- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-177 ♦BHUBANESWAR ♦MONDAY ♦23 DECEMBER 2024 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୧୭୭ ♦ଭୁବନେଶ୍ୱର ♦ସୋମବାର ♦୨୩ ଡିସେମ୍ବର ୨୦୨୪ ♦ପୃଷ୍ଠା-୧୪ ♦ଟ.୬.୦୦





## ପାକ୍ ସେନା ପୋଷ୍ଟରେ ଆତଙ୍କବାଦୀ ଆକ୍ରମଣ

# ୧୬ ସୈନିକ ମୃତ; ୫ ଗୁରୁତର

**ଇସଲାମାବାଦ, ୨୨।୧୨ (ଏଜେନ୍ସି):** ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣ ଥମିବାର ନା ଧରୁନି। ଆଫଗାନିସ୍ତାନ ସୀମାରୁ ୪୦ କିମି ଦୂର ମାକିନ ସ୍ଥିତ ସେନା ପୋଷ୍ଟ ଉପରେ ଶନିବାର ସକାଳେ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରେ ୧୬ ସୈନିକଙ୍କ ମୃତ୍ୟୁ ହୋଇଛି। ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଏହି ଆକ୍ରମଣ ପାଇଁ ଆତଙ୍କବାଦୀ ସଂଗଠନ ତେହରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ନିଜକୁ ଦାୟୀ କରିଛି। ବରିଷ୍ଠ କମାଣ୍ଡରଙ୍କ ବଳିଦାନର ପ୍ରତିଶୋଧ ପାଇଁ ଏହି ଆକ୍ରମଣ କରାଯାଇଥିବା କୁହାଯାଇଛି।

ସୂଚନା ଅନୁଯାୟୀ ଆକ୍ରମଣରେ ୩୦ ଅଧିକ ଆତଙ୍କବାଦୀ ସାମିଲ ଥିଲେ। ଏମାନେ ଚାରିପଟୁ ଘେରି ପ୍ରାୟ ୨ ଘଣ୍ଟା ପର୍ଯ୍ୟନ୍ତ ପୋଷ୍ଟ ଉପରେ ଅତର୍କିତ ଗୁଳିଗୋଳା ମାଡ଼ କରିଥିଲେ। ପୋଷ୍ଟରେ ଥିବା ୱାୟରଲେସ୍ ଉପକରଣ, କାଗଜପତ୍ର ସହିତ ଅନ୍ୟ ସାମଗ୍ରୀରେ ନିଆଁ ଲଗାଇ ଦେଇଥିଲେ। ମେସିନ ଗନ୍, ନାଇଟ୍ ଭିଜନ ଟେକ୍ନୋଲୋଜି ସହିତ ଅନେକ ଅସ୍ତ୍ରଶସ୍ତ୍ର ଲୁଟି ଫେରାର ହୋଇ ଯାଇଥିଲେ। ଏହା ପରେ ସେନା ଆତଙ୍କବାଦୀଙ୍କୁ ଧରିବା ପାଇଁ ତଲାସୀ ଅଭିଯାନ ଆରମ୍ଭ କରିଥିଲା। ସୂଚନାଯୋଗ୍ୟ ଯେ ଗତ ୧୮ ତାରିଖରେ ପାକିସ୍ତାନ ସେନା ଖୈବରପଖତୁନଖ୍ୱାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୧୧ ଆତଙ୍କବାଦୀଙ୍କୁ ନିହତ କରିଥିଲା।



## ସରକାରୀ ଧାର୍ଯ୍ୟ ଲକ୍ଷ୍ୟକୁ ନେଇ ଚିନ୍ତାରେ ଚାଷୀ

# ବଳକା ଧାନ କରିବେ କ'ଣ ?

■ **ଭୁବନେଶ୍ୱର, ୨୨।୧୨ (ସମିସ):** ଗୋଟିଏ ପଟେ ଓଡିଶାରେ ଚଳିତବର୍ଷ ବମ୍ପର ଧାନ ଅମଳ ହେଉଥିବା ବେଳେ ଅନ୍ୟପଟେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଧାନ ରଖିବା ପାଇଁ ଜାଗା ନାହିଁ, ମଣ୍ଡିରୁ ଧାନ ଉଠୁ ନାହିଁ, ଧାନ କିଣା ପାଇଁ କେନ୍ଦ୍ର ଉପରେ ୧୮ ହଜାର କୋଟି ଟଙ୍କା ବକେୟା ପଡିଛି, କଡ଼ା ନଜର ରଖିଥିବାରୁ ବେପାରୀମାନେ ଧାନ ଖରିଦ କରୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସରକାର ଧାର୍ଯ୍ୟ ପରିମାଣଠାରୁ ଅଧିକ ଧାନ କ୍ରୟ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏପରିସ୍ଥଳେ ବଳକା ଧାନକୁ କ'ଣ କରିବେ, ଚାଷୀଙ୍କୁ ଏବେ ସେହି ଚିନ୍ତା ଘାରିଛି।

### ସରକାରଙ୍କ ନାଲି ଆଖି ଭୟରେ ଆସୁନାହାନ୍ତି ବେପାରୀ

### ଅନାବାଦୀ ଓ ଅଣପଟ୍ଟା ଜମିର ଧାନ ବିକିବେ କେଉଁଠି ?

କଟ୍‌ନୀଛଟନୀ ବନ୍ଦ ହେବ କି ନାହିଁ ସନ୍ଦେହ ଅଛି। ପୂର୍ବାପେକ୍ଷା ଏଥର ଅଧିକ ୯ ଲକ୍ଷ ଟନ୍ ଧାନ କ୍ରୟ ପାଇଁ ସରକାର ଘୋଷଣା କରିଛନ୍ତି। ଏପଟେ ବର୍ଦ୍ଧିତ ଏମ୍‌ଏସ୍‌ପି ପାଇଁ ଧାନ ବିକ୍ରୟ ଉପରେ ଲାଗିଛି କଡ଼ା କଟକଣା। ସେଥିପାଇଁ ନିଜର ଉତ୍ପାଦିତ ବଳକା ଧାନ ବିକିବାକୁ ଚିନ୍ତାରେ ଅଛନ୍ତି ଚାଷୀ। ରାଜ୍ୟ ସରକାର ସୀମା ସିଲ୍ କରିବା ସହିତ ଧାନଗାଡ଼ି ଉପରେ

ସୂଚନା ଅନୁସାରେ, ଚଳିତ ବର୍ଷ ରାଜ୍ୟ ସରକାର ପ୍ରତିଶ୍ରୁତି ମୁତାବକ ଧାନ କ୍ୱିଣ୍ଟାଲ ଉପରେ ଅଧିକ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ପ୍ରଦାନ କରୁଥିବାରୁ ଚାଷୀମାନେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପାଇବେ। ରାଜ୍ୟ ସରକାର ଜଳସେଚିତ ଜମିରୁ ହେକ୍ଟର ପିଛା ୧୯ କୁଇଣ୍ଟାଲ ଧାନ କିଣିବାପାଇଁ ସ୍ଥିର ▶ପୃଷ୍ଠା-୭



## ଥମୁନାହିଁ ମଣ୍ଡି ଅବ୍ୟବସ୍ଥା

■ **ଭୁବନେଶ୍ୱର, ୨୨।୧୨ (ସମିସ):** ଏଫ୍‌ଏକ୍ୟୁ ନାମରେ ଚାଲିଛି ଚାଷୀ ଶୋଷଣ। କଟନୀ ଛଟନୀ ବନ୍ଦ ହୋଇପାରିଲା ନାହିଁ, ଏବେ ମାପ ଓଜନରେ କେଳେଙ୍କାରୀ ସାମ୍ନାକୁ ଆସିଛି। ଅଖା ବସ୍ତା ନାମରେ ଚାଲିଛି ଲୁଟ୍। ମିଲରଙ୍କ କଥା ମାନିଲେ ଧାନ ଉଠିବ, ନହେଲେ ପଡି ରହି ବର୍ଷା ଖାଉଥିବ। କେବଳ କାଗଜପତ୍ର ଓ ଭାଷଣବାଜିରେ ଧାନ କିଣା ପ୍ରକ୍ରିୟା ଚାଲିଛି। ଚଞ୍ଚକତାକୁ ବିରୋଧ କଲେ ପେଡି ଆନାଲାଇଜର୍ ମେସିନ୍ ଜରିଆରେ ଧାନକୁ ଖରାପ ଦର୍ଶାଇ ବାତିଲ କରିବାକୁ ଧମକ ଦିଆଯାଉଛି। ଏପରି ଅଭିଯୋଗ ଆଣି ସରକାରଙ୍କ ଉପରେ ବର୍ଷିଛନ୍ତି ବିଜେଡି ଓ କଂଗ୍ରେସ। ଚାଷୀ ଶୋଷଣ ବନ୍ଦ ନକଲେ ଆନ୍ଦୋଳନ କରାଯିବ ବୋଲି ଦୁଇ ଦଳର ନେତାମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

### ଏଫ୍‌ଏକ୍ୟୁ ନାଁରେ ଚାଷୀଙ୍କୁ ଦିଆଯାଉଛି ଧମକ

### ଆନ୍ଦୋଳନ ଧମକ ଦେଲେ ବିଜେଡି, କଂଗ୍ରେସ

ଧାନ କିଣା ଆରମ୍ଭ ହେବା ଦିନରୁ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ସବୁ ଠିକ୍ ଚାଲିଛି ବୋଲି କୃଷି, ସମବାୟ ଏବଂ ଯୋଗାଣ ବିଭାଗ ଦାବି କରୁଥିବା ବେଳେ ଧାନ ମଣ୍ଡିର ଚିତ୍ର ସରକାରଙ୍କ ବିଫଳତା ବଖାଣୁଛି। ବିଜେଡି ନେତା ତଥା ବଲାଙ୍ଗିର ବିଧାୟକ କଳିକେଶ ▶ପୃଷ୍ଠା-୭

## ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ

# ୨୪, ୨୫ ଦୁଇଦିନ ବର୍ଷା

■ **ଭୁବନେଶ୍ୱର, ୨୨।୧୨ (ସମିସ):** ଦୁଇଦିନ ତଳେ ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଚାଷୀଙ୍କ ବର୍ଷଯାକର ଫସଲ ଏକପ୍ରକାର ଉଜାଡ଼ି ଦେଇଥିବା ବେଳେ ଆଉ ଏକ ବିପଦ ଚାଷୀକୁଳକୁ ଆତଙ୍କିତ କଲାଣି। ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ସକ୍ରିୟ ଥିବାବେଳେ ଏହାର ପ୍ରଭାବରେ ଆଗାମୀ ୨୪ ତାରିଖଠାରୁ ରାଜ୍ୟରେ ବର୍ଷା ଆରମ୍ଭ ହେବ। ଏହି ସମୟରେ ଅନେକ ସ୍ଥାନରେ ଘନ କୁହୁଡ଼ି ହେବା ସହ ଦୃଶ୍ୟମାନ ଦୂରତା ହ୍ରାସ ପାଇବ ବୋଲି ପୂର୍ବାନୁମାନ କରାଯାଇଛି। ବିଶେଷକରି ୨୪ ଓ ୨୫ ତାରିଖରେ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗର ବରିଷ୍ଠ ପାଣିପାଗ ବିଜ୍ଞାନୀ ଡଃ ଉମାଶଙ୍କର ଦାସ ଏନେଇ ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦେଇଛନ୍ତି। ଗତ ଶୁକ୍ର ଓ ଶନିବାର ଦୁଇଦିନ ଧରି ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ବର୍ଷା କାରଣରୁ ହଜାର ହଜାର ଚାଷଜମିରେ ଧାନ ଭିଜିବା ସହ ଗଜା ଆଶଙ୍କା ଦେଖାଦେଇଛି। ରବିବାର ବର୍ଷାର ପରିମାଣ କମିଥିବା ବେଳେ ଓଦା ଧାନକୁ କିଆରୀରେ ଶୁଖାଇ ଘରକୁ ଆଣିବାକୁ ଚାଷୀ ବ୍ୟବସ୍ଥାରେ ଅଛନ୍ତି। ଏତିକି ବେଳେ ପୁଣି ଲଘୁଚାପ ବର୍ଷା ଯାକର ସମ୍ପୂର୍ଣ୍ଣ ପରିଶ୍ରମକୁ ଉଜାଡ଼ି ଦେବ ବୋଲି କୋହଭରା କଣ୍ଠରେ ଆଶଙ୍କା ବ୍ୟକ୍ତ କରିଛନ୍ତି ଚାଷୀ।



### କୁହୁଡ଼ି ସାଙ୍ଗକୁ ଘାଣ୍ଟିବ ଶୀତୁଆ ବର୍ଷା

### ପାଚିଲା ଧାନ ଚିନ୍ତାରେ ଚାଷୀକୁଳ

ଡଃ ଉମାଶଙ୍କର ଦାସ କହିଛନ୍ତି ଯେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ପଶ୍ଚିମ-ଦକ୍ଷିଣ-ପଶ୍ଚିମ ଦିଗରେ ଗତି କରି ଆଗାମୀ ୨୪ ତାରିଖ ବେଳକୁ ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉତ୍ତର ତାମିଲନାଡୁ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳ ନିକଟସ୍ଥ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶା ଉପରେ ଏକ ପୂର୍ବାଳୀ ନିମ୍ନଚାପ ରେଖା ସୃଷ୍ଟି ସମ୍ଭାବନା ହେତୁ ଦକ୍ଷିଣ-ପୂର୍ବ ଦିଗରୁ ଜଳୀୟବାଷ୍ପପୂର୍ଣ୍ଣ ସାମୁଦ୍ରିକ ବାୟୁ ରାଜ୍ୟ ମଧ୍ୟକୁ ପ୍ରବେଶ କରିବା ▶ପୃଷ୍ଠା-୭

# କର୍ତ୍ତବ୍ୟପଥରେ ଗଡ଼ିବନି ପ୍ରଜ୍ଞାପନ ମେଢ଼

■ **ଭୁବନେଶ୍ୱର, ୨୨।୧୨ (ସମିସ):** ଡବଲ ଇଞ୍ଜିନ ସରକାରରେ ଓଡ଼ିଆ ଅସ୍ମିତାକୁ ଦିଲ୍ଲୀ ଦରବାରରେ ଶକ୍ତ ଧକ୍କା ଲାଗିଛି। ଗତବର୍ଷ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ଶ୍ରେଷ୍ଠ ପୁରସ୍କାର ମିଳିଥିବା ବେଳେ ଏଥର ଆଶ୍ଚର୍ଯ୍ୟଜନକ ଭାବେ ଓଡ଼ିଶାକୁ ସ୍ଥାନ ମିଳିନାହିଁ। ଆସନ୍ତା ସାଧାରଣତନ୍ତ୍ର ଦିବସ ପରେଡ୍ ପାଇଁ ମୋଟ ୧୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମେଢ଼କୁ ଚୟନ କରାଯାଇଥିବା ବେଳେ ତାଲିକାରେ ଓଡ଼ିଶାର ନାମ ନାହିଁ। ଯାହାକୁ ନେଇ ବୁଦ୍ଧିଜୀବୀ ମହଲ ବିସ୍ମୟ ପ୍ରକାଶ କରିଛନ୍ତି। ଗତ ପରେଡରେ ପ୍ରଥମ ହୋଇଥିବା ଗୋଟିଏ ରାଜ୍ୟକୁ କେଉଁ ଆଧାରରେ ଚଳିତଥର କର୍ତ୍ତବ୍ୟପଥରେ ହେବାକୁ ଥିବା ଜନରାଜ୍ୟ ଦିବସ ପରେଡ୍‌ରୁ

### ଦିଲ୍ଲୀରେ ଓଡ଼ିଆ ଅସ୍ମିତାକୁ ଧକ୍କା

### ଗତବର୍ଷ ଓଡ଼ିଶା ପାଇଥିଲା ପ୍ରଥମ ପୁରସ୍କାର

### ବାଦ୍ ପଡ଼ିବାକୁ ନେଇ ବୁଦ୍ଧିଜୀବୀ ମହଲ ବିସ୍ମିତ

ବାଦ୍ କରାଗଲା, ସେନେଇ ସ୍ୱଷ୍ଟତା ଆସିବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ପରେଡ୍ ପ୍ରଦର୍ଶନ କରିବାକୁ ସୂଚୀଭୁକ୍ତ ହୋଇଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ତାଲିକାରେ ବିହାର, ଚଣ୍ଡିଗଡ଼, ଦାଦ୍ରା ଓ ନଗର ହାବେଲୀ, ଡାମନ ଓ ଡିଉ, ଗୋଆ, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମଧ୍ୟପ୍ରଦେଶ , ପଞ୍ଜାବ, ଉତ୍ତରାଖଣ୍ଡ, ଆନ୍ଧ୍ର ପ୍ରଦେଶ, ଗୁଜୁରାଟ, ତ୍ରିପୁରା, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଓ ହରିୟାଣା ଆଦି ରାଜ୍ୟ ସାମିଲ ଅଛନ୍ତି। ମାତ୍ର ଗତଥର ପରେଡ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ▶ପୃଷ୍ଠା-୭

# ପରୀକ୍ଷା ଘୁଞ୍ଚାଇବା ପାଇଁ ସ୍କୁଲ୍‌କୁ ବୋମା ଧମକ

■ **ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ଦିଲ୍ଲୀର ୩ ସ୍କୁଲ୍‌କୁ ବୋମା ଧମକ ମାମଲାରେ ପୁଲିସ ଚାଞ୍ଚଲ୍ୟକର ତଥ୍ୟ ଦେଇଛି। ପରୀକ୍ଷା ଘୁଞ୍ଚାଇବା ପାଇଁ ଭାଇ-ଭଉଣୀ ଇମେଲ୍ ଯୋଗେ ଏଭଳି ଧମକ ଦେଇଥିଲେ ବୋଲି ଜଣାପଡ଼ିଛି। ପୂର୍ବରୁ ଏଭଳି ଭାବେ ଅନେକ ସ୍କୁଲ୍, ବିମାନବନ୍ଦର ଆଦିକୁ ଧମକ ଦିଆଯାଉଥିବାର ଖବର ଗଣମାଧ୍ୟମରୁ ଦେଖିବାକୁ ପାଇଥିଲେ। ପରୀକ୍ଷା ପାଇଁ ପ୍ରସ୍ତୁତି ହୋଇ ନଥିବାରୁ ଏଭଳି ଦୁର୍ବୁଦ୍ଧି ଉଭୟଙ୍କ ମୁଣ୍ଡକୁ ଜୁଟିଥିଲା। ପରେ ତିନି ସ୍କୁଲ୍‌କୁ ଧମକ ଦେବାକୁ ନିଷ୍ପତ୍ତି ନେଇଥିଲେ। ଦିଲ୍ଲୀ ପୁଲିସର ସ୍ପେସିଆଲ ସେଲ୍ ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। କାଉନସେଲିଂ ସମୟରେ ଭାଉ-ଭଉଣୀ ଏହା ସ୍ୱୀକାର କରିଥିବା କୁହାଯାଇଛି। ଜେରା ପରେ ଉଭୟଙ୍କୁ ଛାଡ଼ି ଦିଆଯାଇଛି।




ସୂଚନାଯୋଗ୍ୟ ଯେ ଗତ ୧୭ ତାରିଖରେ ରୋହିଣୀ ଏବଂ ପଶ୍ଚିମ ବିହାର ସ୍ଥିତ ୩ ସ୍କୁଲ୍‌ରେ ବୋମା ଥିବା ନେଇ ଧମକ ମିଳିଥିଲା। ୭୨ ଘଣ୍ଟା ଭିତରେ ୮୫ ଲକ୍ଷ ଟଙ୍କା ପଠାଇବାକୁ କୁହାଯାଇଥିଲା। ଟଙ୍କା ନ ଦେଲେ ବିସ୍ଫୋରଣରେ ସ୍କୁଲ୍‌କୁ ଉଡ଼ାଇ ଦେବାକୁ ଧମକ ଦିଆଯାଇଥିଲା। ଏହାକୁ ନେଇ ସ୍କୁଲ୍ ଛୁଟି କରିଦିଆଯାଇଥିଲା। ସୁରକ୍ଷାବାହିନୀ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲା। ମାତ୍ର କୌଣସି ସନ୍ଦେହଜନକ ସାମଗ୍ରୀ ପାଇ ନ ଥିଲା। ଡିସେମ୍ବର ୯ ରେ ୪୪ ସ୍କୁଲ୍, ୧୩ରେ ୩୦ ସ୍କୁଲ୍ ଏବଂ ୧୪ରେ ୮ଟି ସ୍କୁଲ୍‌କୁ ଏଭଳି ଧମକ ଦିଆଯାଇଥିଲା।

# ଚୋରି ସନ୍ଦେହରେ କଙ୍ଗାରୁ କୋର୍ଟରେ ପିଟିପିଟି ହତ୍ୟା

■ **ବସ୍ତା ବ୍ଲକ୍/ରୁପ୍‌ସା, ୨୨।୧୨(ସମିସ):** ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ସାର୍ଥା ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। କଙ୍ଗାରୁ କୋର୍ଟରେ ଜଣେ ଯୁବକଙ୍କୁ ସର୍ବସମ୍ମୁଖରେ ପିଟିପିଟି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ, ସେହି ଗାଁର ତ୍ରିଲୋଚନ ପ୍ରଧାନ। ଆଜି ସକାଳେ ଗାଁର ଅଜୟ ଦାସ ଓ ତାଙ୍କ ଦୁଇ ପୁଅ ମିଳିତ ଭାବେ ତ୍ରିଲୋଚନଙ୍କ ସମେତ ଅନ୍ୟ ୩ ଜଣଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଅନ୍ୟ ୩ଜଣ ସତୀଶ ସିଂ, ଭାନୁ ପ୍ରଧାନ ଓ ତପୁ ମହାନ୍ତିଙ୍କୁ ସଂକଟାପନ୍ନ ଅବସ୍ଥାରେ ବାଲେଶ୍ୱର ଜିଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ସିଂଲା ଥାନା ପୁଲିସ୍ ଅଭିଯୁକ୍ତ ଅଜୟ ଓ ତାଙ୍କ ଦୁଇ ପୁଅଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

ସୂଚନାନୁଯାୟୀ, ଅଜୟଙ୍କର ଏକ ଲୁଗା ଦୋକାନ ରହିଛି। କିଛି ଦିନ ତଳେ, ଦୁର୍ବୃତ୍ତମାନେ ତାଲା ଭାଙ୍ଗି ତାଙ୍କ ଦୋକାନରୁ ଚୋରି କରିଥିଲେ। ଏ ସଂପର୍କରେ ଅଜୟ ଥାନାରେ



ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ଆଉ ୩

ଅଭିଯୋଗ କରିଥିଲେ ମଧ୍ୟ ପୁଲିସ୍ ଚୋରଙ୍କ ସନ୍ଧାନ ପାଇନଥିଲା। ତେବେ ଗାଁର ୪ଜଣ ଯୁବକ ତ୍ରିଲୋଚନ, ସତୀଶ, ଭାନୁ ▶ପୃଷ୍ଠା-୭

## ଅଚଳାବସ୍ଥା ମଧ୍ୟରେ ସଂସଦରେ ଉଠିଲା ଓଡ଼ିଶାର ସ୍ୱର

# ପ୍ରଶ୍ନବାଣରେ ସରକାରଙ୍କୁ ଘେରିଲା ବିଜେଡି

■ **ନୂଆଦିଲ୍ଲୀ, ୨୨।୧୨ (ସମିସ):** ବିଭିନ୍ନ ପ୍ରସଙ୍ଗକୁ ନେଇ ସଂସଦର ଶୀତକାଳୀନ ଅଧିବେଶନରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। କେତେକ ଦଳର ନେତା କିଛି ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ନିଜ ପାଇଁ ବ୍ୟକ୍ତିଗତ ସମ୍ମାନର ପ୍ରଶ୍ନ ଭାବେ ଗ୍ରହଣ କରି ସଂସଦକୁ ଅଚଳ କରି ରଖିଲେ। କିନ୍ତୁ ଏହି ଅଚଳାବସ୍ଥା ମଧ୍ୟରେ ଓଡ଼ିଶା ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉଠାଇବାକୁ ଭୁଲି ନଥିଲେ ବିଜେଡିର ସାଂସଦ। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବି ଦୋହରାଇବା ସହିତ ପୋଲାଭରମ, କୋଇଲା ରୟାଲଟିରେ ସଂଶୋଧନ, କୋଷ୍ଟାଲ ହାଇୱେ ନିର୍ମାଣ ଭଳି ଅନେକ ପ୍ରସଙ୍ଗ ଉଠାଇ ଏହି ସାଂସଦମାନେ ଓଡ଼ିଶାର ସ୍ୱରକୁ ଶାଣିତ କରିଥିଲେ।

ଅଧିବେଶନ ଆରମ୍ଭରୁ ରାଜ୍ୟସଭାରେ ହଟ୍ଟଗୋଳ ଦେଖାଦେଇଥିଲେ ମଧ୍ୟ ଯେଉଁ କିଛି ସମୟ ପାଇଁ ଗୃହ ଚଳାଲିଥିଲା, ସେହି ସମୟରେ ବିଜେଡିର ସମସ୍ତ ୭ ଜଣ ସାଂସଦ ଉଭୟେ ପ୍ରଶ୍ନକାଳ ଓ ଆଲୋଚନାରେ ଅଂଶଗ୍ରହଣ କରି



### ରାଜ୍ୟ ଓ ଜାତୀୟ ସ୍ୱାର୍ଥ ପ୍ରସଙ୍ଗରେ ସାଂସଦ ରଖିଲେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ

ଓଡ଼ିଶା ପ୍ରସଙ୍ଗକୁ ପ୍ରଭାବୀ ଢଙ୍ଗରେ ଉପସ୍ଥାପିତ କରିଥିଲେ। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ପ୍ରଦାନ ଲାଗି ବିଜେଡି ସଂସଦୀୟ ଦଳ ନେତା ଡ. ସସ୍ମିତ ପାତ୍ର ଦୃଢ଼ ଭାବେ ଦାବି ଉପସ୍ଥାପନ କରିଥିଲେ। ପ୍ରକୃତିକ ବିପର୍ଯ୍ୟୟ ଯୋଗୁଁ ଓଡ଼ିଶା ଅର୍ଥନୈତିକ ରୂପେ କ୍ଷତିଗ୍ରସ୍ତ ହେଉଥିବାରୁ ରାଜ୍ୟ ପାଇଁ ଏହି ସ୍ୱତନ୍ତ୍ର ବ୍ୟବସ୍ଥା କେତେ ଜରୁରୀ ତାହା ସେ ଦର୍ଶାଇଥିଲେ। ମୁଖ୍ୟମନ୍ତ୍ରୀ ଥିବା ବେଳେ ନବୀନ ପଟ୍ଟନାୟକ ଏହା ଉପରେ ଜୋର ଦେଉଥିଲେ। ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଉପକୂଳ ରାଜପଥ, ପୋଲାଭରମ୍ ପ୍ରକଳ୍ପ ଏବଂ ଓଡ଼ିଶା ଉପରେ ଏହାର କୁପ୍ରଭାବ, କୋଇଲା ରାଜଭାଗ ସଂଶୋଧନ ପରି ଓଡ଼ିଶା ସ୍ୱାର୍ଥ ସମ୍ବଳିତ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମଧ୍ୟ ସେ ଉତ୍ଥାପନ କରିଥିଲେ। କିନ୍ତୁ ହଟ୍ଟଗୋଳ ଯୋଗୁଁ ଏହା ଉପରେ ବିସ୍ତୃତ ଆଲୋଚନା ହୋଇପାରିନଥିଲା। ଏହି ଅଧିବେଶନରେ ସେ ୩୮ଟି ଅଣତାରକା ଏବଂ ୫ଟି ତାରକା ପ୍ରଶ୍ନ କରିଥିଲେ।

ସେହିଭଳି ବିଜେଡି ସଂସଦୀୟ ଦଳର ମୁଖ୍ୟ ସଚେତକ ମାନସ ରଞ୍ଜନ ମଙ୍ଗରାଜ ମଧ୍ୟ ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ଶାଣିତ ଭାବେ ଉପସ୍ଥାପନ କରିଥିଲେ। ଶ୍ରୀ ମଙ୍ଗରାଜ ମୋଟ ୩୦ଟି ଅଣତାରକା ଏବଂ ୪ଟି ତାରକା ପ୍ରଶ୍ନ ପଚାରିଥିଲେ। ରାଜ୍ୟରେ ଏମଏସଏମଇ କ୍ଷେତ୍ରରେ ▶ପୃଷ୍ଠା-୭

ସମ୍ପୂର୍ଣ୍ଣା

ସକାଳ
THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଚ୍ଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୯୪- ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଶାନ୍ତି ନିକେତନରେ ପୁଷ୍ ମେଳାର ଉଦ୍‌ଘାଟନ କଲେ।
- ୧୯୨୧-ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ।
- ୧୯୭୨- ନିକାରାଗୁଆର ରାଜଧାନୀ ମନାଗୁଆରେ ଭୂମିକମ୍ପ ହେବାରୁ ପାଖାପାଖି ୧୦ ହଜାର ଲୋକଙ୍କ ପ୍ରାଣହାନି।
- ୨୦୦୦- ପଶ୍ଚିମବଙ୍ଗର ରାଜଧାନୀର ନାମ କଲିକତାକୁ ବଦଳାଇ କୋଲକାତା କରାଗଲା।



## କୃଷକଙ୍କ ପାଇଁ ଦିନଟିଏ

ଆଜି ଜାତୀୟ କୃଷକ ଦିବସ। ଭାରତର ପଞ୍ଚମ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କ ଜନ୍ମଦିନକୁ ଜାତୀୟ କୃଷକ ଦିବସ ଭାବେ ପାଳନ କରାଯାଉଛି। ସେହିପରି ଭାରତୀୟ କୃଷକମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ପାଇଁ ଏହା ଏକ ବିଶେଷ ଅବସର। ଚରଣ ସିଂହଙ୍କ ଜନ୍ମ ୧୯୦୨ ମସିହା ଆଜିର ଦିନରେ ହୋଇଥିଲା। ପ୍ରଧାନମନ୍ତ୍ରୀ ଥିବା କାଳରେ ଦେଶର କୃଷକଙ୍କ ଉନ୍ନତି ପାଇଁ ସେ ଅନେକ ପଦକ୍ଷେପ ନେଇଥିଲେ। ଏହାର ମୂଳ କାରଣ ଥିଲା ଚରଣ ସିଂହ ନିଜେ କୃଷକ ପରିବାରରେ ଜନ୍ମ ହୋଇଥିଲେ। ସେ କୃଷକଙ୍କ ସମସ୍ୟାକୁ ଅଙ୍ଗେ ନିଭାଇଥିଲେ। ସେଥିପାଇଁ ତାଙ୍କ ଜନ୍ମଦିନକୁ ସାରାଦେଶରେ କୃଷକ ଦିବସ ଭାବେ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ଚରଣ ସିଂ ନିଜ କାର୍ଯ୍ୟକାଳରେ କୃଷକମାନଙ୍କର ରୋଜଗାର ବୃଦ୍ଧି, କୃଷି କ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର, ଉନ୍ନତମାନର ବିହନ ଓ ଚାଷ ପ୍ରଣାଳୀର ପରିବର୍ତ୍ତନ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିଲେ। ସେ ଦେଶର ପ୍ରଧାନମନ୍ତ୍ରୀ ଭାବେ ବହୁତ୍ କମ ଦିନ କାର୍ଯ୍ୟ କରିଛନ୍ତି। ହେଲେ କୃଷକ ଓ କୃଷି କ୍ଷେତ୍ରରେ ସେ ଯେଉଁଳି ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ, ତାକୁ ନଜରରେ ରଖି ୨୦୦୧ ମସିହା ଠାରୁ ଡିସେମ୍ବର ୨୩ ତାରିଖକୁ କୃଷକ ଦିବସ ଭାବେ ପାଳନ କରାଯାଉଛି। କୃଷି କ୍ଷେତ୍ରରେ ପରିବର୍ତ୍ତନ ସହ କୃଷକମାନଙ୍କୁ ସଶକ୍ତ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। କୃଷକମାନେ ଦେଶର ଅର୍ଥନୀତିର ମେରୁଦଣ୍ଡ। କୃଷି ଓ କୃଷକର ଉନ୍ନତି ବିନା ଦେଶର ପ୍ରଗତି ଅସମ୍ଭବ। ସେଥିପାଇଁ କୃଷକଙ୍କୁ ଆମେ ଦେଶର 'ଅନ୍ନଦାତା' କୁହାଯାଏ। ଦେଶର ପ୍ରତି ନାଗରିକ ଅନ୍ନଦାତାଙ୍କ ଠାରେ ଚିରଋଣୀ। ଏହି ଦିନ କୃଷି ଉପରେ ବିଭିନ୍ନ କାର୍ଯ୍ୟକ୍ରମ, ସେମିନାର, ଉତ୍ସବ ଏବଂ ପ୍ରତିଯୋଗିତା ଆୟୋଜନ କରାଯାଏ।

## କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ



ଆଜି ଆସିଥିଲେ

କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଏକାଧାରରେ ଥିଲେ ଜଣେ କବି, ନାଟ୍ୟକାର, ଗବେଷକ,ସଙ୍ଗୀତ ନିର୍ଦ୍ଦେଶକ, ଗାୟକ ଓ ଅଭିନେତା। ସେ ପାଖାପାଖି ଏକ ଦଶନ୍ଧି ଧରି ସକ୍ରିୟ ଭାବେ ନାଟକ ସହ ଜଡ଼ିତ ଥିଲେ। ସେ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ। ପରେ ସେ ଆଧୁନିକ ମଞ୍ଚ ନାଟକ ଲେଖିଲେ। ତାଙ୍କୁ ଆଧୁନିକ ଓଡ଼ିଆ ନାଟ୍ୟଶାସ୍ତ୍ରର 'ଭରତମୁନି' କୁହାଯାଏ। ମର୍ମସ୍ପର୍ଶୀ ଭକ୍ତି ଗୀତ, ପଲ୍ଲୀ ଗୀତ, ରୋମାଣ୍ଟିକ୍ ଗୀତ ଓ ଦେଶାତ୍ମବୋଧ ଗୀତ ରଚନାରେ ସେ ସିଦ୍ଧହସ୍ତ ଥିଲେ। ୧୯୨୯ରେ 'ସାକ୍ଷୀଗୋପାଳ ନାଟକ ସଂଘ' ଓ ୧୯୩୯ରେ 'ଓଡ଼ିଶା ଥିଏଟର୍ସ' ନାମରେ ରଙ୍ଗମଞ୍ଚ ଗଠନ କରି ସେ ଓଡ଼ିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। କାଳୀଚରଣ ୧୮୯୭ ମସିହା ଆଜିର ଦିନରେ ବାଙ୍କୀର ଖମାରଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀ ଥିଲେ। କାଳୀଚରଣଙ୍କ ପିତା ବଡ଼ମ୍ବାଗଡ଼ର ଦେୱାନ୍ ଥିଲେ। ଏକ କଳାକାର ପରିବାରରେ ଜନ୍ମିତ କାଳୀଚରଣ ମାତ୍ର ୧୦ ବର୍ଷ ବୟସରୁ ଲେଖିବା ଆରମ୍ଭ କରିଥିଲେ। ଗଡ଼ଜାତ ପ୍ରକୃତି ଭିତରେ ବଢ଼ିଥିବା କାଳୀଚରଣ ବଣ, ପାହାଡ଼, ଝରଣାର କୁଳୁକୁଳୁ ନାଦ, କୋଇଲିର କୁହୁତାନକୁ ଉପାଦାନ କରି ଲେଖୁଥିଲେ। ତାଙ୍କର ପ୍ରାଥମିକ ଶିକ୍ଷା ସେ ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକ ରେଭେନ୍‌ସା କଲେଜରୁ ସେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ଗୋବିନ୍ଦଚନ୍ଦ୍ର ଶୂରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକୀୟ ଗୁଣାବଳୀ ବିକଶିତ ହୋଇଥିଲା। ରେଭେନ୍ସା କଲେଜରେ ପଢୁଥିବା ସମୟରେ 'କଳାହାଣ୍ଡିଆ ମେଘ' ନାମରେ ପ୍ରଥମ କବିତା ଲେଖିଥିଲେ। କବିତାଟି ପଢ଼ି ଭକ୍ତକବି ମଧୁସୂଦନ ରାଓ ତାଙ୍କୁ ୧୦୦ ଟଙ୍କା ପୁରସ୍କାର ଦେଇଥିଲେ। ୧୯୧୮ରେ ଆଇଏ ପଢ଼ିବାବେଳେ ସେ ପ୍ରଥମ ନାଟକ 'ଧ୍ରୁବ' ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ 'ପ୍ରତିଶୋଧ'। ପ୍ରାୟ ୪୦ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଥିଲେ ବହୁ ନୃତ୍ୟନାଟିକା, ଗଳ୍ପ, ଉପନ୍ୟାସ ଓ କବିତା। ଗଜପତି ରାମଚନ୍ଦ୍ର ଦେବଙ୍କର ରାଜଦରବାରରେ ଏକଦା ସଭାକବି ଓ ରାଜ-ସଙ୍ଗୀତଜ୍ଞ ପଦବୀ ଅଳଙ୍କୃତ କରିଥିବା କାଳୀଚରଣ ଗଜପତିଙ୍କ ଦ୍ୱାରା ୧୯୨୭ ମସିହାରେ 'କବିଚନ୍ଦ୍ର' ଉପାଧିରେ ଭୂଷିତ ହେବା ସଙ୍ଗେ ସଙ୍ଗେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚାମର ସେବା ଓ ବୈଷ୍ଣବାଗ୍ନି ପ୍ରାପ୍ତ ହେବା ପାଇଁ ସ୍ୱୀକୃତି ଓ ଆଜ୍ଞାପ୍ରାପ୍ତ ହୋଇଥିଲେ। ୧୯୪୪ ମସିହାରେ ଉତ୍କଳ ସାହିତ୍ୟ ସମାଜ ତାଙ୍କୁ 'ନାଟ୍ୟାଚାର୍ଯ୍ୟ' ଉପାଧିରେ ସମ୍ମାନିତ କରିଥିଲା। ୧୯୭୪ ମସିହାରେ ତାଙ୍କୁ 'ପଦ୍ମଶ୍ରୀ' ସମ୍ମାନ ମିଳିଥିଲା, କିନ୍ତୁ ଅଭିମାନରେ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ୧୯୭୭ରେ ତାଙ୍କ ଆତ୍ମଜୀବନୀ 'କୁମ୍ଭାରଚକ' ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। 'ଭାତ', 'ଅଭିଯାନ', 'ଚକ୍ରୀ', 'ରକ୍ତମାଟି' ଆଦି ତାଙ୍କର ଶ୍ରେଷ୍ଠ କୃତି। ରୀତିଯୁଗୀୟ ରଚନାଶୈଳୀକୁ ସ୍ୱୀୟ କଳାକୁଶଳତାର ପ୍ରଲେପ ଦେଇ ଏକ ନୂତନ ଓ ବାସ୍ତବବାଦୀ ନାଟ୍ୟ ପ୍ରବାହର ଧାରା ସୃଷ୍ଟି କରିଥିବା କାଳୀଚରଣ ୨୪ ଜୁଲାଇ, ୧୯୭୮ରେ ଇହଲୀଳା ସମ୍ବରଣ କରିଥିଲେ।



## 'କକ୍‌ଟେଲ୍-୨'
### ଦୀପିକା-ସୈଫ୍‌ଙ୍କ ସ୍ଥାନନେବେ କ୍ରିତି-ଶାହିଦ୍

୨୦୧୨ରେ ଆସିଥିଲା 'କକ୍‌ଟେଲ୍' ଫିଲ୍ମ। ଏଥିରେ ସୈଫ୍ ଅଲ୍ଲୀ ଖାନ୍, ଦୀପିକା ପାଦୁ୍ୟକୋନ୍ ଓ ଡାଏନା ପେଣ୍ଟି ଲିଡ୍ ରୋଲରେ ନଜର ଆସିଥିଲେ। ଏହି ଫିଲ୍ମ ଦର୍ଶକଙ୍କୁ ଖୁବ୍ ଭଲ ଲାଗିଥିଲା। ଏବେ ୧୨ ବର୍ଷ ପରେ ଏହାର ସିକ୍ୱେଲ ଆସିବ। ସିକ୍ୱେଲରେ ମୂଳ କଳାକାରମାନେ ଦେଖାଯିବେ ନାହିଁ। ଇତିମଧ୍ୟରେ ଏହି ଫିଲ୍ମ ପାଇଁ ଶାହିଦ୍ କପୁର ଏବଂ କ୍ରିତି ସାନନ୍‌ଙ୍କୁ ଫାଇନାଲ କରାଯାଇଥିବା ବେଳେ ଅନ୍ୟ ଜଣେ ଅଭିନେତ୍ରୀଙ୍କ ବାବଦରେ ଏଯାଏଁ ନିଷ୍ପତ୍ତି ହୋଇନାହିଁ। 'ପୁଷ୍ପା-୨' ଫେମ୍ ରଶ୍ମିକା ମନ୍ଦାନାଙ୍କୁ ଏଥିପାଇଁ ଅଫର୍ ଦିଆଯାଇଥିବା ଚର୍ଚ୍ଚା ହେଉଛି। ତେବେ ବହୁଦିନରୁ ଶାହିଦ୍ ଓ ରଶ୍ମିକା ଗୋଟିଏ ପ୍ରୋଜେକ୍ଟରେ ଏକାଠି କାମ କରୁଥିବା କଥା ସାମାଜିକ ଗଣମାଧ୍ୟମରେ ଆଲୋଚନା ହେଉଥିଲା। ଏବେ ଏହା 'କକ୍‌ଟେଲ୍'ର ସିକ୍ୱେଲ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ପୂର୍ବରୁ ଶାହିଦ୍ ଓ କ୍ରିତି ଏକାଠି 'ତେରି ବାତୋଁ ମେ ଏସା ଉଲଝା ଜିଆ' ଫିଲ୍ମରେ କାମ କରିଥିଲେ। ସେମାନଙ୍କ ଯୋଡ଼ିକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। 'କକ୍‌ଟେଲ୍' ସିକ୍ୱେଲର କାହାଣୀ ଲଭ ରଞ୍ଜନ ଲେଖିଥିବାବେଳେ ହୋମି ଅଜଦାନିଆ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଫିଲ୍ମରେ ବନ୍ଧୁତା ସହ ତ୍ରିକୋଣୀୟ ପ୍ରେମ କାହାଣୀ ଦେଖିବାକୁ ମିଳିବ।



## ଗୀତାବାଣୀ

ବନ୍ଧୁରାତ୍ମାତ୍ମନସ୍ତସ୍ୟ ଯେନାତ୍ମୈବାତ୍ମନା ଜିତଃ।
ଅନାତ୍ମନସ୍ତୁ ଶତ୍ରୁତ୍ୱେ ବର୍ତ୍ତେତାତ୍ମୈବ ଶତ୍ରୁବତ୍॥

ଯେ ନିଜେ ନିଜକୁ ଜୟ କରିଛି, ସେ ନିଜେ ହିଁ ନିଜର ବନ୍ଧୁ ଏବଂ ଯେ ନିଜେ ନିଜକୁ ଜୟ କରି ନାହିଁ, ସେପରି ଆତ୍ମାର ଆତ୍ମା ହିଁ ଶତ୍ରୁତାରେ ଶତ୍ରୁ ପରି ବ୍ୟବହାର କରେ।

ଷଷ୍ଠୋଽଧ୍ୟାୟଃ- ଶ୍ଳୋକ-୬

## ପ୍ରଶ୍ନୋତ୍ତର

୧. ଲୌହ ନିର୍ମିତ ଭୀମଙ୍କ ମୂର୍ତ୍ତିକୁ କିଏ ଆଲିଙ୍ଗନ କରି ଭାଙ୍ଗି ଦେଇଥିଲେ?
୨. ପିତାମହ ଭୀଷ୍ମ ପ୍ରଥମେ କେଉଁ ନାମରେ ପରିଚିତ ଥିଲେ?
୩. ଶ୍ରୀକୃଷ୍ଣ କାହାଠାରୁ ସୁଦର୍ଶନ ଚକ୍ର ପ୍ରାପ୍ତ ହୋଇଥିଲେ?
୪. ସମ୍ପୂର୍ଣ୍ଣ ମହାଭାରତ ଯୁଦ୍ଧ କିଏ ଦେଖିଥିଲେ?
୫. ବିଷ୍ଣୁ ପୁରାଣ କେତେ ଭାଗରେ ବିଭକ୍ତ?



**ଉତ୍ତର** (୧)ଧୃତରାଷ୍ଟ୍ର (୨) ଦେବବ୍ରତ (୩) ପର୍ଶୁରାମ (୪) ବେଲାଲସେନ (୫) ଦୁଇ ଭାଗ

## ସ୍ୱସ୍ତି

## ନୂଆବର୍ଷ ପୂର୍ବରୁ ଘରକୁ କ'ଣ ଆଣିବେ

**ଶେଷ ହୋଇ ଆସୁଛି ଇଂରାଜୀ ୨୦୨୪ ବର୍ଷ। ୨୦୨୫ ବର୍ଷ ଆରମ୍ଭ ହେବା ପାଇଁ ଆଉ କିଛିଦିନ ବାକି ଅଛି। ପୂର୍ବ ବର୍ଷ ତୁଳନାରେ ନୂଆବର୍ଷ କିଭଳି ଭଲରେ କଟିବ, ତାହାକୁ ନେଇ ସମସ୍ତଙ୍କ ମନରେ ନୂଆ ଆଶା ରହିଥାଏ। ଯଦି ନୂଆବର୍ଷରେ କିଛି ନୂଆ ପ୍ରାରମ୍ଭ କରିବାକୁ ଚାହୁଁଛନ୍ତି, ତେବେ ଏହା ପୂର୍ବରୁ ଘରକୁ କିଛି ଜିନିଷ ଆଣିବା ଶୁଭପ୍ରଦ ହୋଇଥାଏ।**





**ଗଣେଶ ମୂର୍ତ୍ତି:** ବୁଧବାର ଶ୍ରୀ ଗଣେଶଙ୍କୁ ସମର୍ପିତ। ଏଥର ନୂଆବର୍ଷ ବୁଧବାରରୁ ଆରମ୍ଭ ହେଉଛି। ଏଣୁ ପୂର୍ବଦିନରୁ ବିଘ୍ନରାଜ ଗଣେଶଙ୍କ ମୂର୍ତ୍ତି ଘରେ ଆଣି ରଖିବା ଭଲ। ଏଭଳି କରିବା ଦ୍ୱାରା ଘରେ ସୁଖ, ସମୃଦ୍ଧି ବୃଦ୍ଧି ପାଏ।

**ମୟୂର ପୁଚ୍ଛ:** ବାସ୍ତୁ ଅନୁସାରେ ମୟୂର ପୁଚ୍ଛକୁ ନୂଆବର୍ଷ ପୂର୍ବରୁ ଘରକୁ ଆଣିବା ଭଲ। ଘରର ଠାକୁର ଘରେ, ପୂର୍ବ ଦିଗରେ କିମ୍ବା ଈଶାନ୍ୟ କୋଣରେ ଏହାକୁ ରଖିପାରିବେ। ଏମିତି କରିବା ଦ୍ୱାରା ଘରେ ସକାରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ।

**ଦକ୍ଷିଣାବର୍ତ୍ତୀ ଶଙ୍ଖ:** ଘରେ ଦକ୍ଷିଣାବର୍ତ୍ତୀ ଶଙ୍ଖ ରଖିବା ବାସ୍ତୁ ଅନୁସାରେ ଶୁଭଫଳ ପ୍ରଦାନ କରେ। ନୂଆବର୍ଷ ପୂର୍ବରୁ ଏହାକୁ ଘରକୁ ଆଣି ଠାକୁର ଘରେ ରଖିବା ଭଲ। ଏଭଳି କରିବା ଦ୍ୱାରା ଜୀବନରେ ବର୍ଷ ତମାମ ସୁଖସମୃଦ୍ଧି ଧାରା ଜାରି ରହିଥାଏ।

**କାମଧେନୁ ମୂର୍ତ୍ତି:** ହିନ୍ଦୁଧର୍ମରେ ଅତ୍ୟନ୍ତ ଶୁଭ କାମଧେନୁ। ନୂଆବର୍ଷ ପୂର୍ବରୁ ନଚେତ୍ ସେହି ଦିନ ଏହାକୁ ଘରକୁ ଆଣିପାରିବେ। ଏହି ଅବସରରେ ହାତୀ ମୂର୍ତ୍ତି ରଖିବା ମଧ୍ୟ ଶୁଭ। ଶୁଭଫଳ ପାଇଁ ଶ୍ୱେତ ହସ୍ତୀର ମୂର୍ତ୍ତି ଘରେ ରଖିବା ଭଲ।

**ଘୋଡ଼ା ନାଲ:** ବାସ୍ତୁଶାସ୍ତ୍ର ଅନୁସାରେ, ଘରେ ଘୋଡ଼ା ନାଲ ଲଗାଇବା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୋଇଥାଏ। ଏହାକୁ ଘରର ମୁଖ୍ୟ ଦ୍ୱାରରେ ଲଗାଇବା ଅଧିକ ଶୁଭପ୍ରଦ। ତେଣୁ ନୂଆବର୍ଷ ପୂର୍ବରୁ ଏହାକୁ ଘରେ ଆଣି ରଖିବା ଭଲ।

## ରଖନ୍ତୁନି ଭଙ୍ଗାଶିଳ

ରୋଷେଇ ଘରର ଅତି ଦରକାରୀ ଜିନିଷ ହେଉଛି ଶିଳ, ଘୋରଣା (ଚକି), ପେଷଣା ଆଦି। ପଥରରେ ନିର୍ମିତ ଏହିସବୁ ସାମଗ୍ରୀ ମଧ୍ୟରୁ ଶିଳର ମହତ୍ତ୍ୱ ରହିଛି। ଆମ ଓଡ଼ିଆ ଘରର ବିଶେଷ ପୂଜାପର୍ବାଣି ବେଳେ ଶିଳରେ ହଳଦୀ ଲେପନ ପୂର୍ବକ ଦେବୀ ଭାବେ ଆରାଧନା କରାଯାଇ ଥାଏ। ତେବେ ଶିଳ କିମ୍ବା ଶିଳପୁଆ ଭାଙ୍ଗିବା ଶୁଭ କି ଅଶୁଭ ହୋଇଥାଏ, ଏକଥା ଅନେକେ ଜାଣି ନ ଥିବେ।

ବାସ୍ତୁଶାସ୍ତ୍ର ଅନୁସାରେ, ଶିଳ ଭାଙ୍ଗିବାକୁ ଅଶୁଭ ବୋଲି ବିଚାର କରାଯାଏ। ଏହା ଖରାପ ସମୟକୁ ଇଙ୍ଗିତ କରିଥାଏ। ଏହାବାଦ୍ କୌଣସି କାର୍ଯ୍ୟହାନି ହେବାକୁ ଏହା ଦର୍ଶାଏ। ଭଙ୍ଗା ଜିନିଷ ନକାରାତ୍ମକ ଶକ୍ତିକୁ ଆକର୍ଷିତ କରିଥାଏ। ତେଣୁ ଭଙ୍ଗା ଶିଳକୁ ତୁରନ୍ତୁ ଘରୁ ବାହାର କରିଦେବା ଉଚିତ।



## ଘଣ୍ଟି ବାଦନରୁ ସୁଖସମୃଦ୍ଧି

**ମନ୍ଦିର ହେଉ କି ଘରେ ପୂଜା ସମୟରେ ଘଣ୍ଟି ବଜାଇବା ପରମ୍ପରା ରହିଛି। ଘରେ ପୂଜା ବେଳେ ଗରୁଡ଼ ଘଣ୍ଟି ବଜାଯାଏ। ନିତିଦିନ ପାଞ୍ଚଟି ସ୍ଥାନରେ ଘଣ୍ଟି ବଜାଇବା ଦ୍ୱାରା ଘରେ ସୁଖ, ସମୃଦ୍ଧି ବୃଦ୍ଧି ପାଏ।**

- ପୂଜା ବେଳେ ଠାକୁରଙ୍କ ସାମ୍ନାରେ ଗରୁଡ଼ ଘଣ୍ଟି ବଜାଇବା ଉଚିତ। ଏହାଦ୍ୱାରା ଭଗବାନଙ୍କ କୃପା ପ୍ରାପ୍ତି ହୁଏ।
- ରୋଷେଇ ଘରେ ପିଇବା ପାଣି ରଖାଯାଉଥିବା ସ୍ଥାନରେ ପ୍ରତ୍ୟେକ ଦିନ ଘଣ୍ଟି ବଜାଇବା ଉଚିତ। ଏହି ସ୍ଥାନ ପିତୃପୁରୁଷଙ୍କ ସହିତ ସମ୍ବନ୍ଧିତ। ଏଠାରେ ଘଣ୍ଟି ବଜାଇବା ଦ୍ୱାରା ପିତୃଦୋଷ ଦୂର ହୁଏ ଏବଂ ଶୁଭଫଳ ପ୍ରାପ୍ତି ହୁଏ।
- ସେହିପରି ଧନ ଅର୍ଥାତ୍ ଟଙ୍କା ତଥା ସୁନାଗହଣା ରଖୁଥିବା ସ୍ଥାନରେ ଅର୍ଥାତ୍ ଆଲମାରି ଆଦି ସ୍ଥାନରେ ନିତିଦିନ ଘଣ୍ଟି ବଜାଇବା ଉଚିତ। ଏହାଦ୍ୱାରା ଦେବୀ ଲକ୍ଷ୍ମୀଙ୍କ କୃପାରୁ ଧନର ଅଭାବ ରହେ ନାହିଁ।



- ନିତିଦିନ ସକାଳେ ମୁଖ୍ୟ ଦ୍ୱାରରେ ଘର ଭିତରେ ଛିଡ଼ା ହୋଇ ଘଣ୍ଟି ବଜାଇବା ଉଚିତ। ଏହା ଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ଏହାର ପ୍ରଭାବ ପରିବାର ଉପରେ ପଡ଼ିଥାଏ।
- ଅନ୍ୟପଟେ ଘରର ମୁଖ୍ୟ ଦ୍ୱାର ବାହାରେ ଛିଡ଼ା ହୋଇ ମଧ୍ୟ ଘଣ୍ଟି ବଜାଇ ହେବ। ଏହାଦ୍ୱାରା କୌଣସି ନକାରାତ୍ମକ ଶକ୍ତି ଘରେ ପ୍ରବେଶ କରି ନ ଥାଏ। ଫଳରେ କୌଣସି ସମସ୍ୟା ସାମ୍ନା କରିବାକୁ ପଡ଼େ ନାହିଁ।

## ଖାଲି ହାତରେ କେଉଁଠିକୁ ଯିବା ମନା



**ହିନ୍ଦୁ ଧର୍ମରେ ପାଞ୍ଚଟି ଏମିତି ସ୍ଥାନ ବିଷୟରେ କୁହାଯାଇଛି, ଯେଉଁଠିକୁ କେବେ ବି ଖାଲି ବା ଶୂନ୍ୟ ହାତରେ ଯିବା ଅନୁଚିତ। ଏହି ସ୍ଥାନକୁ ଯିବା ବେଳେ କିଛି ନା କିଛି ଅବଶ୍ୟ ନେଇକି ଯିବା ଉଚିତ।**

- ମାନ୍ୟତାନୁସାରେ, ମନ୍ଦିରକୁ ଠାକୁର ଦର୍ଶନ କରିବାକୁ ଯିବା ବେଳେ କେବେ ବି ରିକ୍ତ ହସ୍ତରେ ଯାଆନ୍ତୁ ନାହିଁ। ଫୁଲ କି ଫଳ କିଛି ନେଇ ଯିବା ଭଲ।
- ଗୁରୁଙ୍କୁ ଦେଖା କରିବାକୁ ଯିବା ବେଳେ କଦାପି ଶୂନ୍ୟ ହସ୍ତରେ ଯିବା ଠିକ୍ ନୁହେଁ। ସାଧ୍ୟମତେ କିଛି ନା କିଛି ଉପହାର ସାଙ୍ଗରେ ନେଇ ଯାଆନ୍ତୁ। ଏହା ଜରୁରି ନୁହେଁ ଯେ, ଉପହାରଟି ଦାମୀ ବା ଆକର୍ଷଣୀୟ ହୋଇଥିବ।
- ସେହିପରି ଭଉଣୀ ଘରକୁ ମଧ୍ୟ ଖାଲିଟାରେ ଯିବା ଅନୁଚିତ। କିଛି ମିଠା ତଥା ଅନ୍ୟ କିଛି ଜିନିଷ ମଧ୍ୟ ସାଙ୍ଗରେ ନେଇ ଯିବାକୁ ଭୁଲନ୍ତୁ ନାହିଁ।
- ଝିଅ ଘରକୁ ଫଳ, ପନିପରିବା ନିଶ୍ଚିତ ନେଇ ଯାଆନ୍ତୁ।
- ଅନ୍ୟପଟେ ବନ୍ଧୁ ଘରକୁ ଗଲା ବେଳେ ମଧ୍ୟ କିଛି ନା କିଛି ଦ୍ରବ୍ୟ ନେଇ ଯିବା ଭଲ।

# ପରଲୋକରେ ପୂର୍ବତନ ବିଧାୟକ ବିଜୟ ମହାନ୍ତି



**ଭୁବନେଶ୍ୱର,୨୨।୧୨(ସମିସ):** ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ବିଜୟ କୁମାର ମହାନ୍ତି(ବାଦଲ)ଙ୍କ ରବିବାର ପୂର୍ବାହ୍ନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୬୦ବର୍ଷ ହୋଇଥିଲା। ୨୦୦୯ ଏବଂ ୨୦୧୪ରେ ଶ୍ରୀ ମହାନ୍ତି ବିଜେଡି ଟିକଟରେ ଭୁବନେଶ୍ୱର (ମଧ୍ୟ) ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ। ତାଙ୍କ ପରଲୋକରେ ରାଜ୍ୟପାଳ ରଘୁବର ଦାସ, ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଜଣେ ପରୋପକାରୀ, ମେଳାପି, ସମାଜସେବୀ ଓ ଦୃଢ଼ ସଂଗଠକ ଭାବେ ଶ୍ରୀ ମହାନ୍ତିଙ୍କ ସ୍ୱତନ୍ତ୍ର ପରିଚିତି ଥିଲା।

ଖବର ପାଇ ଦଳମତ ନିର୍ବିଶେଷରେ ବହୁ ବିଧାୟକ, ସାଂସଦ, ରାଜନେତା, ବନ୍ଧୁ, ଶୁଭେଚ୍ଛୁମାନେ ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ବିଧାନସଭା ନିଆଯାଇଥିଲା। ସେଠାରେ ଶ୍ରଦ୍ଧାଞ୍ଜଳି ଦିଆଯିବା ପରେ ବିଜୟଙ୍କ ପାର୍ଥିବ ଶରୀରକୁ ଶଙ୍ଖ ଭବନ ନିଆଯାଇଥିଲା। ସେଠାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ, ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ର, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମେୟର୍ ସୁଲୋଚନା ଦାସ, ବିଜେଡି କର୍ପୋରେଟର୍ ଏବଂ ଅନ୍ୟମାନେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



### ରାଜ୍ୟପାଳ, ବିରୋଧୀ ଦଳ ନେତା ଓ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଛାତ୍ର ଜୀବନରୁ ଶ୍ରୀ ମହାନ୍ତିଙ୍କ ରାଜନୀତିରେ ସ୍ୱତନ୍ତ୍ର ରୁଚି ଥିଲା। ୧୯୮୨ରେ ସେ ଭୁବନେଶ୍ୱର ଛାତ୍ର ଜନତା ଦଳର ସମ୍ପାଦକ ଥିଲେ। ସେହିପରି ୧୯୮୮ରୁ ୧୯୯୨ ପର୍ଯ୍ୟନ୍ତ ଭୁବନେଶ୍ୱର ବିଜେଡି ସଭାପତି, ୧୯୯୨ରୁ ୧୯୯୮ ପର୍ଯ୍ୟନ୍ତ ବିଜେଡି ରାଜ୍ୟ ସମ୍ପାଦକ, ୧୯୯୮ରୁ ୨୦୦୦ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଏବଂ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ଓଡ଼ିଶା ଯୁବ ପରିଷଦର ସଭାପତି ଭାବେ ସୁଚାରୁରୂପେ ଦାୟିତ୍ୱ ସମ୍ପାଦନ କରିଥିଲେ।

■ ଭିତରକନିକାରେ ଦୁଇ ପର୍ଯ୍ୟଟକ ବୋଟ୍ ଅଚଳ

# କୁମ୍ଭୀର ସାଲୁବାଲୁ ନଦୀରେ ୨ ଘଣ୍ଟା ଫସିଲେ ୨୮ ପର୍ଯ୍ୟଟକ

**ରାଜନଗର, ୨୨।୧୨(ସମିସ):** ଭିତରକନିକା ପରିଭ୍ରମଣରେ ଆସିଥିବା ୨୮ ଜଣ ପର୍ଯ୍ୟଟକ ଆଜି କୁମ୍ଭୀର ସାଲୁବାଲୁ ନଦୀ ମଝିରେ ଦୀର୍ଘ ଦୁଇ ଘଣ୍ଟା କାଳ ଅଟକି ରହିବା ଚର୍ଚ୍ଚାର ବିଷୟ ହୋଇଛି। ସେମାନଙ୍କୁ ନେଇ ଯାଇଥିବା ଦୁଇଟି ବୋଟ୍ ଅଚଳ ହୋଇଯିବାରୁ ପର୍ଯ୍ୟଟକମାନେ ନଦୀ ମଝିରେ



ଫସି ଯାଇଥିଲେ। ତେବେ ବନ ବିଭାଗ ବୋଟ୍ ପହଞ୍ଚି ସୁରକ୍ଷିତ ଭାବେ ସମସ୍ତଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲା।

କଟକର ବିଦ୍ୟାଧର ପାଣିଙ୍କ ସହ ଆସିଥିବା ୧୮ ଜଣ ପର୍ଯ୍ୟଟକ ଗୁପ୍ତି ବୋଟିଂ ପଏଣ୍ଟରୁ ମା' ମଙ୍ଗଳା ବୋଟ୍ ନେଇ ଭିତରକନିକା ବୁଲି ଯାଇଥିଲେ। ଫେରିବା ବେଳେ ବୋଟ୍‌ଟି ଭିତରକନିକା ନଦୀର ଗୋଧରାପାଳ ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଚଳ ହୋଇ ଯାଇଥିଲା। ସେହି ସମୟରେ ଯାଜପୁର ରୋଡ୍‌ର ୧୦ଜଣ ପର୍ଯ୍ୟଟକଙ୍କୁ ଧରି ଗୁପ୍ତିରୁ ଫେରୁଥିବା ମା' ଗୁପ୍ତଚଣ୍ଡି ବୋଟ୍ ସେମାନଙ୍କୁ ସହଯୋଗ କରିବାକୁ ଆଗେଇ ଆସିଥିଲା। ତେବେ ମା' ମଙ୍ଗଳା ବୋଟ୍‌କୁ ଟାଣି ଟାଣି ଆଣିବା ବେଳେ ପ୍ରାୟ ୫୦୦ ମିଟର ପରେ ମା' ଗୁପ୍ତଚଣ୍ଡି ବୋଟ୍‌ର ବେଲ୍ଟ ଛିଣ୍ଡି ଯାଇଥିଲା। ଫଳରେ ଦୁଇଟି ବୋଟ୍ କୁମ୍ଭୀର ସାଲୁବାଲୁ ନଦୀରେ ଅଚଳ ହୋଇ ପଡ଼ିଥିଲା। ଫଳରେ ଦୁଇଟି ବୋଟ୍‌ରେ ୨୮ଜଣ ପର୍ଯ୍ୟଟକ ଭୟଭୀତ ହୋଇଯାଇଥିଲେ। ପର୍ଯ୍ୟଟକ ଓ ବୋଟ୍ ଡ୍ରାଇଭର ବନ ବିଭାଗକୁ ଏ ସଂପର୍କରେ ଖବର ଦେବା ପରେ ବନ ବିଭାଗର କନ୍ୟାକୁମାରୀ ଓ ପିବି ଆଶିଷ ନାମକ ଦୁଇଟି ବୋଟ୍ ଘଟଣାସ୍ଥଳରେ ପହଞ୍ଚି ପର୍ଯ୍ୟଟକଙ୍କୁ ଉଦ୍ଧାର କରି ଗୁପ୍ତିରେ ସୁରକ୍ଷିତ ଭାବେ ପହଞ୍ଚାଇଥିଲେ।

# ନୂଆବର୍ଷରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ

**ଭୁବନେଶ୍ୱର, ୨୨।୧୨(ସମିସ):** ନୂଆବର୍ଷରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। ଆସନ୍ତା ୩୦ ଓ ୩୧ ତାରିଖରେ ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନ କରାଯିବ। ୧ ତାରିଖରୁ ଏହାକୁ ନିୟମିତ ଲାଗୁ କରାଯିବ। ଭକ୍ତମାନେ ସାତ ପାହାଚ ଦେଇ ଭିତରକୁ ପ୍ରବେଶ କରିବେ। ଶ୍ରୀଜିଉଙ୍କୁ ଦର୍ଶନ ସାରି ଘଣ୍ଟିଦ୍ୱାର ଓ ଗାରଦ ଦ୍ୱାର ଦେଇ ପ୍ରସ୍ଥାନ କରିବେ। ଶନିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ସହ ସମୀକ୍ଷା କରିବା ପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି,

### ମହିଳା ଓ ପୁରୁଷଙ୍କ ପାଇଁ ଅଲଗା ଧାଡ଼ି

ମହିଳା, ଛୋଟପିଲା ଓ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଦର୍ଶନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଭିନ୍ନ ବ୍ୟବସ୍ଥା କରାଯାଇଛି। ଘଣ୍ଟିଦ୍ୱାର ଦେଇ ମହିଳା ଓ ବରିଷ୍ଠ ନାଗରିକ ପ୍ରସ୍ଥାନ କରିବେ ଏବଂ ପୁରୁଷମାନେ ଗାରଦ ଦ୍ୱାର ଦେଇ ବାହାରିବେ। ଉଲ୍ଲେଖଯୋଗ୍ୟ, ନିକଟ ଅତୀତରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ନାଟମଣ୍ଡପରେ କାଠରାମ୍ପରେ ୬ଟି ଧାଡ଼ି ବ୍ୟବସ୍ଥା କରାଯିବ। ତିନିଟି ଧାଡ଼ି ଶିଶୁ, ମହିଳା, ବୃଦ୍ଧବୃଦ୍ଧାଙ୍କ ପାଇଁ ଓ ବାକି ତିନିଟି ଧାଡ଼ି ପୁରୁଷଙ୍କ ପାଇଁ ରହିବ ବୋଲି ସେ କହିଥିଲେ।

## ନୂଆ ବ୍ୟବସ୍ଥାର ଆୟୁଷ କେତେ?

**ପୁରୀ, ୨୨।୧୨ (ସମିସ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ଏବଂ ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ କରିବା ଲାଗି ପୂର୍ବରୁ ଅନେକ ନିଷ୍ପତ୍ତି ହୋଇଛି। ଏକାଧିକ କଟକଣା ବି ଜାରି କରାଯାଇଛି। କିନ୍ତୁ



ପରବର୍ତ୍ତୀ ସମୟରେ ଏସବୁ ନିଷ୍ପତ୍ତି, କଟକଣା କେତେଦୂର କାର୍ଯ୍ୟକାରୀ ହେଉଛି, ତାହାକୁ ଗୁରୁତ୍ୱ ଦିଆଯାଇନାହିଁ। ଫଳରେ ନିୟମ, ନିଷ୍ପତ୍ତି ଓ କଟକଣା ଏକପ୍ରକାର ଧୂଆଁବାଣ ପାଲଟିଥିବାର ନଜି ରହିଛି। ଏପରି ସ୍ଥିତିରେ, ଏବେ ପୁଣି ନୂଆବର୍ଷରୁ ନୂଆ ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି। ଗତବର୍ଷ ମଧ୍ୟ ନୂଆବର୍ଷରୁ ଏକାଧିକ ନୂଆ କଟକଣା ଓ ବ୍ୟବସ୍ଥା ଲାଗୁ କରାଯାଇଥିଲା। ସେହିସବୁ କଟକଣା ଏବେ ପ୍ରାୟ ଆଉ ନାହିଁ। ତେଣୁ ଲାଗୁ ହେବାକୁ ଥିବା ନୂଆ ବ୍ୟବସ୍ଥାର ଆୟୁଷ କେତେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଲାଣି।

ଶ୍ରୀମନ୍ଦିରରେ ଶୃଙ୍ଖଳା, ସଂସ୍କାର ଏବଂ ପରିଷ୍କାର ପରିଚ୍ଛନ୍ନତା ଲାଗି ପୂର୍ବରୁ ଏକାଧିକ ନିଷ୍ପତ୍ତି ହୋଇଛି। ହେଲେ କିଛି ଦିନ ପରେ ଏସବୁ ଏକପ୍ରକାର ବାଟବଣା ହୋଇଯାଇଛି। ଠିକ୍ ବର୍ଷକ ତଳେ ଅର୍ଥାତ୍ ୨୦୨୪ ନୂଆବର୍ଷରୁ ବଡ଼ଦେଉଳରେ ଅନେକ ସଂସ୍କାରମୂଳକ ପଦକ୍ଷେପ

### ପୂର୍ବର ଅନେକ ବ୍ୟବସ୍ଥା ବାଟବଣା

ଗ୍ରହଣ କରାଯାଇଥିଲା। କୁହାଯାଇଥିଲା, ଆସନ୍ତା ନୂଆବର୍ଷରୁ ଭକ୍ତମାନଙ୍କୁ ନୂଆ ଅନୁଭୂତି ମିଳିବ। ଜାନୁଆରୀ ପହିଲାରୁ ପାନ, ଗୁଟ୍‌ଖା କଟକଣାକୁ କଡ଼ାକଡ଼ି କରାଯିବ। ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରିବେ ଶ୍ରଦ୍ଧାଳୁ। ହେଲେ ବର୍ଷଟିଏ ବି ପୂରିନାହିଁ ଏହି କଟକଣା ବାଟବଣା ହୋଇଛି। ଯଦିଓ ଭକ୍ତମାନେ କେତେକାଂଶରେ ଶାଳୀନତା ପୋଷାକକୁ ମାନିଛନ୍ତି, ତଥାପି ମଝିରେମଝିରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। କିନ୍ତୁ ପାନ, ଗୁଟ୍‌ଖା କଟକଣା ଏକପ୍ରକାର ପ୍ରହସନ ପାଲଟିଛି। ଏବେ ବି କିଛି ସେବାୟତ ଏବଂ ମନ୍ଦିର ପରିସରରେ କାମ କରୁଥିବା କର୍ମଚାରୀ ପାନ, ଗୁଟ୍‌ଖା ଖାଇ ଯାଉଛନ୍ତି। ସେହିପରି ପୂର୍ବରୁ ସେବାୟତଙ୍କ ଡ୍ରେସକୋଡ୍, ଚାଙ୍ଗୁଡ଼ିରେ ଭୋଗ ଓ ଫୁଲ ନେଇ ଯିବା, ସେବାୟତ ହୁଅନ୍ତୁ ବା ଭକ୍ତ କେହି ମୋବାଇଲ ଫୋନ ନେଇ ମନ୍ଦିରକୁ ଯିବେ ନାହିଁ ବୋଲି କଟକଣା ଲଗାଯାଇଥିଲା। ଏଥିରୁ ପ୍ରାୟ କୌଣସି ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ତେଣୁ ଆସନ୍ତା ନୂଆବର୍ଷରୁ ଯେଉଁ ନୂଆ ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବା ଲାଗି ପ୍ରସ୍ତାବ ରହିଛି, ତାହାର ଆୟୁଷ କେତେ ବୋଲି ଅନେକ ପ୍ରଶ୍ନ ଉଠାଉଛନ୍ତି।

ସୂଚନାଥାଉ କି, ଏ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୂଆ ଦର୍ଶନ ବ୍ୟବସ୍ଥା ଚୂଡ଼ାନ୍ତ ବୋଲି ସ୍ପଷ୍ଟ କରାଯାଇନାହିଁ। ପ୍ରସ୍ତାବିତ ଡିଜାଇନରେ ବି କୌଣସି ପରିବର୍ତ୍ତନ ହୋଇପାରେ।

## ନବୀନଙ୍କ ଦୂରଦୃଷ୍ଟି ପାଇଁ ଓଡିଶାରେ ଜଙ୍ଗଲ ବଢ଼ିଛି: ଲେନିନ୍

**ଭୁବନେଶ୍ୱର,୨୨।୧୨(ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ଓଡିଶା କେବଳ ଜଙ୍ଗଲ ଅଭିବୃଦ୍ଧି କ୍ଷେତ୍ରରେ ନୁହେଁ; ବିଭିନ୍ନ କ୍ଷେତ୍ରରେ ଜାତୀୟ ସ୍ତରରେ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଭଲ ପ୍ରଦର୍ଶନ କରିଛି। ଏଥିପାଇଁ କେନ୍ଦ୍ର ସରକାର, ନୀତି ଆୟୋଗ ଓ ଆରବିଆଇ ଭଳି ସଂସ୍ଥା ନବୀନ ସରକାରଙ୍କ ଉପଲବ୍ଧିକୁ ସ୍ୱୀକାର କରିଛନ୍ତି ବୋଲି କହିଛନ୍ତି



ବିଜେଡି ମୁଖପାତ୍ର ଡଃ ଲେନିନ୍ ମହାନ୍ତି କହିଛନ୍ତି।

ଆଜି ଏକ ପ୍ରେସ୍ ବିଜ୍ଞପ୍ତିରେ ଡଃ ମହାନ୍ତି କହିଛନ୍ତି, କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପିନ୍ଦର ଯାଦବ ଆଜି ଟ୍ୱିଟ୍ ମାଧ୍ୟମରେ ପ୍ରକାଶ କରିଥିବା ଇଣ୍ଡିଆ ଷ୍ଟେଟ୍ ଫରେଷ୍ଟ ରିପୋର୍ଟର ତଥ୍ୟ ଅନୁଯାୟୀ, ୨୦୨୩ ମସିହାରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୃଦ୍ଧି କ୍ଷେତ୍ରରେ ଓଡିଶା ଦେଶର ସମସ୍ତ ରାଜ୍ୟମାନଙ୍କ ତୁଳନାରେ ଉଭୟ କ୍ଷେତ୍ରରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ଗତ କିଛି ବର୍ଷ ଧରି ଲଗାତର ଭାବେ ଏହି ଦୁଇ କ୍ଷେତ୍ରରେ ଓଡିଶା ପ୍ରଭାବଶାଳୀ ପ୍ରଦର୍ଶନ କରି ଆସୁଛି ଓ ଏହା ନବୀନ ସରକାରଙ୍କ ଅନେକ ଉପଲବ୍ଧି ମଧ୍ୟରୁ ଅନ୍ୟତମ। ଆଜି କେନ୍ଦ୍ରମନ୍ତ୍ରୀ ଶ୍ରୀ ଯାଦବଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଏହାର ସ୍ୱୀକାରୋକ୍ତି ବୋଲି ଡଃ ମହାନ୍ତି କହିଛନ୍ତି।

### କାମଦେଲା ଦକ୍ଷତା ବୃଦ୍ଧି ପଦକ୍ଷେପ

# ଓଡ଼ିଶାରେ ହ୍ରାସ ପାଇଲା ବନାଗ୍ନି

**ଭୁବନେଶ୍ୱର,୨୨।୧୨(ସମିସ):** ବନ ବିଭାଗ ଓ ଅଗ୍ନିଶମ ବିଭାଗର ତତ୍ପରତା ଏବଂ ନିଷ୍ଠାପର ଉଦ୍ୟମ ପାଇଁ ଓଡିଶାରେ ପୂର୍ବାପେକ୍ଷା ବନାଗ୍ନି ଘଟଣା ହ୍ରାସ ପାଇଛି। ଗତ ବର୍ଷ ରାଜ୍ୟରେ ପ୍ରାୟ ୧୦ ହଜାର ବନାଗ୍ନି ଘଟଣା କମିଛି। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ ଜାରି ରିପୋର୍ଟ ଅନୁସାରେ ୨୦୨୨-୨୩ ମସିହାରେ ୩୩,୪୬୧ଟି ବନାଗ୍ନି ଘଟଣା ଘଟିଥିବା ବେଳେ ୨୦୨୩-୨୪ରେ ଏହି ସଂଖ୍ୟା ୨୦,୯୩୭କୁ ହ୍ରାସ ପାଇଛି। ବନାଗ୍ନିରେ ଓଡିଶା ସମଗ୍ର ଦେଶରେ ତୃତୀୟ ସ୍ଥାନରେ ଅଛି। ଉତ୍ତରାଖଣ୍ଡ ଏବଂ ଛତିଶଗଡ଼ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୨୦୨୧-୨୨ରେ ୨୨ ହଜାର ଅଗ୍ନିକାଣ୍ଡ ଘଟିଥିବା ବେଳେ ୨୦୨୦-୨୧ରେ ଏହା ପ୍ରାୟ ୫୨ ହଜାର ଥିଲା।

ସୁନାମୀ ନ୍ୟାସନାଲ ପୋଲାର-ଅର୍ବିଟିଂ ପାର୍ଟନରସିପ୍ (ଏସ୍‌ଏନ୍‌ପିପି) ସାଟେଲାଇଟର ଭିଜିବଲ ଇନ୍‌ଫ୍ରାରେଡ୍ ଇମାଜିଂ ରେଡିଓମିଟର (ଭିଆଇଆଇଆରଏସ୍) ସେନ୍‌ସର୍ ଜରିଆରେ ବନାଗ୍ନି ଘଟଣା ରେକର୍ଡ କରାଯାଇଛି। ତଦନୁସାରେ ଗତବର୍ଷ ରାୟଗଡ଼ାରେ ସର୍ବାଧିକ ୨୬୪୬ଟି ବନାଗ୍ନି ଘଟଣା ରିପୋର୍ଟ ହୋଇଥିଲା ବେଳେ କନ୍ଧମାଳରେ ୨୫୯୧, ମାଲକାନଗିରିରେ ୨୫୮୨, କୋରାପୁଟରେ ୧୯୯୪, କଳାହାଣ୍ଡିରେ ୧୭୬୮, ସୁନ୍ଦରଗଡ଼ରେ ୧୨୩୧ଟି ଘଟଣା ଦେଖିବାକୁ ମିଳିଛି।

### ୨୦୨୩-୨୪ରେ ୫୭ ହଜାର ବର୍ଗ କିମି ଜଙ୍ଗଲ କ୍ଷତିଗ୍ରସ୍ତ

ଗତବର୍ଷ ହୋଇଥିବା ଅଗ୍ନିକାଣ୍ଡରେ ପ୍ରାୟ ୫୭ ହଜାର ବର୍ଗ କିମି ଜଙ୍ଗଲ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ସେଥିରୁ ୩୨% ଘଟଣା ଉଚ୍ଚ ଅଗ୍ନିକାଣ୍ଡ ବନରେ ଘଟିଥିବା ବେଳେ ୨୨% ମଧ୍ୟମ ଏବଂ ୧୭% ଘଟଣା ଅତ୍ୟଧିକ ଅଗ୍ନିକାଣ୍ଡ ବନରେ ଘଟିଛି। ୨୦୨୨-୨୩ ମସିହାରେ କେନ୍ଦୁଝରରେ ୨୦୦୪ଟି ଅଗ୍ନିକାଣ୍ଡ ଘଟିଥିବା ବେଳେ ଗତବର୍ଷ ତାହା ୯୨୬କୁ ହ୍ରାସ ପାଇଛି। ସେହିପରି ମୟୂରଭଞ୍ଜରେ ୨୬୯୮ ଅଗ୍ନିକାଣ୍ଡ ଘଟଣା ୮୦୦କୁ, ଦେବଗଡ଼ରେ ୧୧୪୫ ଅଗ୍ନିକାଣ୍ଡ ଘଟଣା ୩୨୯କୁ, ଗଞ୍ଜାମରେ ୧୪୯୯ ଘଟଣା ଏଥର ୫୯୩ କୁ ହ୍ରାସ ପାଇଛି। ସମ୍ବଲପୁର, ନୂଆପଡ଼ା, ଖୋର୍ଦ୍ଧା, ଝାରସୁଗୁଡ଼ା, ବୌଦ୍ଧ, ନବରଙ୍ଗପୁର ଆଦି ଜିଲ୍ଲାରେ ଅଗ୍ନିକାଣ୍ଡ ଘଟଣାରେ ଉଲ୍ଲେଖନୀୟ ହ୍ରାସ ପରିଲକ୍ଷିତ ହୋଇଛି।

ତେବେ ଗତ କିଛି ବର୍ଷ ହେଲା ଓଡିଶା ବନ ବିଭାଗ ପାଇଁ ବନାଗ୍ନି ଚିନ୍ତାର କାରଣ ସାଜିଛି। ମୁଖ୍ୟତଃ ଗ୍ରୀଷ୍ମ ଋତୁରେ ବନାଗ୍ନି ଘଟଣା ଏକ ପ୍ରକାର ନିୟନ୍ତ୍ରଣ ବାହାରକୁ ଚାଲି ଯାଉଥିବା ଦେଖାଯାଏ। ବନାଗ୍ନି ପାଇଁ କେବଳ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ହାନୀ ହେଉନାହିଁ; ତାପମାତ୍ରା ବୃଦ୍ଧି ପାଇଁ ଏହା ବେଶ୍ ସହାୟକ ହେଉଛି। ତେବେ ଗତ ଦୁଇ ବର୍ଷ ହେଲା ବନ ବିଭାଗର ତ୍ୱରିତ୍ ପଦକ୍ଷେପ ବିଶେଷକରି ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ବନ କର୍ମଚାରୀଙ୍କ ଉଦ୍ୟମ ଫଳପ୍ରସୂ ହୋଇଛି। ଅପରପକ୍ଷେ ଗୋଷ୍ଠୀ ସହଭାଗିତା ମଧ୍ୟ ଅଗ୍ନିକାଣ୍ଡ ହ୍ରାସ କରିବାରେ ସହାୟକ ହୋଇଛି। ବନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। ସେହିପରି ନିଆଁ ଲିଭାଇବା ପାଇଁ ବନ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ସରକାର ପଦକ୍ଷେପ ନେଇଛନ୍ତି।

### ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୦.୪ | ୧୫.୭ |
| ଚାନ୍ଦବାଲି | ୨୦.୮ | ୧୬.୬ |
| କଟକ | ୨୦.୫ | ୧୫.୫ |
| ପାରାଦୀପ | ୨୦.୮ | ୧୮.୪ |
| ଭୁବନେଶ୍ୱର | ୨୦.୨ | ୧୭.୮ |
| ଗୋପାଳପୁର | ୨୦.୩ | ୧୮.୭ |
| ପୁରୀ | ୨୦.୨ | ୧୮.୬ |
| ଅନୁଗୋଳ | ୨୧.୭ | ୧୪.୬ |
| ବାରିପଦା | ୨୦.୪ | ୧୫.୦ |
| ଝାରସୁଗୁଡ଼ା | ୨୫.୬ | ୧୪.୮ |
| କେନ୍ଦୁଝର | ୨୦.୩ | ୧୪.୯ |
| ସମ୍ବଲପୁର | ୨୭.୪ | ୧୭.୦ |
| ସୁନ୍ଦରଗଡ଼ | ୨୫.୪ | ୧୬.୫ |
| ହୀରାକୁଦ | ୨୭.୧ | ୧୬.୩ |
| ତାଳଚେର | ୨୧.୦ | ୧୬.୪ |
| ଭବାନୀପାଟଣା | ୨୮.୦ | ୧୪.୯ |
| ବଲାଙ୍ଗିର | ୨୭.୪ | ୧୫.୦ |
| କୋରାପୁଟ | ୨୭.୫ | ୧୧.୫ |
| ଫୁଲବାଣୀ | ୨୫.୫ | ୧୫.୫ |
| ଟିଟିଲାଗଡ଼ | ୨୮.୦ | ୧୭.୦ |
| ମାଲକାନଗିରି | ୩୦.୪ | ୧୬.୭ |
| ସୋନପୁର | ୨୭.୮ | ୧୭.୪ |
| ଦାରିଙ୍ଗବାଡ଼ି | ୧୮.୦ | ୧୩.୫ |
| ନୟାଗଡ଼ | ୨୦.୪ | ୧୧.୫ |
| ବୌଦ୍ଧ | ୨୨.୫ | ୧୬.୫ |
| ଛତ୍ରପୁର | ୨୧.୮ | ୧୮.୫ |
| ପାରଳାଖେମୁଣ୍ଡି | ୨୨.୬ | ୧୬.୬ |
| ରାୟଗଡ଼ା | ୨୩.୬ | - |
| ଭଦ୍ରକ | ୨୦.୪ | ୧୩.୦ |
| ଯାଜପୁର | ୨୦.୬ | ୧୪.୨ |
| ଢେଙ୍କାନାଳ | ୨୧.୪ | ୧୫.୮ |
| ବରଗଡ଼ | ୨୭.୨ | ୧୫.୬ |
| ଦେଓଗଡ଼ | ୨୬.୦ | ୧୬.୦ |
| ନୂଆପଡ଼ା | ୨୯.୦ | ୧୨.୦ |
| ନବରଙ୍ଗପୁର | ୨୮.୨ | ୧୪.୦ |
| ଖୋର୍ଦ୍ଧା | ୨୨.୦ | ୧୪.୫ |
| ଜଗତସିଂହପୁର | ୨୦.୬ | ୧୩.୬ |
| କେନ୍ଦ୍ରାପଡ଼ା | ୨୦.୪ | ୧୪.୦ |
| ରାଉରକେଲା | ୨୪.୯ | ୧୬.୨ |

### ଆଉ ଚାରା ନାହିଁ...

# ଟ୍ରାଙ୍କୁଲାଇଜ୍ ହେବ ଜିନତ୍

**ବାରିପଦା, ୨୨।୧୨(ସମିସ):** ଟ୍ରାକ୍ କରି କରି କର୍ମଚାରୀ ନାକେଦମ୍; ଭୟ ବି ବଢ଼ିବଢ଼ି ଚାଲିଛି। କିନ୍ତୁ ଶିମିଳିପାଳ ମୁହାଁଉନି ବାଘୁଣୀ ଜିନତ। ଏକମୁହାଁ ହୋଇ ଆଗକୁ ଆଗକୁ ମାଡ଼ି ଚାଲିଛି। ପ୍ରତିଦିନ ସେ ୨୫ରୁ ୩୦କିଲୋମିଟର ଆଗକୁ ଯାଉଛି। ଏମିତି ହେଲେ, ସେ ଭାରତ ସୀମା ପାର୍ ହୋଇ ବାଂଲାଦେଶକୁ ଚାଲିଯିବାର



ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ। ତେଣୁ ତାକୁ ଟ୍ରାଙ୍କୁଲାଇଜ୍ କରି ଶୀଘ୍ର ଶିମିଳିପାଳ ଫେରାଇ ଆଣିବାକୁ ଯୋଜନା ହୋଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ(ଆରସିସିଏଫ) ଡ. ପ୍ରକାଶ ଚାନ୍ଦ ଗୋଗିନାନୀ ଆଜି ଏହି ସୂଚନା ଦେଇଛନ୍ତି।

ମିଳିଥିବା ସୂଚନାନୁଯାୟୀ, ଗତକାଲି ପଶ୍ଚିମବଙ୍ଗର ଝାଡ଼ଗ୍ରାମ ଅଞ୍ଚଳରେ ଥିବା ଜିନତ୍ ଆଜି ଲାଲଗଡ଼ ପାରି ହୋଇ ପୁରୁଲିଆରେ ପହଞ୍ଚିଛି। ପଶ୍ଚିମ ମେଦିନାପୁର ଝାରଗ୍ରାମ ଡେଇଁ ପୁରିଲିଆ ଜିଲ୍ଲା ବୁଦୱାନରେ ପହଞ୍ଚିଛି। ଏଥିଯୋଗଁ ପୁରୁଲିଆ ଜିଲ୍ଲାରେ ହାଇଆଲର୍ଟ ଜାରି ହୋଇଛି। ବୁଦୱାନ ଅଞ୍ଚଳର ସ୍କୁଲ ପିଲାଙ୍କୁ ସୁରକ୍ଷାବଳୟ ମଧ୍ୟରେ ପ୍ରଶାସନ ନେବା ଆଣିବା କରୁଛି। ଜିନତ୍ ୧୯ ତାରିଖରେ ଝାଡ଼ଖଣ୍ଡ ଛାଡ଼ି ପଶ୍ଚିମବଙ୍ଗରେ ପହଞ୍ଚିଥିବା ବେଳେ ଏବେ ଓଡ଼ିଶା ସୀମାଠାରୁ ପ୍ରାୟ ୧୮୦ ଓ ଶିମିଳିପାଳରୁ ୨୧୦ କିମି ଦୂରରେ ଅଛି।

୧୩୦ଜଣ ବନ କର୍ମଚାରୀ ଏବେ ଜିନତର ଗତିବିଧି ଉପରେ ଲଗାତାର ନଜର ରଖିଛନ୍ତି। ସୁନ୍ଦରବନର ଅଭିଜ୍ଞ ଟିମ ତାକୁ ଧରିବା ପାଇଁ ସାଙ୍ଗରେ ଅଛନ୍ତି। ଜିନତ୍ ଭୋର୍‌ରେ ଚାଲୁଥିବା ବେଳେ ସକାଳ ୬ଟାରୁ ୯ ମଧ୍ୟରେ ବିଶ୍ରାମ କରି ପୁଣି ଆଗକୁ ଅଗ୍ରସର ହୋଇ ମଧ୍ୟାହ୍ନରେ ବିଶ୍ରାମ କରୁଛି।

ଜିନତ୍ ଏବେ ଯେଉଁଠାରେ ରହିଛି, ସେଠାରୁ ବାଂଲାଦେଶ ସୀମା ସଡ଼କ ପଥରେ ୫୦୦ କିମି ହୋଇଥିବା ବେଳେ ସର୍ଟକଟ୍‌ରେ ୩୦୦ରୁ ୩୫୦ କିମି ହେବ। ତେଣୁ ଜିନତ୍‌କୁ ସୁରକ୍ଷିତ ଭାବେ ଶିମିଳିପାଳ ଫେରାଇ ଆଣିବା ପାଇଁ ଉଭୟ ଓଡ଼ିଶା ଓ ପଶ୍ଚିମବଙ୍ଗର ବନ

■ ଶିମିଳିପାଳରୁ ୨୧୦ କିମି ଦୂର ପୁରୁଲିଆରେ
■ ସଡ଼କ ପଥରେ ୫୦୦ କିମି ଦୂର ବାଂଲାଦେଶ ସୀମା

ଅପରପକ୍ଷେ, ୧୭ ତାରିଖରେ ଝାଡ଼ଖଣ୍ଡରେ ଜିନତ୍ ଶେଷ ଶିକାର କରିଥିଲା। ଗୋଟିଏ ମଇଁଷିକୁ ମାରି ଖାଇଥିଲା। ତା' ପରଠାରୁ ଆଉ କିଛି ଖାଇନି। ତେବେ ଦୈନିକ ସେ ୨୫ରୁ ୩୦କିମି ଯାତ୍ରା କରୁଥିବା ଏବଂ ବିଶେଷକରି ଗତ ଦୁଇ ଦିନ ମଧ୍ୟରେ ୧୦୦ କିମି ଅତିକ୍ରମ କରିଥିବାରୁ ସେହି ଅନୁଯାୟୀ ତା'ର ଭୋକ ବଢ଼ିବଢ଼ି ଚାଲିଛି। ଏପରି ସ୍ଥିତିରେ ସେ ଉଭୟ ଦୁର୍ବଳ ଓ ଅଧିକ ହିଂସ୍ର ହେବାରେ ଲାଗିଛି ବୋଲି ବନ୍ୟପ୍ରାଣୀପ୍ରେମୀ କହିଛନ୍ତି। ଏହାଦ୍ୱାରା ସ୍ଥିତି ଯେକୌଣସି ମୁହୂର୍ତ୍ତରେ ବିଗିଡ଼ି ଯାଇପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ବିଭାଗ ଜୋରସୋର୍‌ରେ ଉଦ୍ୟମ ଚଳାଇଛନ୍ତି।

ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି ଯେ ମହାରାଷ୍ଟ୍ରରୁ ଆସିଥିବା ଦୁଇ ବାଘୁଣୀଙ୍କ ମଧ୍ୟରୁ ଯମୁନା ନିଜକୁ ଖାପଖୁଆଇ ଶିମିଳିପାଳ ଭୌଗଳିକ ସୀମା ମଧ୍ୟରେ ବିଚରଣ କରୁଛି। ତେଣୁ ଜିନତକୁ ଫେରାଇ ଅଣାଯିବା ପରେ ତାକୁ ପୁନର୍ବାର ଏନ୍‌କ୍ଲୋଜର୍‌ରେ ରଖି ଶିମିଳିପାଳର ପରିବେଶ ସହ ଭଲ ଭାବରେ ପରିଚିତ କରାଯିବା ଉଚିତ। ପରେ ତାକୁ କୋର୍ ଅଞ୍ଚଳରେ ଛାଡ଼ିଲେ, ହୁଏତ ସେ ଶିମିଳିପାଳକୁ ନିଜ ସ୍ଥାୟୀ ବାସସ୍ଥାନ ଭାବରେ ଗ୍ରହଣ କରିପାରେ।



# ଦେଶୀମଦ ଜବତ, ଦୁଇ ଗିରଫ

**ସୁକିନ୍ଦା, ୨୨।୧୨(ସମିସ):** ଅବକାରୀ ବିଭାଗ ପକ୍ଷରୁ ସୁକିନ୍ଦା ଅଞ୍ଚଳରେ ଚଢ଼ଉ କରାଯାଇ ଚୋରା ଦେଶୀମଦ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୁକିନ୍ଦା ଅନ୍ତର୍ଗତ କଇଥା ଛକ ନିକଟରୁ ଅବକାରୀ ବିଭାଗ ଚୋରା ଦେଶୀମଦ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ କିସାନ ତିରିଆକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ଥାନା ଅନ୍ତର୍ଗତ ଖରଖରି ଅଞ୍ଚଳର କିଶାନ ତିରିଆ ଚୋରା ଦେଶୀମଦ ନେଇଯାଉଥିବା ସୂଚନା ପାଇ ସୁକିନ୍ଦା ଅବକାରୀ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶରେ ଅବକାରୀ ବିଭାଗ ଏଏସଆଇ ରଞ୍ଜନ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ କଇଥା ରାସ୍ତାରେ ଚଢ଼ଉ କରି କିଶାନ ତିରିଆଙ୍କଠାରୁ ଚୋରା ଦେଶୀମଦ ଜବତ କରିବା ସହ ଗିରଫ କରିଥିଲା। ସେହିପରି ସୁକିନ୍ଦା-ହାତୀବାରି ରାସ୍ତାର ଆମ୍ବସାର ଗ୍ରାମର ଲକ୍ଷ୍ମୀ ଦେହୁରୀ ଗ୍ରାମରେ ଚୋରା ଦେଶୀମଦ କାରବାର କରୁଥିବା ସୂଚନା ପାଇ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ଦେଶୀ ମଦ ଜବତ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ ଲକ୍ଷ୍ମୀକୁ ଗିରଫ କରାଯାଇଥିଲା। ଏ ସଂକ୍ରାନ୍ତରେ ୧୫୭/୨୦୨୪ ଓ ୧୫୮/୨୦୨୪ରେ ଦୁଇଟି ପୃଥକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

# ମହିଳାଙ୍କ ଆତ୍ମହତ୍ୟା

**ପାଣିକୋଇଲି, ୨୨।୧୨(ସମିସ):** ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ନରପଦା ଗ୍ରାମରେ ଜଣେ ମହିଳା ଫ୍ୟାନରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଗୋଳେଇପୁର ପଞ୍ଚାୟତର ସିଙ୍ଗଡ଼ା (ଖାଦରାପୁର) ଗ୍ରାମର ଶ୍ରୀପତି ମହାପାତ୍ରଙ୍କ ଝିଅ ସୁଜାତା (୨୫) ନରପଦା ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ପୁଅ ଅଲେଖଙ୍କୁ ପାଞ୍ଚବର୍ଷ ପୂର୍ବେ ବିବାହ କରିଥିଲେ। ତାଙ୍କର ଚାରିବର୍ଷର ପୁଅ ଅଛି। ତେବେ କେଉଁ କାରଣ ପାଇଁ ସୁଜାତା ଆତ୍ମହତ୍ୟା କଲେ ତାହା ଜଣାପଡ଼ିନଥିଲେ ମଧ୍ୟ ଝିଅର ବାପା ଶ୍ରୀପତିଙ୍କ ଅଭିଯୋଗ କ୍ରମେ ପଣିକୋଇଲି ଥାନାରେ ଏକ ଅପମୃତ୍ୟୁ ମାମଲା ୨୨/୨୪ରେ ରୁଜୁ ହୋଇଛି। ଥାନା ଅଧିକାରୀ ରଞ୍ଜିତ କୁମାର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଫାଣ୍ଡି ଅଧିକାରୀ ସୁଜିତ କୁମାର ମଲ୍ଲିକ ମୃତ ସୁଜାତାଙ୍କ ମୃତଦେହ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ଧର୍ମଶାଳା କଂଗ୍ରେସ ପକ୍ଷରୁ ଚାରାରୋପଣ ଅଭିଯାନ



**ଜାରକା, ୨୨।୧୨(ସମିସ):** ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବିଭିନ୍ନ ମଠ, ମନ୍ଦିର ଓ ମସଜିଦର ଖୋଲା ସ୍ଥାନରେ ବିଭିନ୍ନ କିଷମର ଚାରା ରୋପଣ କାର୍ଯ୍ୟ ହାତକୁ ନିଆଯାଇଛି। କାର୍ତ୍ତିକ ପୂର୍ଣ୍ଣମୀଠାରୁ ଧର୍ମଶାଳା କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ ଏହି ଅଭିଯାନ ଚାଲୁ ରହିଛି। ଏ ପରିପ୍ରେକ୍ଷୀରେ ଆଜି ଧର୍ମଶାଳା ବ୍ଲକର ଅରେଇକଣାସ୍ଥ ଜଗନ୍ନାଥ ମନ୍ଦିର ପରିସରରେ ଚନ୍ଦନ, ଅଁଳା, ଚମ୍ପା, ବଉଳ, କଦମ୍ବ, ଅଶୋକ, ବେଲ ଆଦି ବିଭିନ୍ନ କିଷମର ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱାମୀ ପାତଞ୍ଜଳି ଜୀ ମହାରାଜ, ସ୍ୱାମୀ ଅନାମ ମୁନୀ, ବାବାଜୀ ଗୌତମ ଦାଶ, ଅବସରପ୍ରାପ୍ତ ଯନ୍ତ୍ରୀ ନରେନ ଜେନା, ବିକ୍ରମ ମିଶ୍ର, ଦିଲ୍ଲୀପ କୁମାର ଦେବତା, ସନ୍ତୋଷ ପତି, କୁଞ୍ଜବିହାରୀ ନାୟକଙ୍କ ସମେତ କୃଷକ ନେତା ବସନ୍ତ ପରିଡ଼ା, ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ରାୟ, ଗଗନ ବିହାରୀ ରାଉତ ଓ ଆଲୋକ ରାଉତ ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ମଠ, ମନ୍ଦିର, ମସଜିଦ ଆଦି ସ୍ଥାନରେ କରାଯିବ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

# ଯାଜପୁର ଉପକାରଗାର ପକ୍ଷରୁ ପ୍ରବଚକ ସମ୍ବର୍ଦ୍ଧିତ



**ଯାଜପୁର, ୨୨।୧୨(ସମିସ):** ଓଡ଼ିଶା କାରାଗାର ପ୍ରତିଷ୍ଠା ଦିବସ ଅବସରରେ ଯାଜପୁର ଉପକାରାଗାର ପକ୍ଷରୁ ଆଧ୍ୟାତ୍ମିକ ସଚେତନତା କାର୍ଯ୍ୟକ୍ରମ ପାଇଁ ଚଳିତବର୍ଷ ପ୍ରଜାପିତା ବ୍ରହ୍ମା କୁମାରିଜ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପାଠଶାଳା ପ୍ରତିଷ୍ଠାତା ତଥା ପ୍ରବଚକ ବିକେ ପ୍ରଫୁଲ ଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜେଲ୍ ଅନ୍ତେବାସୀଙ୍କୁ ଆଧ୍ୟାତ୍ମିକ, ସ୍ୱଭାବ, ସଂସ୍କାର ପରିବର୍ତ୍ତନ ପାଇଁ ପ୍ରତିଟି ସମୟରେ ଶିକ୍ଷା ପ୍ରଦାନ କରାଇବା ପାଇଁ ଶ୍ରୀ ନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯାଜପୁର ଏଡିଏମ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଯାଜପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ଜେଲ୍ ଅଧୀକ୍ଷକ ସୁନୀଲ କୁମାର ପାତ୍ର ଓ ଅନ୍ୟମାନେ ଶ୍ରୀ ନାୟକଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

ପାଣି ପଞ୍ଚାୟତ ପକ୍ଷ ପାଳିତ

# ଜଳସେଚନ ପାଇଁ ପାଣି ପଞ୍ଚାୟତର ଉପଯୋଗ ଆବଶ୍ୟକ







**ଯାଜପୁର, ୨୨।୧୨(ସମିସ)**

ଯାଜପୁର ଜଳସେଚନ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ଆରମ୍ଭ ହୋଇଛି। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମା' ବିରଜାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିବାବେଳେ ପାଣି ପଞ୍ଚାୟତ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ଆସନ୍ତା ୧୫ ଦିନ ଧରି ପାଣି ପଞ୍ଚାୟତ ରଥ ମାଧ୍ୟମରେ ଚାଷୀଙ୍କୁ ସଚେତନତା ସୃଷ୍ଟି କରାଯିବ। ବିଭାଗର ସୁପରିଟେଣ୍ଡେଣ୍ଟ ଇଂଜିନିୟର ଶରତ ଚନ୍ଦ୍ର ଘଡ଼ାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଡିସନାଲ ଚିପ୍ ଇଂଜିନିୟର ପ୍ରଣବ ନାୟକ ଯୋଗଦେଇ ପାଣି ପଞ୍ଚାୟତ ଦ୍ୱାରା ସମସ୍ତ ଜମିକୁ ଯେପରି ପାଣି ସୁଚାରୁରୂପେ ଯୋଗାଯାଇପାରିବ ଓ ଜଳସେଚନ ପାଇଁ ପାଣି ପଞ୍ଚାୟତର ବ୍ୟବହାର କରିବା ଉଚିତ ବୋଲି ମତ ପ୍ରକାଶ କରିଥିବାବେଳେ ଜଳର ସର୍ବୋତ୍କୃଷ୍ଟ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଯୁବପିଢ଼ିଙ୍କୁ ଚାଷ ବିଷୟରେ ଅବଗତ କରିବାକୁ ହେବ। ଯଦ୍ୱାରା ସେମାନେ ପାଠପଢ଼ା ସହ ଚାଷରେ ନିଜକୁ ସାମିଲ କରିପାରିବେ। ଚାଷୀଙ୍କୁ ନିଜର କରିବା ଦ୍ୱାରା ଚାଷୀର ଚାଷ ପ୍ରତି ଆଗ୍ରହ ବଢ଼ିଥାଏ ବୋଲି ପାଣି ପଞ୍ଚାୟତ କମିଟିଙ୍କୁ ଉପଦେଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ କୃଷି ନେଡାଲ ଅଧିକାରୀ ପାର୍ଥ ପ୍ରତୀଶ ସ୍ୱାଇଁ ଯୋଗଦେଇ ଚାଷୀଙ୍କ ନିମିତ୍ତ ସରକାରଙ୍କ ପକ୍ଷରୁ ପ୍ରଣିତ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଇତ୍ୟବସରରେ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୧୫ ଜଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିବାବେଳେ ବ୍ଲକର ଶ୍ରେଷ୍ଠ କୃଷକ ଭାବେ ସୁଜଳ ଚରଣ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ପାଣି ପଞ୍ଚାୟତର ସଭାପତି ଗୟାଧର ସାମଲ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିବାବେଳେ ଜଳସେଚନ ବିଭାଗର ଏସ୍‌ଡିଓ ଅନ୍ତର୍ଯ୍ୟାମୀ ମହାନ୍ତି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଯାଜପୁର ଜଳସେଚନ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଆସିଷ୍ଟାଣ୍ଟ ଇଂଜିନିୟର ଧିରେନ ପାଣି, ସୁଧାଂଶୁ ନାୟକ, ଅରୁଣ ତ୍ରିପାଠୀ, ନାରାୟଣ ଚନ୍ଦ୍ର ନାୟକ, ବିପିନ ସେଠୀ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସୁପରିଟେଣ୍ଡେଣ୍ଟ ଇଂଜିନିୟର ଶ୍ରୀ ଘଡ଼ାଇ ଧନ୍ୟବାଦ ଅର୍ପଣ କରିଥିଲେ।

**ଜେନାପୁର:** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଡାକବଙ୍ଗଳା ପରିସରରେ ଜାରକା ଜଳସେଚନ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଯନ୍ତ୍ରୀ ଚକ୍ରଧର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ନିର୍ବାହୀ ଯନ୍ତ୍ରୀ କାମଦେବ ଦାସ, ସମ୍ମାନିତ ଅତିଥି ଏସ୍‌ଡିଓ ସଚିନ ବିଶ୍ୱାଳ, ଚଣ୍ଡିଖୋଲ ଏସ୍‌ଡିଓ ଭାଗବତ ବେହେରା, ବରୀ ଏସଡିଓ ମନୋରଞ୍ଜନ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ସୁବାସ ସାହୁ, କନିଷ୍ଠ ଯନ୍ତ୍ରୀ ବିଭୁପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଚାଷଜମି କିପରି ସୁଚାରରୂପେ ଜଳସେଚିତ ହୋଇପାରିବ ଓ ଚାଷୀଙ୍କ ଜଳଜନିତ ସମସ୍ୟାର ସମାଧାନ ବିଷୟରେ ଆଲୋଚନା ହୋଇଥିଲା। ଜେନାପୁର ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୂତନ ପଦ୍ଧତିରେ କିପରି କୃଷି କାର୍ଯ୍ୟ ହୋଇପାରିବ, ସେ ସମ୍ପର୍କରେରେ ଏକ ପ୍ରୋଜେକ୍ଟ ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ଇତିଶ୍ରୀ ସାହୁ, ସୁମନ ବେହେରା, ଶୋଭନିକା ମହାନ୍ତି, ସହକାରୀ ଯନ୍ତ୍ରୀ ସୁବାସ ସାହୁ, ତୁଷାରକାନ୍ତ ମହାପାତ୍ର, ଦୁଃଶାସନ ସାହୁଙ୍କ ସମେତ ଜାରକା, ଚଣ୍ଡିଖୋଲ, ବରୀ ଜଳସେଚନ ବିଭାଗର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ଭାଗବତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ସୁକିନ୍ଦା:** ସୁକିନ୍ଦା ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି। ପାଣି ପଞ୍ଚାୟତ ଯୋଜନାକୁ ସଫଳ କରିବାକୁ ଏହି ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଥିବା ମୁଖ୍ୟଅତିଥି ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମତବ୍ୟକ୍ତ କରିଛନ୍ତି। ସୁକିନ୍ଦା ଅଧୀକ୍ଷଣ ଯନ୍ତ୍ରୀ ଇଂ ବାବୁଲା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାଇକା ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଇଂ ଶ୍ୱେତ କୁମାର ଜାଲି ଜାଇକା ପ୍ରକଳ୍ପର ସବିଶେଷ ତଥ୍ୟ ପ୍ରଦାନ କରିବା ସହ ସହଭାଗୀ ଜଳସେଚନ ପରିଚାଳନା ମାଧ୍ୟମରେ ସମସ୍ତ ଚାଷୀ ମିଳିମିଶି ସେବାଞ୍ଚଳରେ ସମାନୁପାତିକ ଜଳ ବଣ୍ଟନକୁ ଗୁରୁତ୍ୱ ପ୍ରଦାନ କରି ଜଳ ବଣ୍ଟନଜନିତ ବିବାଦର ଆପୋଷ ସମାଧାନ କରିବାକୁ ମତବ୍ୟକ୍ତ କରିଥିଲେ। ସେବାଞ୍ଚଳରେ ଥିବା କ୍ଷେତ୍ରନାଳୀ ଓ ନିଷ୍କାସନ ନାଳୀର ଉତ୍ତମ ରକ୍ଷଣାବେକ୍ଷଣ ଦ୍ୱାରା ଖରିଫ ଋତୁର ବଳକା ଜଳକୁ ସଂରକ୍ଷଣ କରି ରବି ଋତୁରେ ଉପଯୋଗ କରିବାକୁ ସୁବନ୍ଦୋବସ୍ତ କରାଯାଇଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଏ ପରିପ୍ରେକ୍ଷୀରେ ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେହିପରି ପାଣିର ସୁପରିଚାଳନା ଉପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏ ସମସ୍ତ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ବଳସାମନ୍ତ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତନ୍ତ୍ର ଭୂଅର୍ଜନ ଅଧିକାରୀ ଶରତ ବାଗ, ସୁକିନ୍ଦା ତହସିଲଦାର ମାନସ ତ୍ରିପାଠୀ, ୩୯ ନଂ ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ପଟ୍ଟନାୟକ, ଆମ୍ପଲବା ସରପଞ୍ଚ ନବଜ୍ୟୋତି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଇଂ ସନ୍ଦୀପ୍ତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ କଳିଙ୍ଗ ସୁରକ୍ଷା ପୁରସ୍କାର




**ଦାନଗଦି, ୨୨।୧୨(ସମିସ):** ଯାଜପୁରର ଜିନ୍ଦଲ ଷ୍ଟେନଲେସକୁ ଇସ୍ପାତ ଶିଳ୍ପ ବିଭାଗର ଗୋଲ୍ଡ ବର୍ଗରେ ରାଜ୍ୟର ସର୍ବଶ୍ରେଷ୍ଠ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶର ଉଚ୍ଚମାନ ବଜାୟ ରଖିବାରେ ଉଲ୍ଲେଖନୀୟ ଉଦ୍ୟମ ପାଇଁ ଭୁବନେଶ୍ୱରରେ ଆୟୋଜିତ ୧୫ତମ ଜାତୀୟ ସୁରକ୍ଷା କନକ୍ଲେଭରେ ଜେଏସଏଲ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଜିନ୍ଦଲ ଷ୍ଟେନଲେସର ସୁରକ୍ଷା ମୁଖ୍ୟ ମନୋଜ ବଳ ଓ ତାଙ୍କ ଟିମ୍ କମ୍ପାନୀ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ବିଭାଗ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଲେସୋଥୋର ହାଇକମିଶନର ଲେବୋହାଙ୍ଗ ଭାଲେଣ୍ଟାଇନ୍ ମୋଚାବାଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି। କାରଖାନାରେ ସୁରକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ସ୍ଥିରତାର ସର୍ବୋଚ୍ଚ ମାନ ନିଶ୍ଚିତ କରିବାକୁ ଏହି ପୁରସ୍କାର ଜେଏସଏଲର ନିରନ୍ତର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ କରିବ ବୋଲି ଶ୍ରୀ ବଳ କହିଛନ୍ତି। ହାଇଦରାବାଦ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭାରତର ବିଭିନ୍ନ ସ୍ଥାନରୁ ଅଗ୍ରଣୀ ସୁରକ୍ଷା ବିଶେଷଜ୍ଞ, କର୍ମଚାରୀ ଓ ସଂଗଠନ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ରାଜ୍ୟ ସୁରକ୍ଷା ପରିଷଦ ଦ୍ୱାରା ଆୟୋଜିତ ହୋଇଥିବା ୧୫ତମ ଜାତୀୟ ସୁରକ୍ଷା କନକ୍ଲେଭ ବୃତ୍ତିଗତ ସୁରକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସର୍ବୋତ୍ତମ ଅଭ୍ୟାସ, ଉଦ୍ଭାବନ ଓ ଅଭିଜ୍ଞତା ବାଣ୍ଟିବା ପାଇଁ ଏକ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିଥିଲା।

# ଲକ୍ଷ୍ମୀନାରାୟଣ ପୂଜା ଅବସରରେ ପାଲା



**ଜାରକା, ୨୨।୧୨(ସମିସ):** ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଜାରକାଠାରେ ଅନୁଷ୍ଠିତ ଲକ୍ଷ୍ମୀନାରାୟଣ ପୂଜା ଅବସରରେ ଗତ ୩ ଦିନ ଧରି ପାଲା ପରିବେଷଣ କରାଯାଉଛି। ପୁରୀ ଅଞ୍ଚଳର ରଜଲକ୍ଷ୍ମୀ ଦଳାଇ ଓ ସାଥୀଙ୍କ ଦ୍ୱାରା ଏହି ପାଲା ପରିବେଷିତ ହେଉଛି। ଗ୍ରାମାଞ୍ଚଳରେ ପାଲା ସଂସ୍କୃତି ଦିନକୁ ଦିନ ଲୋପ ପାଇଯାଉଥିବାବେଳେ ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ପୁରୁଣା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ନିଆଯାଇଥିବା ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି। ପାଲା ଦେଖିବାକୁ ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ ଲୋକଙ୍କ ଭିଡ ଜମୁଛି। ତେବେ ଏହି ପୂଜା ଅବସରରେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ଆସନ୍ତା ୨୫ ତାରିଖରେ ଧର୍ମଶାଳା ମହୋତ୍ସବ ଆରମ୍ଭ ହୋଇ ଜାନୁଆରୀ ୫ ତାରିଖରେ ଉଦଯାପିତ ହେବ। ୬ ତାରିଖରେ ଭସାଣ ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ କମିଟି ସଭାପତି ରବିନାରାୟଣ ସାହୁ, ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ଉପସଭାପତି ସର୍ବେଶ୍ୱର ବେହୁରା, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାଶ, ସମ୍ପାଦକ ଶ୍ରୀକାନ୍ତ ସାହୁ ଓ ଜିତେନ୍ଦ୍ର ରାଉତ, ସଂଯୋଜକ ଦେବରାଜ ମିଶ୍ର, ରାଜେଶ ପାଳ ପ୍ରମୁଖ ପରିଚାଳନା କରୁଛନ୍ତି।

# ହର୍ଷ ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ରଗଡ଼ି, ୨୨।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ହଳଦୀଗଡ଼ିଆ ପଞ୍ଚାୟତର ଶାଳକଣାସ୍ଥ ହର୍ଷ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଶନିବାର ଉଦ୍‌ଯାପିତ ହୋଇଛି। ଅଧକ୍ଷା ଡା. ନିତୁ ଯାଦବ କ୍ରୀଡା ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଦୌଡ଼, ମ୍ୟୁଜିକ ଚେୟାର, ସଟପୁଟ ଥ୍ରୋ, ଉଚ୍ଚଡିଆଁ, ଜାଭଲିନ ଥ୍ରୋ, ରଙ୍ଗୋଲି, ମ୍ୟାଥ ରେସ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ମାମାଲିକା ଦାସ ଖେଳ ପରିଚାଳନା କରିଥିଲେ। ଶ୍ରୀମତୀ ଯାଦବଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧାବିକା ଦୂତୀ ଚାନ୍ଦ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଚେୟାରମ୍ୟାନ ଡା. ହିମାଂଶୁ କୁମାର କୃତଜ୍ଞତା ଜ୍ଞାପନ କରିଥିଲେ। ନିରଞ୍ଜନ ମହାରଣା, ରଞ୍ଜନା କୁମାରୀ, ସଞ୍ଜନା କୁମାରୀ, ହ୍ୟୁମାୟିରା ପରବିନ, କୁମାର ସାହୁ, ଇତିଶ୍ରୀ ବାରିକ, ଗିରିବାଳା ପ୍ରଧାନ, ସୌଭାଗ୍ୟ ରଞ୍ଜନ, ଶୁଭ୍ରା ମହାନ୍ତି, ରବିନାରାୟଣ ସାହୁ ଓ ଗୁଲସାନ ଖାତୁନ ପ୍ରମୁଖ ସଭା ପରିଚାଳନା କରିଥିଲେ।

# ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

**ସୁକିନ୍ଦା, ୨୨।୧୨(ସମିସ):** ୫୩ନଂ ଜାତୀୟ ରାଜପଥ ସୁକିନ୍ଦା-ଭୁବନ ରାସ୍ତାର ମଙ୍ଗଳପୁର ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଦୁଇଜଣ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅନ୍ତର୍ଗତ ଗୋଲଖପୁର ଗ୍ରାମର ମାନ ମୁଣ୍ଡାଙ୍କ ପୁଅ କୁନୁ ମୁଣ୍ଡା (୧୮) ଓ ସିନ୍ଧୁଆ ମୁଣ୍ଡାଙ୍କ ପୁଅ ମଟ ମୁଣ୍ଡା (୨୪) ରବିବାର ସନ୍ଧ୍ୟାରେ ଭୁବନରୁ ଫେରୁଥିବା ସମୟରେ ମଙ୍ଗଳପୁର ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଆହତ ହୋଇଥିଲେ। ଏହି ଦୁର୍ଘଟଣାରେ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

# ଅରବିନ୍ଦ ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବଡ଼ଚଣା, ୨୨।୧୨(ସମିସ):** ଅରବିନ୍ଦ ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭୀମସେନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ଶିକ୍ଷକ ମଦନମୋହନ ମହାନ୍ତି, ଲକ୍ଷ୍ମୀଧର ରାଉତ, ବିଶ୍ୱରଞ୍ଜନ ତ୍ରିପାଠୀ, ଭାଗ୍ୟଶ୍ରୀ ପ୍ରୀତିଛନ୍ଦା ବାରିକ, ଭାରତୀ ରାୟ, ଲିଲିମା ସାହୁ, ପରିଚାଳନା କମିଟି ସଭାପତି ସନ୍ତୋଷ ମହାନ୍ତି, ମୋ ସ୍କୁଲ କମିଟି ସଭାପତି ସୁକେଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଦସ୍ୟ ଜୟନ୍ତ ସିଂହ, ପ୍ରତୀମା ସାହୁ, ବ୍ରଜକିଶୋର ସାହୁ, ରୁନୁ ମଲିକ, ଅର୍ଚ୍ଚନା ରାଉତ, ଲୋଚନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଶିକ୍ଷକ ରବୀନ୍ଦ୍ର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

## ଧର୍ମଶାଳା ତହସିଲ କାର୍ଯ୍ୟାଳୟ

# ଛାଡୁନି ଚୌକି ମୋହ; ଅବସର ପରେ ବି ଅଫିସ କାମରେ ହସ୍ତକ୍ଷେପ

**ଜେନାପୁର, ୨୨।୧୨(ସମିସ)**

ଧର୍ମଶାଳା ତହସିଲ କାର୍ଯ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ପୂର୍ବରୁ ଏହି ତହସିଲରେ କାର୍ଯ୍ୟ କରି ଉପୁରୀର ମୋହ ତୁଟାଇ ପାରି ନ ଥିବା ଦେଖାଯାଉଛି। ଚାକିରିରୁ ଅବସର ପରେ ବି ଅଫିସ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି ଅବସରପ୍ରାପ୍ତ କର୍ମଚାରୀ। ତହସିଲରେ ଚାଲିଥିବା ଜମିଜମା ସଂକ୍ରାନ୍ତିୟ ମାମଲା ଅଦ୍ୟାବଧି ତୁଟି ନ ଥିବାବେଳେ ମାମଲାର ସବିଶେଷ ତଥ୍ୟ ସେମାନଙ୍କୁ ଜଣାଥିବାରୁ ଏହି କାର୍ଯ୍ୟରେ ବାଧା ଦେବା ସହିତ କେମିତି ହାତଗୁଞ୍ଜା ମିଳିପାରିବ, ସେଥିପାଇଁ ଖସଡ଼ା ପ୍ରସ୍ତୁତ କରୁଛନ୍ତି। ସିଧାସଳଖ ଲୋକଙ୍କ ଅଭିଯୋଗ ଶୁଣିବାକୁ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀ ରହିଥିଲେ ମଧ୍ୟ ସେମାନଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଏହି ପୂର୍ବତନମାନେ ତାଙ୍କ କାର୍ଯ୍ୟ କରିଦେବା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଶୋଷଣ କରୁଥିବା କୁହାଯାଉଛି। ସିଧାସଳଖ ହାତଗୁଞ୍ଜା ନେବାକୁ ଉଚିତ ମଣୁ ନ ଥିବା କର୍ମଚାରୀ ବି ଏମାନଙ୍କୁ ସହଯୋଗ କରୁଥିବା ଅଭିଯୋଗ ହେଉଛି। ଫଳରେ ବିନା ଖର୍ଚ୍ଚରେ ହେବାକୁ ଥିବା କାମ ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ସରକାରୀ କାର୍ଯ୍ୟାଳୟରେ ଦଲାଲ ବ୍ୟବସ୍ଥା ହଟାଇବାକୁ ବହୁ ପୂର୍ବରୁ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏହି ତହସିଲରେ ଏଭଳି ହେବାକୁ କିଭଳି ସାହସ ଜୁଟାଇ ପାରୁଛନ୍ତି, ତାହା ସମସ୍ତଙ୍କୁ ଚକିତ କରିଛି।

ଜିଲ୍ଲାର ସବୁଠୁ ଅଧିକ ରାଜସ୍ୱ ଆଦାୟ ହେଉଥିବା ତହସିଲ ଧର୍ମଶାଳା। ବାର୍ଷିକ ୧୫ କୋଟିରୁ ୧୬ କୋଟି ପାଖାପାଖି ଟଙ୍କା ରାଜସ୍ୱ ଆଦାୟ ହେଉଥିବାବେଳେ ପ୍ରାୟତଃ ଏହା ଜିଲ୍ଲାରେ ପ୍ରଥମ କିମ୍ବା ଦ୍ୱିତୀୟ ସ୍ଥାନରେ ରହିଥାଏ। ଏହି ତହସିଲରେ ସର୍ବାଧିକ ଲଘୁ ଖଣିଜ ସୈରାତ ରହିଥିବାବେଳେ ଏଠାରୁ ସରକାରୀ ରାଜସ୍ୱକୁ ବାଦ୍‌ଦେଲେ ହଜାର ହଜାର କୋଟିର ରାଜସ୍ୱ ଫାଙ୍କିବାର ମାମଲା ଏବେ ଉଚ୍ଚ ନ୍ୟାୟାଳୟଠାରୁ ଆରମ୍ଭ କରି ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଲମ୍ବିଛି। ବିଶେଷକରି ଏଠାରୁ କଳାପଥର ଖଣିରୁ ଅନୁମତି ବାହାରେ ଲକ୍ଷ ଲକ୍ଷ ଘନମିଟର କଳାପଥର ଲୁଟ୍ ହୋଇଥିବାର ସାଟେଲାଇଟ ସର୍ଭେ ରିପୋର୍ଟ ଆସିବା ପରେ କାର୍ଯ୍ୟନୁଷ୍ଠାନ ପାଇଁ ନିର୍ଦ୍ଦେଶ ପରେ ଏହି ତହସିଲ ଅସଲ ମୁଖା ଖୋଲିଯାଇଥିଲା। ପରବର୍ତ୍ତୀ ସମୟରେ ୩ ଶହ କୋଟିରୁ ଅଧିକ ଟଙ୍କାର ଜରିମାନା ହୋଇଥିଲା। ତାହା ପୁଣି ବର୍ଷ ବର୍ଷ ଧରି ଅନାଦେୟ ରହିବା ପଛରେ କୁଆଡେ ଏମାନେ (ଅବସରପ୍ରାପ୍ତ କର୍ମଚାରୀ) ସହଯୋଗ କରିଥିଲେ। ଶହ ଶହ କ୍ରସର ସାଙ୍ଗକୁ ଶହ ଶହ ବେଆଇନ ଖାଦାନରୁ ବେଆଇନ ଭାବେ ଚାଲାଣ ପଛରେ ଏମାନେ କୁଆଡେ ଥିଲେ। ଏବେ ତହସିଲ ହାତରୁ ଖଣି ଚାଲିଯାଇଛି। ତେବେ ରାଜସ୍ୱ କାର୍ଯ୍ୟରେ ଏମାନେ ବାଧକ ସାଜିଥିବାବେଳେ ପେନସନ ସହିତ ହାତଗୁଞ୍ଜା ପାଉଥିବା କାରଣରୁ ଚୌକି ମୋହ ତୁଟାଇ ପାରୁ ନ ଥିବା ଆଲୋଚନା ହେଉଛି। ତେବେ କିଏ ସେମାନେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ସିସିଟିଭି ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ତହସିଲଦାର ଶୁଭଙ୍କର ମହାନ୍ତି କହିଛନ୍ତି, ତହସିଲ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ। ଯଦି ସେଭଳି କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ହେବ, ତେବେ ସିସିଟିଭି ଫୁଟେଜ ଆଧାରରେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ ଅନୁଯାୟୀ ବ୍ୟବସ୍ଥା କରାଯିବ। ଅଭିଯୋଗକାରୀ ମୋତେ ସାକ୍ଷାତ କରି ଅଭିଯୋଗ କରିବାକୁ କହିଛନ୍ତି।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ




**ବିଞ୍ଝାରପୁର, ୨୨।୧୨(ସମିସ):** ଶିଶୁକୁ ଶିକ୍ଷାଦାନ ସହ ଉତ୍ତମ ମଣିଷ କରି ଗଢିବା ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ବୋଲି ନଥିପୁରସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟିକା ପ୍ରମିଳା ମଲ୍ଲିକ ମତବ୍ୟକ୍ତ କରିଛନ୍ତି। ସ୍ତମ୍ଭକାର ରତନଲାଲ ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ବ୍ଲକ ଅଧକ୍ଷା ରଞ୍ଜିତା ଦାସ ସମ୍ମାନିତ ଅତିଥି, ମୁଖ୍ୟବକ୍ତା ଭାବେ ବିଞ୍ଝାରପୁର ମଣ୍ଡଳ ଅଧିକାରୀ ସୁବାସ ବିଶ୍ୱାଳ ଓ ସମ୍ମାନିତ ବକ୍ତା ଭାବେ ପୂର୍ବତନ ସହଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ଗୁରୁ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀମତୀ ମଲ୍ଲିକ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପ୍ରତିକୃତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା, ମୁଖ୍ୟ ପରିଚାଳକ ସମାଜସେବୀ ରମାଲାଲ ଭୂୟାଁ ଅତିଥି ପରିଚୟ ପ୍ରଦାନ ଓ ବିବରଣୀ ପାଠ କରିଥିଲେ। ଟ୍ରଷ୍ଟର କୋଷାଧକ୍ଷ ଶ୍ୟାମପ୍ରସାଦ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ମମିତା ଦାଶ, ଟ୍ରଷ୍ଟ ବୋର୍ଡ ସଦସ୍ୟା ବନୀତା ଭୂୟାଁ, ସ୍ମରଣିକା ରାୟ, ଚନ୍ଦ୍ରମଣି ସାହୁ, ରଶ୍ମିରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୀତାରାଣୀ ଜେନା, ଜିତୁପ୍ରିୟା ଜେନା, ଚମ୍ପକଲତା ମଲିକ ପରିଚାଳନା କରିଥିଲେ।

## ନବୀନ ସରକାରଙ୍କ ଉଲ୍ଲେଖନୀୟ ଅବଦାନ
# ନୂଆ ରୂପ ପାଇଛି ଏନ୍‌ସି କଲେଜ ବିଜ୍ଞାନ ବିଭାଗ

ଯାଜପୁର, ୨୨।୧୨(ସମିସ)



ଛାତ୍ରଛାତ୍ରୀଙ୍କ କ୍ୟାରିୟରକୁ ନୂଆ ମୋଡ଼ ଦେବାରେ କଲେଜ ଶିକ୍ଷାର ବଡ଼ ଭୂମିକା ରହିଛି। ଏଥିପାଇଁ ବିଭିନ୍ନ କଲେଜର ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ନବୀନ ସରକାର ଗୁରୁତ୍ୱ ଦେଇଥିଲେ। ଏହି କ୍ରମରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପରିକଳ୍ପନା ଅନୁଯାୟୀ ନରସିଂହ ଚୌଧୁରୀ (ଏନ୍‌ସି) ସ୍ୱୟଂଶାସିତ ମହାବିଦ୍ୟାଳୟର ବିଭିନ୍ନ ବିଭାଗକୁ ଆଧୁନିକ ରୂପ ଦିଆଯାଇଥିଲା। ଧୀରେ ଧିରେ ଏହା ପୂର୍ଣ୍ଣାଙ୍ଗ ରୂପ ନେବା ଫଳରେ ଏଠାରେ ଯେଉଁ ଶିକ୍ଷଣୀୟ ପରିବେଶ ସୃଷ୍ଟି ହୋଇଛି, ତାହା ଆଜି ଯାଜପୁର ସହିତ ଆଖପାଖ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ପାଇଁ ଆକର୍ଷଣ ସାଜିଛି। ଓଡ଼ିଶାରେ ଥିବା ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ ଭିତରେ ଯାଜପୁରର ଏନ୍‌ସି ସ୍ୱୟଂଶାସିତ ମହାବିଦ୍ୟାଳୟର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏବେ ଉକ୍ତ କଲେଜର ବିଜ୍ଞାନ ବିଭାଗ ନୂଆରୂପ ପାଇଛି। ଯାହା ଏହି କଲେଜର ଛାତ୍ରଛାତ୍ରୀଙ୍କ ପାଇଁ ସହାୟକ ହେବ। ଯାହା ନବୀନ ସରକାରଙ୍କ ଉଲ୍ଲେଖନୀୟ ଅବଦାନ।

୧୯୪୬ରେ ସ୍ଥାପିତ ଏହି ପୁରାତନ ମହାବିଦ୍ୟାଳୟକୁ ୧୯୯୯ରେ ସ୍ୱୟଂଶାସିତ ମାନ୍ୟତା ମିଳିବା ପରେ ଏଠାରେ ନୂତନ ପାଠ୍ୟକ୍ରମ ଆରମ୍ଭ କରାଯିବା ସହିତ କଲେଜର ଭିତ୍ତିଭୂମିକୁ ଉନ୍ନତିକରଣ କରିବା ଉପରେ ପ୍ରାଥମିକତା ଦିଆଯାଉଛି। ଏନ୍‌ସି ସ୍ୱୟଂଶାସିତ ମହାବିଦ୍ୟାଳୟର ବିଜ୍ଞାନ ବିଭାଗରେ ପାଠ ପଢ଼ିବା ପାଇଁ ବିଭିନ୍ନ ଜିଲ୍ଲାର ଛାତ୍ରଛାତ୍ରୀ ଆଗ୍ରହ ଦେଖାଇଥା'ନ୍ତି। ଏହାକୁ ଦୃଷ୍ଟିରେ ରଖି ବିଜ୍ଞାନ ବିଭାଗକୁ ନୂଆ ରୂପ ଦିଆଯାଇଛି। ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ଏଠାରେ ନୂତନ କ୍ଲାସରୁମ୍ ଓ ଉନ୍ନତମାନର ଲାବୋରେଟୋରି ସ୍ଥାପନ କରାଯାଇଛି। ଏଥିପାଇଁ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡସି) ଆର୍ଥିକ ସହାୟତା ଯୋଗାଇ ଦେଇଛି। ଓମ୍ବାଡସି ସହାୟତାରେ ବିଜ୍ଞାନ ବିଭାଗରେ ଚାରି ମହଲା ବିଶିଷ୍ଟ ନୂତନ କୋଠା ନିର୍ମାଣ କରାଯାଇଛି। ଏଥିରେ ପଦାର୍ଥ ବିଜ୍ଞାନ (ଫିଜିକ୍ସ), ରସାୟନ ବିଜ୍ଞାନ (କେମିଷ୍ଟ୍ରି), ଉଦ୍ଭିଦ ବିଜ୍ଞାନ (ବଟାନି) ଓ ପ୍ରାଣୀ ବିଜ୍ଞାନ (ଜୁଲୋଜି) ପାଇଁ ସ୍ୱତନ୍ତ୍ର କ୍ଲାସରୁମ୍ ଓ ଲାବୋରେଟୋରି ସ୍ଥାପନ କରାଯାଇଛି। ଫଳରେ ଛାତ୍ରଛାତ୍ରୀ ଏଠାରେ ସୁବିଧାରେ ଥିଓରି ସହିତ ପ୍ରାକ୍ଟିକାଲ କରିପାରୁଛନ୍ତି। ଏହାଦ୍ୱାରା ଛାତ୍ରଛାତ୍ରୀ ବିଜ୍ଞାନର ବିଭିନ୍ନ ଦିଗ ବିଷୟରେ ଜାଣିପାରୁଛନ୍ତି ଓ ଉଚ୍ଚତର ଗବେଷଣା ଲାଗି ଆଗ୍ରହ ଦେଖାଉଛନ୍ତି।

ସେହିପରି ଏହି ନୂତନ କୋଠାରେ ବିଭାଗୀୟ ମୁଖ୍ୟ ଓ ରିସର୍ଚ୍ଚ ଆସୋସିଏଟ୍ ରୁମ୍ ରହିଛି। ତା'ଛଡ଼ା କନଫରେନ୍ସ ଓ ଲାଇବ୍ରେରି ହଲ୍ ସହିତ କମ୍ପ୍ୟୁଟର ଲ୍ୟାବ୍ ଓ ରେକର୍ଡ ରୁମ୍ ମଧ୍ୟ କରାଯାଇଛି। ଛାତ୍ରଛାତ୍ରୀଙ୍କ ପାଇଁ ଏଠାରେ ଏକ ପ୍ରତୀକ୍ଷା ଗୃହ, ପାନୀୟଜଳ ଯୋଗାଣ ଓ ସ୍ୱଚ୍ଛ ଶୌଚାଳୟର ବ୍ୟବସ୍ଥା କରାଯାଇଛି। ଓମ୍ବାଡସି ପାଣ୍ଠିରୁ ଏଥିପାଇଁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। ବିଜ୍ଞାନ ବିଭାଗରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଥିଓରି ସହିତ ପ୍ରାକ୍ଟିକାଲ ଶିକ୍ଷାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ଓମ୍ବାଡସି ସହାୟତାରେ ଆଧୁନିକ ଭିତ୍ତିଭୂମି ନିର୍ମାଣ କରାଯାଇଛି। ଏଠାରେ ଆଧୁନିକ ବିଜ୍ଞାନାଗାର ସ୍ଥାପନ ହେବା ଯୋଗୁଁ ପ୍ରାକ୍ଟିକାଲ ପାଇଁ ଆଗରୁ ଯେଉଁ ସମସ୍ୟା ରହିଥିଲା ତାହା ଦୂର ହୋଇପାରିଛି। ଛାତ୍ରଛାତ୍ରୀ ବିଭିନ୍ନ ବିଷୟରେ ଗବେଷଣା କରିବା ସୁଯୋଗ ପାଉଥିବା କହିଛନ୍ତି ଏନ୍‌ସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ରଞ୍ଜନ କୁମାର ବେହେରା। ଏନସି ସ୍ୱୟଂଶାସିତ ମହାବିଦ୍ୟାଳୟର ବିଜ୍ଞାନ ବିଭାଗରେ ଆଧୁନିକ ଭିତ୍ତିଭୂମି ନିର୍ମାଣ ହେବା ଫଳରେ ଏଠାରେ ପଢ଼ିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଛାତ୍ରଛାତ୍ରୀ ଆଗ୍ରହ ଦେଖାଉଛନ୍ତି। ପ୍ରତିବର୍ଷ ୫୦୦ରୁ ଅଧିକ ସ୍ନାତକ ଓ ୧୯୦ରୁ ଅଧିକ ସ୍ନାତୋକତ୍ତର ଛାତ୍ରଛାତ୍ରୀ ଏଠାରେ ପାଠପଢ଼ି ଦେଶ ବିଦେଶରେ ପ୍ରତିଷ୍ଠିତ ହୋଇପାରୁଛନ୍ତି। ବିଜ୍ଞାନ ବିଭାଗର ହୋଇଥିବା ରୂପାନ୍ତରଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ କଲେଜର ଛାତ୍ରଛାତ୍ରୀ ଧନ୍ୟବାଦ ଦେଇଛନ୍ତି। ଏଭଳି ଭିତ୍ତିଭୂମିର ଉପଯୋଗ କରି ଆଗାମୀ ଦିନରେ ଏହା ରାଜ୍ୟର ଏକ ଶ୍ରେଷ୍ଠ ବିଜ୍ଞାନ ବିଭାଗର ଆଖ୍ୟା ପାଇବ ବୋଲି ଆଶା କରାଯାଉଛି।

## ଉତ୍କଳ ସେବା ନିବୃତ୍ତ ସେନା କର୍ମଚାରୀ ସଂଘ ବୈଠକ



**ଯାଜପୁର, ୨୨।୧୨(ସମିସ):** ରବିବାର ପୂର୍ବାହ୍ନରେ ରୋଟାରୀ ଭବନରେ ଉତ୍କଳ ସେବା ନିବୃତ୍ତ ସେନାନି ସଂଘର ସାଧାରଣ ବୈଠକ ସଭାପତି ରବୀନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉତ୍କଳ ସେବା ନିବୃତ୍ତ ସେନାନି ସଂଘ ଓଡ଼ିଶାର ସଭାପତି କରୁଣାକର ନାଥ, ମୁଖ୍ୟ ସଂରକ୍ଷକ ଦେବରାଜ ସ୍ୱାଇଁ, ଉପଦେଷ୍ଟା ଅରୁଣ କୁମାର ପତି ଯୋଗଦେଇ ସେବା ନିବୃତ୍ତ ସୈନିକଙ୍କ ସମସ୍ୟା ଓ ଏହାର ସମାଧାନ ବିଷୟରେ ମତାମତ ପ୍ରଦାନ କରିଛନ୍ତି। ଦେଶ ମାତୃକାର ସେବା ପରେ ସମାଜସେବାକୁ ନିଜର ବ୍ରତ ରୂପ ପାଳନ କରିବା ନିମନ୍ତେ ଆହ୍ୱାନ ଦେଇଛନ୍ତି। ସେବା ନିବୃତ୍ତ ସୈନିକଙ୍କ ପରିବାର ଓ ସହିଦ ହୋଇଥିବା ସୈନିକ ପରିବାରକୁ ସହାୟତା ଓ ସହଯୋଗ ନିମନ୍ତେ ସଂଘଟିତ ରହିବାକୁ ପରାମର୍ଶ ଦେଇଛନ୍ତି। ଆଜିର ବୈଠକରେ ସୁବାସ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଛନ୍ତି।

ସଭାପତିଙ୍କ ଅନୁରୋଧ କ୍ରମେ ବିଜୟ କୁମାର ଜେନା ବୈଠକର ଆଭିମୁଖ୍ୟ ବିଷୟରେ ଉପସ୍ଥିତ ସଦସ୍ୟଙ୍କୁ ଅବଗତ କରାଇବା ସହ ଆଲୋଚିତ ପ୍ରସ୍ତାବ ଆଗତ କରିଥିଲେ। ସମ୍ପାଦକ ଗୟାଧର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରି ବିଗତ ଦିନରେ ସଂଘ ଦ୍ୱାରା କରାଯାଇଥିବା କାର୍ଯ୍ୟ ବିଷୟରେ ଜଣାଇଥିଲେ। ଆଗାମୀ ଦିନରେ କରାଯିବ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ଉପକୋଷାଧ୍ୟକ୍ଷ ଦିଜେନ୍ଦ୍ର ରାଉତ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳପୁର ସୈନିକ ସଂଘ ସଭାପତି ଶ୍ରୀକାନ୍ତ ନାୟକ, ବରୀ ସଂଘ ସଭାପତି ଗୟାଧର ଦାସ, ବାୟୁସେନା ସଂଘ ସଭାପତି ଅକ୍ଷୟ ରାଉତ, ଧର୍ମଶାଳା ସଂଘ ସଭାପତି ଅଭିରାମ ସାହୁ, ବିଞ୍ଝାରପୁର ସଂଘ ସଂଯୋଜକ ମନ୍ମଥ ସାମଲ ଓ ଉପସଭାପତି ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ଥିବା ଅସ୍ଥାୟୀ କମିଟିକୁ ସଦସ୍ୟଙ୍କ ଅନୁମୋଦନ କ୍ରମେ ସ୍ଥାୟୀ କମିଟି ଗଠନ କରାଗଲା। ଏଥିରେ ସଭାପତି ଭାବେ ରବୀନ୍ଦ୍ର ନାଥ ସାହୁ, ଉପସଭାପତି ଭାବେ ବିଜୟ ଜେନା, ଅଜୟ ମହାନ୍ତ, ସାଧାରଣ ସମ୍ପାଦକ ଭାବେ ଗୟାଧର ମିଶ୍ର, ସହସମ୍ପାଦକ ଭାବେ ନିରଞ୍ଜନ ଦାଶ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ତ୍ରିପାଠୀ, ଦିପେନ୍ଦ୍ର ରାଉତ, ସଂଗଠନ ସମ୍ପାଦକ ଭାବେ ଆଦିତ୍ୟ କୁମାର ବଳ, କାର୍ଯ୍ୟାଳୟ ମୁଖ୍ୟ ନିରୋଦ କୁମାର ମଲ୍ଲିକଙ୍କ ସମେତ ୧୨ ଜଣ କାର୍ଯ୍ୟକାରୀ ସଦସ୍ୟ ମନୋନୀତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ବେହେରା, ଅଶୋକ ପତି, ଶ୍ରୀଧର ତ୍ରିପାଠୀ, ପ୍ରକାଶ ଦାସ, ଯୋଗାନନ୍ଦ ମିଶ୍ର, ବିନୋଦ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବଳରାମ ସାହୁ, ବିଜନ ବେହେରା, ବିଭୂରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ନରେନ୍ଦ୍ର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

## କୋରେଇରେ ପାଣି ପଞ୍ଚାୟତ ପକ୍ଷ ପାଳିତ



**ବ୍ୟାସନଗର, ୨୨।୧୨(ସମିସ):** ଦଳାସ୍ଥ ଉଠାଜଳସେଚନ ବିଭାଗ କାର୍ଯ୍ୟାଳୟରେ ଆଜି ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି। କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ବନ୍ଧା-ପଦ୍ମନାଭପୁରର ସହକାରୀ ଯନ୍ତ୍ରୀ ଯୁଧିଷ୍ଠିର ମହାଳିକ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ କୃଷି ଓ କୃଷକର ବିକାଶ ହେଲେ କୋରେଇ ସମେତ ସ୍ଥାନୀୟ ଅଞ୍ଚଳର ବିକାଶ ହେବ ବୋଲି ମତ ଦେଇଥିଲେ। ଉଠାଜଳସେଚନ ମାଧ୍ୟମରେ କୃଷକଙ୍କ ବିକାଶ ପାଇଁ ସଚେତନ କରାଇଥିବାବେଳେ ପାଣି ପଞ୍ଚାୟତର ବିକାଶ ପାଇଁ ବିଧାୟକ ଶ୍ରୀ ଦାସନାୟକ ବିଭାଗକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଶୋକ ସାହୁ, ଧର୍ମଶାଳାର ସହକାରୀ ଯନ୍ତ୍ରୀ ଶେଷଦେବ ମହାଳିକ, ଯାଜପୁରରୋଡର ସହକାରୀ ଯନ୍ତ୍ରୀ ଲକ୍ଷ୍ମୀନାରାୟଣ ପଣ୍ଡା, ସହକାରୀ ଯନ୍ତ୍ରୀ (ବିଦ୍ୟୁତ୍ ବିଭାଗ) ନଳିନୀ କୁମାର ସାହୁ, କୋରେଇ ଏବିଇଓ କଳ୍ପନା ମହାନ୍ତି ପ୍ରମୁଖ ଯୋଗଦେଇ କୃଷି ପାଇଁ ଉଠାଜଳସେଚନର ଆବଶ୍ୟକତା ଓ ତା'ର ବିନିଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ କୃଷକ ଓ ପାଣି ପଞ୍ଚାୟତ କର୍ମକର୍ତ୍ତା ଓ ବିଦ୍ୟାଳୟ ଛାତଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରଶ୍ନୋତ୍ତର, ବକ୍ତୃତା, ଚିତ୍ରାଙ୍କନ, ପ୍ରଦର୍ଶନୀ ଓ ପ୍ରବନ୍ଧ ଲିଖନ ଆଦି ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ୧୫ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସୁକାନ୍ତ ସାହୁ, ଲୋସୋ ସୋରେନ, ସୁମନ୍ତ ମାଝୀ, ପ୍ରତାପ ପରିଡ଼ା, ପୁରୁଷୋତ୍ତମ ବିଶ୍ୱକର୍ମା ପରିଚାଳନା କରିଥିଲେ। ଯାଜପୁର ଜିଲ୍ଲାର କୋରେଇ, ଦାନଗଦି, ସୁକିନ୍ଦା, ରସୁଲପୁର, ଧର୍ମଶାଳା, ବଡ଼ଚଣା, ବିଂଝାରପୁର, ଯାଜପୁର, ଦଶରଥପୁର, ବରୀ ଆଦି ୧୦ଟି ବ୍ଲକ ଓ ବ୍ୟାସନଗର, ଯାଜପୁର ପୌରପରିଷଦର ବିଭାଗୀୟ ଅଧିକାରୀ ଓ କର୍ମଚାରୀ, କୃଷକ ଓ ପାଣି ପଞ୍ଚାୟତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମୁଖ୍ୟ କିରାଣି ଲୋକନାଥ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ଦାବି ରଖିଲେ ପ୍ରଫୁଲ୍ଲ ଘଡ଼ାଇ
# ଟାଉନସିପ୍ ପ୍ରତିଷ୍ଠା; ଆକାଂକ୍ଷା ବ୍ଲକ୍‌ରେ ଦାନଗଦି ଓ ସୁକିନ୍ଦା ସାମିଲ ହେଉ

**ଦାନଗଦି, ୨୨।୧୨(ସମିସ):** ନୂଆଦିଲ୍ଲୀରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକରେ ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ପ୍ରସଙ୍ଗ ଉଠାଇବା ସହ ଗୋପାଳପୁର ଓ ଝାରସୁଗୁଡାରେ ଶିଳ୍ପ ଟାଉନସିପ୍ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି। ଏତଦ୍‌ବ୍ୟତୀତ କେନ୍ଦୁଝର ଓ ମୟୂରଭଞ୍ଜର ୧୧ଟି ବ୍ଲକକୁ ଆକାଂକ୍ଷୀ ବ୍ଲକରେ ସାମିଲ କରିବାକୁ ମଧ୍ୟ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଓଡ଼ିଶାରେ ସର୍ବାଧିକ ସଂଖ୍ୟକ ଶିଳ୍ପ ସଂସ୍ଥା ପ୍ରତିଷ୍ଠା ହୋଇଥିବା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଟାଉନସିପ୍ ପ୍ରତିଷ୍ଠା କରାଯିବା ସହ ଦାନଗଦି ଓ ସୁକିନ୍ଦା ବ୍ଲକକୁ ଆକାଂକ୍ଷା ବ୍ଲକରେ ସାମିଲ କରାଯିବାକୁ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଦାବି ରଖିଛନ୍ତି।

କଳିଙ୍ଗନଗରରେ ଆଗାମୀ ଦିନରେ ଅଧିକ ଶିଳ୍ପ ଓ ବାଣିଜ୍ୟିକ ସଂସ୍ଥା ଆସିବାକୁ ଥିବା କାରଣରୁ ଅନ୍ୟ ଅଞ୍ଚଳ ଅପେକ୍ଷା ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏଠାରେ ଅଧିକ ରାସ୍ତା ଓ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ କାର୍ଯ୍ୟ ଓ ପ୍ରଦୂଷଣ ନିୟନ୍ତ୍ରଣ କରିବାର ଆବଶ୍ୟକତା ଦେଖାଦେଇଛି। ଏଥିସହ ସୁକିନ୍ଦା ନିର୍ବାଚନମଣ୍ଡଳୀର ଦାନଗଦି ଓ ସୁକିନ୍ଦା ବ୍ଲକରେ ଅଧିକ ସଂଖ୍ୟାରେ ଆଦିବାସୀ, ହରିଜନ ଓ ପଛୁଆବର୍ଗ ଲୋକ ବସବାସ କରନ୍ତି। ସୁକିନ୍ଦା ବ୍ଲକରେ ଅନେକ ଆଦିମ ଅଧିବାସୀ ପରିବାର ବାସ କରିଥିବା ଯୋଗୁଁ ବିରହୋର ଓ ଜୁଆଙ୍ଗ ଡେଭେଲପମେଣ୍ଟ ଏଜେନ୍ସି ଏଠାରେ କାମ କରୁଛି। ଏଠାରେ ମଧ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କାର୍ଯ୍ୟକାରୀ ହେଉଥିଲା। ତେଣୁ ଏ ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏକ ଶିଳ୍ପ ଟାଉନସିପ୍ ପ୍ରତିଷ୍ଠା କରିବା ସହିତ ଦାନଗଦି ଓ ସୁକିନ୍ଦା ବ୍ଲକକୁ ଆକାଂକ୍ଷୀ ବ୍ଲକରେ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ବିନମ୍ର ଅନୁରୋଧ କରିଛନ୍ତି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ।

## ହାଇକୋର୍ଟଙ୍କୁ ଚଣ୍ଡିଖୋଲ କୋର୍ଟ ଓକିଲ ସଂଘର କୃତଜ୍ଞତା



**ବଡ଼ଚଣା, ୨୨।୧୨(ସମିସ):** ବହୁ ପ୍ରତୀକ୍ଷିତ ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟ କାର୍ଯ୍ୟକ୍ଷମ ପାଇଁ ହାଇକୋର୍ଟ ବିଜ୍ଞପ୍ତି ପ୍ରକାଶ କରି ନୂତନ ବିଚାରପତି ଭାବେ ଗୋପବନ୍ଧୁ ଗଡ଼ନାୟକଙ୍କୁ ନିଯୁକ୍ତି ଦେଇଛନ୍ତି। ଉକ୍ତ ଖବର ପ୍ରକାଶ ପାଇବା ପରେ ଚଣ୍ଡିଖୋଲ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏ ପରିପ୍ରେକ୍ଷୀରେ ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ ପକ୍ଷରୁ ଉଚ୍ଚ ନ୍ୟାୟାଳୟଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ରାଜ୍ୟ ସରକାରଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ଆଜି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସରକାରୀ ବାସଭବନରେ ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ ପକ୍ଷରୁ ସଭାପତି ଦେବରାଜ ବେହେରା ଓ ସମ୍ପାଦକ ପ୍ରକାଶ ଦାଶ ପୁଷ୍ପଗୁଚ୍ଛ ଦେଇ କୃତଜ୍ଞତା ଜଣାଇବା ସହିତ ତାଙ୍କର ତ୍ୱରିତ ପଦକ୍ଷେପ ପାଇଁ ପ୍ରଶଂସା କରିଛନ୍ତି। ଏ ଅବସରରେ ବିଧାୟକ ଅମର କୁମାର ନାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା।

## ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ



**କୁଆଖିଆ, ୨୨।୧୨(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଁଚି ପଞ୍ଚାୟତର ମଧୁବନସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୯ତମ ବାର୍ଷିକୋତ୍ସବ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ଶିକ୍ଷାବିତ୍ ପ୍ରଭାକର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଶିଶୁଶିକ୍ଷା ଦିଗରେ ଗୁରୁମା/ଗୁରୁଜୀ ଓ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇ ବିଦ୍ୟାର୍ଥୀଙ୍କୁ ଚାପମୁକ୍ତ ଶିକ୍ଷା ପ୍ରଦାନ କରାଗଲେ ସେମାନଙ୍କର ସ୍ୱପ୍ନ ସାକାର ହୋଇପାରିବ। ଏହାଛଡା ଶିକ୍ଷାକୁ ବୋଝ ଭଳି ପିଲାଙ୍କ ଉପରେ ଲଦି ଦିଆ ନ ଯାଉ। ପ୍ରତ୍ୟେକ ପିଲାକୁ ମୁକ୍ତ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉ। ଏଭଳି ଘଟିଲେ ସେମାନଙ୍କର ଲୁକ୍କାୟିତ ପ୍ରତିଭା ପ୍ରସ୍ଫୁଟିତ ହେବା ସହ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ହେବା ଲକ୍ଷ୍ୟ ସଫଳ ହେବ ବୋଲି ମତ ପ୍ରକାଶ ପାଇଛି।

ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ, ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ କବାଡି ସଂଯୋଜକ ବିଭୂତି ଭୂଷଣ ଦାଶ, ସମ୍ମାନିତ ଅତିଥି ରୂପେ ରସୁଲପୁର ବ୍ଲକ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ର, ପରିଚାଳନା ସମିତି ସମ୍ପାଦକ ଅନୀଲ ଦ୍ୱିବେଦୀ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ବିଦ୍ୟାର୍ଥୀ, ଶିକ୍ଷକ, ଅଭିଭାବକଙ୍କୁ ନେଇ ଏକ ତ୍ରିକୋଣଭୂମି ଉପରେ ଛିଡା ହୋଇଛି। ତିନିକୋଣରେ ଥିବା ପ୍ରତ୍ୟେକ ଭାଗ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ତୁଲାଇଲେ ଶିକ୍ଷାନୁଷ୍ଠାନ ମନ୍ଦିରରେ ପରିଣତ ହୋଇପାରିବ ବୋଲି ଅତିଥିମାନେ ମତ ଦେଇଛନ୍ତି। ଗୁରୁଜୀ ନିଗମାନନ୍ଦ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁଜୀ ଅମରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଅତିଥିଙ୍କ ଦ୍ୱାରା ବାର୍ଷିକ କ୍ରୀଡ଼ା, ବକ୍ତୃତା, ଚିତ୍ରାଙ୍କନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଶିକ୍ଷା ଆଦି କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବିଦ୍ୟାମନ୍ଦିରର ଗୁରୁମା/ଗୁରୁଜୀ, ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା, ଅଭିଭାବକମାନେ ସହଯୋଗ ପ୍ରଦାନ କରିଥିଲେ।

## ୫ ଲକ୍ଷ ଟଙ୍କା ଧରି ଫ୍ଲିପ୍‌କାର୍ଟର ଦୁଇ କର୍ମଚାରୀ ଛୁ

**ବଡ଼ଚଣା, ୨୧।୧୨(ସମିସ):** ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ନିକଟରେ ଥିବା ଫ୍ଲିପକାର୍ଟ କାର୍ଯ୍ୟାଳୟର ଦୁଇ କର୍ମଚାରୀ ଆଦାୟ କରିଥିବା ୫ ଲକ୍ଷ ଟଙ୍କା ଧରି ଛୁ ମାରିଛନ୍ତି। ଏ ନେଇ ଏହି କାର୍ଯ୍ୟାଳୟର କ୍ଲଷ୍ଟର ମ୍ୟାନେଜର ତୁଷାର ରଞ୍ଜନ ଦାସ ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ଜଣାଯାଇଛି। ସୂଚନା ମୁତାବକ, ଏହି କମ୍ପାନୀ ଅଧୀନରେ କାମ କରୁଥିବା ଦୁଇ କର୍ମଚାରୀ ନୟାଗଡ଼ ଜିଲ୍ଲା ଗୁଣ୍ଠୁଣୀ ଗ୍ରାମର ଗତିଶ୍ୱର ସ୍ୱାଇଁ ଓ ଚନ୍ଦନ ଗୁରୁ ଚଳିତ ମାସ ୧୫ ତାରିଖରୁ ସେମାନେ ଆଦାୟ କରିଥିବା ୫ ଲକ୍ଷ ଟଙ୍କା କମ୍ପାନୀ କାର୍ଯ୍ୟାଳୟରେ ପୈଠ ନ କରି ଟଙ୍କା ଧରି ଛୁ ମାରିଥିଲେ। ତେବେ ଲୁଟ୍ ଟଙ୍କା କାଳେ ଉଦ୍ଧାର ହୋଇଯିବ ଭାବି ମ୍ୟାନେଜରଙ୍କ ସହିତ ଅନ୍ୟ କର୍ମଚାରୀ ନୟାଗଡ଼ ଯାଇଥିଲେ। ତେବେ ଲୁଟେରା ଦୁଇ କର୍ମଚାରୀ ଘରେ ନ ଥିବାରୁ ସେମାନେ ହତାସରେ ଫେରି ଆସି ଆଜି ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବଡ଼ଚଣା ଥାନା ନିକଟରେ ଥିବା ଏକ ଫ୍ଲିପକାର୍ଟ କାର୍ଯ୍ୟାଳୟରୁ ପୂର୍ବରୁ ଦୁଇ ଦୁଇଥର ଚୋରି ଯାଇଥିଲେ ମଧ୍ୟ ଏଥିରେ ସମ୍ପୃକ୍ତ ଲୁଟେରାଙ୍କୁ ଆଜି ପର୍ଯ୍ୟନ୍ତ ପୁଲିସ ଧରିବାରେ ବିଫଳ ହୋଇଛି। ତେବେ ଏହି କମ୍ପାନୀର ଦୁଇଟି ସ୍ଥାନରୁ ଏଭଳି ଲୁଟପାଟ ଚାଲୁ ରହିଥିବାବେଳେ କମ୍ପାନୀ ପକ୍ଷରୁ ନିୟୋଜିତ ହେଉଥିବା କର୍ମଚାରୀଙ୍କୁ ସଠିକ ଭାବେ ଯାଞ୍ଚ କରା ନ ଯାଇ ନିଯୁକ୍ତି ଦିଆଯାଉଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଆଲୋଚନା ହେଉଛି।

## ସେନା କର୍ମଚାରୀଙ୍କ ବିଜୟ ଦିବସ ପାଳିତ

**ବାସୁଦେବପୁର, ୨୨।୧୨(ସମିସ):** ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପକ୍ଷରୁ ପାଳିତ ହୋଇଯାଇଛି ୫୩ତମ ବିଜୟ ଦିବସ। ବାସୁଦେବପୁର ନୀଳମଣୀ ଟାଉନ ହଲ ପରିସରରେ ଆୟୋଜିତ ସଭାର ବାସୁଦେବପୁର ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ସଭାପତି ଶରତଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ ଦାସ, ଅଲ ଓଡ଼ିଶା ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ସଭାପତି ମହେଶ୍ୱର ବେହେରା, ବାଲେଶ୍ୱର ଅବସରପ୍ରାପ୍ତ ସେନା ସଂଘର ସଭାପତି ଚନ୍ଦ୍ରମଣି ମହାପାତ୍ର, ନିରଞ୍ଜନ ବିଶ୍ୱାଳ, ଉମେଶଚନ୍ଦ୍ର ଚୈନି, ମନୋରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଥିଲେ। ସଂଘ ସମ୍ପାଦକ କୈଳାଶ ଚନ୍ଦ୍ର ନାଥ ସଭାରେ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ସେନାର କର୍ମଚାରୀଙ୍କ ସମାଜର ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର ଓ ଉପଢ୍ୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ସେନା କର୍ମଚାରୀଙ୍କର କୁନି କୁନି ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପୋଷାକ ବିରଣ ଉତ୍ସବ

**ଭଣ୍ଡାରିପୋଖରୀ, ୨୨।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମହୁରା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଷାକ ଯୋଗାଣକାରୀ ବାରିକପୁର ସାଇ ଟେଲରିଂ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ମନ୍ଦାକିନୀ ସାମଲ ଓ ରଞ୍ଜୁବାଳା ଦାସ ମହାପାତ୍ର, ପରିଚାଳନାକମିଟି ସଭ୍ୟ ଅଶୋକ କୁମାର ବେହେରା, ଶିକ୍ଷକ ପ୍ରସନ୍ନମହାକୁଳ, ସୌମ୍ୟରଞ୍ଜନ ମଲ୍ଲିକ, ମନୋସ୍ୱିନୀ ରାଉତ, ପୁଷ୍ପାଞ୍ଜଳୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ରକ୍ଷଣାବେକ୍ଷଣ ଅଭାବ
# ଗ୍ରାମାଞ୍ଚଳ ଆଲୋକୀକରଣ ଯୋଜନା ଫେଲ୍

ବରୀ, ୨୨।୧୨(ସମିସ)



ବରୀ ବ୍ଲକରେ ଅର୍ଥ କମିଶନଙ୍କ ଅନୁଦାନରେ ୧ ବର୍ଷ ପୂର୍ବେ ଗାଁ ଦାଣ୍ଡ ଆଲୋକୀକରଣ ଯୋଜନାରେ ଲାଗିଥିବା ଲାଇଟ୍ ଅଚଳ ହୋଇପଡ଼ିଛି। ବିଭିନ୍ନ ଗାଁ ରାସ୍ତାରେ ଜଳୁନି ଉଜ୍ଜ୍ୱଳ ଅଲୋକ। ଗାଁ ଦାଣ୍ଡ ପୁଣି ଅନ୍ଧାର। କେଉଁଠି ବିଦ୍ୟୁତ୍ ଖୁଣ୍ଟରେ ଅଚଳ ଲାଇଟ୍ ଝୁଲୁଛି ତ ଆଉ କେଉଁଠି କେବଳ କଳଙ୍କି ଲଗା ଷ୍ଟାଣ୍ଡ ରହିଛି। ଏହି ଉଜ୍ଜ୍ୱଳ ଆଲୋକ ପାଇଁ ଉଦ୍ଦିଷ୍ଟ ସାମଗ୍ରୀର ଦୀର୍ଘଦିନ ଧରି ରକ୍ଷଣାବେକ୍ଷଣ ଓ ମରାମତି ହେଉ ନ ଥିବାରୁ ବ୍ଲକର ସମସ୍ତ ଗ୍ରାମରେ ଏଭଳି ପରିସ୍ଥିତି ଉପୁଜିଥିବା ଜନସାଧାରଣ ଅଭିଯୋଗ କରିଛନ୍ତି।

ବରୀ ବ୍ଲକ ଅଧୀନ ୨୯ଟି ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ସାହି ରାସ୍ତାରେ ୧ ବର୍ଷ ପୂର୍ବରୁ ଷ୍ଟ୍ରିଟଲାଇଟ୍ ଲାଗିଥିଲା। ଏବେ ତାହା ଆଉ ଜଳୁନାହିଁ। ନିୟମ ଅନୁଯାୟୀ ପଞ୍ଚାୟତରେ ଲାଇଟ୍ ଲଗାଇଥିବା ଠିକାଦାର ଲାଇଟ୍‌ର ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବାକୁ ଚୁକ୍ତି କରିଥିଲେ। ବର୍ଷେ ନ ପୂରୁଣୁ ବରୀ ବ୍ଲକର ୧ ହଜାରରୁ ଅଧିକ ଲାଇଟ ଦୀର୍ଘ ମାସ ହେବ ଅଚଳ ହୋଇପଡ଼ିଛି। ଯଦ୍ୱାରା ବ୍ଲକର ଶତାଧିକ ଗ୍ରାମ ରାସ୍ତା ସମ୍ପୂର୍ଣ୍ଣ ଅନ୍ଧକାର। ଉଜ୍ଜ୍ୱଳ ଆଲୋକୀକରଣ ଦ୍ୱାରା ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଯାତାୟାତରେ ସୁବିଧା ହେଉଥିଲା। ସ୍ୱଷ୍ଟ ଆଲୋକରେ ଗ୍ରାମବାସୀ ଚଳପ୍ରଚଳ କରୁଥିଲେ। ଚୋରି, ଡକାୟତି ଓ ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଉପରେ ଗ୍ରାମାଞ୍ଚଳରେ ଥିବା ଏହି ଆଲୋକ ବ୍ୟବସ୍ଥା ବହୁଳ ପରିମାଣରେ ରୋକ ଲଗାଇଥଲା। ଗ୍ରାମାଞ୍ଚଳରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ବ୍ଲକ ପ୍ରଶାସନ ଦ୍ୱାରା ଚୟନ ହୋଇଥିବା ଠିକାଦାର ନାମିଦାମୀ କମ୍ପାନୀ ବଦଳରେ ଚାଇନା କମ୍ପାନୀର ନାଇଟ୍ ଲଗାଇ ଲକ୍ଷ ଲକ୍ଷ ଟଙ୍କା ଲାଭ ନେଇଥିବାବେଳେ ଏବେ ଏହି ଆଲୋକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଛି।

ଗୋଲକୁଣ୍ଡଠାରୁ ଗମ୍ଭୁ ପଞ୍ଚାୟତ ପର୍ଯ୍ୟନ୍ତ ଅନ୍ଧାର ସୁଯୋଗରେ ଅସାମାଜିକ ଓ ଦୁର୍ବୃତ୍ତମାନେ ପୁଣି ଉତ୍ପାତ ଆରମ୍ଭ କରିଦେଲେଣି। ଖୁଣ୍ଟରେ ଲଗାଯାଇଥିବା ପ୍ରତି ଲାଇଟ୍ ପାଇଁ ୬ ହଜାରରୁ ୧୦ ହଜାର ଟଙ୍କା ବିଲ୍ କରାଯାଇଥିବାବେଳେ ବାସ୍ତବରେ ଏହି ଲାଇଟର ବଜାର ଦର ୧ ହଜାର ଟଙ୍କା ରହିଥିବାବେଳେ ଏକାଧିକ ଷ୍ଟ୍ରିଟ୍‌ଲାଇଟ୍ ପାଇଁ ବହୁ ଅଧିକ ଅର୍ଥ ବିଲ୍ କରାଯାଇଥିବା ସୂଚନା ମିଳିଛି। ନାମୀଦାମୀ କମ୍ପାନୀର ଲାଇଟ୍ ଲଗାଯାଇ ନ ଥିବାରୁ ଖୁବ୍ କମ୍ ଦିନ ମଧ୍ୟରେ ଏଗୁଡ଼ିକ ଅଚଳ ହୋଇପଡ଼ିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ପଞ୍ଚାୟତ ସ୍ତରରେ ଅଚଳ ଲାଇଟ୍ ମରାମତି ଓ ରକ୍ଷଣାବେକ୍ଷଣ ସମେତ ନୂତନ ଲାଇଟ ଲଗାଇବା ଦାୟିତ୍ୱ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତକୁ ନ୍ୟସ୍ତ କରାଯାଇଥିବାବେଳେ ରାଜ୍ୟ ସରକାର ଏଥିପାଇଁ ପ୍ରତି ପଞ୍ଚାୟତକୁ ସ୍ୱତନ୍ତ୍ର ଅନୁଦାନ ରାଶି ପ୍ରଦାନ କରି ଆର୍ଥିକ ବ୍ୟବସ୍ଥା କରିଛନ୍ତି। ସେହିପରି ପଞ୍ଚାୟତ ସରପଞ୍ଚ ଚାହିଁଲେ ପଞ୍ଚାୟତ ଆୟରୁ ମଧ୍ୟ ଅଚଳ ଲାଇଟ୍‌ର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ କରିବାର ବିଧି ବ୍ୟବସ୍ଥା ଥିବା ସତ୍ତ୍ୱେ ବରୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ଅଚଳ ହୋଇପଡ଼ିଥିବା ଷ୍ଟ୍ରିଟଲାଇଟ୍‌ର ମରାମତି ଦିଗରେ ସରପଞ୍ଚ ଇଚ୍ଛା ପ୍ରକାଶ କରୁ ନ ଥିବା ଅଭିଯୋଗ ହେଉଛି। ଏପରିକି ଜରୁରୀ ନ ଥିଲେ ଅନାବଶ୍ୟକ କାର୍ଯ୍ୟରେ ପଞ୍ଚାୟତ ଅନୁଦାନ ଅର୍ଥକୁ ଖର୍ଚ୍ଚ କରିବାକୁ ଆଗେଇ ଆସୁଥିବବେଳେ ସମ୍ବେଦନଶୀଳ ଗ୍ରାମାଞ୍ଚଳରେ ଅଚଳ ଆଲୋକକୁ ସଜାଡ଼ିବା ଦିଗରେ ପଛଘୁଞ୍ଚା ମନୋବୃତ୍ତିକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ବରୀ ବ୍ଲକ ଭାରପ୍ରାପ୍ତ ବିଡିଓ ମହେଶ୍ୱର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ବିଲ୍ ଅର୍ଥ ପଞ୍ଚାୟତ ପାଣ୍ଠିରୁ ପୈଠ କରାଯାଉଛି। ତେଣୁ ମରାମତି ମଧ୍ୟ ପଞ୍ଚାୟତ କରିବ। ଏ ବାବଦରେ ପ୍ରତିବର୍ଷ ପଞ୍ଚାୟତର ଆକ୍ସନ ପ୍ଲାନରେ ଅର୍ଥ ବରାଦ ମଧ୍ୟ ରହୁଛି। ତେଣୁ ଷ୍ଟ୍ରିଟଲାଇଟ ମରାମତି କରିବା ଦାୟିତ୍ୱ ସେମାନଙ୍କର ବୋଲି କହିଛନ୍ତି।




ସକାଳ
THE SAKALA
www.sakalaepaper.com



# ପ୍ରିୟଙ୍କା ଗାନ୍ଧୀଙ୍କ ନିର୍ବାଚନକୁ ହାଇକୋର୍ଟରେ ଚ୍ୟାଲେଞ୍ଜ

ୱାଏନାଡ, ୨୨।୧୨ (ଏଜେନ୍ସି): କେରଳ ୱାଏନାଡର କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନିର୍ବାଚନକୁ ବିରୋଧ କରାଯାଇଛି। ଏହା ବିରୋଧରେ ତାଙ୍କଠାରୁ ହାରିଥିବା ପ୍ରତିଦ୍ୱନ୍ଦ୍ୱି ବିଜେପି ପ୍ରାର୍ଥୀ ନବ୍ୟା ହରିଦାସ କେରଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଉପ-ନିର୍ବାଚନ ପାଇଁ ପ୍ରିୟଙ୍କା ଦାଖଲ କରିଥିବା ସତ୍ୟପାଠରେ ଭୁଲ୍ ସୂଚନା ଦେଇଥିବା ସେ ଅଭିଯୋଗ କରିଛନ୍ତି। ପ୍ରିୟଙ୍କା ନିଜର ଓ ନିଜ ପରିବାର ସମ୍ପତ୍ତିର ସଠିକ ତଥ୍ୟ ଦେଇ ନ ଥିବା ଦର୍ଶାଇଛନ୍ତି। ଆବେଦନରେ କୁହାଯାଇଛି ଯେ ପ୍ରିୟଙ୍କା ସତ୍ୟପାଠରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଲୁଚାଇଛନ୍ତି। ଏପରି କରି ସେ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ। ତେଣୁ ତାଙ୍କ ସଦସ୍ୟତା ରଦ୍ଦ କରିବାକୁ ନିବେଦନ କରାଯାଇଛି। ନବ୍ୟା କହିଛନ୍ତି ଯେ ଏ ନେଇ ପ୍ରଥମେ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। କିନ୍ତୁ କମିଶନ ସେଭଳି କୌଣସି ପଦକ୍ଷେପ ନେଲେ ନାହିଁ। ତେଣୁ ପରିଶେଷରେ ହାଇକୋର୍ଟରେ ଆବେଦନ ଦାଏର କରାଗଲା। ଡିସେମ୍ବର ୨୩ରୁ ଜାନୁଆରୀ ୫ ପର୍ଯ୍ୟନ୍ତ କୋର୍ଟ ଛୁଟି ଥିବାରୁ ଏହା ପରେ ମାମଲାର ଶୁଣାଣି ହେବ ବୋଲି କୁହାଯାଉଛି। ଏହାକୁ ନେଇ କଂଗ୍ରେସ ନେତା ପ୍ରମୋଦ ତିୱାରୀ କହିଛନ୍ତି ଯେ ଶସ୍ତା ପ୍ରଚାର ପାଇଁ ବିଜେପି ନେତ୍ରୀ ଏଭଳି କରିଛନ୍ତି। କୋର୍ଟ ଆବେଦନ ଖାରଜ କରି ତାଙ୍କ ବିରୋଧରେ ଜୋରିମାନା ଲଗାଇବେ ବୋଲି କହିଛନ୍ତି।



# ୭ରେ କୋର୍ଟରେ ହାଜର ହେବାକୁ ରାହୁଲଙ୍କୁ ସମନ

ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି): ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଜାତିଗତ ଜନଗଣନାକୁ ନେଇ ଦେଇଥିବା ଏକ ବିବାଦୀୟ ମନ୍ତବ୍ୟ ମାମଲାରେ ଉତ୍ତର ପ୍ରଦେଶ ବରେଲିର ଜିଲ୍ଲା କୋର୍ଟ ରାହୁଲଙ୍କୁ ସମନ ପଠାଇଛନ୍ତି। ଆସନ୍ତା ୭ ତାରିଖରେ ତାଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ ଲୋକସଭା ନିର୍ବାଚନ ସମୟରେ କଂଗ୍ରେସ କ୍ଷମତାକୁ ଆସିଲେ ଆର୍ଥିକ ସର୍ଭେ ଏବଂ ଜାତିଗତ ଜନଗଣନା କରାଯିବ ବୋଲି ରାହୁଲ କହିଥିଲେ। ଏହା ଦ୍ୱାରା ଲୋକଙ୍କ ପାଖରେ ଥିବା ସମ୍ପତ୍ତି ବିଷୟରେ ଜଣାପଡ଼ିବ। ଏହାକୁ ନେଇ ସେତେବେଳେ ପ୍ରବଳ ହଙ୍ଗାମା ହୋଇଥିଲା। ରାହୁଲଙ୍କୁ ତୀବ୍ର ବିରୋଧ କରାଯାଇଥିଲା। ଅଲ୍ ଇଣ୍ଡିଆ ହିନ୍ଦୁ ମହାସଭାର ମଣ୍ଡଳ ସଭାପତି ପଙ୍କଜ ପାଠକ ଏହାକୁ ବିରୋଧ କରି ସ୍ୱତନ୍ତ୍ର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟରେ ଆବେଦନ ଦାଏର କରିଥିଲେ। ରାହୁଲ ଏପରି ମନ୍ତବ୍ୟ ଦେଇ ଦେଶକୁ ଗୃହଯୁଦ୍ଧ ମଧ୍ୟକୁ ଠେଲିଦେବାକୁ ଚାହାନ୍ତି ବୋଲି କହିଥିଲେ। ମାତ୍ର କୋର୍ଟ ଏହି ଆବେଦନକୁ ଖାରଜ କରି ଦେଇଥିଲେ। ଏହା ପରେ ସେ ଜିଲ୍ଲା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଏହାକୁ ଗ୍ରହଣ କରି ରାହୁଲଙ୍କୁ ନୋଟିସ ଜାରି କରିଛନ୍ତି। ଏହି ମାମଲାରେ ପକ୍ଷ ରଖିବା ପାଇଁ ରାହୁଲଙ୍କୁ କୋର୍ଟରେ ହାଜର ହେବାକୁ କହିଛନ୍ତି।



# ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କୁଏତର ସର୍ବୋଚ୍ଚ ସମ୍ମାନ

କୁଏତ ସିଟି, ୨୨।୧୨ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୁଏତର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଛି। କୁଏତର ଅମିର ଶେଖ୍ ମିଶାଲ ଅଲ-ଅହମ୍ମଦ ଅଲ-ଜବର ଅଲ-ସବା ଆଜି ପ୍ରଧାନମନ୍ତ୍ରୀଙ୍କୁ ଏହି ସର୍ବୋଚ୍ଚ ସମ୍ମାନ 'ଅର୍ଡର ଅଫ୍ ମୁବାରକ୍ ଅଲ୍-କବୀର' ପ୍ରଦାନ କରିଛନ୍ତି। ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ମୋଦୀ ଏହି ସମ୍ମାନ ପାଇଛନ୍ତି। ଏ ପର୍ଯ୍ୟନ୍ତ ତାଙ୍କୁ ୨୦ଟି ଦେଶ ସମ୍ମାନିତ କଲେଣି। ସାଧାରଣତଃ ବନ୍ଧୁତାର ପ୍ରତୀକ ଭାବେ କୌଣସି ରାଷ୍ଟ୍ରର ମୁଖ୍ୟ କିମ୍ବା ବିଦେଶ ରାଜ ପରିବାରର ସଦସ୍ୟଙ୍କୁ କୁଏତ ଏହି ସମ୍ମାନ ପ୍ରଦାନ କରିଥାଏ। ମୋଦୀଙ୍କ ପୂର୍ବରୁ ବିଲ୍ କ୍ଲିଣ୍ଟନ, ପ୍ରିନ୍ସ ଚାର୍ଲ୍ସ ଏବଂ ଜର୍ଜ ବୁଶ୍‌ଙ୍କ ଭଳି ନେତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ ୪୩ ବର୍ଷ ପରେ ପ୍ରଥମ ଥର ପାଇଁ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ କୁଏତ ଗସ୍ତରେ ଯାଇଛନ୍ତି। ସେଠାରେ ଥିବା ଭାରତୀୟ ନାଗରିକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। କୁଏତରେ ପହଞ୍ଚିବା ପରେ ମୋଦୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଓଡ଼ିଶାରେ ଆୟୋଜିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ମୋଦୀ ପ୍ରବାସୀଙ୍କୁ ନିମନ୍ତ୍ରଣ କରିଥିଲେ।

# ଅଲ୍ଲୁ ଅର୍ଜୁନଙ୍କ ଘରେ ଭଙ୍ଗାରୁଜା, ଟମାଟୋ ମାଡ଼

ହାଇଦରାବାଦ, ୨୨।୧୨ (ଏଜେନ୍ସି):

ହାଇଦରାବାଦ ସିନେମା ହଲ୍ ସାମ୍‌ନାରେ ଦଳଚକଟା ମାମଲାରେ ପୁଷ୍ପାରାଜ ଫସି ଯାଇଛନ୍ତି। ଦଳଚକଟାରେ ମହିଳାଙ୍କ ମୃତ୍ୟୁ ପରେ ପୁଲିସଠାରୁ ନେଇ ସରକାରର ମୁଖ୍ୟଙ୍କ ପର୍ଯ୍ୟନ୍ତ ସମସ୍ତେ ପୁଷ୍ପାରାଜ ତଥା ଅଲ୍ଲୁ ଅର୍ଜୁନଙ୍କ ଦୋଷ ଦେଉଛନ୍ତି। ଏଥିପାଇଁ ଅଭିନେତା ନିଜେ ମଧ୍ୟ ସାମ୍ବାଦିକ ସମ୍ମିଳନୀ କରି ତାଙ୍କ ଚରିତ୍ର ସଂହାର କରାଯାଉଥିବା ଅଭିଯୋଗ କରିଛନ୍ତି। ଏହାରି ମଧ୍ୟରେ ପୁଷ୍ପାରାଜଙ୍କ ସମସ୍ୟା କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। ରବିବାର ଅଲ୍ଲୁ ଅର୍ଜୁନଙ୍କ ହାଇଦରାବାଦ ସ୍ଥିତ ବାସଭବନ ବାହାରେ ଭଙ୍ଗାରୁଜା ହୋଇଛି। ଉସ୍‌ମାନିଆ ୟୁନିଭର୍ସିଟିର ଛାତ୍ର ଏହି ହଙ୍ଗାମା କରିଛନ୍ତି। ଏମାନେ ଅଭିନେତାଙ୍କ ଘରେ ଜୋର ଜବରଦସ୍ତି ପ୍ରବେଶ କରିବାକୁ ଉଦ୍ୟମ କରୁଥିଲେ। ଅଟକାଇବାରୁ ଘର ବାହାରେ ଥିବା ଫୁଲ କୁଣ୍ଡ ଭାଙ୍ଗି ଦେଇଥିଲେ। ଘର ଉପରକୁ ଟମାଟୋ ମାଡ଼ କରାଯାଇଥିବା ମଧ୍ୟ କୁହାଯାଉଛି। ପୁଲିସ ଏହି ମାମଲାରେ ୮ ଜଣଙ୍କୁ ଗିରଫ କରିଛି। ଏମାନେ ପୁଷ୍ପା-୨ର ପ୍ରିମିୟର ସମୟରେ ସନ୍ଧ୍ୟା ଥିଏଟର ବାହାରେ ଦଳାଚକଟାରେ ପ୍ରାଣ ହରାଇଥିବା ମହିଳାଙ୍କୁ କୋଟିଏ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏହି ଘଟଣାର କିଛି ସମୟ ପୂର୍ବରୁ ଅଲ୍ଲୁ ଅର୍ଜୁନ ଏକ ପୋଷ୍ଟ ମାଧ୍ୟମରେ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ କାହା ପ୍ରତି ଅପମାନଜନକ ମନ୍ତବ୍ୟ ଏବଂ ଖରାପ ବ୍ୟବହାର ନ କରିବାକୁ ନିଜ ଫ୍ୟାନ୍‌ମାନଙ୍କୁ ଅନୁରୋଧ କରିଥିଲେ। ସେ ପୂର୍ବରୁ ମୃତ ରେବତୀଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଦେବେ ବୋଲି ଘୋଷଣା କରିଥିଲେ। ଆହତଙ୍କ ଚିକିତ୍ସା ଖର୍ଚ୍ଚ ମଧ୍ୟ ନିଜେ ଉଠାଉଛନ୍ତି।

ପୁଲିସ ଦଳାଚକଟାକୁ ନେଇ ଅଭିନେତାଙ୍କ ବିରୋଧରେ ଉଦ୍ଦେଶ୍ୟ ନଥିବା ହତ୍ୟା ମାମଲା ରୁଜୁ କରିଛି। ସେ ନ ଜଣାଇ ହଲ୍ ନିକଟରେ ପହଞ୍ଚି ଥିଲେ ବୋଲି ପୁଲିସ ପକ୍ଷରୁ କୁହାଯାଇଥିଲା। ମାତ୍ର ଏହାକୁ ହଲ୍ ମାଲିକ ଖାରଜ କରିଦେଇଥିଲେ। ସେ ଲିଖିତ ଭାବେ ସୁରକ୍ଷା ଯୋଗାଇବାକୁ ଅନୁରୋଧ କରିଥିବା କହିଥିଲେ।

- ବଢ଼ୁଛି ପୁଷ୍ପାରାଜଙ୍କ ଅଡୁଆ
- ଉସ୍‌ମାନିଆ ୟୁନିଭର୍ସିଟି ଛାତ୍ରଙ୍କ ଉତ୍ପାତ
- ମୃତ ମହିଳାଙ୍କୁ କୋଟିଏ ଟଙ୍କା ଦେବାକୁ ଦାବି



ଏହି ମାମଲାରେ ଅଲ୍ଲୁଙ୍କୁ ନାଟକୀୟ ଢଙ୍ଗରେ ପୁଲିସ ଗିରଫ କରିଥିଲା। ହାଇକୋର୍ଟଙ୍କ ଜାମିନ ଦେବା ସତ୍ତ୍ୱେ ରାୟର ନକଲ ନ ମିଳିବାରୁ ଅଭିନେତାଙ୍କୁ ଜେଲ୍‌ରେ ରାତି କଟାଇବାକୁ ପଡ଼ିଥିଲା। ଏହା ପରେ ଗତ ୧୪ ତାରିଖ ସକାଳେ ତାଙ୍କୁ ପୁଲିସ ଛାଡ଼ିଥିଲା। ତେବେ ଏହି ମାମଲାକୁ ନେଇ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଅଲ୍ଲୁ ଅର୍ଜୁନଙ୍କୁ ଦୋଷ ଦେଇଛନ୍ତି। ସେ ଶନିବାର ବିଧାନସଭାରେ କହିଥିଲେ ଯେ ଅଭିନେତା ଅବହେଳା କରିଥିଲେ। ମୃତ୍ୟୁ ସୂଚନା ମିଳିବା ପରେ ବି ଥିଏଟରରୁ ବାହାରି ନ ଥିଲେ ଏବଂ ରୋଡ୍ ଶୋ' ମଧ୍ୟ କରିଥିଲେ। ଦୁର୍ଘଟଣାରେ ପ୍ରାଣ ହରାଇଥିବା ରେବତୀ ନିଜ ପୁଅ ଶ୍ରୀତେଜର ହାତକୁ ଏତେ ଜୋରରେ ଧରିଥିଲେ ଯେ ପୁଲିସ ମଧ୍ୟ ତାଙ୍କୁ ଅଲଗା କରିପାରି ନ ଥିଲା। ପୀଡ଼ିତ ପରିବାର ମାସକୁ ୩୦ ହଜାର ଟଙ୍କା ଆୟ କରୁଛି। କିନ୍ତୁ ୩ ହଜାର ଟଙ୍କା ଦେଇ ଟିକଟ କିଣୁଛି। ପୁଅ ଅଲ୍ଲୁଙ୍କ ଫ୍ୟାନ ହୋଇଥିବାରୁ ଏପରି କରୁଥିଲେ। ତେଣୁ ସେ ମୁଖ୍ୟମନ୍ତ୍ରୀ ଥିବା ପର୍ଯ୍ୟନ୍ତ ରାଜ୍ୟରେ ଟିକଟ ମୂଲ୍ୟ ବୃଦ୍ଧି କରାଯିବ ନାହିଁ ବୋଲି ରେଭନ୍ତ କହିଥିଲେ। ସେହିପରି ଏଆଇଏମଆଇଏମ ବିଧାୟକ ଅକବରୁଦ୍ଦିନ ଓୱେସି ଅଲ୍ଲୁଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇ ଥିଲେ। ମହିଳାଙ୍କ ମୃତ୍ୟୁ ନେଇ ସୂଚନା ଦେବା ପରେ ଏବେ ଫିଲ୍ମ ହିଟ୍ ହେବ ବୋଲି ଅଭିନେତା କହିଥିବା ଉଲ୍ଲେଖ କରିଥିଲେ।

ଅଲ୍ଲୁ ଅର୍ଜୁନ ଶନିବାର ସାମ୍ବାଦିକ ସମ୍ମିଳନୀ କରି ଏହାର ଜବାବ ଦେଇଥିଲେ। ଦଳାଚକଟା ପାଇଁ ତାଙ୍କ ଉପରେ ଦୋଷ ଲଦି ଦିଆଯାଉଛି। କିଛି ନେତା ତାଙ୍କ ଚରିତ୍ର ସଂହାର ମଧ୍ୟ କରୁଛନ୍ତି। ୨୦ ବର୍ଷ ହେଲା ସିନେ ଜଗତରୁ ପାଇଥିବା ସମ୍ମାନ ପ୍ରତି ଆଞ୍ଚ ଲଗାଯାଇଥିବା କହିଥିଲେ। ମାତ୍ର ସେ କାହାର ନାମ ନେଇ ନ ଥିଲେ।

# ୩ ମହଲା କୋଠା ଭୁଶୁଡ଼ି ୨ ମୃତ

ମୋହାଲି, ୨୨।୧୨ (ଏଜେନ୍ସି): ପଞ୍ଜାବ ମୋହାଲିର ସୋହାନା ଗାଁରେ ଶନିବାର ସନ୍ଧ୍ୟାରେ ଏକ ୩ ମହଲା କୋଠା ଭୁଶୁଡ଼ି ଯାଇଥିଲା। ଏହି ଦୁର୍ଘଟଣାରେ ହିମାଚଳ ପ୍ରଦେଶର ଜଣେ ଯୁବତୀ (୨୦) ଏବଂ ହରିୟାଣାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। କାର୍ଯ୍ୟନିର୍ବାହୀ ଡେପୁଟି କମିଶନର ବିରଜ ଏସ୍ ତିଡକେ କହିଛନ୍ତି ଯେ ଦୃଷ୍ଟି ବର୍ମାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋହାନା ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଉଦ୍ଧାରକାର୍ଯ୍ୟରେ ସେନା ଏବଂ ଏନଡିଆରଏଫ ଟିମ୍ ମୁତୟନ କରାଯାଇଛି। ୧୭ ଘଣ୍ଟାରୁ ଅଧିକ ସମୟ ହେଲା ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଆହୁରି ଅନେକ ଲୋକ ଅବଶେଷ ତଳେ ଦବି ରହିଥିବା କୁହାଯାଉଛି। ଏହି ଘଟଣାକୁ ନେଇ ଘର ମାଲିକଙ୍କ ପାରବିନ୍ଦର ସିଂହ ଏବଂ ଗଗନଦୀପ ସିଂହଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ ଏହି କୋଠାର ସମସ୍ତ ତିନି ମହଲାରେ ଏକ ରୟାଲ୍ ଜିମ ଚାଲିଥିଲା। ଏହା ଭୁଶୁଡ଼ିବା ସମୟରେ ଜିମରେ ଅନେକ ଲୋକ ଥିଲେ ବୋଲି ସନ୍ଦେହ କରାଯାଉଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ମାଲିକ ଏହି କୋଠା ପାଖରେ ଥିବା ଏକ ପ୍ଲଟ୍‌ରେ ବିନା ଅନୁମତିରେ ଖନନ କାର୍ଯ୍ୟ ଜାରି ରଖିଥିଲେ।

# ଷଡ଼ଯନ୍ତ୍ର କରୁଛନ୍ତି ସରକାର: ଖଡ଼୍‌ଗେ

ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି): ନିର୍ବାଚନ ନିୟମରେ କେନ୍ଦ୍ର ସରକାର କରିଥିବା ପରିବର୍ତ୍ତନକୁ କଂଗ୍ରେସ ତୀବ୍ର ସମାଲୋଚନା କରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ସରକାରଙ୍କ ଉପରେ ଗୁରୁତର ଅଭିଯୋଗ ଲଗାଇଛନ୍ତି। ନିର୍ବାଚନ କମିଶନ (ଇସିଆଇ)ଙ୍କ ସ୍ୱାଧୀନତା ଉପରେ କେନ୍ଦ୍ର ଆକ୍ରମଣ କରୁଛି ବୋଲି କହିଛନ୍ତି। ସେ ରବିବାର ସକାଳେ ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି ଯେ ପ୍ରଥମେ ନିର୍ବାଚନ କମିଶନର ନିଯୁକ୍ତି କମିଟିରୁ କେନ୍ଦ୍ର ଭାରତର ପ୍ରଧାନ ବିଚାରପତିଙ୍କୁ ହଟାଇ ଦେଇଥିଲା। ଆଉ ଏବେ ଜନତାଙ୍କଠାରୁ ନିର୍ବାଚନ ସୂଚନା ଲୁଚାଇ ରଖିବାକୁ ଚାହୁଁଛନ୍ତି। ଏହା ସରକାରଙ୍କ ସୁଚିନ୍ତିତ ଷଡ଼ଯନ୍ତ୍ର। ଭୋଟର ତାଲିକାରୁ ନାମ ହଟାଇବା ଏବଂ ଇଭିଏମ୍‌ର ସ୍ୱଚ୍ଛତାକୁ ନେଇ କଂଗ୍ରେସ ଚିଠି ଲେଖିବା ପରେ ଇସିଆଇ ଅପମାନଜନକ ଭାବେ ଜବାବ ଦେଇଥିଲେ। ଅଭିଯୋଗକୁ ବି ସ୍ୱୀକାର କରି ନ ଥିଲେ।



**ନିର୍ବାଚନ କମିଶନଙ୍କ ସ୍ୱାଧୀନତା ଉପରେ ଆକ୍ରମଣ**

**ଶାହଙ୍କ ଇସ୍ତଫା ଦାବିରେ ଜାନୁଆରୀ ୨୬ ଯାଏଁ କଂଗ୍ରେସର ବିକ୍ଷୋଭ**

ସୂଚନାଯୋଗ୍ୟ ଯେ କେନ୍ଦ୍ର ଗତ ୨୦ ତାରିଖରେ ନୋଟିସ ଜାରି କରି ନିର୍ବାଚନ ନିୟମ ପରିବର୍ତ୍ତନ କରିଥିଲେ। ମତଦାନ କେନ୍ଦ୍ରର ସିସିଟିଭି, ୱେବକାଷ୍ଟିଂ ଫୁଟେଜ ଏବଂ ପ୍ରାର୍ଥୀଙ୍କ ଭିଡିଓ ରେକର୍ଡିଂ ଭଳି କିଛି ଇଲେକ୍‌ଟ୍ରୋନିକ ପ୍ରମାଣ ଲୋକଙ୍କୁ ଦିଆଯିବ ନାହିଁ ଏଥିରେ କୁହାଯାଇଥିଲା। ଏହାକୁ ଇସିଆଇ ମଧ୍ୟ ଉଚିତ୍ ଦର୍ଶାଇ ଥିଲେ। ତେବେ ଏହି ନିୟମକୁ କୋର୍ଟରେ ବିରୋଧ କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଥିଲା। ଅନ୍ୟପକ୍ଷରେ ବାବା ସାହେବ ଆମ୍ବେଦକରଙ୍କୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ସଂସଦରେ ଦେଇଥିବା ମନ୍ତବ୍ୟକୁ ବିରୋଧ କରି ଏବଂ ତାଙ୍କ ଇସ୍ତଫା ଦାବିରେ କଂଗ୍ରେସ ଜାନୁଆରୀ ୨୬ ପର୍ଯ୍ୟନ୍ତ ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରିବ। ଦୁଇ ଦିନ ଭିତରେ କଂଗ୍ରେସ ନେତା ୧୫୦ରୁ ଅଧିକ ସହରରେ ସାମ୍ବାଦିକ ସମ୍ମିଳନୀ କରିବେ। ୨୪ରେ ପଦଯାତ୍ରା କରିବେ। ୨୭ ତାରିଖରେ କର୍ଣ୍ଣାଟକ ବେଲଗାଭିରେ ବଡ଼ ରାଲି ଆୟୋଜନ କରିବେ।

# ଧର୍ମର ଜ୍ଞାନ ନ ଥିବାରୁ ହେଉଛି ଉତ୍ପୀଡ଼ନ ଓ ଅତ୍ୟାଚାର: ଭାଗବତ

ଅମରାବତୀ, ୨୨।୧୨ (ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ରବିବାର ବଡ଼ ବୟାନ ଦେଇଛନ୍ତି। ଧର୍ମର ଜ୍ଞାନ ନ ଥିବାରୁ ଓ ଭୁଲ୍‌ଧାରଣା ବଶତଃ ଏହା ନାମରେ ଉତ୍ପୀଡ଼ନ ଏବଂ ଅତ୍ୟାଚାର ହେଉଛି ବୋଲି ସେ କହିଛନ୍ତି। ସେ ଧର୍ମକୁ ଗୁରୁତ୍ୱପୂର୍ଣ୍ଣ ଦର୍ଶାଇ ଏହାର ଉଚିତ ଶିକ୍ଷାଦେବାକୁ ଆହ୍ୱାନ ଦେଇଛନ୍ତି। କାରଣ ଧର୍ମର ଅନୁଚିତ ଶିକ୍ଷା ଏବଂ ଅଧୁରା ଜ୍ଞାନ ଅଧର୍ମ ଅଭିମୁଖେ ନେଇଯାଇଥାଏ। ମହାରାଷ୍ଟ୍ରର ଅମରାବତୀରେ ମହାନୁଭବ ଆଶ୍ରମର ଶତାବ୍ଦୀ ସମାରୋହରେ ସାମିଲ ହୋଇ ଭାଗବତ କହିଛନ୍ତି ଯେ ସବୁବେଳେ ଧର୍ମର ଅସ୍ତିତ୍ୱ ରହିଛି। ସେଥିପାଇଁ ଏହାକୁ ସନାତନ କୁହାଯାଉଛି। ଧର୍ମ ଅନୁଯାୟୀ ଆଚରଣ କରିବା ହିଁ ଧର୍ମରକ୍ଷା। ଏହା ପୂର୍ବରୁ ଭାଗବତ ଗତ ଶୁକ୍ରବାର ମାନବ ଧର୍ମକୁ ବିଶ୍ୱ ଧର୍ମ କହିଥିଲେ। ଏହା ହିଁ ହିନ୍ଦୁ ଧର୍ମ। ବିଶ୍ୱ ଏହାକୁ ଭୁଲି ଯାଇଥିବାରୁ ପରିବେଶ ସହିତ ଅନେକ ପ୍ରକାରର ସମସ୍ୟା ସୃଷ୍ଟି ହୋଇଛି। ସେହିପରି ସେ ଭାରତରେ ବାରମ୍ବାର ଆସୁଥିବା ମନ୍ଦିର-ମସ୍‌ଜିଦ ବିବାଦକୁ ବିରୋଧ କରିଥିଲେ। ଲୋକେ ହିନ୍ଦୁ ନେତା ହେବା ପାଇଁ ଏପରି କରୁଥିବା କହିଥିଲେ।



## ବ୍ରାଜିଲରେ ବିମାନ ଦୁର୍ଘଟଣା

# ୧୦ ମୃତ; ୧୫ ଗୁରୁତର

ବ୍ରାସିଲିଆ, ୨୨।୧୨ (ଏଜେନ୍ସି): ବ୍ରାଜିଲର ଗ୍ରାମାଡୋ ସହରରେ ରବିବାର ଏକ କ୍ଷୁଦ୍ର ଯାତ୍ରୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିଛି। ଏଥିରେ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ୧୫ ଜଣ ଗୁରୁତର ଆହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ଏହି ବିମାନ ଗ୍ରାମାଡୋରୁ କୈନେଲା ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ଏହା ଖ୍ରୀଷ୍ଟମାସ ପାଇଁ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ଫ୍ଲୋରିଅନୋପୋଲିସ ଯାଉଥିଲା। ମାତ୍ର ମାର୍ଗରେ ଏକ କୋଠାର ଚିମିନିକୁ ଧକ୍କା ଦେଇଥିଲା। ପରେ ନିକଟରେ ଥିବା ଆସବାବପତ୍ର ଦୋକାନ ଉପରେ ଖସି ପଡ଼ିଥିଲା। ଜରୁରୀକାଳୀନ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛି। ଏହା ପୂର୍ବରୁ ଶନିବାର ବ୍ରାଜିଲରେ ଟାୟାର ଫାଟିଯିବା ଯୋଗୁଁ ଏକ ବସ୍ ଟ୍ରକ୍‌କୁ ଧକ୍କା ଦେଇଥିଲା। ଏଥିରେ ୩୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୩ ଜଣ ଆହତ ହୋଇଥିଲେ।

# ପେଗାସସ୍ ଫାଇଲ ପୁଣି ଖୋଲନ୍ତୁ ସୁପ୍ରିମକୋର୍ଟ: କଂଗ୍ରେସ

ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):

ଗୁଇନ୍ଦାଗିରି ମାମଲାରେ ଆମେରିକା କୋର୍ଟ ଇସ୍ରାଏଲ ସ୍ପାଇୱାର କମ୍ପାନୀ ଏନଏସ୍‌ଓ ଗ୍ରୁପ୍‌କୁ ଦୋଷୀ ସାବ୍ୟସ୍ତ କରିବା ପରେ ଭାରତରେ ପୁଣି ପେଗାସସ୍ ତାତି ଉଠିଛି। ସୁପ୍ରିମକୋର୍ଟ ପୁଣିଥରେ ଏହି ମାମଲା ଖୋଲନ୍ତୁ ବୋଲି ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ପେଗାସସ୍ ସଫ୍ଟୱାର ବ୍ୟବହାର କରି ଡିଭାଇସ ହ୍ୟାକ କରିବା ମାମଲାରେ ସୁପ୍ରିମକୋର୍ଟ ପୁଣି ତଦନ୍ତ ଆରମ୍ଭ କରନ୍ତୁ ବୋଲି କଂଗ୍ରେସ ନେତା ରଣଦୀପ ସୁର୍ଯ୍ୟେୱାଲା ଦାବି କରିଛନ୍ତି। ଏଥିପାଇଁ ଆମେରିକା କୋର୍ଟ ଦେଇଥିବା ରାୟକୁ ସେ ଉଲ୍ଲେଖ କରିଛନ୍ତି। ଏହି ରାୟରେ ଭାରତର ୩୦୦ ହ୍ୱାଟ୍‌ସଆପ୍ ନମ୍ବରକୁ ପେଗାସସ୍ ମାଧ୍ୟମରେ ନିଶାଣ କରାଯାଇଥିଲା ବୋଲି କୋର୍ଟ କହିଥିଲେ। ସୂଚନାଯୋଗ୍ୟ ଯେ ଗତ ଶୁକ୍ରବାର ଆମେରିକାର ଏକ କୋର୍ଟର ବିଚାରପତି ଇସ୍ରାଏଲର ଏନ୍‌ଏସ୍‌ଓ ଗ୍ରୁପ୍ ବିରୋଧରେ ରାୟ ଦେଇଥିଲେ। ହ୍ୱାଟ୍ସଆପ୍ ହ୍ୟାକ୍ ଏବଂ ଫୋନ୍ ନମ୍ବର ହାତେଇବା ମାମଲାରେ ଏହି କମ୍ପାନୀକୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏହି ଗ୍ରୁପ୍ ହ୍ୱାଟ୍ସଆପ୍‌ରେ ଥିବା ଏକ ତ୍ରୁଟିର ଲାଭ ଉଠାଇ ପେଗାସସ୍ ଇନଷ୍ଟଲ କରିଥିଲା। ଏ ବାବଦ କ୍ଷତିପୂରଣ ଆଦାୟ କରିବା ପାଇଁ ଏନ୍‌ଏସ୍‌ଓ ବିରୋଧରେ କୋର୍ଟ ଜୋରିମାନା ଲଗାଇପାରନ୍ତି।




ସୁର୍ଯ୍ୟେୱାଲା ଦାବି କରିଛନ୍ତି ଯେ ଏହି ସ୍ପାଇୱାର ମାଧ୍ୟମରେ ନିଶାଣ କରାଯାଇଥିବା ୩୦୦ ବ୍ୟକ୍ତିଙ୍କ ନାମ ସରକାର ଉଲ୍ଲେଖ କରନ୍ତୁ। ୨ କେନ୍ଦ୍ରମନ୍ତ୍ରୀ, ବିରୋଧୀ ଦଳ ନେତା, ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କ ନାମ ପରିପ୍ରକାଶ କରନ୍ତୁ। ଏଥିରୁ ବିଜେପି ସରକାର ଏବଂ ଯାଞ୍ଚ ଏଜେନ୍ସିଙ୍କୁ କେଉଁ ସୂଚନା ମିଳିଥିଲା? ଏହାକୁ କେମିତି ବ୍ୟବହାର କରାଗଲା? କେମିତି ଅପବ୍ୟବହାର କରାଗଲା ଏବଂ ଏହାର ପରିଣାମ କ'ଣ ହେଲା ଜଣାନ୍ତୁ। ସେହିପରି ଆମେରିକା କୋର୍ଟଙ୍କ ରାୟ ଉପରେ ସୁପ୍ରିମକୋର୍ଟ ଧ୍ୟାନ ଦେବେ କି ଏବଂ ପେଗାସସ୍ ନେଇ ଟେକ୍ନିକାଲ କମିଟି ଦେଇଥିବା ରିପୋର୍ଟକୁ ସୁପ୍ରିମକୋର୍ଟ ଜାରି କରିବେ କି ବୋଲି ପଚାରିଛନ୍ତି।

# ନିଜ ଲଢୁଆ ବିମାନ ଉପରେ କ୍ଷେପଣାସ୍ତ୍ର ମାଡ଼ କଲା ଆମେରିକା

ୱାଶିଂଟନ, ୨୨।୧୨ (ଏଜେନ୍ସି): ଆମେରିକା ନୌସେନା ନିଜ ଲଢୁଆ ବିମାନ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ବିମାନ ଧ୍ୱଂସ ହୋଇଯାଇଛି। ମାତ୍ର ଅଳ୍ପକେ ଦୁଇ ପାଇଲଟ୍‌ଙ୍କ ଜୀବନ ବଞ୍ଚି ଯାଇଛି। ଜଣେ ସାମାନ୍ୟ ଆହତ ହୋଇଛନ୍ତି। ରବିବାର ଲୋହିତ ସାଗରରେ ହୁତି ବିଦ୍ରୋହୀଙ୍କ ଉପରେ ଏୟାର ଷ୍ଟ୍ରାଇକ୍ ସମୟରେ ଏହି ଅଘଟଣ ଘଟିଛି। ଆମେରିକା ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ଭୁଲ୍ ବଶତଃ ଏହି ଘଟଣା ଘଟିଥିଲା। ଏଥିରେ ଏଫ/ଏ-୧୮ ବିମାନ ଧ୍ୱଂସ ହୋଇଯାଇଥିଲା। ଏହା ୟୁଏସଏସ ହ୍ୟାରିଏସ୍ ଟ୍ରୁମ୍ୟାନ ଏୟାରକ୍ରାଫ୍ଟ କ୍ୟାରିୟରରୁ ଉଡ଼ାଣ ଭରିଥିଲା। ଏହାର କିଛି ସମୟ ପରେ ୟୁଏସଏସ ଗୋଟିସବର୍ଗ ମିସାଇଲ କ୍ରୁଜର ଭୁଲ୍‌ରେ ଗାଇଡେଡ୍ କ୍ରୁଜର କ୍ଷେପଣାସ୍ତ୍ର ମାଡ଼ କରିଦେଇଥିଲା। ସୂଚନାଯୋଗ୍ୟ ଯେ ଆମେରିକା ସେନା ଶନିବାର ରାତିରେ ୟେମେନର ରାଜଧାନୀ ସନାରେ ହୁତି ବିଦ୍ରୋହୀଙ୍କ ଅସ୍ତ୍ରଶସ୍ତ୍ର ଭଣ୍ଡାର ଏବଂ କମାଣ୍ଡ ସେଣ୍ଟରକୁ ନିଶାଣ କରି ଏୟାର ଷ୍ଟ୍ରାଇକ କରିଥିଲା।

## ହସ୍ପିଟାଲରେ ମାଡ଼ହେଲା ହେଲିକପ୍ଟର | ୨ ପାଇଲଟ, ଡାକ୍ତରଙ୍କ ସମେତ ୪ ମୃତ

ଅଙ୍କାରା, ୨୨।୧୨ (ଏଜେନ୍ସି): ତୁର୍କୀର ମୁଗଲା ପ୍ରଦେଶରେ ରବିବାର ସକାଳେ ଏକ ହେଲିକପ୍ଟର ହସ୍ପିଟାଲ ସହ ମାଡ଼ ହୋଇଛି। ଏହି ଦୁର୍ଘଟଣାରେ ୨ ପାଇଲଟ, ଜଣେ ଡାକ୍ତରଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି। ରିପୋର୍ଟ ଅନୁଯାୟୀ ଘନ କୁହୁଡ଼ି ଯୋଗୁଁ ଉଡ଼ାଣ ଆରମ୍ଭ କରିବାର କିଛି ସେକେଣ୍ଡ ମଧ୍ୟରେ ନିକଟସ୍ଥ ହସ୍ପିଟାଲର ଚତୁର୍ଥ ମହଲାରେ ହେଲିକପ୍ଟର ମାଡ଼ ହୋଇଥିଲା। ଏବେ ମାମଲାର ତଦନ୍ତ ଜାରି ରହିଛି। ଏହି ହେଲିକପ୍ଟର ମୁଗଲାରୁ ଅନ୍ତାଲ୍ୟା ସହର ଅଭିମୁଖେ ଯାଉଥିଲା। ଏହାର ଭିଡିଓ ଏବଂ ଫଟୋ ଭାଇରାଲ ହେବାରେ ଲାଗିଛି।

# ୨୦ ଏକର କଦଳୀ ଚାଷ ଉଜାଡ଼ିଦେଲେ ବାର୍‌ହା



**କେସିଙ୍ଗା, ୨୨।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବୋରିଆ ଗ୍ରାମର ଭିମାପାଣି ପଞ୍ଚାୟତରେ ୨୦ ଏକରର କଦଳୀ ଚାଷ କ୍ଷତି ହୋଇଛି। ବାର୍‌ହାପଲ ଏହି କଦଳୀ ଚାଷ ଉଜାଡ଼ି ଦେଇଛନ୍ତି। ରେତନଦୀ କୂଳରେ ଗାଁର ଅନେକ ଚାଷୀ କଦଳୀ ଚାଷ କରିଛନ୍ତି। ଆଗରୁ ପୁରୁଣା କଦଳୀ ଗଛ ଥିଲେ ବି ଚଳିତ ବର୍ଷ ଚାଷୀ ନୂତନ କଦଳୀ ଗଛ (ପୁଆ) ଲଗାଇଛନ୍ତି। ଏହି ନୂତନ କଦଳୀ ଗଛ ମୂଳରୁ ରାତିରେ ବାର୍‌ହା ମାଟି ଖୋଳିଦେବା ସହ ଚେର ଉପାଡ଼ି ଦେଇଛନ୍ତି। ଦୁଇ ଦିନ ହେଲା ବାର୍‌ହା ପଲ ଏଭଳି କ୍ଷୟକ୍ଷତି କରୁଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଗାଁର ଚାଷୀ ପଦ୍ମନାଭ ସ୍ୱାଇଁ, ମନ ନାୟକ, ଲାଲବାହାଦୂର ସ୍ୱାଇଁଙ୍କ କଦଳୀ ଚାଷ ନଷ୍ଟ ହୋଇଛି। ତେବେ ଏ ସଂକ୍ରାନ୍ତରେ କେସିଙ୍ଗା ଫରେଷ୍ଟର ଯଶୋବନ୍ତ ନାଏକଙ୍କୁ ପଚାରିବାରୁ ଚାଷୀ ଅଭିଯୋଗ କଲେ ତଦନ୍ତ ପରେ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ମାଈ ହାତୀର ମୃତଦେହ ଠାବ



**ବାରିପଦା,୨୨।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ରେଞ୍ଜ ଗୋଲାମୁଣ୍ଡାକାଟା ନିକଟରୁ ଆଜି ଏକ ମାଈ ହାତୀର ମୃତଦେହ ଠାବ ହୋଇଛି। ହାତୀଟିର ବୟସ ପାଖାପାଖି ୫ବର୍ଷ ବୋଲି ବନବିଭାଗ କହିଛି। ତେବେ କେଉଁ କାରଣରୁ ତା'ର ମୃତ୍ୟୁ ହୋଇଛି, ଜଣାପଡ଼ିନାହିଁ। ଆସନ୍ତାକାଲି ତା'ର ବ୍ୟବଚ୍ଛେଦ ହେବ। କିଛି ଦିନ ହେବ, ଶିମିଳିପାଳ ପାଦଦେଶର ବାଙ୍ଗିରିପୋଷି ରେଞ୍ଜ ଅଞ୍ଚଳରେ ଏକ ହାତୀପଲ ବୁଲୁଥିଲେ। ଏହାକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ବିଭାଗ ପକ୍ଷରୁ ୩ଦିନ ଧରି ବିଦ୍ୟୁତ୍ ସରବରାହ ମଧ୍ୟ ବନ୍ଦ ରଖାଯାଇଥିଲା। ତେଣୁ ହାତୀର ମୃତ୍ୟୁ ସମ୍ଭବତଃ ଫସଲ ବିଷକ୍ରିୟା ଜନିତ ହୋଇଥାଇପାରେ ବୋଲି ଆଲୋଚନା ହେଉଛି। ଏହି ହାତୀକୁ ମିଶାଇ ବାଙ୍ଗିରିପୋଷି ରେଞ୍ଜରେ ଏଇ କିଛି ମାସ ଭିତରେ ୩ଟି ହାତୀ ପ୍ରାଣ ହରାଇଲେଣି।

■ ଦନ୍ତା ଆକ୍ରମଣରେ ଯୁବକ ମୃତ

# ଘର ଅଗଣାରୁ ଟେକିନେଇ ଦଳିଦେଲା

**ବଣାଇଁ, ୨୨।୧୨ (ସମିସ):** ବଣାଇଁ ବନାଞ୍ଚଳ ଅଧୀନ ଜର୍କେକଳା ପଞ୍ଚାୟତ କଲୋନୀ ନିକଟରେ ରବିବାର ଭୋର୍‌ରେ ଏକ ଗୋଠଛଡ଼ା ଦନ୍ତା ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଜର୍କେକଳା ଗ୍ରାମର ଧରଣୀ ପାତ୍ର (୪୦)। ଧରଣୀ ଆଜି ଭୋର୍‌ରେ ଘର ଅଗଣା ଝାଡୁ କରୁଥିବା ବେଳେ ଦନ୍ତାଟି



ତାଙ୍କୁ ଘୋଷାଡ଼ି ନେଇଥିଲା। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ିବା ପରେ ପାଦରେ ଦଳିଦେଇଥିଲା। ଗ୍ରାମବାସୀ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟଅଞ୍ଚଳରେ ବାରମ୍ବାର ଏପରି ଅଘଟଣ ଘଟୁଥିଲେ ହେଁ ବନ ବିଭାଗ ହାତୀ ଘଉଡ଼ାଇବା ନେଇ କୌଣସି ଠୋସ୍ ପଦକ୍ଷେପ ନେଉନଥିବା ଅଭିଯୋଗ କରି ହସ୍ପିଟାଲ ପରିସରରେ ପାଟିତୁଣ୍ଡ, ହୋ-ହଲ୍ଲା କରିଥିଲେ। ଏପରିକି, ସେଠାରେ ଥିବା ବନ ବିଭାଗର ପାରା କର୍ମଚାରୀ ତପନ କୁମାର ନାଏକଙ୍କୁ ମାର୍‌ପିଟ୍ କରିଥିଲେ। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। କିନ୍ତୁ ସେତିକିରେ ସ୍ଥିତି

### କ୍ଷତିପୂରଣ ଦାବିରେ ବନବିଭାଗ କାର୍ଯ୍ୟାଳୟ ଘେରଉ

ଶାନ୍ତ ପଡ଼ିନଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ପରେ ବଣାଇଁ ବନଖଣ୍ଡ କାର୍ଯ୍ୟାଳୟକୁ ଘେରଉ କରିଥିଲେ। ଖବର ପାଇ ବଣାଇଁ ବିଧାୟକ ବନ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ବନଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଖୁବ୍‌ଶୀଘ୍ର ଗାଁ ଚାରିପାଖରେ ସୋଲାର୍ ଫେନସିଂର ବ୍ୟବସ୍ଥା କରାଯିବ ବୋଲି ବନଖଣ୍ଡ ଅଧିକାରୀ ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଓୟୁଜେର ୫୩ତମ ପ୍ରତିଷ୍ଠା ଦିବସ

# ସାମ୍ବାଦିକତା ବୃତ୍ତିରେ ସୀମିତ ନ ରହି ପ୍ରବୃତ୍ତି ହେଉ

**ଭୁବନେଶ୍ୱର,୨୨।୧୨(ସମିସ):** ସମାଜର ଦର୍ପଣ ହେଉଛି ଗଣମାଧ୍ୟମ। ସୁଦୃଢ଼ ଗଣତନ୍ତ୍ର ଓ ବିକଶିତ ପ୍ରଦେଶ ଗଠନରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକତା କେବଳ ବୃତ୍ତିରେ ସୀମିତ ନ ରହି ପ୍ରବୃତ୍ତିରେ ପରିଣତ ହେଉ। ସତ କହିବା ଓ ସତ ଲେଖିବାର ସାମର୍ଥ୍ୟ ରହୁ ବୋଲି




ଓଡ଼ିଶା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟିସ୍ (ଓୟୁଜେ)ର ୫୩ ତମ ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଜୟଦେବ ଭବନରେ ରବିବାର ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ସାମ୍ବାଦିକଙ୍କ ପେନ୍‌ସନ୍, ପ୍ରୋଟେକ୍ସନ୍ ଓ ଏକ୍ରିଡେସେନ୍ ଦାବିକୁ ଯଥାର୍ଥ ଦର୍ଶାଇବା ସହ ଏ ସଂପର୍କରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଛନ୍ତି, ବିଭିନ୍ନ ସମୟରେ ସାମ୍ବାଦିକମାନେ ଆକ୍ରୋଶର ଶିକାର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ସାମ୍ବାଦିକ ସୁରକ୍ଷା ନିୟମ ଆଣିବେ। ଏହାସହ ସାମ୍ବାଦିକଙ୍କ ଗଠନମୂଳକ ସମାଲୋଚନା ଗ୍ରହଣୀୟ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଓୟୁଜେର ସଭାପତି ପ୍ରସନ୍ନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଧାୟକ ବାବୁ ସିଂ, ଅମରେନ୍ଦ୍ର ଦାସ ଯୋଗ ଦେଇ ଅପସଂସ୍କୃତିର ପ୍ରଚାରପ୍ରସାର ନ କରିବାକୁ ଅନୁରୋଧ କରିଛନ୍ତି। ଓୟୁଜେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଅଶୋକ ନନ୍ଦ ସ୍ୱାଗତ ଭାଷଣ ଦେଇଥିବା ବେଳେ

- ସାମ୍ବାଦିକଙ୍କ ପେନ୍‌ସନ୍, ପ୍ରୋଟେକ୍ସନ, ଏକ୍ରିଡେସେନ୍ ଦାବି ଯଥାର୍ଥ: କେନ୍ଦ୍ରମନ୍ତ୍ରୀ
- ଖୁବ୍‌ଶୀଘ୍ର ରାଜ୍ୟରେ ପ୍ରବର୍ତ୍ତନ ହେବ 'ସାମ୍ବାଦିକ ସୁରକ୍ଷା ନିୟମ': ଆଇନ ମନ୍ତ୍ରୀ

ଅକ୍ଷୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ କମ୍ବୁପାଣି ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଉପସଭାପତି ରାଜେଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ 'ଓୟୁଜେ ମିଡିଆ ଆୱାର୍ଡ' ଏବଂ 'ବରିଷ୍ଠ ସାମ୍ବାଦିକ ସମ୍ମାନ' ପ୍ରଦାନ କରାଯାଇଥିଲା।

ସରକାରୀ ଟଙ୍କା ଅମ୍‌ସାତ୍ ଅଭିଯୋଗ

# ନିଲମ୍ବିତ ପିଇଓକୁ ଉଠାଇନେଲା ଭିଜିଲାନ୍ସ

**ନବରଙ୍ଗପୁର, ୨୨।୧୨ (ସମିସ):** ଦୁଇ ପଞ୍ଚାୟତର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ଟଙ୍କା ଆତ୍ମସାତ୍ କରିବା ଅଭିଯୋଗରେ ଜଣେ ନିଲମ୍ବିତ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଶନିବାର ରାତିରେ ନବରଙ୍ଗପୁର ଭିଜିଲାନ୍ସ ଗିରଫ କରିଛି। ଜୟପୁରସ୍ଥିତ ଭିଜିଲାନ୍ସ ଏସପିଙ୍କ



କାର୍ଯ୍ୟାଳୟରେ ତାଙ୍କୁ ପଚରାଉଚରା କରଯାଉଛି। ଅଭିଯୁକ୍ତଜଣଙ୍କ ହେଲେ, ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ ଅନ୍ତର୍ଗତ ପରଚିପାରା ଓ କଚରାପାରା-୩ ପଞ୍ଚାୟତର ନିଲମ୍ବିତ ପିଇଓ ସୁରେନ୍ଦ୍ର ଭତରା। ସୂଚନାନୁଯାୟୀ, ସୁରେନ୍ଦ୍ର ପରଚିପାରା ପଞ୍ଚାୟତରେ କାର୍ଯ୍ୟରତ ଥିବା ସମୟରେ ଚାଉଳ, ଉନ୍ନୟନମୂଳକ କାର୍ଯ୍ୟ, ପେନସନ, ସିଏଫସି, ଏସଏଫସି ପାଣ୍ଠିରୁ ପ୍ରାୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ଟଙ୍କା ଆତ୍ମସାତ କରିଥିବା ନେଇ ଅଭିଯୋଗ ହୋଇଥିଲା। ସେହିପରି କଚରାପାରା-୩ ପଞ୍ଚାୟତର ମଧ୍ୟ ୩୫ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ଟଙ୍କା ସେ ହଡ଼ପ କରିଥିବା ନେଇ ଅଭିଯୋଗ ଆସିଥିଲା। ଏନେଇ ନବରଙ୍ଗପୁର ଭିଜିଲାନ୍ସ ନିଜ ଆଡୁ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଶନିବାର ରାତିରେ ଭିଜିଲାନ୍ସର ଏକ ଟିମ୍ ତାଙ୍କୁ ତାଙ୍କ ଘରୁ ଉଠାଇ ନେଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଏହାପୂର୍ବରୁ ସୁରେନ୍ଦ୍ର ରାଇଘର ବ୍ଲକର ତୁରୁଡିହି ପଞ୍ଚାୟତରେ କାର୍ଯ୍ୟରତ ଥିବା ବେଳେ ୬୫ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ଟଙ୍କା ହଡ଼ପ କରିଥିବା ନେଇ ରାଇଘର ବିଡିଓ ଲକ୍ଷ୍ମୀସାଗର ମାଝୀ କୁନ୍ଦେଇ ଥାନାରେ ଏତଲା ଦେଇଥିଲେ। ଉକ୍ତ ମାମଲାର ବିଭାଗୀୟ ତଦନ୍ତ ଆଧାରରେ ନବରଙ୍ଗପୁର ଜିଲ୍ଲାପାଳ ସୁରେନ୍ଦ୍ରଙ୍କୁ ନିଲମ୍ବିତ କରିଥିଲେ।

## ଅବଶିଷ୍ଟାଂଶ...

### ବଳକା ଧାନ...

କରିଥିବାବେଳେ ଅଣଜଳସେଚିତ ଜମିରୁ ଏହି ପରିମାଣ ୧୩ କୁଇଣ୍ଟାଲ ଧାର୍ଯ୍ୟ କରିଛନ୍ତି। ପଶ୍ଚିମ ଓଡିଶାରେ ଧାନ କ୍ରୟ ଆରମ୍ଭ ହୋଇଥିବା ବେଳେ ଅନ୍ୟ ଜିଲ୍ଲାରେ ଧାନ ମଣ୍ଡିକୁ ଯିବା ଆରମ୍ଭ ହେଲାଣି। ଏଥିପାଇଁ ଚାଷୀମାନେ ପଞ୍ଜିକରଣ ବି ଶେଷ କଲେଣି। ହେଲେ ରାଜ୍ୟର ଅନେକ ଚାଷୀ ଉନ୍ନତ ପ୍ରଣାଳୀରେ ଚାଷ କରି ଏହି ସୀମାଠାରୁ ଢେର୍ ଅଧିକ ଧାନ ଫଳାଉଛନ୍ତି। ସରକାରୀ ଧାର୍ଯ୍ୟ ସୀମା ବାହାରେ ଥିବା ବଳକା ଧାନକୁ ସେମାନେ ବ୍ୟବସାୟୀଙ୍କୁ ବିକ୍ରି କରିଥା'ନ୍ତି। ଚାଷୀମାନେ ମଧ୍ୟ ମଣ୍ଡିକୁ ଧାନ ପରିବହନ ଏବଂ ଅନ୍ୟକାରଣ ପାଇଁ ଅଧିକ ଖର୍ଚ୍ଚାନ୍ତ ହେବା ଅପେକ୍ଷା ୨୦୦ରୁ ୩୦୦ ଟଙ୍କା କମ୍‌ରେ ବେପାରୀଙ୍କୁ ଧାନ ବିକ୍ରି କରିଥାନ୍ତି। କମ୍ ଦାମ୍ ହେଲେ ବି ବ୍ୟବସାୟୀଙ୍କୁ ବିକ୍ରି କରି କରଜ ଶୁଝିଥାଆନ୍ତି। ମାତ୍ର ଏବେ ଧାନର ମାନ ପରୀକ୍ଷଣକୁ ନେଇ ଚାଷୀ ଅସନ୍ତୋଷ ବଢ଼ି ଚାଲିଥିବାବେଳେ ମିଲରମାନେ ଧାନ ଉଠାଉ ନ ଥିବାରୁ ବିଭିନ୍ନ ସ୍ଥାନରେ ହଜାର ହଜାର ବସ୍ତା ଧାନ ବସ୍ତା ପାହାଡ଼ ଭଳି ଗଦା ହୋଇଛି। ଏଭଳି ସ୍ଥିତିରେ ଚାଷୀ ଚାହିଁଲେ ମଧ୍ୟ ତାହାର ବଳକା ଧାନକୁ ବ୍ୟବସାୟୀଙ୍କୁ ବିକ୍ରି କରିପାରୁ ନାହିଁ। ସରକାର ଇନ୍‌ପୁଟ୍ ସବ୍‌ସିଡି ମାଧ୍ୟମରେ ଅଧିକ ଅର୍ଥ ଦେଲେ ସୁଦ୍ଧା ବଳକା ଧାନ ବିକ୍ରୟ ବାବଦରେ କିଛି ସ୍ପଷ୍ଟ କରିନାହାନ୍ତି। ଚାଷୀମାନେ କହୁଛନ୍ତି ଯେ ଆମ ପାଖରୁ ଧାନ କିଣିବା ପାଇଁ ବ୍ୟବସାୟୀମାନେ ଆଗ୍ରହ ପ୍ରକାଶ କରିଛନ୍ତି। ହେଲେ ସରକାରଙ୍କ କଟକଣା ଭୟରେ ସେମାନେ ଧାନ ଖରିଦ କରୁନାହାନ୍ତି। ତେଣୁ ବଳକାଧାନକୁ ବାହାରେ ବିକ୍ରି ପାଇଁ ସରକାର ଆମକୁ ସୁଯୋଗ ଦେବା ଆବଶ୍ୟକ। ଯଦି ଏପରି ନ ହେଉଛି, ତା'ହେଲେ ସରକାର ଆମ ବଳକା ଧାନକୁ କିଣନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି।

ଏକ ପକ୍ଷରେ ବିଭିନ୍ନ କାରଣ ପାଇଁ ଚାଷୀ ଧାନ ବିକ୍ରି ପଞ୍ଜିକରଣ କରିପାରୁ ନାହାନ୍ତି। ଅନ୍ୟପଟରେ ପଟ୍ଟା ନ ଥିବା ଜମି, ଗୋଚର ଏବଂ ଅନାବାଦୀ ଜମିରୁ ଅମଳ ଧାନ କିପରି ସରକାର କିଣିବେ ତାହା ସ୍ପଷ୍ଟ କରିବା ଆବଶ୍ୟକ। ପଶ୍ଚିମ ଓଡିଶାର ଅଧିକାଂଶ ଅଞ୍ଚଳରେ ବହୁତ ଅଧିକ ଧାନ ଅମଳ ହୋଇଥାଏ। ସରକାର ସେମାନଙ୍କ ଧାନ କିଣିବେ ତ? ବଡ଼ କଥା ହେଲା, ଏଫ୍‌ସିଆଇ ସରକାରଙ୍କ ସହ କରିଥିବା ଚୁକ୍ତି ମାନୁ ନାହିଁ। ତେଣୁ ଓଡିଶା ଯୋଗାଣ ନିଗମ ବାରମ୍ବାର କ୍ଷତି ସହୁଛି। ଧାନ କିଣା ବାବଦରେ କେନ୍ଦ୍ର ସରକାରଙ୍କ ଉପରେ ନିଗମର ପ୍ରାୟ ୨୮ ହଜାର କୋଟି ଟଙ୍କା ବକେୟା ଅଛି। କେନ୍ଦ୍ର ସରକାରଙ୍କ ପାଇଁ ଧାନ କିଣିବାକୁ ଯାଇ ନିଗମ ଋଣ ବୋଝ ମୁଣ୍ଡାଇଛି। ଏଥିସହ ଗ୍ୟାରେଣ୍ଟି ବାବଦକୁ ନିଗମ ୧୭ ହଜାର କୋଟି ଟଙ୍କା ଦେବ। ଚାଷୀଙ୍କୁ ସବ୍‌ସିଡି ବାବଦରେ ୯ ହଜାର କୋଟି ଟଙ୍କା ବ୍ୟୟ ଭାର ପଡିବ। ମୋଟାମୋଟି ଦେଖିବାକୁ ଗଲେ, ସରକାରଙ୍କ ଉପରେ ୬୫ ହଜାର କୋଟି ଟଙ୍କାର ବୋଝ ରହିବ ବୋଲି କୁହାଯାଉଛି।

### ଥମୁନାହିଁ ମଣ୍ଡି...

ନାରାୟଣ ସିଂଦେଓ କହିଛନ୍ତି, ସମ୍ପୂର୍ଣ୍ଣ ବାଧାହୀନ ପ୍ରକ୍ରିୟା ମାଧ୍ୟମରେ ଧାନ ସଂଗ୍ରହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମନ୍ତ୍ରୀମାନେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ବାସ୍ତବତା ଠାରୁ ବହୁ ଦୂରରେ। ଚାଷୀମାନଙ୍କୁ ହଇରାଣ କରାଯାଉଛି, ଧମକ ଦିଆଯାଉଛି। ବିଭିନ୍ନ ଆଳ ଦେଖାଇ କିଛି ଚାଷୀଙ୍କ ଧାନକୁ ପ୍ରତ୍ୟାଖ୍ୟାନ କରାଯାଉଛି। କମ୍ ମୂଲ୍ୟରେ ଧାନ ବିକ୍ରି ପାଇଁ ଚାଷୀଙ୍କ ଉପରେ ଚାପ ପକାଯାଉଛି। ସରକାରୀ ଅଧିକାରୀଙ୍କ ମନମାନି ଚାଲିଛି ଆଉ ଚାଷୀ ହତାଶ ହେଉଛନ୍ତି। ବଲାଙ୍ଗିର ଜିଲ୍ଲା ପ୍ରଶାସନ ନିଦାବିଷ୍ଟ ସାଜିଛି। ଏହା ବିରୋଧରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଶ୍ରୀ ସିଂଦେଓ କହିଛନ୍ତି।

ଜୟପୁର ବିଧାୟକ ତଥା କଂଗ୍ରେସ ନେତା ତାରା ପ୍ରସାଦ ବାହିନୀପତି କହିଛନ୍ତି, ଗତ ୧୧ ଦିନ ଧରି କୋରାପୁଟ ଚାଷୀଙ୍କ ଧାନ କ୍ରୟ ହୋଇପାରୁ ନାହିଁ। ମନ୍ତ୍ରୀଙ୍କ ଘୋଷଣା ପାଣିର ଗାର ପାଲଟିଛି। ଟୋକନ୍ ଅନୁସାରେ ମଣ୍ଡି ଦିଆଯାଉ ନାହିଁ। ଖଳାରେ, ମଣ୍ଡିରେ ଧାନ ପଡିରହିଛି। ବର୍ଷା ହେବାରୁ ଚାଷୀମାନେ ଧାର କରଜ କରି ପଲିଥିନ୍ କିଣି ନିଜ ଫସଲକୁ ସୁରକ୍ଷା ଦେବା ପାଇଁ ସଂଘର୍ଷ କରୁଛନ୍ତି। ଚଞ୍ଚକତା କରି ଏଫ୍ଏକ୍ୟୁ ବାହାନାରେ ଚାଷୀଙ୍କ ଧାନକୁ ଫେରାଇ ଦିଆଯାଉଛି। କଟନୀ ଛଟନୀ ପାଇଁ ବାଧ କରାଯାଉଛି। ବିଜେପି କର୍ମୀମାନେ ମଣ୍ଡିରେ ଉପସ୍ଥିତ ରହି ମିଲ୍ ମାଲିକଙ୍କ ସହ ଭିତିରିଆ ଯୋଗସୂତ୍ର ଉଦ୍ୟମ ଚଳାଇଛନ୍ତି ବୋଲି ଶ୍ରୀ ବାହିନୀପତି ଅଭିଯୋଗ ଆଣିଛନ୍ତି। ସେ ଆହୁରି କହିଛନ୍ତି ।।ଯେ ବେଳ ଥାଉ ଥାଉ ସରକାର ଅବ୍ୟବସ୍ଥା ଦୂର କରନ୍ତୁ, ନଚେତ ୨୬ ତାରିଖରେ କଂଗ୍ରେସ୍ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରିବ।

### ୨୪, ୨୫ ଦୁଇଦିନ...

ସହ ଦକ୍ଷିଣ ଉପକୂଳ ଓଡ଼ିଶା ସମେତ ପାର୍ଶ୍ୱବର୍ତ୍ତୀ ଉତ୍ତର ଉପକୂଳ ଓଡ଼ିଶାରେ ମେଘୁଆ ଆକାଶ ସହ ବର୍ଷାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଓ ୨୫ ତାରିଖରେ ଉପକୂଳ ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ସେ ଆକଳନ କରିଛନ୍ତି।

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବର୍ଷା ପୂର୍ବାନୁମାନ ନେଇ ଏକ୍ସରେ କରାଯାଇଥିବା ପୋଷ୍ଟରେ କୁହାଯାଇଛି ଯେ ୨୪ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ରାଜ୍ୟର କୌଣସି ସ୍ଥାନରେ ବର୍ଷା ହେବା ସମ୍ଭାବନା ନାହିଁ। ତେବେ ୨୪ ତାରିଖ ସକାଳ ସାଢ଼େ ୮ଟାରୁ ୨୫ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ ଜିଲ୍ଲାର କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହେବ। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଢେଙ୍କାନାଳ, ନୟାଗଡ଼, କୋରାପୁଟ, ମାଲକାନଗିରି ଓ କନ୍ଧମାଳର ଗୋଟିଏରୁ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୫ ତାରିଖରେ ଉପକୂଳ ଓଡ଼ିଶା ଅନ୍ତର୍ଗତ କେତେକ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ୨୩ ତାରିଖ ରାତି ଏବଂ ୨୪ ତାରିଖ ସକାଳେ କଳାହାଣ୍ଡି, ଅନୁଗୋଳ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ଘନ କୁହୁଡ଼ି ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆଗାମୀ ତିନି ଦିନରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ ୨ରୁ ୪ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇବାର ସମ୍ଭାବନା ଥିବା ବେଳେ ଏହାପରେ ତାପମାତ୍ରାରେ ସେମିତି କିଛି ବଡ଼ ପରିବର୍ତ୍ତନ ହେବ ନାହିଁ ବୋଲି କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### କର୍ତ୍ତବ୍ୟପଥରେ ଗଡ଼ିବନି...

କରି ପ୍ରଥମ ପୁରସ୍କାର ହାସଲ କରିଥିବା ଓଡ଼ିଶାକୁ ସ୍ଥାନ ନ ମିଳିବା ରାଜ୍ୟବାସୀଙ୍କୁ ନିରାଶ କରିଛି।

ସୂଚନାଯୋଗ୍ୟ ଯେ ଗତଥର ପରେଡ୍‌ରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ରେ ରାଜ୍ୟର କଳା, ସଂସ୍କୃତି ଓ ନାରୀ ଶସକ୍ତୀକରଣକୁ ଅତି ଚମତ୍କାର ଢଙ୍ଗରେ ଉପସ୍ଥାପିତ କରାଯାଇଥିଲା। ବିକଶିତ ଭାରତ ଥିମ୍‌ରେ ଏହି ପ୍ରଜ୍ଞାପନ ମେଢ଼କୁ ପ୍ରସ୍ତୁତ କରାଯାଇଥିବା ବେଳେ ଏହା କର୍ତ୍ତବ୍ୟପଥରେ ସଭିଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ତେବେ ଆସନ୍ତା ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ କାହିଁକି ବାଦ୍ ପଡ଼ିଲା, ସେନେଇ ସ୍ପଷ୍ଟ ଉତ୍ତର ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ନିକଟରେ ମଧ୍ୟ ନାହିଁ। ଏନେଇ ବିଭାଗର ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ, ବାଦ୍ ପଡ଼ିବାର ପ୍ରକୃତ କାରଣ ସେମାନେ ମଧ୍ୟ ଜାଣି ନ ଥିବା କହିଛନ୍ତି। ଡବଲ ଇଞ୍ଜିନ ସରକାରରେ ଓଡ଼ିଶାକୁ ଦିଲ୍ଲୀ ଦରବାରରେ ଏପରି ଅବହେଳା ଆଦୌ ଗ୍ରହଣଯୋଗ୍ୟ ନୁହେଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ଚୋରି ସନ୍ଦେହରେ...

ଓ ତପୁ ହିଁ ତାଙ୍କ ଦୋକାନରୁ ଚୋରି କରିଛନ୍ତି ବୋଲି ଅଜୟଙ୍କ ସନ୍ଦେହ ହୋଇଥିଲା। ତେଣୁ ଆଜି ଅଜୟ ଓ ତାଙ୍କର ଦୁଇ ପୁଅ ୪ଜଣଙ୍କୁ ଘରୁ ଉଠାଇ ଆଣି ରାସ୍ତାପାର୍ଶ୍ୱରେ ଇଲେକ୍ଟ୍ରି ଖୁଣ୍ଟିରେ ବାନ୍ଧି ପକାଇଥିଲେ। ପରେ ବାପ-ପୁଅ ୩ଜଣ ଯାକ ଲୁହାରଡ୍‌ରେ ସେମାନଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ତ୍ରିଲୋଚନଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯିବାରୁ ଅଭିଯୁକ୍ତମାନେ ଅଟକି ଯାଇଥିଲେ। ପରେ ଅନ୍ୟ ୩ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଅଭିଯୁକ୍ତ ଅଜୟ ଦାସ ଏବଂ ତାଙ୍କ ପୁଅକୁ ପୁଲିସ୍ ଅଟକ ରଖିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

### ପ୍ରଶ୍ନବାଣରେ ସରକାରଙ୍କୁ...

ବିକାଶ, ବରିଷ୍ଠ ନାଗରିକଙ୍କୁ ସହାୟତା ଏବଂ ଭୂତଳ କୋଇଲା ଖଣି ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିଭଳି ଅଏଲ ଫିଲ୍ଡସ୍(ରେଗୁଲେସନ ଆଣ୍ଡ ଡେଭଲପମେଣ୍ଟ) ବିଲ୍, ୨୦୨୪ ଆଲୋଚନାରେ ଭାଗ ନେଇ ଏହି ବିଲକୁ ଆଇନରେ ପରିଣତ କରିବା ପୂର୍ବରୁ କ୍ଷେତ୍ରସ୍ତରର ବାସ୍ତବତାକୁ ଅନୁଧ୍ୟାନ କରିବା ସହ ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଶ୍ରୀ ମଙ୍ଗରାଜ ତୈଳ କ୍ଷେତ୍ରରେ ପରିଚାଳନା କ୍ଷେତ୍ରରେ ଉଦ୍ଦିଷ୍ଟ ନିୟମାବଳୀର ସଠିକ୍ ଭାବେ ଅନୁପାଳନ ନହେବା ନେଇ ମଧ୍ୟ ଗୃହରେ ଉଦାହରଣ ସହ ମନ୍ତବ୍ୟ ରଖିଥିଲେ।। ୨୦୦୯ ମସିହାରେ ହଳଦିଆ ପାଇପ ଲାଇନରେ ଲିକ୍ ଘଟଣା, ୨୦୧୭ ମସିହାରେ ଆଇଓସିଏଲ୍ ବିଶୋଧନାଗାରରେ ଅଗ୍ନିକାଣ୍ଡ ଏବଂ ୨୦୨୦ ମସିହାରେ ପାରାଦୀପ ନିକଟରେ ତେଲ ବୋଝେଇ ଜାହାଜରେ ଅଗ୍ନିକାଣ୍ଡ ଯୋଗୁଁ କିପରି ଭୟାଭୟ ସ୍ଥିତି ଉପୁଯିଥିଲା ସେନେଇ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଏନେଇ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ସ୍ୱତନ୍ତ୍ର ନୀତି ପ୍ରଣୟନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ବିଜେଡିର ଅନ୍ୟତମ ସାଂସଦ ସୁଲତା ଦେଓ ଭାରତୀୟ ବାୟୁଯାନ ବିଧେୟକ, ୨୦୨୪(ସଂଶୋଧନ)ବିଲ୍ ଆଲୋଚନାରେ ଭାଗ ନେଇଥିଲେ। ଦିନକୁ ଦିନ ବୃଦ୍ଧି ପାଉଥିବା ବିମାନ ଯାତ୍ରା ଭଡ଼ା ସଂପର୍କରେ ଉଦବେଗ ପ୍ରକାଶ କରିବା ସହିତ ବଏଲର୍ସ ସଂଶୋଧନ ବିଲ୍ ଆଲୋଚନାରେ ଭାଗ ନେଇଥିଲେ। ଏହାସହ ସମ୍ବିଧାନକୁ ୭୫ ବର୍ଷ ପୂର୍ତ୍ତି ଉପରେ ଆୟୋଜିତ ଆଲୋଚନାର ଭାଗ ନେଇ ବିଜେପି ଯେପରି ଦଳବଦଳ ନିୟମର ଦୁରୁପଯୋଗ କରୁଛି, ସେନେଇ କଡ଼ା ସମାଲୋଚନା କରିଥିଲେ। ଅନ୍ୟତମ ସାଂସଦ ମୁଜିବୁଲ୍ଲା ଖାନ୍ ୨୬ଟି ଅଣତାରକା ଏବଂ ୬ଟି ତାରକା ପ୍ରଶ୍ନ ମାଧ୍ୟମରେ ବହୁ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ବିଧାନ ଉପରେ ଆଲୋଚନାରେ ଭାଗ ନେଇ ସେ ପୋଲାଭରମ୍ ପ୍ରକଳ୍ପରେ କେନ୍ଦ୍ର ସରକାର କିପରି ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କରୁଛନ୍ତି ସେନେଇ କ୍ଷୋଭ ପ୍ରକାଶ କରିଥିଲେ। ଏହାସହ ରାଜ୍ୟରେ ଆମ୍ବ ଟାକୁଆ ଯାଉ ମୃତ୍ୟୁ ପ୍ରସଙ୍ଗକୁ ମୁଜିବୁଲ୍ଲା ଗୃହର ଦୃଷ୍ଟି ଆକର୍ଷଣ କରିବା ସହ ହାଥରସ୍, ମଣିପୁର ପରି ଘଟଣାର ମୁକାବିଲା ।।ରେ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସାଂସଦ ନିରଞ୍ଜନ ବିଶି ସମ୍ବିଧାନ ଆଲୋଚନାରେ ଭାଗ ନେଇ ହୋ, ମୁଣ୍ଡାରୀ, ଭୂମିଜ, କୁଇ, କୋଶଳୀ, ସଉରା ପରି ଆଦିବାସୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ସେହିପରି ଉଚ୍ଚଶିକ୍ଷା, ନିଯୁକ୍ତି ଏବଂ ପଦୋନ୍ନତି କ୍ଷେତ୍ରରେ ଏସ୍‌ସି ଓ ଏସ୍‌ଟିଙ୍କୁ ଆବଶ୍ୟକୀୟ ସଂରକ୍ଷଣ ମିଳୁନଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ ଶ୍ରୀ ବିଶି।

ସାଂସଦ ଦେବାଶିଷ ସାମନ୍ତରାୟ ୨୭ଟି ଅଣତାରକା ଏବଂ ୪ଟି ତାରକା ପ୍ରଶ୍ନ ପଚାରିଥିବା ବେଳେ କଟକ ଏବଂ ରାଜ୍ୟ ସମ୍ବଳିତ ଏକାଧିକ ପ୍ରସଙ୍ଗ ଏଥିରେ ସ୍ଥାନ ପାଇଥିଲା। ସମ୍ବିଧାନ ଆଲୋଚନାରେ ଭାଗ ନେଇ ନବୀନ ପଟ୍ଟନାୟକଙ୍କ ମିଶନ ଶକ୍ତି ଏବଂ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣକୁ ଉଲ୍ଲେଖ କରିବା ସହ ଏହାର ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟତମ ସାଂସଦ ଶୁଭାଶିଷ ଖୁଣ୍ଟିଆ ମଧ୍ୟ ଗତ ଅଧିବେଶନରେ ରାଜ୍ୟସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗକୁ ଗୃହରେ ଶାଣିତ ଭାବେ ଉପସ୍ଥାପିତ କରିପାରିଛନ୍ତି। ସମ୍ବିଧାନ ଆଲୋଚନାରେ ଭାଗ ନେଇ ଜାତି ଜନଗଣନା ଏବଂ ଓବିସିଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ସେ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି। ସେହିପରି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରସଙ୍ଗକୁ ସେ ଦୋହରାଇବା ସହ ଶୂନ୍ୟକାଳରେ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର, ଓଡ଼ିଶାକୁ ଗ୍ୟାସ ପାଇପଲାଇନ ସଂଯୋଗର ସମ୍ପ୍ରସାରଣ ଆଦି ପ୍ରସଙ୍ଗ ଉତ୍ଥାପନ କରିଥିଲେ।

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସଂସଦୀୟ ଦଳର ନେତା ଏବଂ ମୁଖ୍ୟ ସଚେତକ ଦଳୀୟ ସାଂସଦଙ୍କ ସହ ସଠିକ୍ ସମନ୍ୱୟ ରଖି ମିଳିଥିବା ସମୟର ବେଶ୍ ସଦୁପଯୋଗ କରିଥିଲେ। ଏହା ଦିଲ୍ଲୀ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି।


**AFFIDAVIT**

I, ITISHREE MISHRA, W/O - SATYAJIT MISHRA resident of Gani Babu Lane, Near Old Sadar Thana, Post - Puri, District - Puri, Pin-752001, Odisha declare that by virtue of an affidavit, Vide No.-05 Dated-19/12/2024 I shall be known as ITISRI MISHRA onwards for all future purposes.

**AFFIDAVIT**

By Virtue of an Affidavit bearing Dated 23-09-2024 Sworne before the Notary Public, Kendrapara declared that i Manaswini Das age-28 yrs D/o Duryodhan Das of vill Derakeshpur, Ps. Derabish Dist. Kendrapara declared that Presently i residing as Manaswini Das, W/o Ullash Kumar jati, At Nathpur, Bari, Jajpur, is one and same person, Now i known as Manaswini Das in all purposes.

Sd/- Manaswini Das

**WANTED IMMEDIATELY**

COAL HANDLING PLANT WITH SILO LOADING ARRANGMENT SYSTEM INCLUDIND PIPE CONVEYOR

RESIDENT MANAGER/PLANNING ENGINEER/HOD (MECHANICAL, ELECTRICAL, OPERATION)/C&I ENGINEER/HYDRAULIC ENGINEER
Qualification-BE, Diploma with minimum 7 to10 Year Experience in any Bulk Handling Plant

SHIFT INCHARGE(ELECTRICAL, MEACHANICAL, OPERATION)/ SAFETY OFFICER, HR OFFICER
Qualification-Diploma with minimum 5 to 7 Year Experience in Coal Handling Plant

DESK/RLS/TLS OPRRATOR
Qualification-Diploma with minimum 3 to 5 Year Experience in any Metrial Handling Plant

OPERATOR(Conveyor, Plough Feeder, Travelling Tripper, Pipe Conveyor)
Qualification-ITI with minimum 2 to 3 Year Experience in any Metrial Handling Plant

MW FITTER/FITTER/ELECTRICIAN/C&I TECHNICIAN/HYADRAULUC TECHNICIAN/FABRICATOR
Qualification-ITI with minimum 5 years exp in any Metrial Handling Plant Conveyor system.

RIGGER, WELDER CUM CUTTER, STORE KEEPER
Minimum 5 years exp in any Mechanical Fields.
Store Keeper Minimum 5 Yerar Experience.

SECURITY GUARD/HOUSE KEEPER(Mazdoor)

ASST. ELECTRICIAN/MECHANICIAL HELPER
Qualification-ITI and Electrical work Permit with minimum 2 years exp in any Metrial Handling Plant

Intersted Candate may contact with detailed BIO-DATA, Certificate within 10 days of publication date. through Email: hr.nationalengineering@gmail.com; whatsapp:7751014860

ne | National ENGINEERING

**ODISHA HYDRO POWER CORPORATION LTD.**
OFFICE OF THE SENIOR GENERAL MANAGER (ELECTRICAL),
BALIMELA HYDRO ELECTRIC PROJECT,
AT/POST: BALIMELA, DIST. MALKANGIRI, PIN-764051(ODISHA)
PHONE Nos.- 06861 - 232581O) / 232641(R), FAX No. 06861 - 232541,
E-mail : unit.head_balimela@yahoo.com/ bhep.balimela@gmail.com
CAD-1963

'E'-PROCUREMENT NOTICE INVITING TENDER NO. BHEP/35/2024-25 DATED 19.12.2024

Invites percentage rate bids in **double cover** system i.e. Cover-I (Technical Bid) & Cover-II (Price bid) for the work through e-procurement as detailed in the table below. The bids should be submitted 'online' in https://tendersodisha.gov.in by eligible 'D' & 'C' class Civil Contractors/ Firm registered with the state government and contractors of equivalent grade/class registered with central government/ railways having registration for execution of civil works can participate in the tender on production of definite proof from the appropriate authority. The bidders should have necessary portal enrolment with his/her own Digital Signature Certificate. The bidder may submit bid for the work as per the following table.

| Sl. No. | Name of Work | Estimated cost in Rs. | EMD in Rs. | Class of Contractor | Cost of bid documents in Rs. | Period of Completion |
|---|---|---|---|---|---|---|
| 01 | Repair and renovation of Administrative office main gate and Erector's hostel main gate with sign board at BHEP, Balimela | 13,41,905.00 | 13,500.00 | 'D' & 'C' or registered firms | 6000/- + GST @ 18% = 7080/- | 90 days |

Date & Time of availability of bid document in the portal: From 10:00 Hrs of 24.12.2024 to 08.01.2025 up to 17:00 Hrs
Last date & time of submission of bid: Up to 17:00 Hrs of 08.01.2025
The date & Time of opening of the bid: 12:00 Hrs onwards of 09.01.2025 (Only Technical bid)

Further details can be seen from the e-procurement portal https://tendersodisha.gov.in

Unit Head
B.H.E.P, Balimela

OIPR-04019/11/0042/2425

**ODISHA HYDRO POWER CORPORATION LTD.**
OFFICE OF THE SENIOR GENERAL MANAGER (ELECTRICAL),
BALIMELA HYDRO ELECTRIC PROJECT,
AT/POST: BALIMELA, DIST. MALKANGIRI, PIN-764051(ODISHA)
PHONE Nos.- 06861 - 232581O) / 232641(R), FAX No. 06861 - 232541,
E-mail : unit.head_balimela@yahoo.com/ bhep.balimela@gmail.com
CAD-1931

'E'-PROCUREMENT NOTICE INVITING TENDER NO. BHEP/33/2024-25 DATED 10.12.2024

Invites percentage rate bids in **double cover** system i.e. Cover-I (Technical Bid) & Cover-II (Price bid) for the work through e-procurement as detailed in the table below. The bids should be submitted 'online' in https://tendersodisha.gov.in by eligible 'D' & 'C' class Civil Contractors/ Constructions Firms registered with the state government and contractors of equivalent grade/class registered with central government/ railways having registration for execution of civil works can participate in the tender on production of definite proof from the appropriate authority. The bidders should have necessary portal enrolment with his/her own Digital Signature Certificate. The bidder may submit bid for the work as per the following table.

| Sl. No. | Name of Work | Estimated cost in Rs. | EMD in Rs. | Class of Contractor | Cost of bid documents in Rs. | Period of Completion |
|---|---|---|---|---|---|---|
| 01 | Weather coat painting of boundary walls of different quarters & clubs and office including repair work at BHEP, Balimela | 14,58,967.00 | 15,000.00 | 'C' & 'D' | 6000/- + GST @ 18% = 7080/- | 90 days |

Date & Time of availability of bid document in the portal: From 10:00 Hrs of 26.12.2024 to 08.01.2025 up to 17:00 Hrs
Last date & time of submission of bid: Up to 17:00 Hrs of 08.01.2025
The date & Time of opening of the bid: 12:00 Hrs onwards of 09.01.2025 (Only Technical bid)

Further details can be seen from the e-procurement portal https://tendersodisha.gov.in

Unit Head
B.H.E.P, Balimela

OIPR-04019/11/0040/2425

# ସମ୍ପାଦକୀୟ



ବର୍ଷରେ ଏମିତି ଦୁଇଟି ଦିନ ଅଛି, ଯେଉଁ ଦିନ ଆମେ କୌଣସି କାମ କରିପାରିବା ନାହିଁ, ଗତକାଲି ଏବଂ ଆସନ୍ତା କାଲି !

-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ସଂସଦରେ ସମ୍ବିଧାନ ବିତର୍କ

# ଅଲୋଡ଼ା ଉପସଂହାର

ମହତ୍ ଉଦ୍ଦେଶ୍ୟରେ ଏକ ସୁସ୍ଥ ବାତାବରଣରେ ସଂସଦରେ ଆରମ୍ଭ ହୋଇଥିବା ସମ୍ବିଧାନ ବିତର୍କର ଉପସଂହାର ଅବାଞ୍ଛିତ ରକ୍ତରଞ୍ଜିତ ହୋଇଛି । ଟେଲିଭିଜନ୍‌ରେ ସିଧା ପ୍ରସାରଣ ଦେଖୁଥିବା ବିଶ୍ୱର ଅଗଣିତ ଜନତା ଭାରତୀୟ ସଂସଦର ଘଟଣାବଳୀକୁ କେଉଁ ଦୃଷ୍ଟିରେ ଦେଖିଥିବେ, କେଉଁ ଭାଷାରେ ଆଲୋଚନା କରିଥିବେ ସେମାନଙ୍କ ଧାରଣା ବିଶ୍ୱର ଏହି ସର୍ବବୃହତ୍ ଗଣତନ୍ତ୍ର ସମ୍ବନ୍ଧରେ କ'ଣ ହୋଇଥିବ ତାହା ଭିନ୍ନ କଥା । କିନ୍ତୁ ଏହି ବିତର୍କ ଆଦୌ ହୋଇ ନ ଥିଲେ ବରଂ ଭାରତୀୟ ସଂସଦୀୟ ଇତିହାସରେ ଏଭଳି ଅପରିପକ୍ୱ ଆଚରଣ ଲୋକଲୋଚନ ଆଢୁଆଳରେ ରହିଥା'ନ୍ତା ବୋଲି ବୁଦ୍ଧିଜୀବୀ ମହଲର ମତ । ଦେଶର ନୀତିନିର୍ଦ୍ଧାରକ ଆସନରେ ବସିଥିବା ଜନପ୍ରତିନିଧିମାନେ ଯେଭଳି ବିଦ୍ୟାଳୟ ସୁଲଭ ଆରୋପ-ପ୍ରତ୍ୟାରୋପ ଓ କ୍ରିୟା-ପ୍ରତିକ୍ରିୟାମାନ ପ୍ରକାଶ କଲେ ତାହା ସ୍ୱାଧୀନତା ଓ ସମ୍ବିଧାନର ଅମୃତକାଳରେ ଅସ୍ପୃହଣୀୟ ନିଶ୍ଚୟ ।

ଆମେ ଏହି ସ୍ତମ୍ଭରେ ପୂର୍ବରୁ ଉଲ୍ଲେଖ କରିଥିଲୁ ଯେ ସମ୍ବିଧାନକୁ ନେଇ ଆରମ୍ଭ ହୋଇଥିବା ଆଲୋଚନା ଓ ବିଚାରବିମର୍ଶ ଗଠନମୂଳକ ହେବା ବିଧେୟ । କାରଣ ଏହା ଆଗାମୀ ପିଢ଼ିର ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ଏକ ନୂଆ ସକାରାତ୍ମକ ଦିଗ ନିର୍ଣ୍ଣୟ କରିବାରେ ସହାୟକ ହେବ । କିନ୍ତୁ ତାହା ତ ହେଲା ନାହିଁ, ବରଂ ଇତିହାସର ଅନେକ ନକାରାତ୍ମକ ଦିଗ ଉନ୍ମୋଚିତ ହେଲା ଏବଂ ଦୁଇ ମୁଖ୍ୟ ରାଜନୈତିକ ଦଳ ପୂର୍ବପିଢ଼ିର ତ୍ରୁଟିବିଚ୍ୟୁତିକୁ ନେଇ ପରସ୍ପର ଦୋଷ ଲଦାଲଦି ହେବା ସହିତ ଆତ୍ମୀୟମାନଙ୍କ ଆତ୍ମପ୍ରଶଂସାରେ ଶତମୁଖ ହେବାର ଦେଖିବାକୁ ମିଳିଲା । ଯଦି ଏହି ଆଲୋଚନାର ନିଷ୍କର୍ଷ ଓ ସିଦ୍ଧାନ୍ତକୁ ପର୍ଯ୍ୟବେକ୍ଷକମାନେ ଲିପିବଦ୍ଧ କରିବାକୁ ଚାହାନ୍ତି ତେବେ ଅଧିବେଶନର ଶେଷଦିନରେ ଯେଉଁ ଦୁର୍ଭାଗ୍ୟଜନକ ରକ୍ତରଞ୍ଜିତ ପରିବେଶ ସୃଷ୍ଟି ହେଲା ତାହା ହିଁ ପ୍ରଥମେ ସେମାନଙ୍କ ଦୃଷ୍ଟି ଆକର୍ଷଣ କରିବ ।

ଗତ କିଛିମାସର ରାଜନୈତିକ ଘଟଣାକ୍ରମକୁ ସମୀକ୍ଷା କଲେ ସମ୍ବିଧାନ ନିର୍ବାଚନୀ ରାଜନୀତିର ପଶାପାଲିର ଏକ ଗୋଟି ହୋଇସାରିଥିବା ବୁଝାପଡ଼ିବ । 'ଭାରତ ଯୋଡ଼ୋ' ଯାତ୍ରା ସମୟରୁ ୨୦୨୪ ସାଧାରଣ ନିର୍ବାଚନ ପ୍ରଚାର ଏବଂ ତତ୍‌ପରବର୍ତ୍ତୀ ରାଜ୍ୟ ବିଧାନସଭା ନିର୍ବାଚନଗୁଡ଼ିକରେ କଂଗ୍ରେସର ତୁଙ୍ଗ ନେତା ରାହୁଲ୍ ଗାନ୍ଧୀଙ୍କ ପ୍ରମୁଖ ନିର୍ବାଚନୀ ଅସ୍ତ୍ର ଥିଲା ସମ୍ବିଧାନ । ବିଜେପି ଦ୍ୱାରା ଦେଶର ସାମ୍ବିଧାନିକ ମୂଲ୍ୟବୋଧ ଓ ଭାରତୀୟ ନାଗରିକଙ୍କୁ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ହନନ ହୋଇଥିବା ଅଭିଯୋଗ କଲେ । ବିଶେଷକରି ଦଳିତ ଓ ଆଦିବାସୀମାନଙ୍କୁ ସମ୍ବିଧାନ ଦେଇଥିବା ଅଧିକାର କ୍ଷୁଣ୍ଣ ହୋଇଥିବା ଭଳି ଗୁରୁତର ଅଭିଯୋଗ ସେ ସରକାରୀ ଦଳ ବିରୋଧରେ ଆଣିଲେ । ଏଥିରୁ କଂଗ୍ରେସ ନିର୍ବାଚନରେ ଲାଭରେ ରହିଲା କି କ୍ଷତି ସହିଲା ତାହା ତର୍ଜମା କରିବା ବର୍ତ୍ତମାନ ପରିସ୍ଥିତିରେ ଉଚିତ ହେବ ନାହିଁ । ସେହିପରି ବିଜେପିର ତୁଙ୍ଗ ନେତାମାନେ କଂଗ୍ରେସର ଅଭିଯୋଗକୁ ଖଣ୍ଡନ କରି ପ୍ରତିଆକ୍ରମଣ କରିବା ପାଇଁ ଇନ୍ଦିରା ଗାନ୍ଧୀଙ୍କ ଅମଳରେ ଜାରି ଜରୁରୀକାଳୀନ ପରିସ୍ଥିତିକୁ ଅସ୍ତ୍ର ରୂପେ ବାଛି ନେଲେ । ଏହି ଦୁଇ ପରସ୍ପର ବିରୋଧୀ ଆଭିମୁଖ୍ୟ ସଂସଦର ସଦ୍ୟତମ ସମ୍ବିଧାନ ବିତର୍କରେ ମଧ୍ୟ ପ୍ରତିଫଳିତ ହେଲା । କିନ୍ତୁ ସମ୍ବିଧାନ କେବଳ ଏହି ଦୁଇଟି ପ୍ରସଙ୍ଗ ନୁହେଁ, ବରଂ ତା'ଠାରୁ ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗମାନ ଆଲୋଚନା, ସମୀକ୍ଷା ଓ ସମୟୋପଯୋଗୀ ମତୈକର ଅପେକ୍ଷା ରଖୁଛି, ସେ ବିଷୟରେ ବିଜ୍ଞ ଜନପ୍ରତିନିଧିମାନେ ପାସୋରି ଗଲେ । ଅନେକ ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅପ୍ରାସଙ୍ଗିକ ପାଲଟିଗଲା ।

ବସ୍ତୁତଃ ସଂସଦରେ ସମ୍ବିଧାନ ସମ୍ପର୍କିତ ଆଲୋଚନା ଆରମ୍ଭରୁ ହିଁ ବିରୋଧାଭାସ ଦେଖିବାକୁ ମିଳିଲା । ଆମ ସମ୍ବିଧାନ ଭାରତୀୟତାର ମୌଳିକ ଦସ୍ତାବେଜ୍ ନୁହେଁ, ବରଂ ବିଦେଶୀ ଢାଞ୍ଚା ଓ ଅନୁକରଣରେ ପ୍ରସ୍ତୁତ ବୋଲି ଅଭିଯୋଗ ହେଲା । ସମ୍ବିଧାନ ପ୍ରଣେତାମାନଙ୍କ ପ୍ରତି ସମ୍ମାନବୋଧ, ସେମାନଙ୍କର ଦେଶାତ୍ମବୋଧ, ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଅଙ୍ଗୀକାରବଦ୍ଧତା ପ୍ରଶ୍ନଘେରକୁ ଆସିଲା । ଏହି ପୃଷ୍ଠଭୂମିରେ ନୂଆ ସମ୍ବିଧାନର ଆବଶ୍ୟକତାର ମତ ମଧ୍ୟ ପ୍ରଚ୍ଛନ୍ନ ଭାବେ ଉଙ୍କିମାରିଲା । ଏନ୍‌ଡିଏ ସରକାର ଅମଳରେ ଅନେକ ବ୍ରିଟିଶ୍ ଆଇନ କାନୁନ ଉଚ୍ଛେଦ ସହିତ ସମ୍ବିଧାନର ସବୁଠାରୁ ବିତର୍କିତ ଧାରା ୩୭୦ ଉଚ୍ଛେଦ ହୋଇଥିବାରୁ ସମ୍ବିଧାନର ନୂତନ ପ୍ରଣେତାର ଶ୍ରେୟ ନେବାର ଉତ୍ସୁକତା ବା ବ୍ୟଗ୍ରତା ଉଙ୍କି ମାରୁଥିବାର ଅନୁଭୂତ ହେଲା । ସମ୍ବିଧାନ ଆଲୋଚନା ଏଭଳି ଏକ ରଜ୍ଜୁରେ ପରିଣତ ହେଲା, ଯାହାର ଗୋଟିଏ ପଟେ କଂଗ୍ରେସ ଏବଂ ଅନ୍ୟପଟେ ବିଜେପି ରହିଲା । ସମ୍ପୂର୍ଣ୍ଣ ଆଲୋଚନା ଏହି ରଜ୍ଜୁର ଦୁଇଟି ମୁଣ୍ଡକୁ ଧରିଥିବା କଂଗ୍ରେସ ଓ ବିଜେପି ମଧ୍ୟରେ ଟଣାଓଟରାରେ ଶେଷ ହେଲା । ଦେଶର ବିଭିନ୍ନ ପ୍ରାନ୍ତ, ସଂସ୍କୃତି, ଜାତି, ସମ୍ପ୍ରଦାୟ, ଗୋଷ୍ଠୀ, ମତବାଦ, ଆଦର୍ଶକୁ ପ୍ରତିନିଧିତ୍ୱ କରୁଥିବା ଜନପ୍ରତିନିଧିମାନେ କେବଳ ଏହି ଦଉଡ଼ି ଟଣା ପ୍ରତିଯୋଗିତାରେ ନିରବ ଦର୍ଶକ ସାଜିବାକୁ ବାଧ୍ୟ ହେଲେ । ମୁଖ୍ୟତଃ ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କୁ ଢାଲ କରି ବିଜେପି ଓ କଂଗ୍ରେସ ଭିତରେ ଯେଉଁ ନୈତିକ ଆରୋପ-ପ୍ରତ୍ୟାରୋପ ଏବଂ ଶବ୍ଦବାଣର ଆକ୍ରମଣ-ପ୍ରତିଆକ୍ରମଣ ଉପକ୍ରମ ହେଲା ସେଥିରେ ସବୁଠାରୁ କ୍ଷତାକ୍ତ ହେଲା ଆମ୍ବେଦକରଙ୍କ ଭାବମୂର୍ତ୍ତି ଓ ବ୍ୟକ୍ତିତ୍ୱ ।

ସାମ୍ପ୍ରତିକ ସ୍ଥିତିରେ ସମ୍ବିଧାନ ଆଗରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଏହାର ମୌଳିକ ମୂଲ୍ୟବୋଧର ସୁରକ୍ଷା । ସମ୍ବିଧାନ ଆଧୁନିକ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ସର୍ବୋଚ୍ଚ ସଂହିତା ଭାବେ ଗୃହୀତ, ସ୍ୱୀକୃତ ଓ ଘୋଷିତ ହେଉଥିଲେ ମଧ୍ୟ ବାସ୍ତବ କାର୍ଯ୍ୟାନ୍ୱୟନରେ ଏହାର ପରିପାଳନ ହେଉଥିବା ହୃଦ୍‌ବୋଧ ହୁଏ ନାହିଁ । ବିଶେଷକରି ସମ୍ବିଧାନ ତା'ର ନାଗରିକଙ୍କୁ ପ୍ରଦାନ କରିଥିବା ମୌଳିକ ଅଧିକାରଗୁଡ଼ିକର ଉଲ୍ଲଙ୍ଘନ ଅଧିକ ହେଉଥିବା ଅଭିଯୋଗ ହୋଇଆସୁଛି । ବର୍ତ୍ତମାନ ସମୟ ଆସିଛି 'ଓକିଲମାନଙ୍କ ସ୍ୱର୍ଗ' ରୂପେ ସମାଲୋଚିତ ସମ୍ବିଧାନର ଭାଷାକୁ ସରଳ ସାବଲୀଳ କରି ଏହାର ମୌଳିକତା, ପବିତ୍ରତା ଓ ନିରପେକ୍ଷତା ବିଷୟରେ ତୃଣମୂଳସ୍ତର ସହିତ ପରିଚିତ କରାଇବା । ସଂସଦୀୟ ବିତର୍କରେ ଏ ଦିଗରେ ସହମତି ହୋଇପାରିଥିଲେ ଭାରତୀୟ ଗଣତନ୍ତ୍ର ଆହୁରି ପରିପକ୍ୱ ହୋଇପାରିଥା'ନ୍ତା । ●

# ଏକ ଦେଶ ଏକ ନିର୍ବାଚନର ବିତର୍କ

**ଗୌରୀ ପ୍ରସାଦ ମହାପାତ୍ର**

ଲୋକସଭା, ସବୁ ରାଜ୍ୟର ବିଧାନସଭା ଏବଂ ଦିଲ୍ଲୀ ସମେତ ସମସ୍ତ କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ଏକାସମୟରେ କରିବା(ଏକ ଦେଶ ଏକ ନିର୍ବାଚନ) ପାଇଁ ଉଦ୍ଦିଷ୍ଟ ସମ୍ବିଧାନ ସଂଶୋଧନ ପାଇଁ ଦୁଇଟି ବିଧେୟକ ଲୋକସଭାରେ ଉପସ୍ଥାପିତ ହେବା ପରେ ଅଧିକ ତର୍ଜମା ଓ ବିଚାରବିମର୍ଶ ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଯାଇଛି । ୧୨୯ତମ ସମ୍ବିଧାନ ସଂଶୋଧନ-୨୦୨୪ ନାମକ ଏହି ବିଧେୟକରେ ସମ୍ବିଧାନର ଧାରା ୮୨ରେ (କ) ନାମରେ ଏକ ଉପଧାରା ଯୋଡ଼ାଯିବାର ପ୍ରସ୍ତାବ ରହିଥିବା ବେଳେ ଧାରା ୮୩ରେ ପାଞ୍ଚଟି, ଧାରା ୧୭୨ରେ ଚାରିଟି ନୂଆ ଉପଧାରା ଯୋଡ଼ା ଯିବ ଏବଂ ଧାରା ୩୨୭କୁ ସଂଶୋଧନ କରାଯିବ । ଏହି ସଂଶୋଧନ ସହିତ କେନ୍ଦ୍ରଶାସିତ ଅଞ୍ଚଳ ଆଇନ ୧୯୬୩, ଜାତୀୟ ରାଜଧାନୀ ଦିଲ୍ଲୀ ଆଇନ ୧୯୯୧ ଓ ଜାମ୍ମୁ-କାଶ୍ମୀର ପୁନଃସଂଗଠନ ଆଇନ ୨୦୧୯ରେ ଆବଶ୍ୟକ ସଂଶୋଧନ କରାଯିବାର ପ୍ରସ୍ତାବ ରହିଛି ।

ସମ୍ବିଧାନର ଉପରୋକ୍ତ ଧାରାର ସଂଶୋଧନ ସହିତ ଏହା ଆଇନରେ ପରିଣତ ହେବା ପାଇଁ ଆହୁରି ଅନେକ ଜଟିଳ ପ୍ରକ୍ରିୟା ଦେଇ ଗତି କରିବାକୁ ଥିବାରୁ ୨୦୨୯ ମସିହାରେ ଗୋଟିଏ ଥରରେ ଲୋକସଭା ସହିତ ସବୁ ରାଜ୍ୟର ବିଧାନସଭା ଅନୁଷ୍ଠିତ ହୋଇପାରିବ କି ନାହିଁ ତାହା ସନ୍ଦେହ ସୃଷ୍ଟି କରୁଛି । ସଂସଦରେ ଏନ୍‌ଡିଏର ନିରଙ୍କୁଶ ସଂଖ୍ୟାଗରିଷ୍ଠତା ନଥିଲେ ମଧ୍ୟ ବିଧେୟକ ପାରିତ କରିବା ପାଇଁ ସରକାର ଆଶାବାଦୀ ଅଛନ୍ତି । ଅପରପକ୍ଷରେ ବିରୋଧୀ ଦଳର ତୀବ୍ର ବିରୋଧ ସହିତ ଖୋଦ୍ ଏନ୍‌ଡିଏର କେତେକ ମେଣ୍ଟ ସହଯୋଗୀଙ୍କ ସମର୍ଥନ ଦ୍ୱିଧାଗ୍ରସ୍ତ ଥିବାରୁ ବିଧେୟକ ପାରିତ ହେବାର ସମ୍ଭାବନା ବହୁତ୍ କମ୍ ବୋଲି ବର୍ତ୍ତମାନ ସ୍ଥିତିରେ ଜଣାପଡୁଛି । ଏହାଛଡ଼ା ବିଧି ବିଶେଷଜ୍ଞମାନେ 'ଏକ ଦେଶ ଏକ ନିର୍ବାଚନ' ବ୍ୟବସ୍ଥାର ପରିଚାଳନା ଓ କାର୍ଯ୍ୟକାରିତାକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି । କମିଟିର ସୁପାରିସରେ ଥିବା କେତେକ ବିଷୟ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ ବୋଲି ମଧ୍ୟ ଅଭିଯୋଗ ହୋଇଛି ।

କମିଟିର ସୁପାରିସ ଯଦି ଅବିକଳ ଚଳିତ ସଂସଦରେ ପାରିତ ହୁଏ ତେବେ ୨୦୨୯ରେ ଲୋକସଭାଠାରୁ ଆରମ୍ଭ କରି ପଞ୍ଚାୟତସ୍ତର ପର୍ଯ୍ୟନ୍ତ ଦେଶର ସମସ୍ତ ନିର୍ବାଚନ ଏକାସହିତ କିନ୍ତୁ ଦୁଇଟି ଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟରେ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ ଏକାସାଙ୍ଗରେ ହେବାକୁ ଥିବା ବେଳେ ନିର୍ବାଚନ ପରବର୍ତ୍ତୀ ଲୋକସଭାର ପ୍ରଥମ ଅଧିବେଶନର ୧୦୦ ଦିନ ମଧ୍ୟରେ ଦେଶର ସମସ୍ତ ପଞ୍ଚାୟତ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନଗରପାଳିକା ଓ ମହାନଗର ନିଗମର ନିର୍ବାଚନ ଏକାସାଙ୍ଗରେ ହେବ । ଏଥିପାଇଁ ୩୨୫ ଧାରା ସଂଶୋଧନ ସହିତ ଭୋଟର ତାଲିକାର ପୁନର୍ବିନ୍ୟାସ ହେବ । ୨୦୨୯କୁ ଆଖି ଆଗରେ ରଖିଲେ ହାତରେ ଆହୁରି ଚାରି ବର୍ଷରୁ ଅଧିକ ସମୟ ଥିବାରୁ ଭୋଟର ତାଲିକା ପ୍ରସ୍ତୁତିର କାର୍ଯ୍ୟକାରିତାର ସଫଳତାକୁ ନେଇ ଚିନ୍ତା କରିବାର ନାହିଁ । କିନ୍ତୁ ୨୦୨୫ ବେଳକୁ ଜନଗଣନା ଆରମ୍ଭ ହେବାକୁ ଥିବାରୁ ନିର୍ବାଚନ ମଣ୍ଡଳି ପୁନର୍ଗଠନ ଏବଂ ଭୋଟର ତାଲିକା ସଂଶୋଧନ ଆହୁରି ସମୟସାପେକ୍ଷ, ଜଟିଳ ଓ ବିଳମ୍ବିତ ହେବ । ଏଭଳି ପରିସ୍ଥିତିରେ 'ଏକ ଦେଶ ଏକ ନିର୍ବାଚନ' ପାଇଁ ଏନ୍‌ଡିଏର ଲକ୍ଷ୍ୟ କେତେଦୂର ସଫଳ ହେବ ତାହା ଏବେଠାରୁ ସ୍ପଷ୍ଟ କରିହେଉନାହିଁ ।

'ଏକ ଦେଶ ଏକ ନିର୍ବାଚନ'ରେ ମାନବ ସମ୍ବଳ, ସରକାରୀ କଳ ଓ ଅର୍ଥ ଅପଚୟ ଅନେକାଂଶରେ ହ୍ରାସ ପାଇବ ବୋଲି ଏହି ବିଧେୟକର ସମର୍ଥକମାନେ ଦାବି କରୁଛନ୍ତି । କିନ୍ତୁ ସୁପାରିସ ଅନୁଯାୟୀ ଲୋକସଭାର ପ୍ରଥମ ଅଧିବେଶନର ପ୍ରଥମ ଦିନକୁ ଦେଶର ସମସ୍ତ ବିଧାନପାଳିକାର ପ୍ରଥମ ଦିନ ହିସାବରେ ଗଣାଯିବ । ସେହିଦିନଠାରୁ ଆଗାମୀ ପାଞ୍ଚବର୍ଷ ପର୍ଯ୍ୟନ୍ତ ସେଗୁଡ଼ିକ କାର୍ଯ୍ୟ କରିବେ । ଯଦି କୌଣସି କାରଣରୁ ମଝିରେ ସଂସଦ କିମ୍ବା କୌଣସି ରାଜ୍ୟର ବିଧାନସଭା ଭାଙ୍ଗି ଯାଏ ତେବେ ପାଞ୍ଚବର୍ଷରୁ ବାକି ଥିବା ସମୟ ପାଇଁ ପୁଣି ଥରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଅନୁଷ୍ଠିତ ହେବ ଏବଂ ନୂଆ ସରକାର ସମ୍ପୂର୍ଣ୍ଣ ପାଞ୍ଚବର୍ଷ ବଦଳରେ ସେହି ବାକି ଦିନର ଅବଧି ପାଇଁ ଶପଥ ନେବେ । ତା' ପରେ ପରେ ପୁଣି ଥରେ ଏକସାଙ୍ଗରେ ସବୁ ନିର୍ବାଚନ ହେବ । ଏଭଳି ପରିସ୍ଥିତିରେ ଅର୍ଥ ଅପଚୟ ଓ ମାନବ ସମ୍ବଳ ଉପଯୋଗ କମିବ ନା ବଢ଼ିବ ତାହା ଉପରେ ଯୁଗ୍ମସଂସଦୀୟ କମିଟିରେ ମତଭେଦ ସୃଷ୍ଟି ହୋଇପାରେ । ସେହିପରି ଦେଶର ସବୁ ପଞ୍ଚାୟତ, ପୌରପରିଷଦ ଓ ମହାନଗର ନିଗମ ନିର୍ବାଚନର ପରିଚାଳନା ଲୋକସଭା ନିର୍ବାଚନ ଭଳି ହୋଇଥିବାରୁ ଲୋକସଭା ଓ ବିଧାନସଭା ନିର୍ବାଚନ ସରିବାର ପ୍ରାୟ ତିନିମାସ ମଧ୍ୟରେ ପୁଣି ଥରେ ବା ତିନିମାସରେ ଦୁଇଥର ଜାତୀୟସ୍ତରୀୟ ପ୍ରସ୍ତୁତି ଏବଂ କାର୍ଯ୍ୟକାରିତାରେ ମାନବସମ୍ବଳ, ସରକାରୀ କଳ ଓ ଅର୍ଥ ପୁନଃ ଅପଚୟ ହେବ । ତିନିମାସ ଭିତରେ ଚାକିରିଆ ଭୋଟରମାନେ ମତସାବ୍ୟସ୍ତ କରିବାକୁ ପୁଣି ଥରେ ଛୁଟି ପାଇବାରେ ବାଧା ସୃଷ୍ଟି ହୋଇପାରେ । ସାଧାରଣ ନିର୍ବାଚନଠାରୁ ଆରମ୍ଭ କରି ପୌର ପରିଷଦ ନିର୍ବାଚନ ପର୍ଯ୍ୟନ୍ତ ପ୍ରାୟ ଛଅମାସ ପର୍ଯ୍ୟନ୍ତ ନିର୍ବାଚନ ଆଚରଣ ବିଧି ଲାଗୁ ହେବ, ଯାହାଫଳରେ ଜାତୀୟସ୍ତରର ବିକାଶମୂଳକ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବ ।

ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକର ଏକସଙ୍ଗରେ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ସମ୍ବିଧାନ ସଂଶୋଧନ ବିଧେୟକ କେବଳ ସଂସଦରେ ବହୁମତରେ ପାରିତ କରାଯାଇପାରିବ, ଏଥିପାଇଁ ରାଜ୍ୟ ବିଧାନସଭାଗୁଡ଼ିକର ସହମତି ଅନାବଶ୍ୟକ ବୋଲି କମିଟି ସୁପାରିସ କରିଛି । ଏହି ସୁପାରିସ ହିଁ ପ୍ରବଳ ବିରୋଧର ସମ୍ମୁଖୀନ ହେବାର ଆଶଙ୍କା ରହିଛି । କାରଣ 'ଏକ ଦେଶ ଏକ ନିର୍ବାଚନ' ବ୍ୟବସ୍ଥା ୨୦୨୯ରୁ କାର୍ଯ୍ୟକାରୀ ହେଲେ ୧୭ ରାଜ୍ୟର ବିଧାନସଭାକୁ ପୂର୍ଣ୍ଣକାଳୀନ ପାଞ୍ଚବର୍ଷର ଅବଧି ପୂର୍ବରୁ ଭାଙ୍ଗିବାକୁ ପଡ଼ିବ । ସେହି ରାଜ୍ୟଗୁଡ଼ିକର ବିନା ସହମତିରେ ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ସଂଘୀୟ ବ୍ୟବସ୍ଥା ନୁହେଁ, ବରଂ ଏହା କେନ୍ଦ୍ରର ମନମୁଖି ଆଭିମୁଖ୍ୟ ଭାବେ ଧରାଯିବ । ଦ୍ୱିତୀୟ ବିଧେୟକରେ ପଞ୍ଚାୟତ ଓ ପୌରପରିଷଦ, ନଗରପାଳିକା, ମହାନଗର ନିଗମର ନିର୍ବାଚନ ଏବଂ ଭୋଟର ତାଲିକାରେ ଆବଶ୍ୟକ ସଂଶୋଧନ ପ୍ରସ୍ତାବ ରହିଛି । ଏଥିପାଇଁ ରାଜ୍ୟ ବିଧାନସଭାଗୁଡ଼ିକର ଦୁଇ-ତୃତୀୟାଂଶ ମତ ଅପରିହାର୍ଯ୍ୟ । ଭୋଟର ତାଲିକା, ପଞ୍ଚାୟତ ଓ ବିଧାନସଭା ପରିଚାଳନା ରାଜ୍ୟ ଅଧିକାର ତାଲିକା ଅଧୀନରେ ଆସୁଥିବା ବେଳେ ଏ ଦୁଇଟି ପାଇଁ ଉଦ୍ଦିଷ୍ଟ ଦୁଇଟି ବିଧେୟକରେ ଭିନ୍ନ ସର୍ତ୍ତ ଆଗାମୀ ଦିନରେ ବୈଧାନିକ ଜଟିଳତା ସୃଷ୍ଟି କରିବ । ପୁଣି ସେଥିରେ କୁହାଯାଇଛି ଯେ ଏକା ସହିତ ନିର୍ବାଚନ ପ୍ରକ୍ରିୟାରୁ କୌଣସି ରାଜ୍ୟକୁ କୌଣସି କାରଣବଶତଃ ନିର୍ବାଚନ ଆୟୋଗ ବାଦ୍ ଦେଇପାରିବେ, କିନ୍ତୁ ଏହାର କାରଣ ସେ ରାଷ୍ଟ୍ରପତିଙ୍କୁ ଅବଗତ କରାଇବେ । ଏହି ଆଳରେ ବିଧାନସଭା ନିର୍ବାଚନ ତାରିଖ ଘୋଷଣାର ରାଜନୀତିକରଣ ହେବାର ଆଶଙ୍କାକୁ ଏଡ଼ାଇ ଦେଇହେଉନାହିଁ ।

ବିଧେୟକର ବିଭିନ୍ନ ଦିଗ ଉପରେ ବିଚାରବିମର୍ଶ ସମୟରେ ମଧ୍ୟ ଯୁଗ୍ମ ସଂସଦୀୟ କମିଟିରେ ଅନେକ ମତଭେଦ ଉଠିପାରେ । ପ୍ରଥମତଃ, 'ଏକ ଦେଶ ଏକ ନିର୍ବାଚନ' ପାଇଁ ସୁପାରିସ କରିଥିବା ରାମନାଥ କୋବିନ୍ଦ କମିଟିର କର୍ତ୍ତୃତ୍ୱର ସୀମା ପ୍ରଶ୍ନ ଘେରକୁ ଆସିପାରେ । କାରଣ 'ଏକ ଦେଶ ଏକ ନିର୍ବାଚନ'ର ସକାରାତ୍ମକ ଓ ନକାରାତ୍ମକ ଦିଗ ପ୍ରତି ତର୍ଜମା ଓ ସୁପାରିସ କରିବାକୁ କମିଟିକୁ ସ୍ୱାଧୀନତା ଦିଆଯାଇନାହିଁ । କେବଳ ଆବଶ୍ୟକ ବିଧିବ୍ୟବସ୍ଥା ଓ ପ୍ରଶାସନିକ ଆବଶ୍ୟକତା ସମ୍ପର୍କରେ କମିଟି ସୁପାରିସ କରିଛି । ୨୦୨୩, ସେପ୍ଟେମ୍ବର ୨ ତାରିଖରେ ଭାରତର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୧୯୧ ଦିନର ତର୍ଜମା ଓ ବିଚାରବିମର୍ଶ ପରେ ଗତ ମାର୍ଚ୍ଚ ୧୪ ତାରିଖରେ କେନ୍ଦ୍ର ସରକାରଙ୍କୁ ୧୮, ୬୨୬ ପୃଷ୍ଠାର ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ ସେଥିରେ ୨୧, ୫୫୮ ଜଣଙ୍କ ମତ ଲିପିବଦ୍ଧ ରହିଛି । କିନ୍ତୁ ନାଗରିକଙ୍କ ମତ ଆହ୍ୱାନ ବେଳେ କେବଳ ଇଂରାଜୀ ଓ ହିନ୍ଦୀ ଭାଷା ବ୍ୟବହାର କରାଯାଇଥିବାରୁ ତାହା ଦେଶର ସବୁ ପ୍ରଦେଶ ଓ ସବୁ ଅଞ୍ଚଳର ସାର୍ବଜନୀନ ପ୍ରତିନିଧିତ୍ୱ କରୁ ନାହିଁ ବୋଲି ଅଭିଯୋଗ ହୋଇଛି ।

ଅର୍ଥ ଅପଚୟ, ନିର୍ବାଚନୀ ପ୍ରଚାର ଜନିତ ଶବ୍ଦ ପ୍ରଦୂଷଣ, କାର୍ବନ ଫୁଟ୍‌ପ୍ରିଣ୍ଟ ଆଦି ପରିବେଶ ପ୍ରଦୂଷଣ ଓ ମାନବ ସମ୍ବଳ ବିନିଯୋଗ ଦୃଷ୍ଟିରୁ 'ଏକ ଦେଶ ଏକ ନିର୍ବାଚନ' ସ୍ୱାଗତଯୋଗ୍ୟ । କିନ୍ତୁ ଏହାଦ୍ୱାରା ଆଞ୍ଚଳିକ ସ୍ୱାର୍ଥ ସୁରକ୍ଷା ଲକ୍ଷ୍ୟରେ ଗଠିତ ଆଞ୍ଚଳିକ ଦଳଗୁଡ଼ିକର ଜନସ୍ୱାର୍ଥ ଜଡ଼ିତ ପ୍ରସଙ୍ଗ ଗୌଣ ହୋଇଯିବ ଏବଂ ଜାତୀୟ ଦଳମାନଙ୍କର ପ୍ରସଙ୍ଗ ଓ ଆଧିପତ୍ୟ ହିଁ ଜାତୀୟ ସ୍ତରରେ ପ୍ରଭାବ ବିସ୍ତାର କରିବାର ଆଶଙ୍କା ରହିଛି । ତେବେ ହାତରେ ଆହୁରି ପ୍ରାୟ ଚାରିବର୍ଷରୁ ଅଧିକ ସମୟ ଥିବାରୁ ଏ ସମ୍ପର୍କରେ ଅଧିକ ବିଚାରବିମର୍ଶ ଆବଶ୍ୟକ । ●

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ଯାବତ ନ ପୂରେ ଉଦର

**ଡ. ନିରଞ୍ଜନ ସାହୁ**

ଭାରତର ପ୍ରାକ୍ତନ ବୈଦେଶିକ ସଚିବ ତଥା ଆମେରିକାରେ ପୂର୍ବତନ ଭାରତୀୟ ରାଷ୍ଟ୍ରଦୂତ ଡକ୍ଟର ଲଳିତ ମାନସିଂହଙ୍କ ଦ୍ୱାରା ପରିବେଷିତ ଏକ ରସାଳ ବ୍ୟାଖ୍ୟାନ ବିବୃତ କରୁଛି - ଗତ ଶତାବ୍ଦୀର ଷଷ୍ଠ ଦଶକ ବେଳକୁ ଭାରତର ପରିଚିତି ଥିଲା ଏକ ବୁଭୁକ୍ଷୁ ପ୍ରପୀଡ଼ିତ ଦେଶ ଭାବରେ । ଯଦି ସେତେବେଳେ କେହି ଭାରତୀୟ ନେତୃମଣ୍ଡଳୀ ଆମେରିକା ଯାତ୍ରା କରୁଥିଲେ, ସେଠାରେ ଆଲୋଚିତ ହେଉଥିଲା ଯେ ସେ ହୁଏତ ଆସୁଥିବେ କୌଣସି ଭିକ୍ଷାଥାଳ ଧରି! ସେତେବେଳେ ଖାଇବା ପାଇଁ ଅଝଟ କରୁଥିବା ଶିଶୁଟିଏ ପ୍ରତି ତା'ର ମାଆର କଥାଥିବ ଏଇମିତି - 'ବୁଝିଲୁ ବାପା, ଭାରତର ଶିଶୁମାନେ ଖାଇବାକୁ ପାଉନାହାନ୍ତି । ତୁ ଯଦି ନ ଖାଇବୁ ସେମାନେ ଆସି ଛଡ଼ାଇ ନେଇ ଖାଇଦେବେ । ମାତ୍ର ପଚାଶ ଷାଠିଏ ବର୍ଷ ଭିତରେ ବଦଳି ଯାଇଛି ପରିସ୍ଥିତି । ଆଜି ଯଦି ପଢ଼ାପଢ଼ିରେ ଆମେରିକାର କେହି ପିଲା ମନଯୋଗୀ ହେଉ ନ ଥାଏ, ତା' ମାଆ ତା'କୁ ଆକଟ କରି କହୁଛି - 'ମନଦେଇ ପାଠ ପଢ଼, ନହେଲେ ଭାରତୀୟ ଛାତ୍ରମାନେ ଆମେରିକାର ସବୁ ଭଲ ଚାକିରି ଛଡ଼େଇନେବେ ।' ଯେତେଥର ଏଇ କଥା କୌଣସି ସଭାସମିତିରେ ମୁଁ କହିଛି, ସେତେବେଳେ ହର୍ଷ ଉଲ୍ଲାସର କରତାଳିରେ ପ୍ରକମ୍ପିତ ହୋଇଛି ପରିବେଶ । ଆମେମାନେ ବୋଧହୁଏ ନିଜର ଗୌରବ ଗାଥା ଶୁଣିଲେ ଆନନ୍ଦ ଆତିଶଯ୍ୟରେ ନାଚି ଉଠୁ; ମାତ୍ର ବୁଭୁକ୍ଷା ବିଷୟରେ ଆଜି ଦିନରେ ଆମର ଚିତ୍ର କିପରି ସେ କଥା କ'ଣ ଆପଣ ଚିନ୍ତା କରିଛନ୍ତି?

ଓଡ଼ିଆ ଭାଗବତରେ ଅତିବଡ଼ି ଜଗନ୍ନାଥ ଦାସ ଲେଖିଯାଇଛନ୍ତି -

'ଯାବତ ନ ପୂରେ ଉଦର, ତାବତ ଜ୍ଞାନ ନାହିଁ ମୋର ।' ପେଟରେ ଭୋକ ଥିଲେ ପାଟିରୁ କଥା ବାହାରିବ ନାହିଁ, ଜ୍ଞାନ ତ ଦୂରର କଥା! ବରଂ ଅଜ୍ଞାନ ଅନ୍ଧକାର ଘୋଟି ଆସିବ । ଇଂରାଜୀରେ ସେଇ କଥାକୁ କୁହାଯାଇଛି - 'ଏ ହଙ୍ଗ୍ରି ମ୍ୟାନ୍ ଇଜ୍ ଆନ୍ ଆଙ୍ଗ୍ରି ମ୍ୟାନ ।' ବିଶ୍ୱ ଖାଦ୍ୟାଭାବ ସୂଚିତ ହୋଇଥାଏ 'ଗ୍ଲୋବାଲ୍ ହଙ୍ଗର ଇଣ୍ଡେକସ' ବା 'ଅନ୍ତର୍ଜାତୀୟ ବୁଭୁକ୍ଷା ସୂଚକାଙ୍କ'ରୁ । ଚଳିତ ବର୍ଷରେ ଶହେ ସତେଇଶି ଗୋଟି ଦେଶ ଭିତରେ ହୋଇଥିବା ସର୍ବେକ୍ଷଣ ଅନୁସାରେ ଭାରତର ସ୍ଥାନ ହେଉଛି ୧୦୫ । ୨୦୧୨ରେ ଭାରତର ସ୍ଥାନ ୬୫ ଥିଲା ବେଳେ ଏହା କ୍ରମଶଃ ନିମ୍ନଗାମୀ ହେଉଥିବା ଚିନ୍ତାର ବିଷୟ । ଆମର ପଡ଼ୋଶୀ ରାଷ୍ଟ୍ରଙ୍କ ତୁଳନାରେ ଆମ ଦେଶର ପ୍ରଦର୍ଶନ ନୈରାଶ୍ୟଜନକ ।

ଏହି ସୂଚକାଙ୍କ ପ୍ରସ୍ତୁତ କରୁଥିବା ୟୁରୋପର ବେସରକାରୀ ସଂସ୍ଥା ଅନେକ ଭାରତ ବିରୋଧୀ ପ୍ରଚାର ପାଇଁ ପରିସଂଖ୍ୟାନ ସୃଷ୍ଟି କରନ୍ତି ବୋଲି ଅପବାଦ ହୁଏତ ବିଶେଷ ଗ୍ରହଣଯୋଗ୍ୟ ନୁହେଁ । କାରଣ ଏହି ପରିସଂଖ୍ୟାନର ଆଧାର ଖାଦ୍ୟାଭାବ ସମେତ ବୟସ୍କ ଓ ଶିଶୁମାନଙ୍କର ପୋଷଣର ଅଭାବ, ଶିଶୁ ଓ କିଶୋରମାନଙ୍କର ଶରୀରର ବୟସ ଆନୁପାତିକ ବୃଦ୍ଧି, ଉଚ୍ଚତା ବୃଦ୍ଧି ଏବଂ ପାଞ୍ଚବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁ ହାର । ସେମାନେ ଅଳ୍ପ କେତେ ହଜାର ନମୁନା ନେଇ ଭାରତ ପରି ଏତେ ଜନବହୁଳ ଦେଶରେ ଯେଉଁ ପରିସଂଖ୍ୟାନ ପ୍ରକାଶ କରିଛନ୍ତି ସେଥିରେ କିଛି ଭୁଲ୍ ହୁଏତ ଥାଇପାରେ; ମାତ୍ର ଏବେବି ବହୁ ଲୋକ ଦିନକୁ ଦୁଇ ବେଳା ଖାଇବାକୁ ପାଆନ୍ତି ନାହିଁ, ଅନେକଙ୍କ ମୁଣ୍ଡ ଉପରେ ଗୋଟିଏ ନିଜସ୍ୱ ଛାତ ନାହିଁ - ତାହା ଏକ ନିଷ୍ଠୁର ବାସ୍ତବତା । ଖାଦ୍ୟ ଅନ୍ୱେଷଣରେ, ଜୀବିକାର ଡାକରାରେ ଅନେକ ନିଜର ଭିଟାମାଟି ଛାଡ଼ନ୍ତି । ଅନେକ ଲୋକ ଖାଇବାକୁ ଦି ବେଳା ପାଉ ନଥିବା ବେଳେ ଭୋଜିଭାତରେ ବହୁ ଖାଦ୍ୟ ନଷ୍ଟ ହେଉଥିବା ଏବଂ ତାକୁ ନିୟନ୍ତ୍ରଣ କରିବାକୁ କିଛି ବ୍ୟବସ୍ଥା ହେଉନଥିବା ମଧ୍ୟ ସେହିଭଳି ବେଦନାଦାୟକ ସତ୍ୟ ।

କେତେ ଲୋକ ପ୍ରକୃତରେ ଖାଇବାକୁ ପାଉନାହାନ୍ତି ତାର ପ୍ରକୃତ ତଥ୍ୟ କେହି କେବେ ଦେଇପାରିବେ ନାହିଁ । ଯିଏ ଦେବ ତାକୁ ଅନେକ ଗ୍ରହଣ କରିବେ ନାହିଁ । ଆମ ରାଜ୍ୟରେ ୨୦୨୨-୨୩ରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ରାଜ୍ୟ ସରକାରଙ୍କ ହିସାବରେ ୧୧% ହୋଇଥିବା ବେଳେ ନିତି ଆୟୋଗଙ୍କ ଆକଳନରେ ୧୫-୧୬% । ଏବେ ମାସିକ ପାଞ୍ଚ କିଲୋ ଲେଖାଏଁ ମାଗଣା ଚାଉଳ ପ୍ରାୟ ୬୫% ଲୋକଙ୍କୁ ଦିଆଯାଉଛି । ଯଦି ୧୬% ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ, ତା'ହେଲେ ତା'ର ଚାରିଗୁଣ ଲୋକଙ୍କୁ ମାଗଣା ଚାଉଳ ବାଣ୍ଟିବା ପଛର କାରଣ ବିଚାରସାପେକ୍ଷ । ଅର୍ଥନୀତିର ଆଦିଗୁରୁ ଆଡାମ୍ ସ୍ମିଥ କହୁଥିଲେ କିଛି ଜିନିଷ ପୂରା ମାଗଣା ଦିଆଯିବା ଉଚିତ ନୁହେଁ ।

କିଛି ଦଶନ୍ଧି ପୂର୍ବରୁ ଓଡ଼ିଶାରେ ଅନାହାର ମୃତ୍ୟୁ କଥା ବାରମ୍ବାର ଉଠୁଥିଲା । ଗତ କିଛିବର୍ଷ ଭିତରେ ଆଉ ସେଇ ଅଭିଯୋଗ ନାହିଁ; ମାତ୍ର ଅନେକ ଚାଷୀ ଆତ୍ମହତ୍ୟା କରୁଥିବା ଖବର ବିଭିନ୍ନ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରୁଛି । ବନ୍ୟା, ବାତ୍ୟା ଆଉ ମରୁଡ଼ି ପ୍ରପୀଡ଼ିତ ଓଡ଼ିଶା ପାଇଁ ଦାରିଦ୍ର୍ୟ ଯେମିତି ବହୁଦିନରୁ ସହଚର ପାଲଟିଛି । କଳାହାଣ୍ଡିକୁ ଅନେକ ଦିନ କୁହାଯାଉଥିଲା ଦାରିଦ୍ର୍ୟର ରାଜଧାନୀ । ଏପରିକି ଗତ ଶତାବ୍ଦୀର ଷଷ୍ଠ ଦଶକରେ ନିଜେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଆସିଥିଲେ ସେଇ ଦାରିଦ୍ର୍ୟର ଚିତ୍ରକୁ ନିଜ ଆଖିରେ ଦେଖିବାକୁ । ପ୍ରାୟ କୋଡ଼ିଏ ବର୍ଷ ପରେ ଫାନ୍‌ସ ପୁଞ୍ଜି ନାମକ ଆଦିବାସୀ ମହିଳା ଜଣେ ଟଙ୍କା କେତୋଟି ବିନିମୟରେ ନିଜର ଅଳ୍ପବୟସ୍କା ନଣନ୍ଦକୁ ବିକି ଦେଇଥିଲା । କିଛିବର୍ଷ ତଳେ ନଗଡ଼ା ଅପପୁଷ୍ଟି ଚିତ୍ର ପରେ ସର୍ବଶେଷ ସମ୍ବାଦ ହେଉଛି କନ୍ଧମାଳ ଜିଲ୍ଲାର ଦାରିଙ୍ଗିବାଡ଼ି ବ୍ଲକର ମାଣ୍ଡିପଙ୍କା ଗାଁରେ ଆମ୍ବଟାକୁଆ କ୍ଷୀରି ଖାଇ ମୃତ୍ୟୁମୁଖରେ ପଡ଼ିଥିବା ଦୁଇ ଆଦିବାସୀ ମହିଳାଙ୍କ କାହାଣୀ । ସୁଷମ ଖାଦ୍ୟ ଦୂରର କଥା, ଭୋକ ଦାଉରୁ ରକ୍ଷା ପାଇବାକୁ ମଣିଷ ଯେକୌଣସି ଜିନିଷ ଖାଇଦେଇପାରେ ।

ବିକାଶର ନୂଆ ପରିଭାଷା ଖୋଜିବା ପାଇଁ ସତରଗୋଟି ମାନକକୁ ନେଇ କିଛିବର୍ଷ ହେଲା ଏସ୍‌ଡିଜି ନାମରେ ଚାଲିଛି ବିଶେଷ ବିଚାରବିମର୍ଶ ଓ କାର୍ଯ୍ୟକ୍ରମ । କ୍ଷୁଧା କେବଳ ଖାଦ୍ୟ ଉତ୍ପାଦନ ଉପରେ ନିର୍ଭର କରେ ନାହିଁ । ଅନେକ ଦିନରୁ ଖାଦ୍ୟଶସ୍ୟ ଉତ୍ପାଦନରେ ଆମେ ସ୍ୱାବଲମ୍ବୀ ହୋଇସାରିଛନ୍ତି । ତେଣୁ ଖାଦ୍ୟଦ୍ରବ୍ୟ ବଣ୍ଟନ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ ଭାବେ ବିନ୍ୟସ୍ତ କଲେ ଏବଂ ଶିଶୁ, ବୃଦ୍ଧ, ଅସହାୟ ଏବଂ ପ୍ରସୂତି ଓ ଗର୍ଭବତୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କଲେ ଯାଇ ଏହି ସମସ୍ୟା ଦୂର ହୋଇପାରିବ । ●

(ପୂର୍ବତନ ଆଇଏଏସ୍)

ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

# ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

## ମଞ୍ଜୁଆତି



ପ୍ରକୃତି-ପରିବେଶ

ମଞ୍ଜୁଆତି ବହୁ ଶାଖା-ପ୍ରଶାଖା ବିଶିଷ୍ଟ ଏକ ଗୁଳ୍ମ ବା ଛୋଟ ବୃକ୍ଷ । ଆମ ଦେଶରେ ଏହା ସର୍ବତ୍ର ଦେଖିବାକୁ ମିଳେ । ଏହାର ଚାଷ ପ୍ରାୟ ୧୨ ଶହ ଶତାବ୍ଦୀରୁ ଆରମ୍ଭ ହୋଇଥିବାର ଅନୁମାନ କରାଯାଏ । ପଞ୍ଜାବ, ମଧ୍ୟପ୍ରଦେଶ, ଗୁଜରାଟ, ରାଜସ୍ଥାନ ପ୍ରଭୃତି ରାଜ୍ୟରେ କ୍ରାନ୍ତୀୟ ତଥା ଉପକ୍ରାନ୍ତୀୟ ଅର୍ଦ୍ଧଶୁଷ୍କ ଅଞ୍ଚଳରେ ମୁଖ୍ୟତଃ ଏହାର ଚାଷ କରାଯାଏ । ରୋଗ/ପୋକ ନାଶକ, ଔଷଧ ଗୁଣ ବିଶିଷ୍ଟ ଏବଂ ସୌନ୍ଦର୍ଯ୍ୟବର୍ଦ୍ଧକ ହେତୁ ମଞ୍ଜୁଆତିର ଚାହିଦା ବଢ଼ିବାରେ ଲାଗିଛି । ହାତ, ପାଦ, ଦେହ, ମୁଣ୍ଡ ବାଳ ଓ ନଖ ଇତ୍ୟାଦିକୁ ରଙ୍ଗ କରିବା ପାଇଁ ଏହାର ପତ୍ରକୁ ବାଟି ବା ଗୁଣ୍ଡ କରି ବ୍ୟବହାର କରାଯାଏ । ଯେହେତୁ ମେହେନ୍ଦି ଅମ୍ଳ ଯୁକ୍ତ ଏହାର ସିଧାସଳଖ ପ୍ରୟୋଗ କ୍ଷତି ପହଞ୍ଚାଇପାରେ । ତେଣୁ ଏହା ସହିତ ଅଁଳା ଗୁଣ୍ଡ, ବ୍ରାହ୍ମୀ, ଶିକାକାୟା, ଭୃଙ୍ଗରାଜ, ପୋଦିନା ଇତ୍ୟାଦି ମିଶାଯାଇଥାଏ । ପତ୍ରକୁ ଅମଳ କରି ଶୁଖାଇ ଦିଆଯାଏ । ଶୁଖିଲା ପତ୍ରକୁ କୁଟା ଯନ୍ତ୍ର (ଥ୍ରେସର) ସାହାଯ୍ୟରେ ଗୁଣ୍ଡ କରି ପାଉଡର କରାଯାଏ । ଏହାସହିତ ଅନ୍ୟାନ୍ୟ ପ୍ରସାଧାନ ମିଶାଇ ବିଭିନ୍ନ କିସମର ମେହେନ୍ଦି ପ୍ରସ୍ତୁତ କରାଯାଇଥାଏ । ଏହାର ଫୁଲରୁ ମଧ୍ୟ ସୁବାସିତ ଅତର ତିଆରି ହୁଏ ।

ମଞ୍ଜୁଆତିର ଔଷଧୀୟ ତଥା ଅନ୍ୟାନ୍ୟ ଉପକାରୀ ତତ୍ତ୍ୱ ସବୁ ମୁଖ୍ୟତଃ ପତ୍ରରେ ଗଚ୍ଛିତ ଥିବା ବେଳେ ତାହାର ଛାଲି, ଫୁଲ, ମଞ୍ଜି ଓ ଚେର ମଧ୍ୟ ଔଷଧ ଭାବେ ବ୍ୟବହୃତ ହୁଏ । ଏହା ବ୍ୟାକ୍ଟେରିଆ, ଫୁରଫୁରି, କର୍କଟ, ମଧୁମେହ, ପ୍ରଦାହ ପରଜୀବୀ ବା ପାରାସାଇଟ, ଭୂତାଣୁ, ବାନ୍ତି ନିରୋଧକ । କଫ ନିଷ୍କାସକ, ଜଳାପୋଡ଼ା, ଗରମ ଘା'ର ଉପଶମକାରରୀ । ଶ୍ୱେତ ଚର୍ମ, କୁଷ୍ଠ ରୋଗ, ମୁଣ୍ଡ ବ୍ୟଥା, କଣ୍ଠ ନାଳ ଯନ୍ତ୍ରଣା, ଶୁକ୍ରାଣୁ କ୍ଷୟ, କାମଳ ରୋଗ, ବୃଦ୍ଧି ପ୍ରାୟ ସମ୍ପ୍ରସାରିତ ପ୍ଲିହା ଆଦିର ଚିକିତ୍ସାରେ ମଧ୍ୟ ଏହାକୁ ବ୍ୟବହାର କରାଯାଏ । ମଞ୍ଜୁଆତି ଆମ ଗ୍ରାମାଞ୍ଚଳରେ ହିମକାରକ, ନିଦ୍ରାକାରକ ଏବଂ ସୌନ୍ଦର୍ଯ୍ୟବର୍ଦ୍ଧକ, ଚର୍ମରୋଗ ପ୍ରତିଷେଧକ ହିସାବରେ ଜଣାଶୁଣା ।

ଏହାର ରଙ୍ଗ ଗୁଣ ପଛରେ ରହିଛି ଲାଓସନ୍ ନାମକ ଉପକ୍ଷାର । ଏଥିସହିତ ଏଥିରେ ଉପଲବ୍ଧ ଅନ୍ୟାନ୍ୟ ରସାୟନିକ ପଦାର୍ଥ ଓ ଉପକ୍ଷାରଗୁଡ଼ିକ ହେଉଛି - ହାଇଡ୍ରୋକ୍ସି-ଏ-ନାଫଥାକୁଇନନ୍, ଜାନଥନ, ଲାକ୍ସାନଥନ-୨, ଗାଲିକ ଅମ୍ଳ, ଗ୍ଲୁକସାଇଡ, ଗ୍ଲୁକଜ, ମନ୍ନିଟଲ, ଫ୍ୟାଟ୍ ବା ଚର୍ବି, ମେସିନ୍, ମ୍ୟୁସିଲେଜ (ଗଛରୁ ନିର୍ଗତ ଅଠାଳିଆ ପଦାର୍ଥ), ହେନା ବା ମେହେନ୍ଦି ତୈଳ । ଫୁଲରେ ଯେଉଁ ପ୍ରୟୋଜନୀୟ ତୈଳ ଗଛିତ ଥାଏ ସେଥିରେ ଆଲ୍ଫା ଓ ବିଟା ଆୟୋନେସନ୍, ଯବକ୍ଷାରଜାନ ବିଶିଷ୍ଟ ପଦାର୍ଥ ଥାଏ । ଲାଖ, ରେସିନ ବା ଝୁଣା ମଧ୍ୟ ଏଥିରୁ ସଂଗୃହୀତ ହୁଏ । ମଞ୍ଜିରୁ ବହଳିଆ ତୈଳ, ମୂଳରେ ନାଲି ରଙ୍ଗ କରୁଥିବା ରସାୟନିକ ପଦାର୍ଥ ମଧ୍ୟ ମିଳିଥାଏ ।

ମେହେନ୍ଦି ପତ୍ରର ମୂଲ୍ୟ କିଲୋଗ୍ରାମ ପ୍ରତି ୫୦ ରୁ ୧୦୦ ଟଙ୍କାରେ ବିକ୍ରି ହୁଏ । ପ୍ରଥମ ବର୍ଷ ଏକର ପିଛା ୭୦ ରୁ ୮୦ କିଲୋଗ୍ରାମ ଅମଳ ହେବା ବେଳେ ପରବର୍ତ୍ତୀ ବର୍ଷମାନଙ୍କରେ ୫ ରୁ ୧୦ ଗୁଣ ଅଧିକ ଅମଳ ଆସେ । ଭାରତ, ପାକିସ୍ତାନ, ଇରାନ୍, ଇଜିପ୍ଟ, ନାଇଜେରିଆ, ୟେମେନ୍ ପ୍ରଭୃତି ଦେଶ ଏହାର ରପ୍ତାନୀ କରୁଥିବା ବେଳେ ଇସଲାମୀୟ ରାଷ୍ଟ୍ର ସମୂହ ଏବଂ ଉତ୍ତର ଆଫ୍ରିକା ଏହାର ଆମଦାନୀ କରନ୍ତି । ଏହି ଉଦ୍ଭିଦ ଉପକାରୀ ହେବା ସତ୍ତ୍ୱେ ବାସ୍ତୁ ନିୟମ ଅନୁସାରେ ନିଜ ଘରେ ଲଗାଇବା ଅଶୁଭ ସୂଚନା ବୋଲି ଧାରଣା ରହିଛି । ● (କ୍ରମଶଃ)

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।



## ୨୭ କୋଟିର ଖେଳାଳି

ଆଇପିଏଲ୍ ଇତିହାସରେ ଋଷଭ ପନ୍ତ ସବୁଠୁ ଦାମୀ ଖେଳାଳି ହେବାର ନୂଆ ରେକର୍ଡ ସ୍ଥାପନ କରିଛନ୍ତି। ଆଗାମୀ ୨୦୨୫ ସଂସ୍କରଣ ଲାଗି ନିକଟରେ ଅନୁଷ୍ଠିତ ଆଇପିଏଲ୍ ଖେଳାଳି ମହା ନିଲାମୀରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ପନ୍ତଙ୍କୁ ୨୭ କୋଟି ଟଙ୍କାରେ କ୍ରୟ କରିଥିଲା। ଫଳରେ ଆଇପିଏଲ୍‌ରେ ସେ ସବୁଠୁ ମହଙ୍ଗା ଖେଳାଳି ହୋଇଥିଲେ। ଏଥର ନିଲାମୀରେ ମଧ୍ୟ ଶ୍ରେୟାସ ଆୟର (୨୬.୭୫ କୋଟି, ପଞ୍ଜାବ କିଙ୍ଗ୍) ଓ ଭେଙ୍କଟେଶ ଆୟର (୨୩.୭୫ କୋଟି, କୋଲକାତା) ମଧ୍ୟ ୨୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟରେ ବିକ୍ରି ହୋଇଥିଲେ। ପୂର୍ବରୁ ଅଷ୍ଟ୍ରେଲିଆର ପ୍ୟାଟ୍ କମିନ୍ସ (୨୦.୫୦ କୋଟି)ଙ୍କ ନାମରେ ରହିଥିବା ଦାମୀ ଖେଳାଳି ଟ୍ୟାଗ୍ ଏଥର ଟପିଯାଇଥିଲା।

## କୋଲକାତାକୁ ଆଇପିଏଲ୍ ଟ୍ରଫି



୧୦ ବର୍ଷର ବ୍ୟବଧାନ ପରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଆଇପିଏଲ୍ ଟ୍ରଫି ଜିତିବାର ସ୍ୱାଦ ଚାଖିଥିଲା। ବର୍ଷର ପ୍ରଥମ ଭାଗରେ ଖେଳାଯାଇଥିବା ଆଇପିଏଲ୍‌ର ୧୭ତମ ସଂସ୍କରଣ ଫାଇନାଲରେ ଶ୍ରେୟାସ ଆୟରଙ୍କ ନେତୃତ୍ୱାଧୀନ କୋଲକାତା ୮ ୱିକେଟ୍‌ରେ ସନରାଇଜର୍ସଙ୍କୁ ମାତ୍ ଦେଇ ଚାମ୍ପିଅନ ହୋଇଥିଲା। ୨୦୧୨ରେ ପ୍ରଥମ ଓ ୨୦୧୪ ଶେଷଥର ଲାଗି ଟ୍ରଫି ଜିତିଥିବା କେକେଆର୍ ୧୦ ବର୍ଷ ପରେ ପୁଣିଥରେ ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଥିଲା।

## ପାରା କ୍ରୀଡ଼ାବିତ୍‌ଙ୍କୁ ସର୍ବକାଳୀନ ସଫଳତା

ପ୍ୟାରିସ ପାରାଅଲିମ୍ପିକ୍ସରେ ଭାରତ ସର୍ବକାଳୀନ ସର୍ବାଧିକ ପଦକ ଜିତି ସ୍ୱତନ୍ତ୍ର ଛାପ ଛାଡ଼ିବାରେ ସମର୍ଥ ହୋଇଥିଲା। ଭାରତ ମୋଟ୍ ୨୯ ପଦକ ଜିତି ୧୮୦ ଦେଶ ମଧ୍ୟରେ ୧୮ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଯେଉଁଥିରେ ୭ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୩ କାଂସ୍ୟ ପଦକ ରହିଥିଲା। ୨୦୨୦ରେ ଟୋକିଓରେ ଭାରତ ୧୯ ପଦକ ଜିତି ରେକର୍ଡ କରିଥିଲା। ଯାହାକୁ ଏଥର ଭାରତ ଟପି ନୂଆ ରେକର୍ଡ ପ୍ରତିଷ୍ଠା କରିଥିଲା। ତୀରନ୍ଦାଜ ଶୀତଲ ଦେବୀ ଗୋଡ଼ରେ ଧନୁଚାଳନା କରି ଏଥର ଚର୍ଚ୍ଚାର ଶୀର୍ଷରେ ରହିଥିଲେ।



## ବିବାଦରେ ବିନେଶ

### ୧୦୦ ଗ୍ରାମ ଓଜନ ପାଇଁ ପଦକରୁ ବଞ୍ଚିତ

ମହିଳା କୁସ୍ତିଯୋଦ୍ଧା ବିନେଶ ଫୋଗଟ୍ ଅଲିମ୍ପିକ୍ସରେ ଫାଇନାଲ ଲଢ଼େଇ ପୂର୍ବରୁ ଅଯୋଗ୍ୟ ଘୋଷିତ ହୋଇ ନିଶ୍ଚିତ ପଦକରୁ ବଞ୍ଚିତ ହେବା ଏଥର ଅଲିମ୍ପିକ୍ସରେ ସବୁଠୁ ଚର୍ଚ୍ଚାର ଖବର ରହିଥିଲା। କୁସ୍ତିର ମହିଳା ୫୦ କିଗ୍ରା ଫ୍ରିଷ୍ଟାଇଲ ଇଭେଣ୍ଟର ଫାଇନାଲରେ ପ୍ରବେଶ କରି ବିନେଶ ରୌପ୍ୟ ପଦକ ନିଶ୍ଚିତ କରିଥିଲେ। କିନ୍ତୁ ଫାଇନାଲ ଲଢ଼େଇ ପୂର୍ବରୁ ଜଣାପଡ଼ିଥିଲା ଯେ ତାଙ୍କର ଓଜନ ୧୦୦ ଗ୍ରାମ ଅଧିକ ରହିଛି। ଯେଉଁଥି ପାଇଁ ତାଙ୍କୁ ଫାଇନାଲ ଖେଳିବାରୁ ଅଯୋଗ୍ୟ ଘୋଷିତ ହୋଇଥିଲେ। ଏହାପରେ ସେ ବିଶ୍ୱ କ୍ରୀଡ଼ା ଅଦାଲତ 'କାସ୍'ର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେଠାରେ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା।



## ପ୍ୟାରିସ୍‌ରେ ସ୍ୱର୍ଣ୍ଣଶୂନ୍ୟ ଭାରତ

ଚଳିତ ବର୍ଷ କ୍ରୀଡ଼ା ଜଗତ ପାଇଁ ବେଶ୍ ମହତ୍ତ୍ୱ ରଖିଥିଲା। ବିଶ୍ୱ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଟୋକିଓର ସଫଳତାକୁ ଭାରତୀୟ ଦଳ ପ୍ୟାରିସରେ ଏଥର ଦୋହରାଇପାରି ନ ଥିଲା। ୧୬ଟି କ୍ରୀଡ଼ାରେ ଭାରତର ୧୧୦ ଜଣ କ୍ରୀଡ଼ାବିତ୍ ଏହି ମହାକୁମ୍ଭକୁ ଯୋଗ୍ୟତା ଅର୍ଜନ କରିଥିଲେ। କିନ୍ତୁ ଭାରତୀୟ ଦଳ ପ୍ୟାରିସରୁ ସ୍ୱର୍ଣ୍ଣ ଶୂନ୍ୟ ହୋଇ ସ୍ୱଦେଶ ଫେରିଥିଲା। ଅର୍ଥାତ୍ ଭାରତ ଗୋଟିଏ ରୌପ୍ୟ ଓ ୫ଟି କାଂସ୍ୟ ସହ ମୋଟ୍ ୬ଟି ପଦକ ଜିତିବାରେ ସମର୍ଥ ହୋଇଥିଲା।



## ଗ୍ରାଣ୍ଡମାଷ୍ଟର ଗୁକେଶ

୨୦୨୪ରେ ୧୮ ବର୍ଷୀୟ ଭାରତୀୟ ଗ୍ରାଣ୍ଡମାଷ୍ଟର ଗୁକେଶ ଦୋମ୍ମାରାଜୁ ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ରେ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଥିଲେ। ଫାଇନାଲରେ ସେ ଡିଫେଣ୍ଡିଂ ଚାମ୍ପିଅନ ଚୀନ୍‌ର ଡିଙ୍ଗ ଲିରେନ୍‌ଙ୍କୁ ପରାସ୍ତ କରି ବାଜି ମାରିଛନ୍ତି। ଏଥିସହ ଗୁକେଶ ଚେସ୍‌ରେ ନୂଆ ବାଦ୍‌ଶାହା ଭାବେ ଉଭା ହୋଇଛନ୍ତି। ପୂର୍ବରୁ ୧୯୮୫ରେ ରୁଷିଆର ଗ୍ୟାରୀ କାସ୍ପାରୋଭ ୨୨ ବର୍ଷରେ ଟାଇଟଲ ଜିତି ସର୍ବକନିଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଚତୁର୍ଦ୍ଦଶ ତଥା ଅନ୍ତିମ ଗେମ୍‌ରେ ଚୀନ୍ ଖେଳାଳିଙ୍କୁ ସେ ପରାସ୍ତ କରିଥିଲେ। ୧୪ଟି ଗେମ୍ ଶେଷ ସୁଦ୍ଧା ସେ ୭.୫-୬.୫ରେ ଲିରେନ୍‌ଙ୍କୁ ପଛରେ ପକାଇ ବାଜି ମାରିଥିଲେ। ଚାମ୍ପିଅନ ହେବା ସହ ଗୁକେଶ ଏବେ ୨.୫ ମିଲିଅନ ଆମେରିକୀୟ ଡଲାର ଅର୍ଥାତ ୨୦ କୋଟି ୮୬ ଲକ୍ଷ ଟଙ୍କା ପୁରସ୍କାର ପାଇବେ।



## ମନ ଜିଣିଲେ ମନୁ

ଏଥର ପ୍ୟାରିସରେ ଅଂଶଗ୍ରହଣ କରିଥିବା ଭାରତୀୟ ଦଳ ପାଇଁ ଯୁବା ସୁଟର୍ ମନୁ ଭାକର ସର୍ବାଧିକ ସଫଳତା ଆଣିଥିଲେ। ଭାରତ ଜିତିଥିବା ୬ଟି ପଦକରୁ ସେ ଏକାକୀ ୨ଟି ପଦକ ନିଜ ନାମରେ ଲିପିବଦ୍ଧ କରି ଦେଶର କ୍ରୀଡ଼ା ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଥିଲେ। ୨୨ ବର୍ଷୀୟା ମନୁ ୧୦ ମିଟର ଏୟାର ପିସ୍ତଲ ବ୍ୟକ୍ତିଗତ ଓ ମିକ୍ସଡ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଗୋଟିଏ ଲେଖାଏ କାଂସ୍ୟ ସଫଳତା ପାଇଥିଲେ। ମନୁ ମିକ୍ସଡ ଇଭେଣ୍ଟରେ ସରବଜୋତ୍ ସିଂହଙ୍କୁ ସାଥୀ କରି ଖେଳିଥିଲେ। ପ୍ରଥମ ଭାରତୀୟ ଭାବେ ଅଲିମ୍ପିକ୍ସର ଗୋଟିଏ ସଂସ୍କରଣରେ ୨ଟି ପଦକ ବିଜୟୀ ହେବାରେ ମନୁ ବିରଳ କୀର୍ତ୍ତିମାନ ସ୍ଥାପନ କରିଥିଲେ। ଏଥିସହ ଅଲିମ୍ପିକ୍ସରେ ସୁଟିଂ କ୍ରୀଡ଼ାରୁ ପଦକ ଜିତିବାରେ ସେ ଦେଶର ପ୍ରଥମ ମହିଳା ସୁଟର୍ ହେବାର ସୌଭାଗ୍ୟ ଲାଭ କରିଥିଲେ।



## ନିରାଶ କଲେ ନୀରଜ

ଦେଶର ଜାଭେଲିନ୍ ଥ୍ରୋ ସୁପର୍ ଷ୍ଟାର୍ ଭାବେ ବିବେଚିତ ହେଉଥିବା ନୀରଜ ଚୋପ୍ରାଙ୍କ ପାଇଁ ପ୍ୟାରିସ ଅଲିମ୍ପିକ୍ସ ନୈରାଶ୍ୟଜନକ ରହିଥିଲା। ତିନିବର୍ଷ ତଳେ ଟୋକିଓର ସ୍ୱର୍ଣ୍ଣିମ ସଫଳତାକୁ ନୀରଜ ଏଠାରେ ବଜାୟ ରଖିପାରି ନ ଥିଲେ। ପ୍ୟାରିସରେ ସେ ୮୯.୪୫ ମିଟର ଜାଭେଲିନ୍ ଫିଙ୍ଗି ପୋଡିୟମର ୨ୟ ସ୍ଥାନରେ ରହିବା ସହ ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ପାକିସ୍ତାନର ଅର୍ଶଦ ନଦୀମ ୯୨.୯୭ ମିଟର ସହ ପ୍ରଥମ ସ୍ଥାନରେ ରହି ନୀରଜଙ୍କଠାରୁ ସ୍ୱର୍ଣ୍ଣ ପଦକ ଛଡ଼ାଇନେଇଥିଲେ। ଟୋକିଓରେ ନୀରଜ ୮୮.୫୪ ମିଟର ସହ ସ୍ୱର୍ଣ୍ଣ ପଦକ କରାୟତ କରିଥିଲେ।



## କ୍ରିକେଟକୁ ଅଲ୍‌ବିଦା

ଦୁଇ ବ୍ୟାଟିଂ ଲିଜେଣ୍ଡ ବିରାଟ କୋହଲି, ରୋହିତ ଶର୍ମା, ସ୍ପିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଟି-୨୦ ବିଶ୍ୱକପ୍ ଜିତିବାପରେ କ୍ରିକେଟର ସବୁଠୁ ଏହି ଛୋଟ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ଏହି ଦୁଇ ଖେଳାଳିଙ୍କ ସମେତ ମୋଟ ୬ ଭାରତୀୟ କ୍ରିକେଟର ଅବସର ନେଇଛନ୍ତି। ସଦ୍ୟତମ ଖେଳାଳି ଭାବେ ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଗାବା ଟେଷ୍ଟ ଖେଳିବା ପରେ ଅନ୍ତର୍ଜାତୀୟ କ୍ରିକେଟରୁ ହଠାତ୍ ଅବସର ନେଇ ସମସ୍ତଙ୍କୁ ଚକିତ କରିଥିଲେ। ସେହିପରି ଓପନର ଶିଖର ଧାୱନ, ଦୀନେଶ କାର୍ତ୍ତିକ ମଧ୍ୟ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ।

## ଶିଖରରେ କ୍ରିକେଟ ପ୍ରଶାସକ ଜୟ ଶାହ



ଭାରତୀୟ ଯୁବ କ୍ରିକେଟ ପ୍ରଶଂସକ ଜୟ ଶହା କ୍ୟାରିଅର ଶିଖରେ ପହଞ୍ଚିଛନ୍ତି। ଗତ ପହିଲାରେ ସେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଅଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୩୬ ବର୍ଷୀୟ ଶାହ ୨୦୨୯ରୁ ୨୦୨୪ ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଭାବେ ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଭାରତ ୨୦୨୪ ଟି-୨୦ ବିଶ୍ୱକପ୍ ଜିତିବା ସହ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା। ଗୁଜରାଟ କ୍ରିକେଟ ଆସୋସିଏସନ (ଜିସିଏ)ରୁ କ୍ୟାରିଅର ଆରମ୍ଭ କରି ସେ ଆଇସିସିକୁ ଲମ୍ଫ ଡିଆଁ ମାରିଛନ୍ତି।

## ଅଲିମ୍ପିକ୍ ହକିରେ କ୍ରମାଗତ କାଂସ୍ୟ

ପ୍ୟାରିସରେ ଭାରତୀୟ ପୁରୁଷ ହକି ଦଳ କାଂସ୍ୟ ପଦକ ସହ ସ୍ୱଦେଶ ଫେରିଥିଲା। ସେମିରେ ଜର୍ମାନୀଠାରୁ ୩-୨ ଗୋଲରେ ହାରିଥିବା ଭାରତ କାଂସ୍ୟ ଲଢ଼େଇ ମୁକାବିଲାରେ ସ୍ପେନକୁ ଭେଟିଥିଲା। ଏଥିରେ ଭାରତ ୨-୧ ଗୋଲରେ ବିଜୟୀ ହୋଇ ଅଲିମ୍ପିକ୍ସରେ କ୍ରମାଗତ ୨ୟ କାଂସ୍ୟ ଜିତିଥିଲା। ଓଡ଼ିଆ ପୁଅ ଅମିତ୍ ରୋହିଦାସ ଭାରତକୁ ପଦକ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଚେସ୍ ଅଲିମ୍ପିଆଡ୍‌ରେ ଭାରତର ଚମକ

ଚଳିତବର୍ଷ ହଙ୍ଗେରୀ ବୁଦାପେଷ୍ଟରେ ଅନୁଷ୍ଠିତ ଚେସ୍ ଅଲିମ୍ପିଆଡର ୪୫ତମ ସଂସ୍କରଣ ଭାରତ ଦମ୍‌ଦାର ପ୍ରଦର୍ଶନ କରି ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିଲା। ପୁରୁଷ ଓ ମହିଳା ଟିମ୍ ପ୍ରତିଯୋଗିତାରେ ଭାରତକୁ ଏହି ସ୍ୱର୍ଣ୍ଣିମ ସଫଳତା ମିଳିଥିଲା। ଏଥିସହ ବିଶ୍ୱ ସତରଞ୍ଜରେ ଭାରତ ଏକ ମହାଶକ୍ତି ରୂପେ ଉଭା ହୋଇଛି। କେବଳ ସେତିକି ନୁହଁ ଭାରତୀୟ ଖେଳାଳିମାନେ ୪ଟି ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଥିଲେ।

## ଦ୍ୱିତୀୟ ଟି-୨୦ ବିଶ୍ୱକପ୍ ଟାଇଟଲ

ୱେଷ୍ଟଇଣ୍ଡିଜ ଓ ଆମେରିକାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣରେ ଭାରତ ରୋହିତ ଶର୍ମାଙ୍କ ନେତୃତ୍ୱରେ ଚାମ୍ପିଅନ ହୋଇଥିଲା। ଫାଇନାଲରେ ଭାରତ ୭ ୱିକେଟରେ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଦ୍ୱିତୀୟଥର ପାଇଁ ବିଶ୍ୱକପ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ୭ ୱିକେଟ ହରାଇ ୧୭୬ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୮ ୱିକେଟ ହରାଇ ୧୬୯ ରନରେ ସୀମିତ ରହିଥିଲା। ଦ୍ରୁତ ୭୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଫାଇନାଲର ଓ ଯଶପ୍ରୀତ ବୁମ୍‌ରା ୧୫ ୱିକେଟ ନେଇ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୂର୍ବରୁ ୨୦୦୭ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଭାରତ ପ୍ରଥମଥର ପାଇଁ ଟି-୨୦ ବିଶ୍ୱକପ୍ ଟାଇଟଲ ଜିତିଥିଲା।



# କଟା ଧାନରେ ପାଣି

ବାରିକପୁର, ୨୨।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଚାଷ ହୋଇଥିବା ଖରିଫ୍ ଧାନ ଚାଷ ଏବେ ଲଘୁଚାପ ଜନିତ ପଶ୍ଚିମା ଝଡରେ ଗଭୀର ପ୍ରଭାବିତ ହୋଇଛି। ଦୁଇଦିନ ଧରି ବର୍ଷା ଫଳରେ ଅନେକ ଚାଷ ଜମିରେ ପାଣି ଜମି ଯାଇଛି। ପାଚିଲା ଧାନ ଠିଆ ହୋଇଥିବା ବେଳେ କିଛି ମଧ୍ୟ କଟା ହୋଇ ବିଲରେ ପଡ଼ିଛି। ଏତିକି ବେଳକୁ ଅଦିନିଆ ବର୍ଷା ଯୋଗୁଁ କାଟା



ଧାନ ଉପରେ ପାଣି ମାଡି ଯାଇଛି। ଯେଉଁ ଜମି ସାମାନ୍ୟ ଆଦ୍ରତା ଥିଲା ସେଠି ସମ୍ପୂର୍ଣ୍ଣ ବର୍ଷା ପାଣି ଜମି ରହିଛି। ଶସ୍ୟ ଅମଳ ଉପଯୋଗୀ ସମୟକୁ ବର୍ଷା ମାଡ଼ ହେବାରୁ ଧାନର ସଠିକ ମାନ ନିର୍ଦ୍ଧାରଣ କରି ମଣ୍ଡିରେ ବିକ୍ରୟ କରି ପାରିବେ କି ନାହିଁ ଚାଷୀ ମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ଚଳିତ ବର୍ଷ ବ୍ଲକ ଅଞ୍ଚଳରେ ପ୍ରାୟ ୧୬ ହଜାର ହେକ୍ଟର ଜମିରେ ଖରିଫ୍ ଧାନ ଚାଷ ହୋଇଥିଲା। ସମସ୍ତ କ୍ଷେତକୁ ଅଦିନିଆ ବର୍ଷା ପ୍ରଭାବିତ କରିଛି। ତେଣୁ ଦୈବ ଦୁର୍ଘଟଣା କାରଣରୁ ଧାନ ବିକ୍ରୟ ବେଳେ ସରକାରୀ ସ୍ତରରେ କୋହଳ ବ୍ୟବସ୍ଥା ରହିଲେ ଚାଷୀ ମାନେ ଉପକୃତ ହୋଇ ପାରନ୍ତେ ବୋଲି ମତପ୍ରକାଶ ପାଇଛି।

# ବତୁରା ଧାନକୁ ସାଉଁଟୁଛନ୍ତି ଚାଷୀ

ଆରଡ଼ି, ୨୨।୧୨(ସମିସ)

ଦିନ ଧରି ଲଘୁଚାପ ଜନିତ ଅଦିନିଆ ବର୍ଷା ଲାଗି ରହିବା ପରେ ରବିବାର ପାଗର ସାମାନ୍ୟ ପରିବର୍ତ୍ତନ ଆସିବାରୁ କ୍ଷେତ ଓ ଖଳାରେ ବର୍ଷା ପାଣିରେ ଭିଜା (ବତୁରା) ଧାନକୁ ସାଉଁଟୁଛନ୍ତି ଚାଷୀ। ଲଘୁଚାପଜନିତ ଅଦିନିଆ ବର୍ଷା ଚାନ୍ଦବାଲି ବ୍ଲକର ଆରଡି, ନାନ୍ଦପୁର, ସୁନ୍ଦରପୁର, ଓଳଗ ଆଦି ଅଞ୍ଚଳର ଚାଷୀମାନଙ୍କର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଚାଷୀମାନଙ୍କର ଅମଳ ହୋଇଥିବା ପାଚିଲା ଧାନ କ୍ଷେତରେ ଓ ଖଳାରେ ପଡ଼ି ରହିଥିବାରୁ ଅଦିନିଆ ବର୍ଷା ସମ୍ପୂର୍ଣ୍ଣ ଭାବେ ଧୋଇ ଦେଇଛି। କ୍ଷେତରେ ଥିବା ଧାନ ପାଣିରେ ଭାସୁଥିବା ବେଳେ ଖଳାରେ ଧାନ ସାଇତିବା ପାଇଁ ଆବଶ୍ୟକ ଜରିପାଲ ନଥିବାରୁ ଧାନ ଓଦା ହୋଇ ଯାଇଥିବାରୁ ଗଜା ହେବାକୁ ବସିଲାଣି ବୋଲି ଚାଷୀମାନେ କହିଛନ୍ତି। ଚାଷୀମାନେ ଅମଳଧାନ ଘରକୁ ଆଣିବା ପରେ ଧାର କରଜ ଟଙ୍କା ପରିଶୋଧ କରିବା ସହିତ ବର୍ଷକର ଗୁଜୁରାଣ



ମେଂଟାଇଥାନ୍ତେ। ହେଲେ ସବୁ ଆଶା ଆଶଙ୍କା ବର୍ଷା ଧୋଇ ଦେଇଥିବା କହିଛନ୍ତି ଚାଷୀମାନେ। ତୁରନ୍ତ କୃଷି ବିଭାଗ ପକ୍ଷରୁ ଅନୁଧ୍ୟାନ କରି ସହାୟତ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ବର୍ଷାରେ ତିନ୍ତୁଛି ବର୍ଷକର ଆହାର



ବାସୁଦେବପୁର, ୨୨।୧୨(ସମିସ): ବାସୁଦେବପୁରରେ ଲଘୁଚାପ ଜନିତ ବର୍ଷା ପାଇଁ ସ୍ଥିତି ବେହାଲ ହୋଇପଡ଼ିଛି। ବିଶେଷ ଭାବେ ଧାନ ଓ ପରିବା ଚାଷୀଙ୍କ ମଧ୍ୟରେ ଭାଳେଣୀ ପଡ଼ିଛି। ଆହାର ସମୟରେ ଇନ୍ଦ୍ରଦେବଙ୍କ ପ୍ରହାର ଆଗରେ ଚାଷୀ ଭାଇମାନେ ଚିନ୍ତାରେ ପଡ଼ିଛନ୍ତି। ପାଚିଲା ଧାନ ବିଲରେ ରହିଥିବା ବେଳେ ଅଦିନିଆ ବର୍ଷା ଚାଷୀଙ୍କ ହାତରୁ ଛଡାଇ ନେବା ପରିସ୍ଥିତି ସୃଷ୍ଟି କରିଛି। ଏମିତି ସ୍ଥିତିରେ କିଏ ଅମଳ କରି ଖଳାକୁ ଆଣିବାରେ ସକ୍ଷମ ହୋଇଛି ତ ଆଉ କିଏ ଅଧା କାଟି ବିଲରେ ପକାଇଛି ଆଉ ଅନେକ ଚାଷୀଙ୍କର ଧାନ ବିଲରେ ପଡ଼ି ଅଦିନିଆ ବର୍ଷା ଖାଉଛି। ତେବେ ଏହି ଅଦିନିଆ ବର୍ଷା ଯୋଗୁଁ ବହୁ ଧାନ ନଷ୍ଟ ହୋଇଯିବା ସମ୍ଭାବନା ସୃଷ୍ଟି କରିଛି। ବର୍ଷା ଚାଷୀ କୂଳର ସବୁ କିଛି ଛାରଖାର କରିବାକୁ ବସିଛି। କିଏ ଧାନ କ୍ଷେତରେ ଗୁଡା ଲଗାଇ ସାଇତି ରଖୁଛି ତ ଆଉ କିଏ ଖଳାକୁ ଆଣିଥିବା ପାଚିଲା ଧାନକୁ ଜରି ପାଲ ଘୋଡାଇ ସୁରକ୍ଷିତ ରଖିବାକୁ ପ୍ରୟାସ ଜାରି ରଖିଛି। ବହୁତ ଚାଷୀ ନିଜର ପରିବାରର ଆହାର ସଂଗ୍ରହ କରିବାରେ ବିଫଳ ହେବା ସ୍ଥିତି ଉପୁଜିଥିବା ସମୟରେ ହାତ ଉଦ୍ଧାରୀ ଅର୍ଥ କିପରି ଭାବେ ପରିଶୋଧ କରିବେ ତାହା ଚିନ୍ତାରେ ପଡ଼ି ଯାଇଛନ୍ତି।

# ଆପେକ୍ସ ସ୍କୁଲରେ ବିଜ୍ଞାନ ମେଳା



ଭଦ୍ରକ, ୨୨।୧୨(ସମିସ): ଧାମନଗର ବ୍ଲକ ଧୃଷୁରୀ ଆପେକ୍ସ ଇଂରାଜୀ ମିଡିୟମ ସ୍କୁଲରେ ବିଜ୍ଞାନ ମେଳା ଆଜି ଅନୁଷ୍ଠିତ ହୋଇଯାଇଛି। ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିହାରରଞ୍ଜନ କର ମୁଖ୍ୟଅତିଥି ଭାବେ ଓ ମୂରଲୀଧର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଜ୍ୟୋତିରଞ୍ଜନ ମହାପାତ୍ର ବିଚାରକ ଭାବେ ଯୋଗଦାନ କରିଥିଲେ। ଶ୍ରୀ କର ବିଜ୍ଞାନ ପ୍ରତି ଛାତ୍ରଛାତ୍ରୀ ଅଧିକ ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରି ପ୍ରକଳ୍ପ ଗୁଡିକ ବୁଲି ଦେଖିଥିଲେ। ଶିକ୍ଷାନୁଷ୍ଠାନର ଏକାଡେମିକ ମୁଖ୍ୟ ସନ୍ଦିପ ଚୌଧୁରୀ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷ ସରୋଜ ମହାପାତ୍ର ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ପଲାଇ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ମେଳାରେ ୧୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥି ଓ ବିଚାରପତିଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ ପୁରସ୍କୃତ କରାଯାଇଥିଲା। ଏକ ଦିବସୀୟ ବିଜ୍ଞାନ ମେଳାକୁ କୈଳାସ ଚନ୍ଦ୍ର ମଣ୍ଡଳ, ସୁଚରିତ ରାୟ, ତ୍ରିନାଥ ଜେନା, ସ୍ମୃତି ରୂପା ଭୂୟାଙ୍କ, ସ୍ମୃତି ରଞ୍ଜନ ବାରିକ, କାଜଲ ପଣ୍ଡା, ଶରତ ପରିଡ଼ା, ସମ୍ବିତ ପ୍ରଧାନ, ଶର୍ମିଷ୍ଠା ମହାପାତ୍ର, ତପସ୍ୱିନୀ ଲେଙ୍କା, ସୌମ୍ୟା ସୁଜାତା ମିଶ୍ର, ରାଜଲକ୍ଷ୍ମୀ ମହାପାତ୍ର, ଅନୀତା ରାଣୀ ସାହୁ, ରଶ୍ମି ରଞ୍ଜନ ବେହେରା, ଅନିତା ମଲ୍ଲିକ, ସ୍ୱର୍ଣ୍ଣଲତା ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

# ଶୋଷ ମେଣ୍ଟାଉନି ବସୁଧା ପ୍ରକଳ୍ପ

ବନ୍ତ/ଆଗରପଡ଼ା, ୨୨।୧୨(ସମିସ): ବନ୍ତ ବ୍ଲକର ୨୫ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବସୁଧା ଯୋଜନାରେ ପ୍ରକଳ୍ପ ମାନ ନିର୍ମାଣ ହୋଇଥିବା ବେଳେ ଏସବୁରୁ ଲୋକଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳଯୋଗାଣ ହୋଇପାରୁ ନାହିଁ। ପ୍ରକଳ୍ପ ଥାଇ ସୁଦ୍ଧା ଶୋଷ ମେଣ୍ଟି ପାରୁନାହିଁ। ସୂଚନା ଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ଥିଲେ



ସୁଦ୍ଧା ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଆରଡବ୍ଲ୍ୟୁଏସଏସ ମାଧ୍ୟମରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଧୀନରେ ବସୁଧା ଯୋଜନାରେ ଗ୍ରାମାଞ୍ଚଳରେ ଏସବୁ ପ୍ରକଳ୍ପ ଫେଲ୍ ମାରିଛି। କାଦବରାଙ୍ଗ, ବଡ଼ବର୍ଚ୍ଚିକୟାଁ, ଓଡ଼ଙ୍ଗ ପଞ୍ଚାୟତ, ଚାରିଗାଁ, ବିଟିପୁର ଆଦି ବିଭିନ୍ନ ପଞ୍ଚାୟତରେ ବସୁଧା ଯୋଜନାରେ ନିର୍ମିତ ଜଳ ଯୋଗାଣ ପ୍ରକଳ୍ପ ଲୋକଙ୍କ କାମରେ ଆସିପାରୁନାହିଁ। ଗୋଟେ ଗୋଟେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ୧୩୫.୯୫ ଲକ୍ଷ ଅଟକଳ ମୂଲ୍ୟରେ ନିର୍ମିତ ହୋଇଥିବାବେଳେ ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରୁ ପ୍ରକଳ୍ପ ବାଟବଣା ହେଉଛି। ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ବିଭିନ୍ନ ସ୍ଥାନରୁ ପାଇପ୍ ଫାଟି ପାଣି ବୋହିବା ସହ ବହୁ ଜାଗାରେ ପାଣି ପହଞ୍ଚି ପାରୁନାହିଁ। ଏହି ସବୁ ସମସ୍ୟାକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଯେଉଁ ଯେଉଁ ସ୍ଥାନରେ ସମସ୍ୟା ଦେଖା ଯାଉଛି ସେହିସବୁ ସମସ୍ୟାର ସମାଧାନ ପାଇଁ ବିଭାଗ ତରଫରୁ ପଦକ୍ଷେପ ନିଆ ଯାଉଥିବାର ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ ପ୍ରକୃତ ପକ୍ଷେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଜଣାପଡ଼ିଛି।

● ୭ ଦିନ ପରେ ସ୍ୱାଭାବିକ ହେଲା ଗମନାଗମନ

# ଗଡ଼ିଲା ଭଦ୍ରକ-ଆନନ୍ଦପୁର ରାସ୍ତାରେ ବସ୍

ବନ୍ତ/ଆଗରପଡ଼ା, ୨୨।୧୨(ସମିସ): ପୂରା ଗୋଟିଏ ସପ୍ତାହ ପରେ ଭଦ୍ରକ-ଆନନ୍ଦପୁର ରାସ୍ତାରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି। ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଏହାର ସମାଧାନ ହୋଇପାରିଥିବା ସୂଚନା ମିଳିଛି। ଗତ ଶନିବାର ପୁଲିସ ପ୍ରଶାସନ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଘଟଣାସ୍ଥଳରୁ ଉଦ୍ଧାର କରି ବନ୍ତ ଥାନା ପରିସରକୁ ନେଇଥିବା ଜଣାପଡ଼ିଥିଲା। ପରେ ରବିବାର ସକାଳୁ ଉକ୍ତ ରୁଟ୍‌ରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ଗୋଟିଏ ପଟେ ମୃତକଙ୍କ ପରିବାର ତରଫରୁ କ୍ଷତିପୂରଣ ଦାବି ତ ଅନ୍ୟପଟେ ବସ୍ ସିଣ୍ଡିକେଟ୍ ତା' ଜିଦ୍‌ରେ ଅଟଳ ରହିଥିବାରୁ ନିଦାବିଷ୍ଟ ସାଜିଥିଲା ପ୍ରଶାସନ। ଶେଷରେ ୭ଦିନ ପରେ ପୁଲିସ ପ୍ରଶାସନ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଘଟଣାସ୍ଥଳରୁ ଉଦ୍ଧାର କରି ବନ୍ତ ଥାନା ପରିସରକୁ ନେଇଥିଲେ। ବସ୍ ଚଳାଚଳ ବନ୍ଦ ଯୋଗୁଁ ଭଦ୍ରକ-ଆନନ୍ଦପୁର ରାସ୍ତାର ବିଭିନ୍ନ ଛକ ଜାଗାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ଯାତ୍ରୀ। ଲୋକେ ଅଟୋରେ ବିପଦସଙ୍କୁଳ ପରିସ୍ଥିତିରେ ଯିବା ଆସିବା କରୁଥିବା ଦେଖିବାକୁ ମିଳିଥିଲା। ଲଘୁଚାପ ଜନିତ ବର୍ଷା ଶୁକ୍ରବାର ରାତିରୁ ଲାଗି ରହିଥିବା ବେଳେ ବସ୍ ଚଳାଚଳ ବନ୍ଦ ଯୋଗୁଁ ଏହା ମଧ୍ୟ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଥିଲା। ତେବେ ଆଜି ଠାରୁ ବସ୍ ଚଳାଚଳ ସ୍ୱାଭାବିକ ହୋଇଛି।

# ବିକଳ୍ପ ବାଇପାସ୍ ରାସ୍ତା ପାଇଁ ଦାବି ଜୋର୍ ଧରିଲା

ଅସୁରାଳି, ୨୨।୧୨(ସମିସ): ଧାମନଗର ବ୍ଲକ ହସନାବାଦ ପଞ୍ଚାୟତ ଅସ୍ତକ ପ୍ରଧାନ ଦେଇ ଯାଇଥିବା ସଡକଟିରେ ସାମାନ୍ୟ ଜବରଦଖଲ ମୁକ୍ତ ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରା ହୋଇଥିଲେ ମଧ୍ୟ ଉକ୍ତ ଗ୍ରାମ ମଧ୍ୟ ଦେଇ ଯାଇଥିବା ରାସ୍ତାର ଦୁଇଧାରରେ ସମସ୍ତ ଜବର ଦଖଲକାରୀଙ୍କ ଉପରରେ ପ୍ରଶାସନ ଦ୍ୱାରା କୌଣସି କାର୍ଯ୍ୟନୁଷ୍ଠାନ ହେଉ ନ ଥିବା ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଉକ୍ତ ସଡ଼କଟି ଭଦ୍ରକ ଜିଲ୍ଲା ସହିତ ଯାଜପୁର ଜିଲ୍ଲାକୁ ସଂଯୋଗ କରିଥାଏ। ତେଣୁ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଏ ରାସ୍ତା ଗୁରୁତ୍ୱ ବହନ କରିଥାଏ। ଦୀର୍ଘଦିନ ଧରି ସବୁ ରାସ୍ତାକୁ ଅବରୋଧ କରି ଦୁଇଧାରରେ ବହୁ ଘର ତିଆରି କରାଯାଇଛି। ଏହାସହ ରାସ୍ତା ଉପରେ ଗାଈଗୋରୁ ବାନ୍ଧିବା ବାଲି, ଚିପ୍ସ ରାସ୍ତାରେ ଜମାକରି ଥିବାରୁ ରାସ୍ତାରେ ଯାତାୟାତ କରିବାର ବାଧା ସୃଷ୍ଟି କରୁଛି। ଏହା ଏକ ନିତିଦିନିଆ ଅଭ୍ୟାସ ହୋଇଥିବା ବେଳେ ସ୍ଥାନୀୟ ପ୍ରଶାସନର ଉଦାସୀନତା ମନୋଭାବ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଲାଣି। ଉକ୍ତ ଗ୍ରାମର ଦୀର୍ଘଦିନ ଧରି କିଛି ମୁଷ୍ଟିମେୟ ଲୋକ ରାସ୍ତାକୁ ଅବରୋଧ କରି କୋଠଘର ନିର୍ମାଣ କରିଛନ୍ତି। ବାରମ୍ବାର ପ୍ରଶାସନକୁ ଅବଗତ କରାଯିବା ପରେ ପ୍ରଶାସନ ତରଫରୁ ସମସ୍ୟା ସମାଧାନ ହେଉନଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

# ରାସ୍ତାରୁ ଉଠିଗଲାଣି ଫଡ଼ା ଫଡ଼ା ପିଚୁ



ଅସୁରାଳି, ୨୨।୧୨(ସମିସ): ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। କିଛି ଦିନ ହେବ ଏହି ରାସ୍ତାର ମରାମତି କରାଯାଉଛି। କିନ୍ତୁ ନିମ୍ନମାନର କଞ୍ଚାମାଲ ଓ ଆବଶ୍ୟକତା ଠାରୁ କମ୍ ପିଚୁ ପକାଇ କାମ ଚାଲିଛି। ଫଳରେ ଅଳ୍ପ ଦିନରେ ପିଚୁ ଫଡା ଫଡା ହୋଇ ଉଠିଗଲାଣି।

ବିଗତ ୫ ବର୍ଷରେ ଥର ଟିଏ ବି ଏହି ରାସ୍ତା ମରାମତି ହୋଇ ନାହିଁ। ବହୁ ଦିନ ହେଲା ଭିତ୍ତି ପ୍ରସ୍ତର ହୋଇଥିଲେ ମଧ୍ୟ କୌଣସି ପ୍ରକାର କାର୍ଯ୍ୟର ଅଗ୍ରଗତି ଦେଖା ଯାଇନଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଥିବ ଥିବା ବହୁ ପୁରାତନ ମୂଲ୍ୟବାନ ଗଛକୁ ତରବରିଆ ଭାବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ କାଟି ଦିଆଗଲା। ଯେଉଥି ପାଇଁ ସ୍ଥାନୀୟ ଜନସାଧାରଣଙ୍କ ଭିତରେ ଅସନ୍ତୋଷ ଦେଖିବାକୁ ମିଳୁଥିଲା। ଫଳରେ ବାରମ୍ବାର ଦାବି ପରେ ରାସ୍ତା ମରାମତି ହେଉଛି। କିନ୍ତୁ ତାହା ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଯନ୍ତ୍ରୀ ନବଘନ ମାରାଣ୍ଡିଙ୍କୁ ପଚାରିବାରୁ ସେ କହିଲେ ଆମେ ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ।

# ସ୍ୱର୍ଗରଥ ସେବାର ଶୁଭାରମ୍ଭ

ଧାମନଗର, ୨୨।୧୨(ସମିସ): ଧାମନଗର ଏନ୍‌ଏସି ଆନୁକୂଲ୍ୟରେ ନୂତନ ସ୍ୱର୍ଗରଥ ସେବାର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ଅପରାହ୍ନରେ ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ ସ୍ୱର୍ଗରଥ ସେବାର ପତାକା ଦେଖାଇ ଏହାର ଶୁଭାରମ୍ଭ



ଏଜଦାନି କାଦିରୀ, ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନ୍ମୟ ସାମନ୍ତସିଂହାର, ଡାକ୍ତର ମାଝୀ ମାଝୀ, କାଉନସିଲର ବୃନ୍ଦ ତଥା ଅନୁ ମୁଣ୍ଡା, ସୁବାସିନ କର, ସ୍ୱାଧୀନ ସମ୍ବିତ ଦାସ, ଉତ୍ତମ ମହାନ୍ତି, ଏମଡି ଜୟନୁଲ ହକ୍, ନଜମା ଖାତୁନଙ୍କ ସମେତ ସମସ୍ତ

କରିଛନ୍ତି। ଧାମନଗର ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷା ନିବେଦିତା ଜେନା, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ଉପାଧ୍ୟକ୍ଷ ଓସିମ ପାରିପଷ ବର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଧାମନଗର ଅଞ୍ଚଳର ଜନ ସାଧାରଣ ସୁବିଧା ନିମନ୍ତେ ତଥା କେହି ଜଣେ ମୃତ୍ୟୁବରଣ କଲେ ଉକ୍ତ ସ୍ୱର୍ଗରଥରେ ଶବ ସତ୍କାର କରିବା ପାଇଁ ପୁରୀ ସ୍ୱର୍ଗ ଦ୍ୱାରକୁ ନେଇଯିବାର ବ୍ୟବସ୍ଥା କରାଯାଇଛି ବୋଲି ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି।

# ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କାର୍ଯ୍ୟକ୍ରମ

ଆରଡ଼ି, ୨୨।୧୨(ସମିସ): ଭଦ୍ରକ ଜିଲ୍ଲା ଓଳଗ ପଞ୍ଚାୟତସ୍ଥିତ ବୋଡକ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲରେ ଜିଲ୍ଲା ରକ୍ତ ସଂଗଠନ ଚାରିଟେବୁଲ ଟ୍ରଷ୍ଟ ଓଡ଼ିଶା ଓ ଜେପିଏମ୍ ରୋଟାରି କ୍ଲବ ଅଫ, କଟକ ପକ୍ଷରୁ ମାଗଣା ମୋତିଆ ବିନ୍ଦୁ ଚିକିତ୍ସା ଶିବିର ଆୟୋଜନ ହୋଇଥିଲା। ଏହି ଶିବିରରେ ଲୋକ ମାନଙ୍କ ଆଖିର ଯାହା ସମସ୍ୟା ଥିବ ଦୂର କରିବା ପାଇଁ ଡାକ୍ତରମାନଙ୍କ ଦ୍ୱାରା ମାଗଣା ଅସ୍ତ୍ରୋପ୍ରଚାର କରାଯିବ। ଏଥିର ବିବେଚିତ ରୋଗୀଙ୍କୁ ଡ.ସୁବାଶିଷ ଦାସ, ପ୍ରସନଜିତ୍ ମହାନ୍ତି, ସୁଚିତ୍ରା ସାମଲ, ଡଲିରାଣୀ ବାରିକ ଚିକିତ୍ସା ବିନା ମୂଲ୍ୟରେ ଚିକିତ୍ସା, ଔଷଧ, ଜବକାଚ ଚଷମା ଆଦି ସହ ରୋଗୀ ମାନଙ୍କର ଅପରେସନ ବେଳେ ନବା ଆଣିବା ରହିବା ଖାଦ୍ୟ ଆଦିର ବ୍ୟବସ୍ଥା କରାଇବେ। ଏହି ଶିବିରରେ ଅତିଥି ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ଓ ସମାଜସେବୀ ନବଜୀବନ ଫାଉଣ୍ଡେସନ ଓଡ଼ିଶା ଶାଖାର ମୁଖ୍ୟ ମାନସ ରଞ୍ଜନ ସାହୁ ସଂଗଠନର ସଭାପତି ମିଥୁନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଜଗା ଦାସଙ୍କ ସ୍ମୃତି ଚାରଣ ସଭା

ବାରିକପୁର, ୨୨।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ଜଳମଣ୍ଡୁଆ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ, ପ୍ରାଥମିକ କୃଷି ସମବାୟ ସମିତିର ପ୍ରାକ୍ତନ ସଭାପତି ଏବଂ ଭଦ୍ରକ ଜିଲ୍ଲା ବିଜେପି ଉପସଭାପତି ଜଗବନ୍ଧୁ ଦାସଙ୍କ ଅକାଳ ବିୟୋଗରେ ଆଜି ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଶିକ୍ଷାବିତ ଲକ୍ଷ୍ମୀଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ସଭାରେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେପି ନେତା ବଦ୍ରୀ ନାରାୟଣ ଧଳ, ସୁଧାଂଶୁ ନାୟକ, ସମାଜସେବୀ ଗୋଲକ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟ ତଥା ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ବିଜେପି ନେତା ଅକ୍ଷୟ କୁମାର ସାହୁ, କଂଗ୍ରେସ ବ୍ଲକ ସଭାପତି ରଜନୀ କାନ୍ତ ଚନ୍ଦ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ଭାରତୀ, ପ୍ରକାଶ ମହାପାତ୍ର, ଗିରିଶ ଚନ୍ଦ୍ର ସାମଲ, ପ୍ରଫୁଲ୍ଲ ସାହୁ, ରାମଚନ୍ଦ୍ର ସେନାପତି, ସରପଞ୍ଚ ରଞ୍ଜନ ପରିଡ଼ା, ନିର୍ମଳ କର, ସତ୍ୟାନନ୍ଦ ମହାପାତ୍ର, ବିଜୟ ଶଙ୍କର ମହାନ୍ତି, ଜଗତ ଜୀବନ ବାରିକ, ତରଣୀ ସେନ ଜେନା, ବାବାଜୀ ଜେନା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ ଜୀବନ ବ୍ୟାପି ସମାଜ ସେବା ସମ୍ପର୍କରେ ଗୁଣଗାନ କରିଥିଲେ।

# ସଙ୍ଗୀତଜ୍ଞଙ୍କ ଶ୍ରାଦ୍ଧୋତ୍ସବରେ ସତ୍‌ସଙ୍ଗ

ବନ୍ତ/ଆଗରପଡ଼ା, ୨୨।୧୨(ସମିସ): ଆଗରପଡ଼ା ନିକଟସ୍ଥ ଆଡିଆ ପଞ୍ଚାୟତ ପଦାଡୋ ଗ୍ରାମର ବିଶିଷ୍ଟ ସଙ୍ଗୀତଜ୍ଞ ନନ୍ଦକିଶୋର ମଲ୍ଲିକଙ୍କ ୧୧ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କ ବାସଭବନ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହେବା ସହ ଆଗରପଡ଼ା ଅଞ୍ଚଳର ବିଶିଷ୍ଟ ସାଇ ପ୍ରବଚକ ବୈଦ୍ୟନାଥ ଦାଶ ଓ ଅରୁଣ ସାହୁଙ୍କ ଦ୍ୱାରା ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିବସବ୍ୟାପୀ କାର୍ଯ୍ୟକ୍ରମରେ ପୁତ୍ର ଓ ପୁତ୍ରବଧୂ ଅକ୍ଷୟ, ବିଜୟ, ଜୟଶ୍ରୀ, ମଧୁ, ସତ୍ୟଭାମା, ଝିଅ ତିଳୋତ୍ତମା, ସୁମିତ୍ରା, ସାବିତ୍ରୀ, ଅନୁପମା, ସାନଭାଇ ମହେନ୍ଦ୍ର, ଘନଶ୍ୟାମ, ନିରଞ୍ଜନ ପ୍ରମୁଖଙ୍କ ପରିଚାଳନାରେ କାର୍ଯ୍ୟ ସଂପାଦନ ହୋଇଥିଲା।

# କପାଳୀ କ୍ଷେତ୍ରରେ ନାଭିବ୍ରହ୍ମ କମଳ ସ୍ନାନ

ବନ୍ତ/ଆଗରପଡ଼ା, ୨୨।୧୨(ସମିସ): ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ନିମାପଡ଼ାସ୍ଥ କପାଳୀ କ୍ଷେତ୍ର ଠାରେ ଅଧିଷ୍ଠିତ ଥିବା ଚତୁର୍ଦ୍ଧାମୂର୍ତ୍ତି ଶ୍ରୀଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ବ୍ରହ୍ମକମଳ ସ୍ନାନ ରବିବାର ପ୍ରଭାତରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜିଉଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇ ଏକଶତ ଗଡୁ ତୁଳସୀ ଜଳରେ ସ୍ନାନ ସହ ମଙ୍ଗଳ ଆଳତି କରାଯାଇଥିଲା। ଏହି ଅପୂର୍ବ ଦୃଶ୍ୟକୁ ବହୁଶ୍ରଦ୍ଧାଳୁ ଦର୍ଶନକରି କୃତାର୍ଥ ହୋଇଥିଲେ। ଉକ୍ତ ସ୍ଥାନରେ ଶ୍ରୀମଦ୍ ଭଗବତ୍ ଗୀତା, ଜଗନ୍ନାଥ ସହସ୍ର ନାମ, ଜଗନ୍ନାଥ ଷ୍ଟକ ଆଦି ପାଠ କରାଯାଇ, ନାମ ସଂକୀର୍ତ୍ତନ ପରେ ଶ୍ରୀଜିଉଙ୍କୁ ନୂତନ ବେଶରେ ସୁସଜ୍ଜିତ କରାଯାଇଥିଲା। ପଣ୍ଡିତ ପଦ୍ମନାଭ ପଣ୍ଡାଙ୍କ ଦ୍ୱାରା ପୂଜା ଅନୁଷ୍ଠିତ ହୋଇଥିବା ବେଳେ ବଡ଼ଗ୍ରାହୀ ତଥା ବଡ଼ପଣ୍ଡା ଭାବେ ଅନ୍ନଦା କର ଶର୍ମା ଜଗନ୍ନାଥଙ୍କ ବଡ଼ଗ୍ରାହୀ ଭାବେ ପତଞ୍ଜଳିକର ଶର୍ମା କାର୍ଯ୍ୟ ସଂପାଦନ କରିଥିଲେ।

# ଆନ୍ତଃବିଦ୍ୟାଳୟ ଜାତୀୟ ସେବା ଯୋଜନା ଶିବିର

ବାସୁଦେବପୁର, ୨୨।୧୨(ସମିସ): ବାସୁଦେବପୁର ସ୍ଥିତ ମଦାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରିସରରେ ତିନିଦିନିଆ ଆନ୍ତଃ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଜାତୀୟ ସେବା ଯୋଜନା ଶିବିର ଉଦଯାପିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସହଯୋଗରେ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଜିଲ୍ଲାର ୧୪ ଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନାର ୨୦ ତାରିଖରେ ଆରମ୍ଭ ହୋଇଥିଲା। ଜାତୀୟ ସେବା ଯୋଜନା ଶିବିରରେ ୧୧୦ ଜଣ ଶିବିରାର୍ଥୀ ଯୋଗଦେଇଥିଲେ। ଆଜି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୌରପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା, ମଦାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁଶୀଳ କୁମାର



ମାଇତି ଯୋଗଦେଇ ଉଦବୋଧନ ଦେଇ ଥିଲେ। ମଦାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା ସଂଯୋଜନା କରିଥିବା ବେଳେ ଏନଏସଏସ ପ୍ରୋଗ୍ରାମ ଅଫିସର ଅନାଦି କର, ଯୋଗଦେଇ ଥିଲେ। ଶିବିରରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ମଦାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭଗବତୀ ସାହୁ ଓ ଗାୟତୀ ଦାସଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନା ଶିବିର ଛାତ୍ରଛାତ୍ରୀଙ୍କୁ ନେତୃତ୍ୱ ଅନ୍ୱେଷଣ କରିବା ଓ ସେବା କରିବା ପାଇଁ ଏକ ପ୍ଲାଟଫର୍ମ ତିଆରି କରିଥାଏ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ।

# କଲ୍‌ଭଟ ନିର୍ମାଣରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ

ବନ୍ତ/ଆଗରପଡ଼ା, ୨୨।୧୨(ସମିସ)

ବନ୍ତ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଆଗରପଡ଼ା-ବନ୍ତ ପୂର୍ତ୍ତବିଭାଗ ରାସ୍ତାର ତାରିଣୀ ଛକ ନିକଟସ୍ଥ ମୂଳାବାଡି ସମ୍ମୁଖରେ ନିର୍ମାଣଧିନ କଲ୍‌ଭର୍ଟ କାର୍ଯ୍ୟରେ। ଉକ୍ତ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳର ଚିନ୍ମୟ ମହାପାତ୍ର, ଭରତଚନ୍ଦ୍ର ପାଢ଼ୀ, କାଳିଆ ପଲେଇ, କାଳନ୍ଦୀ ଦାସ, ଶିବାନନ୍ଦ ଦାଶ ଅଧିକାରୀ, ଅଶୋକ ପରିଡ଼ା, ଅଶୋକ ଦାସଙ୍କ ସମେତ ଅନେକ ସ୍ଥାନୀୟବାସୀଙ୍କ



ଅଭିଯୋଗ ଅନୁଯାୟୀ ଉକ୍ତ ସ୍ଥାନରେ ଠିକାଦାର ମନମୁଖୀ ଭାବେ ସରକାରୀ ନୀତିନିୟମର ଖୋଲା ଉଲ୍ଲଘନ କରି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଉକ୍ତ କାର୍ଯ୍ୟକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଥିଲେ ସୁଦ୍ଧା ବିଭାଗୀୟ ଯନ୍ତ୍ରୀଙ୍କର ନିର୍ମାଣସ୍ଥଳୀରେ ଅନୁପସ୍ଥିତ ରହିବା ତାଙ୍କ କାର୍ଯ୍ୟପନ୍ଥା ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରୁଛି। ଖୋଲାଖୋଲି ଭାବେ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଏହା ଚାଲିଥିବା ଜଣାପଡୁଛି। ତିନିଗୋଟି ପୁରୁଣାସୋଠ ପକାଇ ତରବର ଭାବେ ରାତି ଅଧିଆ ଉକ୍ତ କଲ୍‌ଭର୍ଟ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ସମସ୍ୟାକୁ ନେଇ ବିଭାଗୀୟ ଯନ୍ତ୍ରୀ ନବଘନ ମାରାଣ୍ଡିଙ୍କୁ ଯୋଗାଯୋଗ କରିବାରୁ ଉକ୍ତ କାର୍ଯ୍ୟରେ କୌଣସି ଅନିୟମିତତା ହେଉଥିବାର ଅଭିଯୋଗ ହେଉଛି ତେବେ ଉକ୍ତ କାର୍ଯ୍ୟକୁ ନେଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

# ଖବରକାଗଜ ବିତରକଙ୍କ ମାତୃ ବିୟୋଗ



**ଭଦ୍ରକ,୨୨।୧୨(ସମିସ):** ଭଦ୍ରକ ଜିଲ୍ଲାର ପ୍ରତିଷ୍ଠିତ ଖବରକାଗଜ ବିତରକ ତଥା ଭଦ୍ରକ ନଲେଜ ସେଣ୍ଟର ପରିଚାଳକ ଶେଖ ଆସିଫ୍ ଅଲ୍ଲୀଙ୍କ ମାତା ଗୋଲାବୁନ ବିବି (୯୨) ଙ୍କ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କର ୩ ଝିଅ ଅନୱରୀ ବିବି, ତାହେରା ବେଗମ, କୌସେରା ବେଗମ ଓ ଗୋଟିଏ ପୁଅ ଶେଖ ଆସିଫ୍ ଅଲ୍ଲୀ, ଜ୍ୱାଇଁ, ବୋହୂ ଓ ବଡ ନାତି ଶେଖ ଅନୱର, ଜାଯିବ କାଦରୀ, ଜରୀନ କାଦରୀ, ନାୟବ ଅଖତର, ଓସୀମ ଅଖତର, ଶେଖ ପରୱେଜ, ଶେଖ ରାସିଦ ଅହେମଦ, ପ୍ରଭାତ ମହାନ୍ତି, ଶଶୀକାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ ବ୍ୟକ୍ତି ସହିତ ନଲେଜ ସେଣ୍ଟର ପରିବାରର ସମସ୍ତ ହକର ଭାଇମାନେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ଜୋହର ନମାଜ ପରେ ଦିନ ୨ଟା ବେଳେ ଜନାଜା ନମାଜ ପାଠ ଶେଖସାହି ମସଜିଦରେ କରାଯାଇ ଶଙ୍କରପୁରସ୍ଥିତ ବଡ ମଇଦାନ ଠାରେ ଦିନ ୩ଟାରେ କବର ଦିଆଯାଇଥିଲା

# ବିଶ୍ୱ ଧ୍ୟାନ ଦିବସ ପାଳିତ

**ବାରିକପୁର,୨୨।୧୨(ସମିସ):** ଭଣ୍ଡାରିପୋଖରୀ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାଖା ଠାରେ ବିଶ୍ୱ ଧ୍ୟାନ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଭାବଗ୍ରାହୀ ବିଶ୍ୱାଳ ଯୋଗ ଦେଇଥିଲେ। ଶାଖା ପରିଚାଳିକା ବିକେ ସରସ୍ୱତୀ ଉପସ୍ଥିତ ରହି ଆତ୍ମା ପରମାତ୍ମାଙ୍କ ମିଳନ ପାଇଁ ଜୀବନରେ ଧ୍ୟାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ଏହି ଅବସରରେ ବିଭିନ୍ନ ବୈଦିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ପୋଷାକ ବଣ୍ଟନ ଉତ୍ସବ

**ବନ୍ତ/ଆଗରପଡ଼ା,୨୨।୧୨(ସମିସ):** ବନ୍ତ ବ୍ଲକ ଛୟାଳସିଁ ପଞ୍ଚାୟତ ପଳସା ପ୍ରାଥମିକ ବିଦ୍ୟାଳୟରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ବନ୍ତ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗିରିଜା ଶଙ୍କର ଲେଙ୍କା, ପ୍ରାକ୍ତନ ପ୍ରଧାନଶିକ୍ଷକ ଶକ୍ତିଧର ଜେନା, ପ୍ରଧାନଶିକ୍ଷୟତ୍ରୀ ରାଜଶ୍ରୀ ନାୟକ, ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଦର୍ଶନ ଘଡ଼େଇ, ସମାଜସେବୀ ଦୋଳଗୋବିନ୍ଦ ନାୟକ, ଶିକ୍ଷକ ଜଗନ୍ନାଥ ଶଙ୍ଖୁଆ, ମାନସ ଦେ, ପୂଜା ରାଣୀ ଖମାରି ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀଙ୍କୁ ପୋଷାକ ବିତରଣ କରିଥିଲେ। ଲକ୍ଷ୍ମୀପ୍ରିୟା ଘଡ଼େଇ, ପ୍ରସନ୍ନ ଗିରି, ନାରାୟଣ ପରିଡ଼ା, ଦୁଷ୍ମନ୍ତ ଦାସ, ଅକ୍ଷୟ ନାୟକ, ମିନାକ୍ଷୀ ରଣା, ସସ୍ମିତା ନାୟକ, ସବିତା ଗିରି, ଅଞ୍ଜଳି ଜେନା, ତପସ୍ୱିନୀ ଶତପଥୀ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବନ୍ଧୁମିଳନ

ଦୋବଲ,୨୨।୧୨(ସମିସ): ଧାମନଗର ମହାବିଦ୍ୟାଳୟରେ ୨୦୧୬-୨୦୨୪ ମସିହାରେ ସ୍ନାତକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଉଭୟ ଅଧ୍ୟୟନ କରିଥିବା ଓ ଅଧ୍ୟୟନରତ ଥିବା ଛାତ୍ରମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭା ମୁଖ୍ୟ ଅଧକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅଧ୍ୟାପକ ସଞ୍ଜୟ ପଣ୍ଡା ମୁଖ୍ୟଅତିଥି, ସନ୍ଦୀପ ଘୋଷ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଭାଗୀୟ ଅଧ୍ୟାପକ ଚିନ୍ମୟ ଜେନା ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଓ ପ୍ରାରମ୍ଭିକ ସୂଚନା, ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ପରିଡ଼ା ସ୍ୱାଗତ ସମ୍ଭାଷଣ ସହିତ ସଭା ପରିଚାଳନା, ଅଧ୍ୟାପିକା ଡ. ବିଶ୍ୱଜିତା ବାରିକ ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପିକା ହରିପ୍ରିୟା ସେଠୀ ସଭା ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ନବାଗତ ସମ୍ମାନ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। 'ସାଂପ୍ରତିକ ସାହିତ୍ୟରେ ଛାତ୍ରଛାତ୍ରୀଙ୍କ ଭୂମିକା' ଶୀର୍ଷକ ଉପରେ ବିଭାଗୀୟ ଅଧ୍ୟାପକ-ଅଧ୍ୟାପିକା ମାର୍ଗଦର୍ଶନ ପୂର୍ବକ ଆଲୋଚନା କରିଥିଲେ। ପୂର୍ବତନ ଛାତ୍ର ବିଜୟଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବୌଦ୍ଧବିହାର ବିକାଶ ସର୍ଭେ

**ଭଣ୍ଡାରିପୋଖରୀ,୨୨।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକର ଖୋଳମପୁର ବୌଦ୍ଧବିହାର ବିକାଶ ସର୍ଭେ କରିଛନ୍ତି ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କାଙ୍କ ନେତୃତ୍ୱରେ ପ୍ରଶାସନିକ ପ୍ରତିନିଧିମଣ୍ଡଳୀ। ରାଜ୍ୟ ସଂସ୍କୃତି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଶ୍ରୀମତୀ ସିର୍କାଙ୍କ ସହ ଜିଲ୍ଲା କଳା ଓ ସଂସ୍କୃତି ଉପସଭାପତି ତ୍ରିଲୋଚନ ପଣ୍ଡା ଓ ଅନ୍ୟମାନେ ବୌଦ୍ଧବିହାର ପରିସର, ଉଦ୍ଧାର ହୋଇଥିବା କିର୍ତ୍ତିରାଜି, ବିକ୍ଷିପ୍ତ ଭାବେ ପଡିଥିବା କିର୍ତ୍ତିରାଜିର ଭିଡିଓଗ୍ରାଫି କରିବା ସହ ଶାନ୍ତେଶ୍ୱରୀ ମନ୍ଦିର ସମ୍ମୁଖରେ ପଡିରହିଥିବା ମୂର୍ତ୍ତିଗୁଡିକୁ ଅନୁଧ୍ୟାନ କରିଥିଲେ। ଏହି ବୌଦ୍ଧବିହାର ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ଚଳିତ ମାସରେ ପଠାଯିବ ବୋଲି ସେ ସୂଚନା ଦେଇଥିଲେ। ଖ୍ରିଟିଂ ଶୈଳୀରେ ଏକ ମ୍ୟୁଜିଅମ ନିର୍ମାଣ କରାଯିବା, ଜଗୁଆଳି ବ୍ୟବସ୍ଥା କରାଯିବା ସହ ବିକ୍ଷିପ୍ତ ଭାବରେ ପଡିରହିଥିବା ମୂର୍ତ୍ତିଗୁଡିକୁ ସଂଗ୍ରହାଳୟକୁ ଅଗ୍ରାଧିକାରରେ ସ୍ଥାନାନ୍ତର କରାଯିବ ବୋଲି ଶ୍ରୀମତୀ ସିର୍କା ପ୍ରକାଶ କରିଥିଲେ। ବିଶ୍ୱମ୍ଭର ରାଉତ ଓ ଗ୍ରାମବାସୀ ସଂସ୍କୃତି ଅଧିକାରିଣୀଙ୍କ ଦଳଙ୍କୁ ସହାୟତା କରିଥିଲେ।



ଭଦ୍ରକ ରକ୍ତ କେନ୍ଦ୍ରରେ **ରକ୍ତ ଅଭାବ**

# ଭ୍ରାମ୍ୟମାଣ ରକ୍ତସଂଗ୍ରହ ଯାନ ଅଚଳ

**ଭଦ୍ରକ,୨୨।୧୨(ସମିସ)**

ଭଦ୍ରକ ହେଡ୍ କ୍ୱାଟର ହସ୍ପିଟାଲ (ଡିଏଚ୍ଏଚ୍) ପରିସରରେ ଥିବା ଓଡିଶା ରକ୍ତକେନ୍ଦ୍ରରେ ଏବେ ଘୋର ରକ୍ତ ସଂକଟ ସମସ୍ୟା ଦେଖାଦେଇଛି। ଫଳରେ ଗୁରୁତର ତଥା ନିୟମିତ ଭାବେ ରକ୍ତ ନେଉଥିବା ରୋଗୀ (ଥାଲାସେମିଆ)ମାନେ ଘୋର ଦୁର୍ଦ୍ଦଶାରେ ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହୋଇଛି। ତେବେ ପୂର୍ବାପେକ୍ଷା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ହେଉନଥିବା ଓ ସରକାର ଯୋଗାଇଥିବା ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ଦୀର୍ଘମାସ ହେବ ଅଚଳ ହେବା ଏହାର ପ୍ରମୁଖ କାରଣ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ରକ୍ତ କେନ୍ଦ୍ରରେ ଏହି ରକ୍ତ ଅଭାବ ସମସ୍ୟା ଗତ ସାଧାରଣ ନିର୍ବାଚନ ପୂର୍ବରୁ ଆରମ୍ଭ ହୋଇଛି। ବିଶେଷ କରି ପୂର୍ବରୁ ସର୍ବାଧିକ ରକ୍ତଦାନରେ ସାମିଲ ହେଉଥିବା ଓଡିଶା ମୋ ପରିବାର ପକ୍ଷରୁ ରକ୍ତ କେନ୍ଦ୍ରକୁ ପର୍ଯ୍ୟାପ୍ତ ରକ୍ତ ମିଳୁଥିଲା। ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ୍ୟରେ ଓଡିଶା ମୋ ପରିବାର ପକ୍ଷରୁ ଭଦ୍ରକ, ଧାମନଗର, ବାସୁଦେବପୁର, ଖଇରା, ସିମୁଳିଆ ଓ ଯାଜପୁରରେ ଅନୁଷ୍ଠିତ ଓଡିଶା ମୋ ପରିବାର ଶିବିରରୁ ଉପରୋକ୍ତ ରକ୍ତ ସଂଗ୍ରହ କରାଯାଇ ଭଦ୍ରକ କେନ୍ଦ୍ରକୁ ଆସୁଥିଲା। ସେହିପରି ଭଦ୍ରକ ସତ୍ୟସାଇ ଅନୁଷ୍ଠାନ-୧ ଓ ୨ ସହ ୧୩ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ-ଆଦାନୀ ଫାଉଣ୍ଡେସନ, ଧାମରା, ଅଖିଳ ଭାରତ ଦୁଃଖୀ ସମାଜ, ଭଦ୍ରକ, ସହିଦ ଭଗତ ସେନା, ଭଦ୍ରକ କଲେଜ, ଟିପିଏନଓଡିଏଲ୍ ପ୍ରମୁଖଙ୍କ ଠାରୁ ଉକ୍ତ ରକ୍ତ ସଂଗ୍ରହ ହେଉଥିଲା। ଏହାବାଦ ବହୁ ସ୍ୱେଚ୍ଛାସେବୀମାନେ ନିୟମିତ ରକ୍ତଦାନ କରି ରକ୍ତ କେନ୍ଦ୍ରକୁ ରକ୍ତ ଯୋଗାଉଥିଲେ । ତେବେ ଗତ କିଛିମାସ ରକ୍ତଦାନ ଶିବିର ଆୟୋଜନ କମିଥିବା ବେଳେ ହେଉଥିବା ଶିବିରରୁ କମ୍ ପରିମାଣରେ ରକ୍ତ ସଂଗ୍ରହ ହେଉଛି। ତେଣୁ ରକ୍ତ ଆବଶ୍ୟକ ହେଉଥିବା ରୋଗୀଙ୍କ ସମ୍ପର୍କୀୟଙ୍କୁ ପ୍ରତିବଦଳରେ ରକ୍ତଦାନ ବା ଏକ୍ସଚେଞ୍ଜରେ ରକ୍ତ ଦେବାକୁ ପଡୁଛି।



ମିଳିଥିବା ସୂଚନାନୁଯାୟୀ, ଭଦ୍ରକ ରକ୍ତ କେନ୍ଦ୍ରରେ ୨ହଜାର ୟୁନିଟ୍ ରକ୍ତ ସଂଗ୍ରହ ହୋଇ ରହିପାରିବାର କ୍ଷମତା ରହିଛି । ଜିଲ୍ଲା ହେଡକ୍ୱାଟର ହସ୍ପିଟାଲର ରୋଗୀଙ୍କୁ ବ୍ୟତୀତ ଏଠାକାର ଘରୋଇ ନର୍ସିଂହୋମ ସମେତ ଆଖପାଖ ପଡୋଶୀ ଜିଲ୍ଲା ସରକାରୀ ହସ୍ପିଟାଲର ଆବଶ୍ୟକତାକୁ ଲକ୍ଷ୍ୟ କରି ରକ୍ତ ଦଆଯାଇଥାଏ। ତେବେ ଏବେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଚାଲିଥିବା ବେଳେ ରକ୍ତଦାନ ଶିବିର ଆୟୋଜନ ବି କମିଛି। ତଣୁ ରକ୍ତ ଭଣ୍ଡାରରେ କେବଳ ୧୦ରୁ ୧୨ୟୁନିଟ୍ ରକ୍ତ ମହଜୁଦ ରହିଛି। ତେବେ ଦୈନିକ ୬୦ରୁ ୭୦ୟୁନିଟ୍ ରକ୍ତର ଆବଶ୍ୟକତା ରହିଛି। ଡାକ୍ତରଖାନାର ରୋଗୀଙ୍କ ଲାଗି ୩୦ୟୁନିଟ୍, ଥାଲାସେମିଆ ରୋଗୀଙ୍କୁ ୨୦ୟୁନିଟ୍, ନର୍ସିଂହୋମକୁ ୧୦ୟୁନିଟ୍ ରକ୍ତର ଆବଶ୍ୟକତା ଥିବା ରକ୍ତ କେନ୍ଦ୍ର କାଉନସିଲର ରତିକାନ୍ତ ବଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ଜିଲ୍ଲାକୁ ମିଳିଥିବା ଏକ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ(ବସ୍)ଟି ମଧ୍ୟ ଦୀର୍ଘ ୨ମାସରୁ ଅଧିକ ହେବ ଅଚଳ ହୋଇ ପଡିଛି। ତେଣୁ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ କ୍ୟାମ୍ପ ବି କରାଯାଇପାରୁନି। ଯାହା ପାଇଁ ରକ୍ତ ସଂକଟ ଦେଖାଦେଇଛି। ଆଉ ଆଗକୁ ଏହି ସଂକଟ ଉଦବେଗଜନକ ସ୍ଥିତି ଉପୁଜାଇବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଏଭଳି ପରିସ୍ଥିତିରେ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସ୍ୱେଚ୍ଛାସେବୀ ରକ୍ତଦାତାମାନେ ଆଗେଇ ଆସିବାକୁ ବୁଦ୍ଧିଜୀବୀ ମହଲ ନିବେଦନ କରିଛନ୍ତି।

# ଓଶ୍ରୁର ୧୪ତମ ବାର୍ଷିକ ଜିଲ୍ଲା ସମ୍ମିଳନୀ



**ଭଦ୍ରକ,୨୨।୧୨(ସମିସ):** ଓଡିଶା ସେଲ୍ସ ରିପ୍ରେଜେଣ୍ଟେଟିଭ୍ସ ୟୁନିୟନ (ଓଶ୍ରୁ)ର ୧୪ତମ ବାର୍ଷିକ ଜିଲ୍ଲା ସମ୍ମିଳନୀ ଭଦ୍ରକ ନୟାବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନିକୁ ଆଇଏମ୍ଏ ଉପଦେଷ୍ଟା ଡା. ହରେକୃଷ୍ଣ ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇଥିଲେ। ସିଆଇଟିୟୁ ଭଦ୍ରକ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ଆଇଏମଏର ସମ୍ପାଦକ ଡା. ରଣଜିତ୍ ଖଟୁଆ ଓ ଆଇଏମ୍ଏ ଭଦ୍ରକ ଜିଲ୍ଲା ସଭାପତି ଡାକ୍ତର ରବିନ୍ଦ୍ର କୁମାର ନାୟକ ତାଙ୍କର ବହୁମୂଲ୍ୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ରାଜ୍ୟ କୋଷାଧକ୍ଷ ଆଶୁତୋଷ ଦାଶ, ରାଜ୍ୟ କମିଟି ସଦସ୍ୟ ଅରୁଣ ମିଶ୍ର, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୨୦୨୫ବର୍ଷ ପାଇଁ ଜିଲ୍ଲା ସଭାପତି ଦେବକାନ୍ତ ରାଉତ, ଜିଲ୍ଲା ସମ୍ପାଦକ ବସନ୍ତ କୁମାର ନାୟକ ଓ ଜିଲ୍ଲା କୋଷାଧକ୍ଷ ସୌମ୍ୟରଞ୍ଜନ ସାହୁ ମନୋନୀତ ହୋଇଥିଲେ। ଉପସଭାପତି ଭାବେ ଲାଲାଲଳିତ ନାୟକ ଓ ପରେଶ ଦାସ ଏବଂ ଜିଲ୍ଲା କମିଟି ସଭ୍ୟଭାବେ ସରୋଜକାନ୍ତ ନାୟକ, ସୀତାଂଶୁ ମିଶ୍ର, ନିର୍ମଳ ଦାଶ, ଅଶୋକ ସାହୁ, ରମାକାନ୍ତ ବେହେରା, ଶିବଶଙ୍କର ବେହେରା, ସଞ୍ଜିବ ମିଶ୍ର, ସିମାନ୍ତ ଚୌଧୁରୀ, ଏବଂ ଲକ୍ଷ୍ମଣ କୁମାର ବନ୍ଧ ମନୋନୀତ ହୋଇଥିଲେ। ଗୌରାଙ୍ଗ ବିହାରୀ ମେମୋରିଆଲ ଟ୍ରଫି ବିବେକରାଜ ଦାସଙ୍କୁ ବିଧାୟକ ସମ୍ମାନିତ କରିଥିଲେ।

# ବୃନ୍ଦାବନ କଳାକେନ୍ଦ୍ରର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ତିହିଡ଼ି,୨୨।୧୨(ସମିସ):** ଭଦ୍ରକ ବୃନ୍ଦାବନ କଳାକେନ୍ଦ୍ରର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ତିହିଡ଼ି ଶାନ୍ତି ଆଶ୍ରମ ପରିସରରେ ଅୟୋଜିତ ହୋଇଯାଇଛି। ଏହି ଅବସରରେ ଆଶ୍ରମର ଛାତ୍ରୀମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ ଏବଂ ଚିତ୍ରକଳା ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା। ଆଶ୍ରମର ସଂପାଦକ ଅପୂର୍ବ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ସାମ୍ବାଦିକ ରାମନାରାୟଣ ନାୟକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ କଳାକେନ୍ଦ୍ର ତରଫରୁ ପ୍ରମାଣପତ୍ର ତଥା ପୁରସ୍କାର ବଣ୍ଟନ କରାଯାଇଥିଲା। ଦିବସ ବ୍ୟାପୀକାର୍ଯ୍ୟକ୍ରମକୁ କଳାକେନ୍ଦ୍ରର ନିର୍ଦ୍ଦେଶକ ସୌରେଶ ଚନ୍ଦ୍ର ମହାନ୍ତି ସଞ୍ଚାଳନ କରିଥିଲେ। ଉକ୍ତ ଉତ୍ସବରେ ସମାଜସେବୀ ଅରୁଣ ଦାସ, ବରିଷ୍ଠ ସାମ୍ବାଦିକ ଯଦୁମଣି ପାଣିଗ୍ରାହୀ, ନାରାୟଣ କର, ଯୁବ ସମାଜସେବୀ ନିରଞ୍ଜନ ସାମଲ, ଅଧ୍ୟାପକ ଶଙ୍କରଶଣ ଦାସ, ଅଧ୍ୟାପକ ନିରାକାର ନାୟକ, ଶଙ୍କରର୍ଷଣ ମହାନ୍ତି, ଅଧ୍ୟାପିକା ସରିତା ସାମଲ, ପ୍ରଭାଶ ବାରିକ, ପ୍ରଦିପ୍ତ ନାୟକ, ପ୍ରତିମା ବଳ, ପ୍ରମୁଖ ଉକ୍ତ ଉତ୍ସବରେ ଉପସ୍ଥିତ ରହି ଉତ୍ସବଟିକୁ ସଫଳ କରାଇବାରେ ସହଯୋକ କରାଇଥିଲେ।

# ବିଜେଡିରେ ସାମିଲ ହେଲେ ଯୁବ କର୍ମୀ



**ବାରିକପୁର,୨୨।୧୨(ସମିସ):** ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଆଜି ବିଜେଡି ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରହଣିଆ ଗ୍ରାମର ଅନେକ ଛାମୁଆ ଯୁବ କର୍ମୀ ଅନ୍ୟ ଦଳ ପରିତ୍ୟାଗ କରି ବିଜେଡି ଦଳରେ ସାମିଲ ହୋଇଛନ୍ତି। ବିଧାୟକ ଶ୍ରୀ ମଲ୍ଲିକ ନୂତନ ଯୁବ କର୍ମୀ ମାନଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତରୀୟ ଦେଇ ସ୍ୱାଗତ ଜଣାଇଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଉଜ୍ଜ୍ୱଳ ଭାବମୂର୍ତ୍ତି ଓ ବିଧାୟକଙ୍କ ବଳିଷ୍ଠ ନେତୃତ୍ୱ କୁ ଭରସା କରି ବିଜେଡି ଦଳରେ ସାମିଲ ହୋଇଥିବା ଯୁବକ ମାନେ କହିଛନ୍ତି। ମିଶ୍ରଣ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଯୁବନେତା ବିରେନ୍ଦ୍ର ନାୟକଙ୍କ ପଞ୍ଚାୟତର ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

**ଧାମନଗର,୨୨।୧୨(ସମିସ):** ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ବିଭାଜନ ସ୍ତରୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ବରେଣ୍ୟ ଅତିଥି ଭାବେ ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ଏସ୍‌ଡିଓ ବିଜୟ ସେଠୀ, ଆଖୁଆପଦା ସବ୍‌ଡିଭିନାଲ ସହକାରୀ ଏସ୍‌ଡିଓ କେଶବ ଚନ୍ଦ୍ର ବେହେରା, ସହକାରୀ କୃଷି ଅଧିକାରୀ ଭାବେ ମାନସ ରଞ୍ଜନ ରାଉତ, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ ଏବଂ ମା' ତାରିଣୀ ପାଣି ପଞ୍ଚାୟତ ଜୋନ ନମ୍ବର ୨୦ର ଅନହରପୁର ସମ୍ପାଦକ ସୁରେନ୍ଦ୍ର ନାଥ ପାଲଙ୍କ ସମେତ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ଅଧୀନରୁ ବିଭିନ୍ନ ଜୋନରୁ ଆସିଥିବା ଚାଷୀମାନେ ଯୋଗ ଦେଇଥିଲେ। ଏହି ଅବସରରେ କେତେକ ସଫଳ ଚାଷୀ ନାରାୟଣ ଚନ୍ଦ୍ର ମହାପାତ୍ର, ଶିଶିର ସାହୁ, ଅର୍ଜୁନ ସାମଲ, ନିରାକାର ରାଉତ, ବିଦ୍ୟାଧର ପରିଡା, ନିରାକାର ସାହୁ, ଅଶୋକ ସାହୁମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଜଳସମ୍ପଦ ବିଭାଗ ତରଫରୁ ଛାତ୍ର ଛାତ୍ରୀମାନଙ୍କୁ ନେଇ ପୂର୍ବରୁ କରାଯାଇଥିବା ପ୍ରବନ୍ଧ, ତର୍କ, ଚିତ୍ରାଙ୍କନ, ବକ୍ତୃତା ଆଦି ୫ଟି ବିଭାର ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀମାନଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା। ଜଳ ସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ କିଶୋରଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଧୂଷୁରୀ ପ୍ରେସ୍ ୟୁନିୟନର ଆଲୋଚନାଚକ୍ର

**ଅସୁରାଳି,୨୨।୧୨(ସମିସ):** ଗାନ୍ଧୀଘାଟ ଶାସନ ଠାରେ ଧୂଷୁରୀ ପ୍ରେସ ୟୁନିୟନର ବନ୍ଧୁମିଳନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ୟୁନିୟନ ସଭାପତି ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ଦୀପ୍ତିରଞ୍ଜନ ନାୟକ ସଂଯୋଜନା କରିଥିଲେ। ଅତିଥି ଭାବେ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ଅଶୋକ ପୁହାଣ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧୂଷୁରୀ ଥାନାଧିକାରୀ ଶାନ୍ତନୁ ଜେନା, ଅଧ୍ୟାପକ ଶ୍ରୀଧର ସାହୁ, ଅଧ୍ୟାପକ ପ୍ରଭାତ ଧଳ, ଧୂଷୁରୀ ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ବରିଷ୍ଠ ନେତା ମନୋଜ ମଲ୍ଲିକ, ଚତୁର୍ଭୁଜ ନାୟକ, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ଅନିଲ ରାଉତ, ଭାଗୀରଥି ମହାନ୍ତି, କାଶୀନାଥ ମହାନ୍ତି, ପ୍ରେସ୍ ୟୁନିୟନ ଉପଦେଷ୍ଟା ପଣ୍ଡିତ ପଞ୍ଚାନନ ମିଶ୍ର, ରବୀନ୍ଦ୍ର ବେଉରିଆ ପ୍ରମୁଖ ଯୋଗ ଦେଇଥିଲେ। ଅନୀଲ ନାୟକ, ସାମାଜିକ କର୍ମୀ ରଞ୍ଜନ ମହାନ୍ତି, ଅନ୍ତର୍ଯାମୀ ଦାସ, ତ୍ରିଲୋଚନ ଦାସ, ମୃତ୍ୟୁଞ୍ଜୟ ସାହୁ, ବ୍ରଜେନ୍ଦ୍ର ମହାନ୍ତି, ରବିନ୍ଦ୍ର ପାଣି, ହ୍ୟାଣ୍ଡବଲ୍ ଖେଳାଳି ରମେଶ ଚନ୍ଦ୍ର ପୃଷ୍ଟି, ସନ୍ତୋଷ ପ୍ରଧାନ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। କୋଷାଧକ୍ଷ ରତିକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଡ଼ିଲା ପାଣି ପଞ୍ଚାୟତ ସଚେତନତା ରଥ



**ଭଦ୍ରକ,୨୨।୧୨(ସମିସ):** ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସାଳନ୍ଦୀ କେନାଲ ଡିଭିଜନ ଭଦ୍ରକ ଜରିଆରେ ବାଇପାସ୍ ଜଗନ୍ନାଥ ମନ୍ଦିର ପରିସରରେ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ବରେଣ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜିବ କୁମାର ମଲ୍ଲିକ୍, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପତାକା ପ୍ରଦର୍ଶନ କରି ପାଣି ପଞ୍ଚାୟତ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ସାଳନ୍ଦୀ କେନାଲ ଡିଭିଜନ୍, ଭଦ୍ରକର ଅଧିକ୍ଷଣ ଯନ୍ତ୍ରୀ ଇଂ.ରତ୍ନାକର ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବାବୁଲାଲ ବେହେରା, ପାଣି ପଞ୍ଚାୟତର କର୍ମକର୍ତ୍ତା ଅନ୍ତର୍ଯାମୀ ଉପାଧ୍ୟାୟ, ପ୍ରଭାତ ତ୍ରିପାଠୀ, ନବଘନ ସାମଲ ପ୍ରମୁଖ ଯୋଗଦେଇଥିଲେ। କେନାଲ ଗୁଡ଼ିକରେ ଅତ୍ୟଧିକ ଘାସ, ଗଛ, ଆଦି ସମସ୍ୟା ଦୂର କରାଯିବା ନେଇ କଂକ୍ରିଟ୍ ଲାଇନିଂ ପାଇଁ ପଦକ୍ଷେପ ନିଆଯାଇଥିବା। ଏ ବର୍ଷ ପାଇଁ ୭ଟି ପ୍ରକଳ୍ପ ନିର୍ମାଣ ପାଇଁ ହାତକୁ ନିଆଯାଇଥିବା କଥା ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଶ୍ରୀଯୁକ୍ତ ବେହେରା ପ୍ରକାଶ କରିଥିଲେ। ସାଳନ୍ଦୀ କେନାଲର ଏସ୍‌ଡିଓ ରାଇକାନ ବେସ୍ରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହକାରୀ ଯନ୍ତ୍ରୀ ସୁସ୍ମିତା ନାୟକ ଆନୁସଙ୍ଗିକ ସହଯୋଗ କରିଥିଲେ। ବିଭିନ୍ନ ପାଣି ପଞ୍ଚାୟତର ସଦସ୍ୟ, ସଭାପତି, ସମ୍ପାଦକ, କୃଷକ, ସାମ୍ବାଦିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଏସ୍‌ବିଡି ଇଣ୍ଟର ନ୍ୟାସ୍‌ନାଲ ସ୍କୁଲରେ 'ସପ୍ତରଙ୍ଗ' ଉଦ୍‌ଘାଟିତ



**ଭଦ୍ରକ,୨୨।୧୨(ସମିସ):** ଭଦ୍ରକର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏସ୍‌ବିଡି ଇଣ୍ଟର ନ୍ୟାସ୍‌ନାଲ ସ୍କୁଲର ୨ଦିନ ବ୍ୟାପୀ ବାର୍ଷିକ ଉତ୍ସବ 'ସପ୍ତରଙ୍ଗ' ଆଜି ସ୍କୁଲ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ ଜିଲ୍ଲାପାଳ ଦିଲୀପ୍ ରାଉତରାଏ ମୁଖ୍ୟଅତିଥି, ଭୁବନେଶ୍ୱର ସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟର ପ୍ରୋଜେକ୍ଟ ଡାଇରେକ୍ଟର ପ୍ରଫେସର ସରୋଜ ଦାଶ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦିକ୍ଷିତ୍, ଚେୟାରମ୍ୟାନ୍ ଦେବାଶିଷ ଦିକ୍ଷିତ୍, ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା, ଏମ୍‌ଡି ବିଦ୍ୟାଧର ଅଗସ୍ତି, ମାର୍ଗଦର୍ଶକ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ଏବଂ ଦେବେନ୍ଦ୍ର ଶତପଥୀ, ଏସ୍‌ବିଡି ଇଣ୍ଟର ନେସ୍‌ନାଲ୍ ସ୍କୁଲ ଯାଜପୁର ଅଧକ୍ଷ ଡ.କଳ୍ପତରୁ ସାହୁ, ବିଶିଷ୍ଟ ଶିକ୍ଷାବିତ୍ ବିପିନବିହାରୀ କର, ମାଡାମ୍ ଚେୟାରମ୍ୟାନ୍ ଆଶାବରୀ କର, ମାଡାମ୍ ଏମ୍‌ଡି ବନ୍ଦିତା ଦିକ୍ଷିତ୍ ଏବଂ ରାମେଶ୍ୱର ଟ୍ରଷ୍ଟର ସଦସ୍ୟଗଣ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ଜେଡିଏମ୍ ଟ୍ୟାଲେଣ୍ଟ ସର୍ଚ୍ଚର ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ରାଜ୍ୟସ୍ତରୀୟ ଏବଂ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଥିବା ବିଦ୍ୟାଳୟର ଛାତଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଅନୁଷ୍ଠାନର ଛାତଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ତଥା ମନ୍ତ୍ରମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସିନିୟର୍ ସେକେଣ୍ଡାରୀ ବିଭାଗର ସଂଯୋଜକ କିନ୍‌ସୁକ୍ ଭଟ୍ଟାଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ନବୋଦୟ ବିଦ୍ୟାଳୟର ଛାତ୍ରସଂସଦ ସଚେତନତା



**ବାସୁଦେବପୁର,୨୨।୧୨(ସମିସ):** ବାସୁଦେବପୁରରେସ୍ଥିତ ଚାନ୍ଦିମାଳ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଆଜି ସଂସଦ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଉଚ୍ଚଶିକ୍ଷା ଓ ଯୁବ କ୍ରୀଡା ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ଅଶୋକ ଦାସ, ନବୋଦୟ ବିଦ୍ୟାଳୟ ପରିଚାଳନା କମିଟିର ଜିଲ୍ଲାପାଳ ଦିଲ୍ଲିପ ରାଉତରାଏ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ଅତିଥିମାନଙ୍କୁ ବିପୁଳ ସ୍ୱାଗତ କରିବା ସହିତ ସ୍ୱାଗତ କରା ଯାଇଥିଲା। ପ୍ରଥମେ ବିଦ୍ୟାଳୟରେ ଡିଜିଟାଲ ପୁସ୍ତକାଳୟ, ଟିଙ୍କେରିଂ ପ୍ରୟୋଗଶାଳା ଓ ମୃତ୍ତିକା ପ୍ରୟୋଗଶାଳା ଉଦ୍‌ଘାଟନ କରିଥିଲେ। ପରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସମ୍ବିଧାନ ସହିତ କିପରି ବିଧାନସଭା ଓ ପାର୍ଲ୍ୟାମେଣ୍ଟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବାର୍ତ୍ତା ମାଧ୍ୟମରେ ସଚେତନତା ପ୍ରଦାନ କରାଯାଇଥିଲା। ସେହିପରି ଗଣିତ ଦିବସ ଅବସରରେ ପିଲାମାନଙ୍କ ମଧ୍ୟରେ ଗଣିତ ପ୍ରକଳ୍ପଗୁଡ଼ିକୁ ଅତିଥିମାନେ ପରିଦର୍ଶନ କରିବା ସହିତ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଦ୍ୱାଦଶ ଓ ୧୦ମଶ୍ରେଣୀର ଟପ୍ପର ପିଲାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧକ୍ଷ ବିଶ୍ୱନାଥ ଖିଲାରଙ୍କ ସମେତ ଅଧ୍ୟାପକ ହୃଷୀକେଶ ସ୍ୱାଇଁ,ସୌରଭ ବାନାର୍ଜୀ,ଦେବୀପ୍ରଶନ୍ନ ଶତପଥି ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

ସକାଳ THE SAKALA

ମୟୂରଭଞ୍ଜ-ବାଲେଶ୍ୱର

www.sakalaepaper.com

# ସାନ୍ତାଳୀ ଭାଷା ବିଜୟ ଦିବସ ପାଳିତ



**ବାରିପଦା/ବିଶୋଇ/ରାଇରଙ୍ଗପୁର/ଉପରବେଡ଼ା, ୨୨।୧୨ (ସମିସ)**

ମୟୂରଭଞ୍ଜ କଲେଜ୍ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ସାନ୍ତାଳୀ ଭାଷା ବିଜୟ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ଠାକୁରା ଚରଣ ମାର୍ଣ୍ଡିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସାନ୍ତାଳୀ ବିଭାଗୀୟ ମୁଖ୍ୟ ଶ୍ରୀରାମ ଟୁଡୁ ମୁଖ୍ୟବକ୍ତା, ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ନାୟକ, ସମ୍ମାନିତ ଅତିଥିଭାବେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ମଦନ ମୋହନ ସାହୁ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅଧ୍ୟାପିକା ଲକ୍ଷ୍ମୀ ଚାପେୟାର, ତୃପ୍ତି ଦାସ, କିରଣବାଳା ବାସ୍କେ, ଅଙ୍କିତା ସିଂ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ରଞ୍ଜିତ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

ସାରସକଣା ନିର୍ବାଚନମଣ୍ଡଳୀସ୍ତରୀୟ ସାନ୍ତାଳୀ ଭାଷା ବିଜୟ ଦିବସ ବିଜାତଳା ହାଇସ୍କୁଲ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ବିଶୋଇ, ବିଜାତଳା ଓ ସାରସକଣା ବ୍ଲକର ଶତାଧିକ ଆଦିବାସୀ ସମ୍ପ୍ରଦାୟ ପାରମ୍ପରିକ ନୃତ୍ୟଗୀତରେ ଝୁମିଥିଲେ। ମୁଖ୍ୟଅତିଥି ଭାବରେ ସାରସକଣା ବିଧାୟକ ଭାଦବ୍ ଚନ୍ଦ୍ର ହାଁସଦା ଓ ରାଜ୍ୟସଭା ସାଂସଦ ମମତା ମହାନ୍ତ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ବିଶୋଇ ବ୍ଲକ ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ବିଧାୟକ ପ୍ରତିନିଧି ଜୁରିଲାଲ ମହାନ୍ତ, ସ୍ୱରୋଜ ମହାନ୍ତ, ମିଥିଳା ଟୁଡୁ, ଅହମ୍ମଦ ମହାନ୍ତ, ସମାଜସେବୀ ଅନୀଲ ସୋରେନ ପ୍ରମୁଖ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରକାଶ ସୋରେନ ସ୍ୱାଗତ ଭାଷଣ ଦେବାପରେ ଗୁରୁବା ମୁର୍ମୁ ଅତିଥି ପରିଚୟ ପ୍ରଦାନ କରିଥିଲେ।

ସାନ୍ତାଳୀ ଭାଷା ଅଷ୍ଟମ ଅନୁଚ୍ଛେଦରେ ସାମିଲ ହେବା ପାଇଁ ସମ୍ବିଧାନର ୯୨ତମ ସଂଶୋଧନ ବିଲ ୨୦୦୩ ଡିସେମ୍ବର ୨୨ ତାରିଖରେ ଲୋକସଭାରେ ପ୍ରଥମ ଗୃହୀତ ହୋଇଥିଲା।ଏହାକୁ ସ୍ମରଣୀୟ କରିବା ପାଇଁ ଭାରତବର୍ଷର ସାନ୍ତାଳୀ ସମାଜ ପକ୍ଷରୁ ୨୨ ତାରିଖକୁ ପ୍ରତ୍ୟେକବର୍ଷ ସାନ୍ତାଳୀ ଭାଷା ବିଜୟ ଦିବସ ରୂପେ ପାଳନ କରାଯାଏ। ବ୍ଲକ କମିଟି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ସାମୂହିକ ଏକତା ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ବୀର ସହିଦ ସିଦ ମୁର୍ମୁଙ୍କ ନେତୃତ୍ୱରେ ୧୦ ହଜାର ସାନ୍ତାଳ ବିଦ୍ରୋହୀଙ୍କୁ ନେଇ ୩୦ ଜୁନ ୧୮୫୫ ରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ବିଶାଳ ସାନ୍ତାଳ ବିଦ୍ରୋହ ଆରମ୍ଭ କରିଥିଲେ। ତାହାର ପ୍ରତିଫଳ ସ୍ୱରୂପ ବ୍ରିଟିଶ ସରକାର ସାନ୍ତାଳ ଆଦିବାସୀଙ୍କୁ ୨୨ ଡିସେମ୍ବର ୧୮୫୫ ରେ ତାଙ୍କ ଦେଶ ସାନ୍ତାଳ ପାର୍ଗାନା ଓ ସାନ୍ତାଳ ପାରଗାନା ଟେଣ୍ଡେନ୍ସି ଆକ୍ଟ ପ୍ରଦାନ କରି ସ୍ୱାଧୀନତା ପ୍ରଦାନ କରିଥିଲେ।





ସାନ୍ତାଳୀ ଭାଷା ବିଜୟ ଦିବସ ପାଳନ କମିଟିର ସୁପାଇ ଟୁଡୁଙ୍କ ତତ୍ତ୍ୱାବଧାନରେ କୁତୁଲୁ ହାଁସଦା, ସୀତାରାମ ମାହାଲି, ବିକଳ ମାହାଲି, ଲାଖାଇ ମୁର୍ମୁ ପ୍ରମୁଖଙ୍କ ବଳିଷ୍ଠ ଉଦ୍ୟମରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

ସେହିପରି ବାଦାମପାହାଡ଼ ଥାନା ଅନ୍ତର୍ଗତ ଜୋରଦା ଗ୍ରାମପଞ୍ଚାୟତର ଅଙ୍ଗାରପଦା ଗ୍ରାମରେ ସେଂଗେଲ ଓଡ଼ିଶା ମହିଳାମୋର୍ଚ୍ଚା ଶୋଭାନେତ୍ରୀ ମାଲହୋ ମାର୍ଣ୍ଡିଙ୍କ ନେତୃତ୍ୱରେ ହାସା ଭାଷା ବିଜୟ ଦିବସ ପାଳିତ ହୋଇଯାଇଛି। ଆଦିବାସୀ ସେଂଗେଲ ଅଭିଯାନ କୁସୁମୀ ଠିକ ସେହିପରି ୨୨ ଡିସେମ୍ବର ୨୦୦୩ରେ ସାନ୍ତାଳୀ ଭାଷାବିଜେତା ପୂର୍ବତନ ମୟୁରଭଞ୍ଜ ସାଂସଦ ସାଲଖାନ ମୁର୍ମୁଙ୍କ ନେତୃତ୍ୱରେ ଭାରତର ଏକମାତ୍ର ଆଦିବାସୀ ସାନ୍ତାଳୀ ଭାଷାକୁ ଲୋକସଭାରେ ସାମ୍ବିଧାନିକ ସ୍ୱୀକୃତି ମିଳିଥିଲା। ଏହାକୁ ଉଦଜୀବିତ କରିବା ଅବସରରେ କେନ୍ଦ୍ରୀୟ ସେଂଗେଲ ପ୍ରଭାରୀ ବୁଢାନ ମାର୍ଣ୍ଡି, ରାଇରଙ୍ଗପୁର ଜୋନାଲ ଉପସଭାପତି ଚନ୍ଦନ କୁମାର ସୋରେନ, ସେଂଗେଲ ଯୁବମୋର୍ଚ୍ଚା ସଭାପତି ସାଉଣେ ମାର୍ଣ୍ଡି, ଶ୍ୟାମ ବାସ୍କେ, ବସନ୍ତ ମୁର୍ମୁ ଉପସ୍ଥିତ ଥିଲେ।

## ପୁଣି ଶିମିଳିପାଳରୁ ୩ ଶିକାରୀ ଗିରଫ; ବନ୍ଧୁକ ଜବତ



**ବାରିପଦା, ୨୨।୧୨(ସମିସ):** ଶିମିଳିପାଳ ଅଭୟାରଣ୍ୟରୁ ବନବିଭାଗ ପୁଣି ୩ଜଣ ଶିକାରୀଙ୍କୁ ଗିରଫ କରିଛି। ସୁରକ୍ଷା ନିମନ୍ତେ ଖଞ୍ଜା ଯାଇଥିବା ଏଆଇ କ୍ୟାମେରା ବ୍ୟବହାର କରାଯାଇ ଶିକାରୀଙ୍କୁ ଧରିବାକୁ ବନ ବିଭାଗ ପ୍ରୟାସ ସଫଳ ହୋଇଛି। ଶିକାରୀମାନେ ହେଲେ କପ୍ତିପଦା ଥାନା ଅନ୍ତର୍ଗତ ବଡ଼ଖମଣ ଅଞ୍ଚଳର ତଳସୋକେଇ ଗ୍ରାମର ବାଇଗୋ ହୋ(୫୨), ଗନସା ହୋ(୩୬) ଏବଂ ଗୋସା ହୋ(୨୦)। ତାଙ୍କ ପାଖରୁ ଜନ୍ତୁ ଶିକାର ନିମନ୍ତେ ବ୍ୟବହୃତ ବନ୍ଧୁକ ଏବଂ ଅନ୍ୟ ମାରଣାସ୍ତ୍ର ଜବତ କରାଯାଇଛି। ଶିକାରୀମାନେ ମାରାଣାସ୍ତ୍ର ଧରି ଶିମିଳିପାଳ ଅଭୟାରଣ୍ୟର କୋର ଅଞ୍ଚଳ ମଧ୍ୟକୁ ଶିକାର ଉଦ୍ଦେଶ୍ୟରେ ଅନୁପ୍ରବେଶ କରିଥିବା ବେଳେ ସେମାନଙ୍କ ଫଟୋ କ୍ୟାମେରାରେ କଏଦ ହୋଇଥିଲା। ଯାହାକୁ ଆୟୁଧ କରି ଯାଞ୍ଚ ପ୍ରକ୍ରିୟା କରି ପଥରଖଣି ଗ୍ରାମରୁ ଗିରଫ କରାଯାଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଏସିଏଫଙ୍କ ନେତୃତ୍ୱରେ ବନ କର୍ମଚାରୀଙ୍କ ଏକ ଟିମ ଉପରୋକ୍ତ ଶିକାରୀଙ୍କୁ ଚିହ୍ନଟ ପୂର୍ବକ ସେମାନଙ୍କ ଘରକୁ ଯାଇ ଯାଞ୍ଚ କରି ଗିରଫ କରିବାରେ ସଫଳ ହୋଇଛନ୍ତି। ତାଙ୍କ ଘରୁ ମାରଣାସ୍ତ୍ର ଜବତ କରାଯାଇଛି। ବନ ବିଭାଗ ପକ୍ଷରୁ ଏନେଇ ମାମଲା ରୁଜୁ କରି ଗିରଫ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ମୟୂରଭଞ୍ଜ ହେରିଟେଜ୍ ୱାକ୍‌ର ପଞ୍ଚଦଶ ସଂସ୍କରଣ

**ବାରିପଦା, ୨୨।୧୨(ସମିସ):** ମୟୂରଭଞ୍ଜ ମାଟିର ଇତିହାସ, ଐତିହ୍ୟ, ପର୍ଯ୍ୟଟନର ପ୍ରଚାର ନିମନ୍ତେ ଦୀର୍ଘ ୭ ବର୍ଷ ଧରି କାର୍ଯ୍ୟ କରୁଥିବା ମୟୂରଭଞ୍ଜ ମିରର ଓ ମୟୂରଭଞ୍ଜ ଲଭର୍ସ ଦ୍ୱାରା ମୟୂରଭଞ୍ଜ ହେରିଟେଜ ୱାକ୍‌ର ପଞ୍ଚଦଶ ସଂସ୍କରଣ ବାରିପଦା ନିକଟସ୍ଥ ଐତିହାସିକ ବାବା ବୁଢାରାଉଳ ମନ୍ଦିରଠାରେ ଆୟୋଜିତ ହୋଇଯାଇଛି। ମୟୂରଭଞ୍ଜର ଇତିହାସ ଓ ଐତିହ୍ୟକୁ ଯୁବ ପିଢିଙ୍କ ନିକଟରେ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରିବାର ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଥିବା ମୟୂରଭଞ୍ଜ ହେରିଟେଜ ୱାକ୍ ଦୀର୍ଘ ଦିନ ଧରି ଆୟୋଜିତ ହେବା ଯୁବ ପିଢିଙ୍କ ଉପରେ ବେଶ ସକରାତ୍ମକ ପ୍ରଭାବ ପକାଇଛି। ବଡବଜାରସ୍ଥିତ ମୟୂରଭଞ୍ଜ ରାଜପ୍ରାସାଦଠାରୁ ହେରିଟେଜ ୱାକ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଐତିହାସିକ ବାବା ବୁଢାରାଉଳ ମନ୍ଦିରଠାରେ ପହଞ୍ଚିଥିଲା। ମୟୂରଭଞ୍ଜ ମିରରର ପ୍ରତିଷ୍ଠାତା ତଥା ମୟୂରଭଞ୍ଜ ହେରିଟେଜ ୱାକ୍‌ର ସଦସ୍ୟ କୁମାରେଶ ନାୟକ ଏହି ମନ୍ଦିରର ସ୍ୱୟମ୍ଭୁ ଶିବଲିଙ୍ଗ, ଅରଖପାଳ ମୌଜାର କାହାଣୀ, ତିନି ନଦୀର ସଙ୍ଗମସ୍ଥଳରେ ଥିବା ଏହି ମନ୍ଦିରର ଅବସ୍ଥିତିର କାରଣ ତଥା ଶହ ଶହ ବର୍ଷ ଧରି ଏଠାରେ ଅନିର୍ବାପିତ ଭାବରେ ଜଳୁଥିବା ପବିତ୍ର ଧୂନୀ ଅଗ୍ନି ସମ୍ପର୍କରେ ସବିଶେଷ ବ୍ୟାଖ୍ୟା କରିଥିବା ବେଳେ ଅନ୍ୟତମ ସଦସ୍ୟ ତଥା ଇତିହାସ ଅନୁସନ୍ଧିତ୍ସୁ ରଶ୍ମିରାଜ ପଟ୍ଟନାୟକ ହେରିଟେଜ ୱାକ୍ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ସଦହ୍ୟଙ୍କୁ ସଚେତନ କରିଥିଲେ। ହେରିଟେଜ ୱାକ୍‌ର ସଦସ୍ୟ ଆକାଶ ମହାନ୍ତି, କ୍ରିଷ୍ଣା ଚନ୍ଦ୍ରମୁଖୀ, ଅଧ୍ୟାପିକା ଇପସିତା ପଟ୍ଟନାୟକ, ଅଧ୍ୟାପିକା ସୁଚିସ୍ମିତା ଦାସ, ଜିତ ପଟ୍ଟନାୟକ, ଆଭାସ ଦେ, ସୁଶ୍ରୀ ନାୟକ, ଲକ୍ଷ୍ମଣ ସାହୁ, ଲିପୁ ସାହୁ, ଚିନ୍ମୟ ଦାସ, ଆର୍ଲିନ ଅଙ୍କିତା ପରିଡ଼ା, ଶୁଭସ୍ମିତା ସାହୁ, ଭବାନୀ ପାତ୍ର, ହରପ୍ରିୟା ନାୟକ, ଆସନା ଖାତୁନ, ଲକ୍ଷ୍ମୀ ଘୋଷ ଓ ୭୦ରୁ ଉର୍ଦ୍ଧ୍ୱ ଅଭିଯାତ୍ରୀ ଯୋଗ ଦେଇଥିଲେ।



## ନୂତନ ମୁଣ୍ଡାରୀ ବିଦ୍ୟାଳୟର ପ୍ରତିଷ୍ଠା



**ବୈଶିଙ୍ଗା, ୨୨।୧୨ (ସମିସ):** ମୁଣ୍ଡାରୀ ଭାଷାର ସାମାଜିକ ଓ ସାମ୍ବିଧାନିକ ସ୍ୱୀକୃତି ହାସଲ ଏବଂ ମୁଣ୍ଡାରୀ ଭାଷାର ସମ୍ମାନର ସୁରକ୍ଷା ଉଦ୍ଦେଶ୍ୟରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ମୁଣ୍ଡାରୀ ଭାଷାଭାଷୀ ଅଧ୍ୟୁଷିତ ଗ୍ରାମରେ ମୁଣ୍ଡାରୀ ରବିବାରିଆ ବିଦ୍ୟାଳୟ ଖୋଲାଯାଉଛି। ଆଜି ବେତନଟୀ ବ୍ଲକ ଅନ୍ତର୍ଗତ ରଘୁପୁର ପଞ୍ଚାୟତର ଠାକୁରଟୋଟା ଠାରେ ଏକ ନୂତନ ମୁଣ୍ଡାରୀ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଏହି ଅବସରରେ ଗ୍ରାମବାସୀଙ୍କୁ ନେଇ ଏକ ସାଧାରଣ ବୈଠକରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଜିଲ୍ଲା ସମ୍ପାଦକ ବୁଧିଆ ସିଂ, ଅନ୍ନପୂର୍ଣ୍ଣା ସିଂ, ବେତନଟୀ ବ୍ଲକ ଆବାହକ ତପନ ସିଂ, ବଡ଼ସାହି ବ୍ଲକ ଆବାହକ ବୈଦ୍ୟନାଥ ସିଂ, ରଘୁପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶତ୍ରୁଘନ ସିଂ, ଆମ୍ବଗଡ଼ିଆ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ମଙ୍ଗଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସବିତା ସିଂଙ୍କୁ ଉକ୍ତ ମୁଣ୍ଡାରୀ ରବିବାରିଆ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାବେ ସର୍ବସମ୍ମତିକ୍ରମେ ଚୟନ କରି ଦାୟିତ୍ୱ ଅର୍ପଣ କରାଯାଇଛି। ପାର୍ବତୀ ସିଂ ଉକ୍ତ ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ମୁଖ୍ୟ ସଂଯୋଜିକା ଥିଲେ। ମୁଣ୍ଡାରୀ ଭାଷା ସମନ୍ୱୟ କମିଟି, ବେତନଟୀ ବ୍ଲକ ସମ୍ପାଦିକା ଜୟନ୍ତୀ ସିଂ ଧନ୍ୟବାଦ ଦେଇଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ମୁଣ୍ଡାରୀ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଛି।

## ରଘୁନାଥ ଉଚ୍ଚବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ପାଳିତ

**ବୈଶିଙ୍ଗା, ୨୨।୧୨ (ସମିସ):** ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ପଞ୍ଚାୟତ ଅଧୀନ ରାଇକମାସ୍ଥିତ ରଘୁନାଥ ଉଚ୍ଚବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଜିତ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। 'ଗଣିତ ଜଗତରେ ରାମାନୁଜମଙ୍କ ଭୂମିକା' ଶୀର୍ଷକ ଏକ ଆଲୋଚନାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଗଣିତ ଶିକ୍ଷକ ନିରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଗଣିତ କୁହୁକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ହରେକୃଷ୍ଣ ମହାନ୍ତ, ଶୁଭାଶିଷ ପଣ୍ଡା, ତରଣିକାନ୍ତ ମହାନ୍ତ, ଶୁଭବନ୍ତ ନାୟକ ଓ ନିକିନିତା ଜେନା ଯୋଗ ଦେଇଥିଲେ। ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଶ୍ରୀମାନ ଓମ୍ ପ୍ରକାଶ ପୁଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆକାଶ ଚୌଧୁରୀ ଧନ୍ୟବାଦ ଦେଇଥିଲେ।

## ଭଞ୍ଜସେନାର ପ୍ରତିଷ୍ଠା ଦିବସ ଜାନୁଆରୀ ୨୩ରେ

**ବାରିପଦା, ୨୨।୧୨(ସମିସ):** ଆସନ୍ତା ଜାନୁଆରୀ ୨୩ ତାରିଖରେ ଭଞ୍ଜସେନା ୨୭ତମ ପ୍ରତିଷ୍ଠା ଦିବସ ପାଳନ କରିବ। ରବିବାର ମା' ଭୈରବୀ ମନ୍ଦିର ପ୍ରାଙ୍ଗଣରେ ଏନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଅଧ୍ୟକ୍ଷ ସଞ୍ଜୀବ ରାଉତ୍, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ସଭାପତି ପିଣ୍ଟୁ ମାଇତି, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଆବାହକ ରାକେଶ ବେହେରା, କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ସହର ସଭାପତି ରାକେଶ ମହାନ୍ତି, ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ଯୁବ ସଭାପତି ଏସ୍ କେ ରାଜା ଖାନ, ମୁଖପାତ୍ର ମାନସ ବେହେରା, ଧନଞ୍ଜୟ ସାହୁ, ସୋସିଆଲ ମିଡିଆ ସହସଂଯୋଜକ ପ୍ରିତମ ପଣ୍ଡା, ସାଙ୍ଗଠନିକ ସମ୍ପାଦକ ଗଣେଶ ମହାନ୍ତି, ଅମିତ କୁମାର, କିଶୋର ମହାପାତ୍ର, ରବୀନ୍ଦ୍ର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଉଦ୍‌ଘାଟିତ ହେଲା ବିଶୋଇ ଚାମ୍ପିଅନ୍‌ସ ଲିଗ୍



**ବିଶୋଇ, ୨୨।୧୨ (ସମିସ)**

ବିଶୋଇ ନେତାଜୀ କ୍ଲବ୍ ଆନୁକୂଲ୍ୟରେ ବିଶୋଇ ଅଞ୍ଚଳର ବୃହତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିଶୋଇ ଚାମ୍ପିଅନସ୍ ଲିଗର ତୃତୀୟ ସଂସ୍କରଣ ଉଦଘାଟିତ ହୋଇଯାଇଛି। ବିଶୋଇ ମିନିଷ୍ଟାଡିୟମରେ ଆଜିଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଉଦଘାଟନୀ ସମାରହରେ ମୁଖ୍ୟଅତିଥି ଭାବରେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଏବଂ ସମ୍ମାନିତ ଅତିଥି ଭାବରେ ସାରସକଣା ବିଧାୟକ ଭାଦବ୍ ଚନ୍ଦ୍ର ହାଁସଦା, ଅନ୍ୟତମ ଅତିଥି ଭାବରେ ବିଶୋଇ ବ୍ଲକ ଅଧ୍ୟକ୍ଷା ତୁଳସୀ ସିଦ୍ଧି ହାଁସଦା, ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ନେତାଜୀ କ୍ଲବର ବରିଷ୍ଠ ସଦସ୍ୟ ସୁବାସ ପାତ୍ର, ଦେବେନ୍ଦ୍ର ମହାପାତ୍ର, ନଟବର ନାଏକ, ଦିଲ୍ଲୀପ ସି ପ୍ରମୁଖ ଉପସ୍ଥିତ ଥିଲେ। ବିଶୋଇ ଓ ବିଜାତଳା ବ୍ଲକର ୧୧୧ ଜଣ ପ୍ରତିଭାବାନ କ୍ରିକେଟର ଏଥିରେ ଅଂଶଗ୍ରହଣ କରିଛନ୍ତି। ଶାନ୍ତିଲତା ଆସୋସିଏଟ, ଆର ରାଜକୁମାର ରୟାଲ, ବାଉଡିବେଡା ବୁଲଡଜୋର, ଏସ୍‌ଏସ୍ ଚେଲେଞ୍ଜର କଁଳାପାଟ, ବିଶୋଇ ଫାଇଟର, ଗୁଣ୍ଡୁରିଆ ପାଂଥର ଲିଜେଣ୍ଡ ପ୍ରମୁଖ ୬ଟି ଫ୍ରାଞ୍ଚାଇଜ ଦଳ ମଧ୍ୟରେ ଏହି ଲିଗ୍ ଅନୁଷ୍ଠିତ ହେବ। ବିଶୋଇ ଫାଇଟର ଏବଂ ଆର୍.ଆର୍. ରାଜ କୁମାର ରୟାଲ ମଧ୍ୟରେ ଉଦଘାଟନୀ ମ୍ୟାଚ ହୋଇଥିଲା। ପଙ୍କଜ ମହାକୁଡ଼ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। କ୍ଲବର ସଭାପତି ମାନସ ରଞ୍ଜନ ମହାପାତ୍ର, ସମ୍ପାଦକ ସଚିନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ସୁମନ୍ତ ସାହୁ, କ୍ରୀଡା ସମ୍ପାଦକ ରିତୁନ୍ ମହାନ୍ତି, ସୁଶାନ୍ତ ମହାନ୍ତି, ସୌମ୍ୟରଞ୍ଜନ ମହାନ୍ତି, ରଞ୍ଜନ କବାଟ, ସୁଶାନ୍ତ ମହାନ୍ତ, ଅଭିଜିତ ମହାନ୍ତି, ରଞ୍ଜିତ ମହାନ୍ତି, ପିଣ୍ଟୁ ଗିରି, ଶୁଭ୍ରଜିତ ମହାପାତ୍ର, ଦେବାଶିଷ ନାଏକ, କିରଣ ପାତ୍ର ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ପଥର କାରିଗରଙ୍କ ମୃତ୍ୟୁ

**ପଞ୍ଚଲିଙ୍ଗେଶ୍ୱର, ୨୨।୧୨(ସମିସ):** ଔପଦା ବ୍ଲକ ଇଶ୍ୱରପୁର ପଞ୍ଚାୟତ ମର୍ଦ୍ଦରାଜପୁର ଗ୍ରାମର ପଥରଶିଳ୍ପୀ ରମାକାନ୍ତ ଜେନା (୩୬)ଙ୍କ ଦେହାନ୍ତ ହୋଇଛି। ରମାକାନ୍ତ ବାହାର ରାଜ୍ୟରେ ଲାଲ ପଥରରେ କାର୍ଯ୍ୟ କରୁଥିବା ବେଳେ ତାଙ୍କର ଲିଭରରେ ପଥର ଗୁଣ୍ଡ ଅଟକି ସେ ୨୦୧୮ ମସିହାରୁ ଏହି ରୋଗରେ ପୀଡିତ ଥିଲେ। ୬ ମାସ ହେବ ସେ ଘରେ ଚିକିତ୍ସିତ ହେଉଥିବାବେଳେ ଆଜି ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ତାଙ୍କୁ ପ୍ରଥମେ ଇଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାରମ୍ବାର ପଥର ଶିଳ୍ପୀ ମାନଙ୍କର ଲିଭର ସିରୋସିସ ରୋଗରେ ମୃତ୍ୟୁ ହେଉଥିବା ବେଳେ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଶିଳ୍ପୀମାନେ ଦାବି କରିଛନ୍ତି।

## ପଥର ବୋଝେଇ ଟ୍ରାକ୍ଟର ଜବତ

**କୁଆମରା, ୨୨।୧୨(ସମିସ):** ଶିମିଳିପାଳ ପାଦଦେଶରୁ ଓଡି ୧୧ ବି - ୭୭୫୨ ନମ୍ବର ବିଶିଷ୍ଟ ଏକ ଟ୍ରାକଟର ଯୋଗେ ବେଆଇନ ପଥର ବୋଝେଇ କରି ନେଉଥିବା ବେଳେ ଖୁଣ୍ଟା ପୁଲିସ କୌଣସି ସୂତ୍ରରୁ ଖବର ପାଇ ଏହି ଥାନା ଅନ୍ତର୍ଗତ ଜୁରାଡିହିଠାରେ ଚଢଉ କରିବା ସହ ସମ୍ପୃକ୍ତ ଟ୍ରାକଟରକୁ ଜବତ କରିଛି। ଚାଳକ ବାଂଗରା ଗ୍ରାମର ଭୁଟା ସିଂକୁ ଗିରଫ କରାଯିବା ସହ ଏହି ମାମଲାର ତଦନ୍ତ ଜାରି ରହିଛି।

## କାର୍ କ୍ଷତିଗ୍ରସ୍ତ; ଥାନାରେ ଏତଲା

**ରାଇରଙ୍ଗପୁର/ତିରିଂ, ୨୨।୧୨(ସମିସ):** ଶନିବାର ବିଳମ୍ବିତ ରାତ୍ରି ତିରିଂ ଥାନାଞ୍ଚଳ ସାଲୋଏ ଗାଁରେ ଘର ସମ୍ମୁଖରେ ଛିଡ଼ା ହୋଇଥିବା ଏକ କାର୍‌କୁ ଦୁର୍ବୃତ୍ତମାନେ ଠେଙ୍ଗାରେ ମାଡ଼ ମାରି କ୍ଷତିଗ୍ରସ୍ତ କରି ଖସି ପଳାଇଥିଲେ। ରବିବାର ସକାଳ ସମୟ ଗାଡ଼ି ମାଲିକ କ୍ଷତିଗ୍ରସ୍ତ କାରକୁ ଦେଖିବା ପରେ ଘଟଣାକୁ ନେଇ ତିରିଂ ଥାନାରେ ଲିଖିତ ଏତଲା ଦେଇଥିଲେ। ତିରିଂ ପୁଲିସ ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

## ଜଳିଗଲା ଦୋକାନ ଘର

**ବାରିପଦା, ୨୨।୧୨(ସମିସ):** ଫ୍ରେଜର ହଷ୍ଟେଲ ଛକଠାରେ ଅଗ୍ନିକାଣ୍ଡ ଯୋଗୁଁ ଦୋକାନ ଘର ଜଳିଯାଇଛି। ଶନିବାର ବିଳମ୍ବିତ ରାତିରେ ଉକ୍ତ ଅଗ୍ନିକାଣ୍ଡ ଘଟିଯାଇଛି। ଅଗ୍ନିକାଣ୍ଡରେ ଦୁଇଟି ଦୋକାନ ସମ୍ପୂର୍ଣ୍ଣ ଭାବେ ଜଳି ନଷ୍ଟ ହୋଇଯାଇଛି। ରବିବାର ବିଳମ୍ବିତ ରାତିରେ କୋଣସି କାରଣ ପାଇଁ ଫଳ ଓ ଅନ୍ୟ ଏକ ଦୋକାନରେ ଅଗ୍ନି ସଂଯୋଗ ହୋଇଥିଲା। ଯାହାଫଳରେ ଦୋକାନ ଭିତରେ ଥିବା ଜିନିଷଗୁଡିକ ଜଳିବାରେ ଲାଗିଥିଲା। ରାତିରେ ଲୋକେ ଶୋଇଥିବା ବେଳେ ରବିବାର ଭୋର ପ୍ରାୟ ୫ଟା ଜାଣିବା ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ହୋଇଥିବା ନେଇ ଅଗ୍ନିଶମ ବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି।

## ଶିଶୁମନ୍ଦିରର ବାର୍ଷିକ ଉତ୍ସବ

**ପଞ୍ଚଲିଙ୍ଗେଶ୍ୱର, ୨୨।୧୨(ସମିସ):** ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସନ୍ତରାଗଡ଼ିଆର ବାର୍ଷିକ ଉତ୍ସବ ସନ୍ତରାଗଡ଼ିଆ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସୈନିକ ତଥା ସ୍କୁଲ କମିଟିର ସଭାପତି ଜଗବନ୍ଧୁ ସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ମୁଖ୍ୟବକ୍ତା ଭାବେ ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶାର ବାଲେଶ୍ୱର ଜିଲ୍ଲା ପ୍ରମୁଖ କିରଣ କୁମାର ମହାରଣା, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାସ, ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ କମଳ ଲୋଚନ ମିଶ୍ର ଏବଂ ସମ୍ପାଦକ ଯୁଧିଷ୍ଠିର ନନ୍ଦ ମଞ୍ଚାସିନ ରହି କୋମଳମତି ଶିଶୁ ମାନଙ୍କୁ ଉଦବୋଧନ ଦେଇଥିଲେ। ସମ୍ପାଦକ ଅତିଥି ପରିଚୟ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ବାସୁଦେବ ବାରିକ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିସ କନେଷ୍ଟବଲଙ୍କ ଅକାଳ ବିୟୋଗ

**ବାରିପଦା, ୨୨।୧୨(ସମିସ):** ଜଣେ ପୁଲିସ କନେଷ୍ଟବଳ ଗୋପାଳକୃଷ୍ଣ ବିନ୍ଧାଣୀଙ୍କ ଅକାଳ ମୃତ୍ୟୁ ଘଟିଛି। ରାସଗୋବିନ୍ଦପୁର ଥାନା ବଡାମପୁର ବିଟ ହାଉସରେ କାର୍ଯ୍ୟରତ ଥିଲେ। ଶନିବାର ରାତିରେ ତାଙ୍କୁ ବାରିପଦାସ୍ଥିତ ପିଆରଏମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଶୁଳିଆପଦା ଥାନା ଅନ୍ତର୍ଗତ ଝିନେଇ ଗ୍ରାମରେ ଅଟେ। ସେ ଗତ ୧୦/୨/୧୯୯୨ରେ ପୁଲିସ ବିଭାଗରେ ଯୋଗଦାନ କରିଥିଲେ। ତାଙ୍କ ଅକାଳ ମୃତ୍ୟୁକୁ ନେଇ ଶୋକର ଛାୟା ଖେଳିଯାଇଛି। ରବିବାର ପୂର୍ବାହ୍ନରେ ବାରିପଦାସ୍ଥିତ ରିଜର୍ଭ ପୁଲିସ ପରିସରରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଚ୍ଛାୟତ ଏବଂ ସମେତ ପୁଲିସ କନେଷ୍ଟବଳ ଓ ହାବିଲଦାର ସଂଘ କର୍ମକର୍ତ୍ତା ପକ୍ଷରୁ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ସମ୍ମାନ ପ୍ରଦାନ କରାଯାଇଛି।



## ଶମ୍ଭୁନାଥ ସରକାରୀ ହାଇସ୍କୁଲର ପ୍ଲାଟିନମ୍ ଜୁବିଲି ପ୍ରସ୍ତୁତି

**ବସ୍ତା ବ୍ଲକ, ୨୨।୧୨ (ସମିସ) :** ବସ୍ତା ବ୍ଲକର ସର୍ବ ପୁରାତନ ହାଇସ୍କୁଲ ଶମ୍ଭୁନାଥ ସରକାରୀ ହାଇସ୍କୁଲ ର ପ୍ଲାଟିନମ ଜୁବୁଲି ପାଳନ ପାଇଁ ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକ ରବିବାର ଅପରାହ୍ନରେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ଗଗନ ବିହାରୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ସୂର୍ଯ୍ୟ ନାରାୟଣ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁ, ସମାଜ ସେବୀ ମନୋଜ କୁମାର ମହାନ୍ତି, ରବୀନ୍ଦ୍ର ଦାସ ଯୋଗ ଦେଇ ଥିଲେ। ୧୯୪୪ ମସିହାରେ ସ୍ଥାପିତ ଏହି ସ୍କୁଲ ୮୦ ବର୍ଷରେ ପଦାର୍ପଣ କରିଥିବା ବେଳେ ୨୦୧୯ ରେ ପ୍ଲାଟିନମ ଜୁବୁଲି ହେବା ନେଇ ପୁରାତନ ଛାତ୍ର ସଂସଦ ଅଣ୍ଟା ଭିଡି ଥିବା ବେଳେ କରୋନା ଯୋଗୁଁ ସ୍ଥଗିତ ରହି ଥିଲା। ଏଣୁ ଆସନ୍ତା ଏପ୍ରିଲ ୧୮ ରେ ସ୍କୁଲରେ ପ୍ଲାଟିନମ୍ ଜୁବୁଲି କରାଯିବା ନେଇ ପ୍ରସ୍ତାବ ଆଗତ ସହ ସମସ୍ତ ପୁରାତନ ଛାତ୍ର ଛାତ୍ରୀ, ଶିକ୍ଷାବିତଙ୍କ ସହ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଆସନ୍ତା ୨୬ ତାରିଖରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ।

## ମାଣତ୍ରୀ ମନ୍ଦିର ସେବକଙ୍କ ପରଲୋକ



**ବଡ଼ସାହି/ମାଣତ୍ରୀ, ୨୨।୧୨(ସମିସ):** ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ମାଣତ୍ରୀର ବାବା କଖାରୁଆ ବୈଦନାଥ ମନ୍ଦିରର ସେବକ ଦେବାନନ୍ଦ ପଣ୍ଡାଙ୍କର ୮୬ବର୍ଷରେ ପରଲୋକ ଘଟିଛି। ୨ଦିନ ହେବ ବାରିପଦା ପିଆରଏମ୍ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବିଧାୟକ ସନାତନ ବିଜୁଲିଙ୍କ ସମେତ ମାନଗଣ୍ୟ ବ୍ୟକ୍ତିବିଶେଷ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ଦେବାନନ୍ଦଙ୍କ ବଡ଼ପୁଅ ଶଶିଶେଖର ଜଣେ ସାମ୍ବାଦିକ ତଥା ବାଲେଶ୍ୱର ସାଂସଦଙ୍କ ବଡ଼ସାହି ବ୍ଲକ ପ୍ରତିନିଧି ଅଟନ୍ତି।

■ ଆଇସିସି ଚାମ୍ପିଅନ୍ସ ଟ୍ରଫି

## ଦୁବାଇରେ ଖେଳିବ ଭାରତ

ନୂଆଦିଲ୍ଲୀ, ୨୨ ।୧୨(ଏଜେନ୍ସି): ଆଗାମୀ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫିରେ ଭାରତ ତା'ର ସବୁ ମ୍ୟାଚ୍ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରେ ଖେଳିବ । ଏହା ହାଇବ୍ରିଡ୍ ମଡେଲରେ ଖେଳାଯିବ । ଯଦି ଭାରତ ସେମିଫାଇନାଲ ଓ ଫାଇନାଲକୁ ଉଠେ ତେବେ ଏହି ଦୁଇଟି ନିର୍ଣ୍ଣାୟକ ମ୍ୟାଚ୍ ମଧ୍ୟ ଦୁବାରେ ଖେଳାଯିବ । ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ ନକ୍‌ଭି ଓ ୟୁଏଇର ମନ୍ତ୍ରୀ ଶେଖ୍ ନାହୟାନ ଅଲ ହକ୍ ମୁବାରକଙ୍କ ମଧ୍ୟରେ ବୈଠକ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି । କିନ୍ତୁ ଯଦି ଭାରତ ସେମି କିମ୍ବା ଫାଇନାଲରେ ପ୍ରବେଶ ନକରେ ତେବେ ଏହି ଦୁଇଟି ମ୍ୟାଚ୍ ପାକିସ୍ତାନରେ ଖେଳାଯିବ । ଭାରତ ଫାଇନାଲକୁ ଉଠିଲେ ଟୁର୍ଣ୍ଣାମେଣ୍ଟର ମୋଟ୍ ୧୫ଟି ମ୍ୟାଚ୍‌ରୁ ୫ଟି ମ୍ୟାଚ୍ ୟୁଏଇରେ ଖେଳାଯିବ । ଚାମ୍ପିଅନ୍ସ ଟ୍ରଫି ଫେବୃଆରୀ ୧୯ ରୁ ଆରମ୍ଭ ହେବ ।

■ ଜାତୀୟ ସିନିଅର ମହିଳା ଫୁଟ୍‌ବଲ ଫାଇନାଲ ଆଜି

## ୧୪ ବର୍ଷ ପରେ ଟାଇଟଲ୍ ଲକ୍ଷ୍ୟରେ ଓଡ଼ିଶା



ଭୁବନେଶ୍ୱର, ୨୨ ।୧୨ (ସମିସ): ଜାତୀୟ ସିନିଅର ମହିଳା ଫୁଟ୍‌ବଲ ଚାମ୍ପିଅନସିପ୍ ତଥା ରାଜମାତା ଜିଜାବାଇ ଟ୍ରଫିର ୨୯ତମ ସଂସ୍କରଣର ଫାଇନାଲ ସୋମବାର ଖେଳାଯିବ । ୨୨ଥରର ବିଜେତା ମଣିପୁର ଓ ଓଡ଼ିଶା ମଧ୍ୟରେ ଟ୍ରଫି ପାଇଁ ପରସ୍ପରକୁ ଭେଟିବେ । ସେମିଫାଇନାଲରେ ଓଡ଼ିଶା ୨-୦ ଗୋଲରେ ଗତ ସଂସ୍କରଣର ରନର୍ସଅପ୍ ହରିୟାଣାକୁ ପରାସ୍ତ କରି ୭ମ ଥର ଲାଗି ଫାଇନାଲକୁ ଉଠିଥିଲା । ସେହିଭଳି ଟାଇଟଲ୍ ଫେଭରାଇଟ୍ ମଣିପୁର ୩-୦ ଗୋଲରେ ପଶ୍ଚିମବଙ୍ଗକୁ ମାତ୍ ଦେଇ ଫାଇନାଲ ଟିକଟ୍ ହାସଲ କରିଥିଲା । ପ୍ୟାରୀ ଖାଖାଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ସୋମବାର ମଣିପୁରକୁ ପରାସ୍ତ କରି ୧୪ ବର୍ଷ ପରେ ଦ୍ୱିତୀୟଥର ଲାଗି ଏହି ସମ୍ମାନଜନକ ଟ୍ରଫି ଜିତିବାକୁ ଲକ୍ଷ୍ୟ ରଖିଛି । ଶେଷଥର ଲାଗି ଓଡ଼ିଶା ୨୦୧୦-୧୧ରେ ଅନୁଷ୍ଠିତ ସଂସ୍କରଣରେ ଓଡ଼ିଶା ଚାମ୍ପିଅନ ହୋଇଥିଲା । ଏହାବାଦ୍ ଓଡ଼ିଶା ଆଉ ୫ଥର ଫାଇନାଲ ଖେଳିଥିଲେ ମଧ୍ୟ ସମସ୍ତଥର ମଣିପୁର ନିକଟରୁ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା ।

■ ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ

## ଓଡ଼ିଶା-ତାମିଲନାଡୁ ମ୍ୟାଚ୍ ଡ୍ର



କଟକ, ୨୨।୧୨(ସମିସ): ୭୮ତମ ବରିଷ୍ଠ ପୁରୁଷ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ରବିବାର ଅନୁଷ୍ଠିତ ତାମିଲନାଡୁ ବିପକ୍ଷ ମ୍ୟାଚ୍‌କୁ ଡ୍ର ରଖିଛି ଓଡ଼ିଶା । ହାଇଦ୍ରାବାଦ୍‌ର ଡେକାନ ଏରେନାରେ ଏହି ମ୍ୟାଚ୍ ଖେଳାଯାଇଥିଲା । ଖେଳର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା । ଦ୍ୱିତୀୟାର୍ଦ୍ଧର ୬୮ତମ ମିନିଟରେ ଓଡ଼ିଶା ଖେଳାଳିଙ୍କ ତ୍ରୁଟି ଯୋଗୁଁ ତାମିଲନାଡୁକୁ ପେନାଲ୍ଟି କିକ୍ ମିଳିଥିଲା । ଏହାର ସଦୁପଯୋଗ କରି ଆଲେକ୍ସାଣ୍ଡର ରୋମାରିଓ ଦଳ ନିମନ୍ତେ ପ୍ରଥମ ଗୋଲ ସ୍କୋର କରିଥିଲେ । ୭ମିନିଟ ପରେ ଓଡ଼ିଶା ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା । ଫରୱାର୍ଡ ରାହୁଲ ମୁଖୀଙ୍କ ଗୋଲ ଦ୍ୱାରା ମ୍ୟାଚ୍ ବରାବର ହୋଇଥିଲା । ପରେ କୌଣସି ଗୋଲ ନହେବା ଯୋଗୁଁ ଉଭୟ ଦଳ ଭିତରେ ପଏଣ୍ଟ ଭାଗ ହୋଇଛି । ଅନ୍ୟପକ୍ଷରେ ଓଡ଼ିଶା ନିମନ୍ତେ କ୍ୱାର୍ଟର ଫାଇନାଲ ସୁଯୋଗ ରହିଛି । ଫାଇନାଲ ରାଉଣ୍ଡରେ ୪ଟି ଲିଗ୍‌ରୁ ଗୋଟିଏ ବିଜୟ, ୨ଟି ପରାଜୟ ଏବଂ ଗୋଟିଏ ଅମୀମାଂସିତ ଫଳାଫଳ ବଳରେ ୪ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ବି ଟେବଲର ୪ର୍ଥ ସ୍ଥାନରେ ରହିଛି । ୨୪ ତାରିଖରେ ମେଘାଳୟ ବିପକ୍ଷରେ ୫ମ ତଥା ଅନ୍ତିମ ଲିଗ୍ ମ୍ୟାଚ୍ ରହିଛି । ଏହି ମ୍ୟାଚ୍‌ର ଫଳାଫଳ ଉପରେ ଓଡ଼ିଶାର କ୍ୱାର୍ଟର ଫାଇନାଲ ଆଶା ନିର୍ଭର କରେ । ଏପରିକି ମେଘାଳୟ ୭ ପଏଣ୍ଟ ହାସଲ କରି ଟେବଲର ୨ୟ ସ୍ଥାନରେ ରହିଛି ।

## ଜାତୀୟ ରେକର୍ଡ ସୃଷ୍ଟି କଲେ ସୃଷ୍ଟି, ମନ୍ନତା





ଭୁବନେଶ୍ୱର, ୨୨ ।୧୨(ସମିସ): ଦକ୍ଷିଣ ଆଫ୍ରିକାରେ ଚାଲିଥିବା କେଜେଡ୍‌ଏନ୍ ପ୍ରିମିଅର ପ୍ରୋଭିନସିଆଲ ଚାମ୍ପିଅନସିପ୍‌ରେ ଓଡ଼ିଶାର ଦୁଇ ମହିଳା ସନ୍ତରଣକାରୀ ମନ୍ନତା ମିଶ୍ର ଓ ସୃଷ୍ଟି ଉପାଧ୍ୟାୟ ଦମ୍‌ଦାର ପ୍ରଦର୍ଶନ କରି ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି । ମହିଳା ୧୦୦ମିଟର ବ୍ରେଷ୍ଟଷ୍ଟୋକ୍ ଇଭେଣ୍ଟରେ ମନ୍ନତା ୧ ମିନିଟ ୧୨. ୯୦ ସେକେଣ୍ଡ ସମୟ ନେଇ ପୂର୍ବର ୧ ମିନିଟ୍ ୧୩.୧୩ ସେକେଣ୍ଡ ରେକଡକୁ ପଛରେ ପକାଇଛନ୍ତି । ସେହିପରି ସୃଷ୍ଟି ମହିଳା ୧୦୦ମିଟର ବଟରଫ୍ଲାଏ ଇଭେଣ୍ଟରେ ୧ ମିନିଟ୍ ୦୨. ୫୩ ସେକେଣ୍ଡ ନେଇ ଜାତୀୟ ରେକର୍ଡ କରିଛନ୍ତି । ସେ ପୂର୍ବରୁ ୧:୦୨.୭୮ ସେକେଣ୍ଡ ଟାଇମିଂକୁ ପଛରେ ପକାଇଛନ୍ତି ।

### ଓଡ଼ିଶା ଓପନ ଗ୍ରାଣ୍ଡମାଷ୍ଟର ଚେସ୍ ଉଦ୍‌ଯାପିତ

# ଟାଇଟଲ୍ ଜିତିଲେ ଭିଏତନାମ୍‌ର ଏନ୍‌ଗୁଏନ୍



କାଟାଗୋରୀ - ସି' ଚାମ୍ପିଅନ୍ ଯୁଗ ଦେଶାଇ ଅତିଥିମାନଙ୍କ ଗହଣରେ ପୁରସ୍କାର ସହ



ଏନ୍‌ଗୁଏନ କ୍ୱକ୍ ହାଏ

ଭୁବନେଶ୍ୱର, ୨୨।୧୨(ସମିସ): ଭିଏତନାମର ଫିଡେମାଷ୍ଟର ଏନ୍‌ଗୁଏନ କ୍ୱକ୍ ହାଏ ଏଠାରେ ଚାଲିଥିବା ଓଡ଼ିଶା ଓପନ ଗ୍ରାଣ୍ଡମାଷ୍ଟର ଚେସ୍ ମହୋତ୍ସବରେ କାଟାଗୋରୀ-ଏ' ଟାଇଟଲ ବିଜୟୀ ହୋଇଛନ୍ତି । ଟୁର୍ଣ୍ଣାମେଣ୍ଟ ଶେଷ ବା ୧୦ମ ରାଉଣ୍ଡ ଶେଷ ସୁଦ୍ଧା ଏନ୍‌ଗୁଏନ ଓ ବେଲାରୁଷର ଗ୍ରାଣ୍ଡମାଷ୍ଟର ଆଲେକ୍ସେଇ ଫେଡେରୋଭ ସମାନ ୮ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମସ୍ଥାନରେ ରହିଥିଲେ । କିନ୍ତୁ ବୁକୋଲଜ୍‌ରେ ଏନ୍‌ଗୁଏନ ପ୍ରଥମ ଓ ଆଲେକ୍ସେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ପୁରସ୍କାର ବାବଦରେ କିନ୍ତୁ ଏନ୍‌ଗୁଏନଙ୍କୁ ଟ୍ରଫି ସହ ୫ ଲକ୍ଷ ୫୦ ହଜାର ଓ ଫେଡୋରୋଭ୍‌ଙ୍କୁ ଟ୍ରଫି ସହ ୩ ଲକ୍ଷ ୫୦ ହଜାର ଟଙ୍କା ପୁରସ୍କାର ପାଇଛନ୍ତି । ଏମାନଙ୍କ ପଛକୁ ୫ଜଣ ଖେଳାଳି ୭.୫ ପଏଣ୍ଟ ଲେଖାଏ ସଂଗ୍ରହ କରିଥିଲେ । ବୁକୋଲଜ୍‌ରେ ଭାରତ ତଥା ତାମିଲନାଡୁର ଜିଏମ୍ ଇନିଆନ ପା' ତୃତୀୟ ସ୍ଥାନ ଅଧିକାର କରି ଟ୍ରଫି ସହ ୨ ଲକ୍ଷ, ଜିଏମ୍ ଦୀପନ ଚକ୍ରବର୍ତ୍ତୀ ଚତୁର୍ଥ ସ୍ଥାନରେ ରହି ୧ଲକ୍ଷ ଟଙ୍କା ପୁରସ୍କାର ହାସଲ କରିଛନ୍ତି । ଏମାନଙ୍କ ପଛକୁ ୩ଜଣ ଭାରତୀୟ ରହିଛନ୍ତି । ୫ମ ସ୍ଥାନରେ ରହି ସାହିଲ ଦେ ୮୦, ୦୦୦, ୬ଷ୍ଠରେ ଥିବା ଆଦି ଆମେୟା ୬୦, ୦୦୦, ୭ମରେ ଥିବା ଶ୍ରୀହରି ଏଲ ୫୦, ୦୦୦ ଟଙ୍କା ପୁରସ୍କାର ପାଇଛନ୍ତି । ମେରିଟ୍ ଲିଷ୍ଟରେ ଥିବା ପ୍ରଥମ ୪୦ଜଣ ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ଦିଆଯାଇଛି । ସର୍ବନିମ୍ନ ୧୫, ୦୦୦ ଟଙ୍କା ପୁରସ୍କାର ଦିଆଯାଇଛି ।

### ୪୦ଜଣଙ୍କ ମଧ୍ୟରେ ଓଡ଼ିଶାରୁ ଏକା ସମ୍ବିତ ପଣ୍ଡା

ଓଡ଼ିଶା ତଥା ଭୁବେନେଶ୍ୱରର ସମ୍ବିତ ପଣ୍ଡା ୭ ଅନ୍ୟ ୧୨ଜଣଙ୍କ ସହ ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି । କିନ୍ତୁ ବୁକୋଲଜରେ ସେ ୧୭ତମ ସ୍ଥାନରେ ରହିଛନ୍ତି । ଏହା ଫଳରେ ତାଙ୍କୁ ୧୫, ୦୦୦ ଟଙ୍କାର ପୁରସ୍କାର ମିଳିଛି । ଏହା ବ୍ୟତୀତ ୨୨୦୦ରୁ ୨୨୯୯ କାଟାଗୋରୀରେ ଓଡ଼ିଶାର ହର୍ଷିତ ରଞ୍ଜନ ସାହୁ ଓ ୨୧୦୦ରୁ ୨୧୯୯ରେ କୌସ୍ତୁଭ ଦାସ ପ୍ରଥମ ସ୍ଥାନ ଅଧିକାର କରି ୧୨, ୦୦୦ ଟଙ୍କା ଲେଖାଏଁ ପୁରସ୍କାର ପାଇଛନ୍ତି । 'ଏ' କାଟାଗୋରୀରେ ଓଡ଼ିଶାର ୩ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଛି । ସେମାନଙ୍କ ମଧ୍ୟରୁ ଶ୍ରୀଅଶ ଦାସ ପ୍ରଥମ, ଇକ୍ବଲରଞ୍ଜନ ସାହୁ ଦ୍ୱିତୀୟ ଓ ସିଏମ୍ ରାଜେଶ ନାୟକ ତୃତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ୧୨, ୧୦ ଓ ୭ ହଜାର ଟଙ୍କା ଲେଖାଏଁ ପୁରସ୍କାର ପାଇଛନ୍ତି ।

### କାଟାଗୋରୀ-ସି'ରେ ଦେଶାଇ ଚାମ୍ପିଅନ, ସେନ ରନର୍ସ ଅପ୍

ଏହି ଟୁର୍ଣ୍ଣାମେଣ୍ଟର ତୃତୀୟ ତଥା କାଟାଗୋରୀ-ସି'ରେ ପଶ୍ଚିମବଙ୍ଗର ଯୁଗ ଦେଶାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ସେ ଓ ଅନ୍ୟ ଦୁଇଜଣ ଓଡ଼ିଶା ଖେଳାଳି ସୂର୍ଯ୍ୟମିତ୍ର ସେନ୍ ଓ କିସ୍‌ର ମୁନା ଶବର ମିଳିତଭାବେ ୮ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ । କିନ୍ତୁ ବୁକୋଲଜ୍‌ରେ ଦେଶାଇ ପ୍ରଥମ ସ୍ଥାନ ଅଧିକାର କରି ଟ୍ରଫି ସହ ୭୫, ୦୦୦, ସେନ୍ ରନର୍ସଅପ୍ ହୋଇ ଟ୍ରଫି ସହ ୫୦, ୦୦୦ ଓ ଶବର ତୃତୀୟସ୍ଥାନ ଅଧିକାର କରି ଟ୍ରଫି ସହ ୪୦, ୦୦୦ ଟଙ୍କା ପୁରସ୍କାର ପାଇଛନ୍ତି । ଏମାନଙ୍କ ପଛକୁ ଓଡ଼ିଶାର ବିନୀତ ନାୟକ ଓ ନାରାୟଣ ଦାସ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଛନ୍ତି । ପୁରସ୍କାର ବାବଦରେ ସେମାନଙ୍କୁ ଯଥାକ୍ରମେ ୩୦ ଓ ୨୦ ହଜାର ଟଙ୍କା ମିଳିଛି । ଏହି କାଟାଗୋରୀରେ ଓଡ଼ିଶାର ଖେଳାଳିମାନେ ପ୍ରାଧାନ୍ୟ ବିସ୍ତାର କରିବେ ବୋଲି ଆଶା କରାଯାଉଥିଲା । କିନ୍ତୁ ଟାଇଟଲ ହାତଛଡ଼ା କରିଥିଲେ । ପ୍ରଥମ ୨୫ଜଣଙ୍କ ମଧ୍ୟରେ ସୁନୀଲ ନାୟକ ୯ମ ସ୍ଥାନ ଅଧିକାର କରି ୮, ୦୦୦, ବିଶ୍ୱହରି ସାହୁ ୧୩ଶ, ଦୟାନିଧି ରାଉତ ୧୬ତମ, ଆଦିତ୍ୟ ପଟ୍ଟନାୟକ ୧୭ତମ, ୧୩ ବର୍ଷର କମ୍ ଖେଳାଳି ଶାନ୍ତନୁକୁମାର ଦାସ ୧୮ତମ ସ୍ଥାନ ଅଧିକାର କରି ୭, ୦୦୦ ଟଙ୍କା ଲେଖାଏଁ ପୁରସ୍କାର ପାଇଛନ୍ତି ।

ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି, ପୂର୍ବତନ ଆର୍‌ଡିସି ଅନୀଲ ସାମଲ, ବିଧାୟକ ବିଭୂତିଭୂଷଣ ପ୍ରଧାନ, ଆୟୋଜକ କମିଟି ଅଧ୍ୟକ୍ଷ ଡା. ଅବିନାଶ ସାମଲ, ଚାମ୍ବର ଅଫ କମର୍ସର ସଭାପତି ପ୍ରବୋଧ ମହାନ୍ତି ଓ ଆୟୋଜକ ଓଡ଼ିଶା ରାଜ୍ୟ ଚେସ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ।

## ଏକ୍ସେଲ କ୍ରିକେଟ୍ ଏକାଡେମୀ ଉଦ୍‌ଘାଟିତ



ଭୁବନେଶ୍ୱର, ୨୨।୧୨ (ସମିସ): ସ୍ଥାନୀୟ ସେଣ୍ଟ ଜୋଶେଫ୍ ହାଇସ୍କୁଲଠାରେ ରବିବାର 'ଏକ୍ସେଲ କ୍ରିକେଟ୍ ଏକାଡେମୀ' ଉଦ୍‌ଘାଟିତ ହୋଇଟାଇଛି । ଆଇନଜୀବୀ କବିତା ସୁଆର ଓ ଶ୍ରୀମନ୍ତ ସୁଆର ଓ ପ୍ରଶିକ୍ଷକ ଆଜାଦ୍ ସାର୍‌ଙ୍କ ପ୍ରଚେଷ୍ଟାରେ ଏହି ଏକାଡେମୀ ଗଠନ କରାଯାଇଛି । ଏହି ଅବସରରେ ଏକ ୧୪ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମଧ୍ୟ ରବିବାରଠାରୁ ଆରମ୍ଭ ହୋଇଛି । ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ୪ଟି ଗ୍ରୁପ୍‌ରେ ଭାଗ କରାଯାଇ ମ୍ୟାଚ୍ ଆୟୋଜନ କରାଯାଉଛି । ୨୯ରେ ଏହାର ଫାଇନାଲ ଖେଳାଯିବ । ରବିବାର ଏକାଡେମୀ ଉଦଘାଟନ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ୍ ବର୍ମନ, ସୁଦର୍ଶନ ଛୋଟରାୟ, ଟିବିଟି ଅନସାରୀ, ସୟଦ ତୁଫାଲ ଅହମ୍ମଦ, ରଘୁନାଥ ରାଓ ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହିଥିଲେ ।

■ ଓସିଏ ଆପେକ୍ସ କାଉନସିଲ ବୈଠକ

## ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ପ୍ରସ୍ତୁତି

କଟକ, ୨୨।୧୨(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ର ଆପେକ୍ସ କାଉନସିଲ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଫେବୃୟାରୀ ୯ ରେ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଅନ୍ତର୍ଜାତୀୟ ଏକଦିବସୀୟ ମ୍ୟାଚ୍ ନିମନ୍ତେ ବିଶେଷକରି ଆଲୋଚନା ହୋଇଥିଲା । ମ୍ୟାଚ୍ ପୂର୍ବରୁ ମରାମତି କାର୍ଯ୍ୟ ଶେଷ କରିବା ଦିଗରେ ଗୁରୁତ୍ୱ ଦିଆଯାଇଥିଲା । ଏପରିକି ବାରବାଟୀ ଗ୍ରାଉଣ୍ଡର ରୂପରେଖରେ ପରିବର୍ତ୍ତନ ଆଣିବା କ୍ଷେତ୍ରରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ଓସିଏ ସମ୍ପାଦକ ସଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ସଦସ୍ୟ ରାକେଶ ମହାନ୍ତି, ଗୀତା ସାମନ୍ତରାୟ, ସିଇଓ ସୁବ୍ରତ କୁମାର ବେହେରା ଉପସ୍ଥିତ ଥିଲେ ।

## ସତ୍ୟବ୍ରତ-ତପନ ସ୍ମାରକୀ ଫୁଟବଲ ୨୬ରୁ



ଭୁବନେଶ୍ୱର, ୨୨।୧୨(ସମିସ): ରାଜ୍ୟର ଅନ୍ୟତମ ଅଗ୍ରଣୀ ଫୁଟବଲ କ୍ଲବ୍-୭୩ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସତ୍ୟବ୍ରତ-ତପନ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତା ଡିସେମ୍ବର ୨୬ରୁ ଆରମ୍ଭ ହୋଇ ୨୯ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି ।

ରାଜ୍ୟର ପ୍ରମୁଖ ୮ଟି ଦଳ ଯଥା କଟକର ଇଣ୍ଡିପେଣ୍ଡେଣ୍ଟ କ୍ଲବ୍, ସନ୍‌ରାଇଜ୍, ଗାଲାଣ୍ଟ, ଭୁବନେଶ୍ୱରର କିଶୋର କ୍ଲବ୍, ୟୁନିଟ-୬ ଆଥଲେଟିକ ଆସୋସିଏସନ, ସମ୍ବଲପୁର ଫୁଟବଲ ଏକାଡେମୀ, ଫୁଲବାଣୀ ଫୁଟବଲ କ୍ଲବ୍ ଏବଂ ଓଡ଼ିଶା ପୁଲିସ୍ ଭାଗନେବେ ବୋଲି କ୍ଲବ୍‌ର ସମ୍ପାଦକ ସୁବ୍ରତ ପଟ୍ଟନାୟକ ସୂଚନା ଦେଇଛନ୍ତି । କ୍ରମାଗତ ଦ୍ୱିତୀୟବର୍ଷ ଲାଗି ଆୟୋଜକ କ୍ଲବ୍-୭୩ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ ନାହିଁ । ଏଥିରେ ଚାମ୍ପିଅନ ଦଳକୁ ୧ ଲକ୍ଷ, ରନର୍ସ ଅପ୍ ଦଳକୁ ୫୦, ୦୦୦ ଓ ଟ୍ରଫି, ସେମିଫାଇନାଲରେ ପରାଜିତ ଦୁଇ ଦଳକୁ ୨୫, ୦୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯିବ । ଏହି ପ୍ରତିଯୋଗିତାକୁ ଆସନ୍ତାବର୍ଷଠାରୁ ଅଧିକ ଆକର୍ଷଣୀୟ କରାଯିବ ବୋଲି କ୍ଲବ୍-୭୩'ର ସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର କହିଛନ୍ତି ।

## ରାଜଙ୍କୁ ୫ ୱିକେଟ୍; ହରିୟାଣା ୧୯୨

କଟକ, ୨୨।୧୨(ସମିସ): ୧୬ ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୪ର୍ଥ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ରବିବାର ଠାରୁ ଆରମ୍ଭ ହୋଇଛି । ମଧ୍ୟପ୍ରଦେଶର ମୋରେନାସ୍ଥିତ ଏମପିସିଏ ଗ୍ରାଉଣ୍ଡରେ ଓଡ଼ିଶା ଏବଂ ହରିୟାଣା ବିପକ୍ଷ ମ୍ୟାଚ୍ ଖେଳାଯାଉଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହରିୟାଣା ୧୯୨ରନରେ ଅଲଆଉଟ ହୋଇଥିଲା । ସନ୍ଦୀପ ପରିହାର ସର୍ବାଧିକ ୪୯ ରନ କରିଥିଲେ । ଓଡ଼ିଶା ତରଫରୁ ରାଜ ଯାଦବ ସର୍ବାଧିକ ୫ଟି ୱିକେଟ ହାସଲ କରିଥିଲେ । ମହେଶ ସାହୁଙ୍କୁ ୩ଟି ଏବଂ ସୌମ୍ୟରଞ୍ଜନ ସିଂହଙ୍କୁ ଗୋଟିଏ ୱିକେଟ ମିଳିଥିଲା । ରବିବାର ଖେଳର ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୨ ୱିକେଟ ବିନିମୟରେ ୬୪ରନ କରିଛି ।

## ରେନ୍‌ବୋ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ତମାଣ୍ଡୋ ଚାମ୍ପିଅନ




ବେଗୁନିଆ, ୨୨।୧୨(ସମିସ): ବେଗୁନିଆ ବ୍ଲକ ପତନିବର ଗ୍ରାମର ରେନ୍‌ବୋ କ୍ରିକେଟ୍ କ୍ଲବ ପକ୍ଷରୁ ଚାଲିଥିବା ୩୦ତମ ବାର୍ଷିକ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ତମାଣ୍ଡୋ ଓ କୁମାରବସ୍ତ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । କୁମାରବସ୍ତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ସହ ନିର୍ଦ୍ଧାରିତ ୧୫ ଓଭର୍‌ରେ ୧୦୨ ରନ୍ ସଂଗ୍ରହ କରି ଅଲଆଉଟ୍ ହୋଇଯାଇଥିଲା । ଜବାବରେ ତମାଣ୍ଡୋ ଟିମ୍ ୧୧ ଓଭର୍‌ରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ଚାମ୍ପିଅନ ହୋଇଛି । ତମାଣ୍ଡୋ ଦଳର ଜଗନ୍ନାଥ ଗୋଉ ୪ ଓଭରରେ ୧୦ ରନ୍ ବିନିମୟରେ ୪ଟି ୱିକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ପ୍ରଣବ ପାଇକରାୟ ଓ ଏମ୍‌ଡି ସୁଲେମାନ ମ୍ୟାଚ୍ ପରିଚାଳନା କରିଥିବାବେଳେ ମଳୟ ପ୍ରଧାନ ଓ ଶୁଭେନ୍ଦୁ ପାଇକରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଉଦ୍‌ଯାପନୀ ଉତ୍ସବରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ସରପଞ୍ଚ ରଞ୍ଜିତା ମହାଭୋଇ, ସମାଜସେବୀ ବିଭୂତି ଭୂଷଣ ପାଣିଗ୍ରାହୀ, ଅକ୍ଷୟ ସୁନ୍ଦରାୟ ଓ ସଞ୍ଜୟ ସୁନ୍ଦରାୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।

## ରାଜ୍ୟ ପାରା-ଦୌଡ଼କୁଦ ଆରମ୍ଭ



ଭୁବନେଶ୍ୱର, ୨୨।୧୨(ସମିସ): ଓଡ଼ିଶା ପାରା-ଦୌଡ଼କୁଦ ଚାମ୍ପିଅନସିପ୍ ସ୍ଥାନୀୟ ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ଆଜି ଉଦ୍‌ଘାଟିତ ହୋଇଛି । ଏହି ପ୍ରତିଯୋଗିତାକୁ ହକି ପ୍ରମୋସନ କାଉନ୍ସିଲର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । କ୍ରୀଡ଼ା ଓ ଯୁବସେବା ବିଭାଗର ସ୍ୱତନ୍ତ୍ର ଅଧିକାରୀ ଧୀରଜ ପଟ୍ଟନାୟକ, ଆୟୋଜକ ସଂଘ ସଭାପତି କମଳାକାନ୍ତ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପାରାଅଲିମ୍ପିଆନ ମାର୍କଣ୍ଡ ରେଡ୍ଡୀ ସ୍ୱାଗତ ଭାଷଣ ଦେଇଥିଲାବେଳେ ସମ୍ପାଦକ ସୁନୀଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଡିସେମ୍ବର ୨୪ରେ ଶେଷ ହେବାକୁ ଥିବା ଏହି ଚାମ୍ପିଅନ୍‌ସିପ୍‌ରେ ରାଜ୍ୟର ସମସ୍ତ ୩୦ଟି ଯାକ ଜିଲ୍ଲାରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତ । ପାଖାପାଖି ୪୦୦ ଜଣ ପ୍ରତିଯୋଗୀ ଓ ୧୦୦ ଜଣ ଏସ୍କର୍ଟ ଭାଗନେଇଛନ୍ତି । ଏଥିରେ ସଫଳତା ପାଇଥିବା ପ୍ରତିଯୋଗୀମାନେ ତାମିଲନାଡୁର ଚେନ୍ନଇରେ ଆୟୋଜିତ ହେବାକୁ ଥିବା ୨୩ତମ ଜାତୀୟ ପାରା ଆଥଲେଟିକ୍ ଚାମ୍ପିଅନସିପ୍‌ରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିବେ ।

# କ୍ରୀଡ଼ା

ସକାଳ
www.sakalaepaper.com

### ଚତୁର୍ଥ ଟେଷ୍ଟ ଲାଗି ଭାରତୀୟ ଦଳର ପ୍ରସ୍ତୁତି ଜୋର୍‌ଦାର୍

# ଅଭ୍ୟାସବେଳେ ରୋହିତ, ଆକାଶ ଆହତ

**ମେଲବୋର୍ଣ୍ଣ, ୨୨।୧୨(ଏଜେନ୍ସି):** ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଟେଷ୍ଟ ପୂର୍ବରୁ ଭାରତୀୟ କ୍ରିକେଟ ଦଳର ଦୁଇ ଖେଳାଳି ଅଧିନାୟକ ରୋହିତ ଶର୍ମା ଓ ଫାଷ୍ଟ ବୋଲର ଆକାଶ ଦୀପ୍ ଆହତ ହୋଇଛନ୍ତି। ରବିବାର ଅଭ୍ୟାସବେଳେ ଉଭୟଙ୍କ ଦେହରେ ଥ୍ରୋଡାଉନ୍ ବଲ୍ ବାଜିଥିଲା। ଆଘାତ ସମସ୍ୟା ଗମ୍ଭୀର ହୋଇ ନ ଥିଲେ ମଧ୍ୟ ବଲ୍ ବାଜିବା ପରେ ଉଭୟ ଖେଳାଳି ଆଉ ଅଭ୍ୟାସ ନ କରି ବିଶ୍ରାମ ନେଇଥିଲେ। ରୋହିତଙ୍କ ଆଣ୍ଠୁରେ ଓ ଆକାଶଦୀପ୍‌ଙ୍କ ହାତରେ ବଲ ବାଜିଛି। 'ଅଭ୍ୟାସବେଳେ ଏହା ସାଧାରଣ ଘଟିଥାଏ। ଏହା ଏତେ ଗୁରୁତର ନୁହେଁ। ଆସନ୍ତାକାଲି ପୁଣି ଅଭ୍ୟାସ କରିବୁ ବୋଲି ଆକାଶଦୀପ କହିଛନ୍ତି।

ଆଜି କ୍ରମାଗତ ଦ୍ୱିତୀୟ ଦିନ ଭାରତୀୟ ଖେଳାଳିମାନେ ଫିଲ୍ଡିଂରୁ ଅଭ୍ୟାସ ଆରମ୍ଭ କରିଥିଲେ। ଏହା ପରେ ପ୍ରଥମେ ବ୍ୟାଟର୍‌ମାନେ ଅଭ୍ୟାସ କରିବାକୁ ଆସିଥିଲେ। ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ଶୁବମାନ ଗିଲ୍, ବିରାଟ କୋହଲି, ରୋହିତ ଓ ଋଷଭ ପନ୍ତ ବ୍ୟାଟିଂ କରିଥିଲେ। ରୋହିତଙ୍କୁ ଛାଡିଦେଲେ ଅନ୍ୟ ସମସ୍ତ ବ୍ୟାଟର ଦୀର୍ଘ ସମୟ ଧରି ନେଟ୍‌ସରେ ବ୍ୟାଟିଂ ଅଭ୍ୟାସ କରିଥିଲେ। ସେହିପରି ଦଳର ସମସ୍ତ ପ୍ରମୁଖ ବୋଲର ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ଅନ୍ୟମାନେ ସେମାନଙ୍କ ବ୍ୟାଟରଙ୍କ ଲାଗି ଅଭ୍ୟାସ ଯୋଗାଇଦେଇଥିଲେ। ବୋଲିଂ କରିବା ପୂର୍ବରୁ ବଲ ନୂଆ କି ପୁରୁଣା ଜଣାଇଦିଆଯାଉଥିଲା। ଅଭ୍ୟାସ ପିଚ୍‌ରେ ବେଳେବେଳେ ବଲ ତଳୁଆ ରହିଯାଉଥିଲା।





ଯାହା ଫଳରେ ବ୍ୟାଟିଂ କରିବା କଷ୍ଟକର ହେଉଥିଲା। ମ୍ୟାଚ୍ ଖେଳାଯିବାକୁ ଥିବା ପିଚ୍ କିନ୍ତୁ ଏପରି ହେବ ନାହିଁ ବୋଲି ପିଚ୍ ନିର୍ମାତା ବା କ୍ୟୁରେଟର କହିଛନ୍ତି।

ଭାରତ ପକ୍ଷରୁ ଆହତ ହୋଇଥିବା ଦୁଇ ଖେଳାଳିଙ୍କ ମଧ୍ୟରେ ରୋହିତ ଅନ୍‌ଫିଟ୍ ହେଲେ ସମସ୍ୟା ସୃଷ୍ଟି ହୋଇପାରେ। ଯଦିଓ ଥ୍ରୋ ଡାଉନ୍‌ବେଳେ ରୋହିତଙ୍କ ଗୋଡ଼ରେ ବଲ ବାଜିଥିଲା। ଯାହା ଫଳରେ ସେ ଯନ୍ତ୍ରଣା ଅନୁଭବକରିଥିଲେ।ଗୋଡ଼ରେବରଫବାନ୍ଧିସେଦୀର୍ଘସମୟ କରିଥିଲେ ମଧ୍ୟ ଆଉ ଖେଳିବାକୁ ଆସି ନ ଥିଲେ। ବର୍ଡର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟ ଡିସେମ୍ବର ୨୬ରୁ ଆରମ୍ଭ ହେବ। ଏହି ଟେଷ୍ଟ ପୂର୍ବରୁ ଉଭୟ ଦଳ ଗୋଟିଏ ଲେଖାଏଁ ଟେଷ୍ଟରେ ବିଜୟୀ ହୋଇ ବରାବରସ୍ଥିତିରେ ରହିଛନ୍ତି।

## ବକ୍ସିଂ ଡେ ଟେଷ୍ଟ କ'ଣ

ଆସନ୍ତା ଡିସେମ୍ବର ୨୬ ତାରିଖରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ମେଲବୋର୍ଣ୍ଣରେ ଚତୁର୍ଥ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ ଓ ଏହି ଟେଷ୍ଟକୁ ବକ୍ସିଂ ଡେ ଟେଷ୍ଟ କୁହାଯାଉଛି। ଖ୍ରୀଷ୍ଟମାସ ଅର୍ଥାତ ବଡ଼ଦିନର ପରଦିନ ଡିସେମ୍ବର ୨୬କୁ ବକ୍ସିଂ ଡେ କୁହାଯାଇଥାଏ ଓ ଏହା ଏକ ଛୁଟିଦିନ। ଅନ୍ୟପଟେ ଖ୍ରୀଷ୍ଟମାସ ଛୁଟିର ପର ସପ୍ତାହର ପ୍ରଥମ ଦିନକୁ ହିଁ ବକ୍ସିଂ ଡେ କୁହାଯାଉଥାଏ। ଏହି ଦିନ ଆରମ୍ଭ ହେବାକୁ ଥିବା ଟେଷ୍ଟକୁ ବକ୍ସିଂ ଡେ ଟେଷ୍ଟ କୁହାଯାଇଥାଏ। ଏହି ଦିନ ଲୋକେ ପରସ୍ପର ମଧ୍ୟରେ ବକ୍ସ ବା ବାକ୍ସ ଉପହାର ପ୍ରଦାନ କରିଥାନ୍ତି। ଏହି ଦିନ କାମକୁ ଯାଉଥିବା ଲୋକଙ୍କୁ ସେମାନଙ୍କ ମାଲିକମାନେ ଖ୍ରୀଷ୍ଟମାସ ବକ୍ସ ଗିଫ୍ଟ କରିଥାନ୍ତି। ଏଥିପାଇଁ ଏହି ଦିନକୁ ବକ୍ସିଂ ଡେ କୁହାଯାଇଥାଏ। ବକ୍ସିଂ ଡେ ସହିତ ଜଡିତ ଆଉ ଏକ ଥିଓରୀ ମଧ୍ୟ ରହିଛି। କୁହାଯାଏ ଯେ, ଖ୍ରୀଷ୍ଟମାସରେ ଚର୍ଚ୍ଚଗୁଡିକରେ ଏକ ବକ୍ସ ରଖାଯାଇଥାଏ। ଏହି ବକ୍ସରେ ଲୋକମାନେ ଗରିବ ଲୋକଙ୍କ ପାଇଁ ଉପହାର ରଖିଥାନ୍ତି। ଖ୍ରୀଷ୍ଟମାସ ପରଦିନ ଏହି ବକ୍ସକୁ ଖୋଲି ଗରିବ ଲୋକଙ୍କ ମଧ୍ୟ ଉପହାର ବଣ୍ଟନ କରାଯାଇଥାଏ। ସେଥିପାଇଁ ମଧ୍ୟ ଡିସେମ୍ବର ୨୬କୁ ବକ୍ସିଂ ଡେ କୁହାଯାଇଥାଏ।

## କ୍ରିକେଟରେ ବକ୍ସିଂ ଡେ'ର ଏଣ୍ଟ୍ରି

୧୮୯୨ରେ କ୍ରିକେଟରେ ବକ୍ସିଂ ଡେ'ର ଏଣ୍ଟ୍ରି ହୋଇଥିଲା। ଏହି ବର୍ଷ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି) ରେ ଅଷ୍ଟ୍ରେଲିଆର ଦୁଇ ରାଜ୍ୟ ଭିକ୍ଟୋରିଆ ଓ ନ୍ୟୁ ସାଉଥୱେଲ୍ସ ମଧ୍ୟରେ କ୍ରୀଷ୍ଟମାସ ଅବସରରେ ଏକ ମ୍ୟାଚ୍ ହୋଇଥିଲା। ଏହାପରେ ପ୍ରତିବର୍ଷ ଏହି ସମୟରେ ଦୁଇ ଦଳ ମଧ୍ୟରେ ନିୟମିତ ଭାବେ ମ୍ୟାଚ୍ ଆୟୋଜିତ ହେଉଥିଲା ଓ ଶେଷରେ ଏହା ଏକ ପରମ୍ପରା ବନିଯାଇଥିଲା। ସବୁ ସିରିଜରେ ବକ୍ସିଂ ଡେ'ରେ ମ୍ୟାଚ୍ ଖେଳାଯାଉଥିଲା ଓ ଏହାକୁ ବକ୍ସିଂ ଡେ ମ୍ୟାଚ୍ ବା ଟେଷ୍ଟ ବୋଲି କୁହାଯିବାର ପ୍ରଥା ଆରମ୍ଭ ହେଲା। ତେବେ ୧୯୫୦-୫୧ରେ ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଥମଥର ପାଇଁ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆସେସ ଅବସରରେ ବକ୍ସିଂ ଡେ ଟେଷ୍ଟ ଖେଳାଯାଇଥିଲା।

# ହର୍‌ମନ୍‌ପ୍ରୀତ ପାଇବେ ଖେଳରତ୍ନ

**ନୂଆଦିଲ୍ଲୀ, ୨୨।୧୨(ଏଜେନ୍ସି):** ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ହରମନପ୍ରୀତ ସିଂହଙ୍କୁ ଏଥର ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ଖେଳରତ୍ନ ପ୍ରଦାନ କରାଯିବ। ତାଙ୍କ ନେତୃତ୍ୱରେ ଭାରତ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ କାଂସ୍ୟ ପଦକ ହାସଲ କରିଥିଲା। ତାଙ୍କ ବ୍ୟତୀତ ଜଣେ ପାରା ଆଥଲେଟ୍‌ଙ୍କୁ ମଧ୍ୟ ଖେଳ ରତ୍ନ ପୁରସ୍କାର ଦିଆଯିବ। ରବିବାର ଜାତୀୟ କ୍ରୀଡ଼ା ପୁରସ୍କାର କମିଟି ବୈଠକରେ ଏକାଠି ଏ ନେଇ ନିଷ୍ପତ୍ତି ନେଇଛି। ୨୦୨୪ ପାରା ଅଲିମ୍ପିକ୍ସରେ ୪ ପଦକ ଜିତାଇଥିବା ସୁଟିଂ ପ୍ରଶିକ୍ଷକ ସୁଭାଷ ରାଣାଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯିବ। ୩୦ ଖେଳାଳିଙ୍କୁ ଏଥର ଅର୍ଜୁନ ପୁରସ୍କାର ପ୍ରଦାନ କରାଯିବ। ଏଥିରେ ୧୩ ଜଣ ପାରା ଖେଳାଳି ସାମିଲ ରହିଛନ୍ତି। ଗତ ପାରା ଅଲିମ୍ପିକ୍ସରେ ପଦକ ଜିତିଥିବା ଖେଳାଳିଙ୍କୁ ଅର୍ଜୁନ ପୁରସ୍କାର ଦିଆଯିବ। ପ୍ୟାରିସ ପାରା ଅଲିମ୍ପିକ୍ସରେ ଭାରତ ୭ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୩ କାଂସ୍ୟ ସହ ମୋଟ୍ ୨୯ ପଦକ ଜିତିଥିଲା।



**୧୩ ପାରା ଖେଳାଳିଙ୍କ ସମେତ ୩୦ ପାଇବେ ଅର୍ଜୁନ**

### ଚାମ୍ପିଅନ୍ସ ଟ୍ରଫି ଓ ଭାରତ ବିପକ୍ଷ ସିରିଜ୍ ଲାଗି ଇଂଲଣ୍ଡ ଦଳ ଘୋଷିତ

# ରୁଟ୍ ଫେରିଲେ, ବଟ୍ଲରଙ୍କୁ ନେତୃତ୍ୱ

**ଲଣ୍ଡନ, ୨୨।୧୨(ଏଜେନ୍ସି):** ପାକିସ୍ତାନରେ ଆସନ୍ତାମାସ ଖେଳାଯିବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ଦିନିକିଆ କ୍ରିକେଟ ଓ ଏହା ପରେ ଭାରତରେ ହେବାକୁ ଥିବା ସୀମିତ ଓଭର କ୍ରିକେଟ ସିରିଜ୍ ଲାଗି ଇଂଲଣ୍ଡ ଦଳ ଘୋଷଣା କରାଯାଇଛି। ଜୋସ୍ ବଟ୍ଲରଙ୍କୁ ଏହି ଶକ୍ତିଶାଳୀ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଭାରତରେ ଖେଳାଯାଇଥିବା ଦିନିକିଆ ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ପ୍ରଥମଥର ଲାଗି ଜୋ ରୁଟ୍‌ଙ୍କୁ ଇଂଲଣ୍ଡ ଦଳରେ ସାମିଲ କରାଯାଇଛି। କିନ୍ତୁ ଭାରତ ବିପକ୍ଷ ଟି-୨୦ ସିରିଜ୍‌ରେ ତାଙ୍କ ସ୍ଥାନରେ ଲେଗ୍ ସ୍ପିନର ରେହାନ ଅହମ୍ମଦ୍‌ଙ୍କୁ ସାମିଲ କରାଯାଇଛି। କିନ୍ତୁ ଟେଷ୍ଟ ଦଳର ଅଧିନାୟକ ବେନ୍ ଷ୍ଟୋକ୍ସଙ୍କୁ ସାମିଲ କରାଯାଇନାହିଁ। ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟରେ ତାଙ୍କର ହାମଷ୍ଟ୍ରିଙ୍ଗ୍‌ରେ ଆହତ ହୋଇଥିଲା। ଏଣୁ ତାଙ୍କୁ ଦଳରେ ନିଆଯାଇ ନାହିଁ।

ଏହି ଦଳରେ ରୁଟ୍‌ଙ୍କ ସାମିଲକୁ ନେଇ ଚର୍ଚ୍ଚା ହେଉଛି। ୨୦୨୩ରେ ଭାରତରେ ଖେଳାଯାଇଥିବା ଦିନିକିଆ ବିଶ୍ୱକପ୍‌ରେ ସେ ମାତ୍ର ୩୦.୬୬ ହାରରେ ୨୭୬ ରନ୍ କରିଥିଲେ। ଯାହା ଫଳରେ ତାଙ୍କୁ ସେହିଦିନଠାରୁ ଇଂଲଣ୍ଡ ଦିନିକିଆ ଦଳରୁ ତାଙ୍କୁ ବାଦ୍ ରଖାଯାଇଥିଲା। ଏବେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସେ ଚମତ୍କାର ଖେଳ ପ୍ରଦର୍ଶନ କରିବା ପରେ ଦିନିକିଆ ଦଳରେ ସାମିଲ ହୋଇଛନ୍ତି। ଆଉ ଏକ କାରଣ ହେଲା ଗତ କିଛି ମାସରେ ଇଂଲଣ୍ଡ ଦଳରେ ଅଧାଡଜନ ନୂଆ ଖେଳାଳି ପ୍ରଭାବ ବିସ୍ତାର କରିଛନ୍ତି। ଏମାନଙ୍କର ଭାରତୀୟ ଉପମହାଦେଶରେ ଖେଳିବାର ଅଭିଜ୍ଞତା ନାହିଁ। ଏଥିଲାଗି ବୋଧହୁଏ ରୁଟ୍‌ଙ୍କୁ ଦଳରେ ନେବାକୁ ଚୟନ କମିଟି ବାଧ୍ୟ ହୋଇଛି।

ଦଳର ପେସ୍ ବାହିନୀ ମାର୍କ ଉଡ୍ ଓ ଜୋଫ୍ରା ଆର୍ଚର ଫ୍ରଣ୍ଟଲାଇନ୍‌ରେ ଦଳର ନେତୃତ୍ୱ ନେବେ। ସାକ୍ବିବ ମହମ୍ମଦ୍, ଗସ ଆଟକିନସନ, ବ୍ରାଇଡନ କାର୍ସ ତାଙ୍କୁ ସହାୟତା କରିବେ। ଜ୍ୟାକବ ବେଥେଲ ଗତ କିଛି ମାସ ବେଶ୍ ପ୍ରଭାବ ପକାଇଛନ୍ତି। ପ୍ରଥମଥର ଲାଗି ତାଙ୍କୁ ଆଇସିସି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ସୁଯୋଗ ମିଳିଛି। ୱିକେଟରକ୍ଷକ ଭାବେ ୱିଲ ଜ୍ୟାକ୍ସଙ୍କୁ ଅଣଦେଖା କରି ଚୟନକମିଟି ଜାମି ସ୍ମିଥ୍‌ଙ୍କୁ ସାମିଲ କରିଛି।

ପାକିସ୍ତାନରେ ଖେଳାଯିବାକୁ ଥିବା ଚାମ୍ପିଅନ୍ସ ଟ୍ରଫିର ଖେଳସୂଚୀ ପ୍ରକାଶ ପାଇନାହିଁ। କିନ୍ତୁ ଭାରତରେ ଖେଳାଯିବାକୁ ସୀମିତ ଓଭର ସିରିଜ୍ ମଧ୍ୟରେ ପ୍ରଥମେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ। ଏହି ସିରିଜ୍ ଜାନୁଆରୀ ୨୨ରୁ ଫେବୃଆରୀ ୨ ଯାଏ ଖେଳାଯିବ। ଏହା ପରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଫେବୃଆରୀ ୬, ୯ ଓ ୧୨ରେ ଖେଳାଯିବ। ଫେବୃଆରୀ ୯ରେ ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

**ଦିନିକିଆ ଦଳ (ଚାମ୍ପିଅନ୍ସ ଟ୍ରଫି ଓ ଭାରତ ବିପକ୍ଷ ସିରିଜ୍ ଲାଗି):** ଜୋସ ବଟ୍ଲର (ଅଧିନାୟକ), ଫିଲ୍ ସଲ୍ଟ, ମାର୍କ ଉଡ୍, ସାକ୍ବିବ ମହମ୍ମଦ୍, ଆଦିଲ ରଶିଦ୍, ଲିଆମ ଲିଭିଙ୍ଗଷ୍ଟୋନ୍, ଜାମି ସ୍ମିଥ୍, ଜାମି ଓଭରଟନ, ବେନ୍ ଡକେଟ, ବ୍ରାଇଡନ କାର୍ସ, ହ୍ୟାରୀ ବ୍ରୁକ୍, ଜ୍ୟାକବ ବେଥେଲ, ଗସ ଆଟକିନସନ, ଜୋଫ୍ରା ଆର୍ଚର, ଜୋ ରୁଟ୍।

**ଟି-୨୦ ଦଳ:** ଜୋସ ବଟ୍ଲର (ଅଧିନାୟକ), ଫିଲ୍ ସଲ୍ଟ, ମାର୍କ ଉଡ୍, ସାକ୍ବିବ ମହମ୍ମଦ୍, ଆଦିଲ ରଶିଦ୍, ଲିଆମ ଲିଭିଙ୍ଗଷ୍ଟୋନ୍, ଜାମି ସ୍ମିଥ୍, ଜାମି ଓଭରଟନ, ବେନ୍ ଡକେଟ, ବ୍ରାଇଡନ କାର୍ସ, ହ୍ୟାରୀ ବ୍ରୁକ୍, ଜ୍ୟାକବ ବେଥେଲ, ଗସ ଆଟକିନସନ, ଜୋଫ୍ରା ଆର୍ଚର, ରେହାନ ଅହମ୍ମଦ୍।



**ଭାରତ-ଇଂଲଣ୍ଡ ଟି-୨୦ ଖେଳସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୨୨।୧ | ପ୍ରଥମ | କୋଲକାତା |
| ୨୫।୧ | ଦ୍ୱିତୀୟ | ଚେନ୍ନଇ |
| ୨୮।୧ | ତୃତୀୟ | ରାଜକୋଟ |
| ୩୧।୧ | ଚତୁର୍ଥ | ପୁଣେ |
| ୨।୨ | ପଞ୍ଚମ | ୱାଙ୍ଖେଡେ, ମୁମ୍ବଇ |

**ଭାରତ-ଇଂଲଣ୍ଡ ଦିନିକିଆ ଖେଳସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୬।୨ | ପ୍ରଥମ | ନାଗପୁର |
| ୯।୨ | ଦ୍ୱିତୀୟ | କଟକ |
| ୧୨।୨ | ତୃତୀୟ | ଅହମ୍ମଦାବାଦ୍ |

# ଅବସର ପରେ ଅଶ୍ୱିନଙ୍କ ବିରଳ 'ପାକିସ୍ତାନ' ରେକର୍ଡ

**ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ଅଧାରୁ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରି ଭେଟେରାନ ଭାରତୀୟ ସ୍ପିନ-ଅଲ୍‌ରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ସମସ୍ତଙ୍କ ଚକିତ କରିଦେଇଥିଲେ। ଭାରତ ପକ୍ଷରୁ ୧୦୦ରୁ ଊର୍ଦ୍ଧ୍ୱ ଟେଷ୍ଟ ଖେଳିଥିବା ୧୪ ଜଣ ଖେଳାଳିଙ୍କ ମଧ୍ୟରେ ଅଶ୍ୱିନ ଅନ୍ୟତମ। ଅବସର ପରେ ୩୮ ବର୍ଷୀୟ ଅଶ୍ୱିନଙ୍କ ଏକ ବିରଳ ରେକର୍ଡ ଏବେ ସାମ୍ନାକୁ ଆସିଛି। ବିଶ୍ୱର ଯେଉଁ ୭୮ ଜଣ କ୍ରିକେଟର୍ ୧୦୦ରୁ ଊର୍ଦ୍ଧ୍ୱ ଟେଷ୍ଟ ଖେଳିଛନ୍ତି ସେମାନଙ୍କ ମଧ୍ୟରେ ଅଶ୍ୱିନ ଏକମାତ୍ର କ୍ରିକେଟର୍ ଯିଏକି ତାଙ୍କ ଟେଷ୍ଟ କ୍ୟାରିୟରରେ ପାକିସ୍ତାନ ବିପକ୍ଷରେ ଗୋଟିଏ ହେଲେ ମ୍ୟାଚ୍ ନ ଖେଳି ଅବସର ନେଇଛନ୍ତି। ଅର୍ଥାତ୍ ଟେଷ୍ଟ କ୍ରିକେଟ୍‌ର ୧୪୭ ବର୍ଷ ଇତିହାସରେ ପ୍ରଥମ ଖେଳାଳି ଭାବେ ଅଶ୍ୱିନ ପାକିସ୍ତାନ ସହ ଗୋଟିଏ ହେଲେ ମ୍ୟାଚ୍ ନ ଖେଳି ୧୦୦ ମ୍ୟାଚ୍ ସହ ଅବସର ନେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ରାଜନୈତିକ ପରିସ୍ଥିତି ଲାଗି ଭାରତ ଓ ପାକିସ୍ତାନ ୨୦୦୭ରୁ ପରସ୍ପର ବିପକ୍ଷରେ ଗୋଟିଏ ହେଲେ ଟେଷ୍ଟ ମ୍ୟାଚ୍ ଖେଳିନାହାନ୍ତି। ଅଶ୍ୱିନଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଏହାପରେ ହିଁ ୨୦୧୦ରେ ଆରମ୍ଭ ହୋଇଥିଲା। ଅବଶ୍ୟ ଆଗାମୀ ଦିନରେ ବିରାଟ କୋହଲି ଓ ଚେତେଶ୍ୱର ପୂଜାରା ଏହି କ୍ଲବରେ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

### ପ୍ରଥମ ଏକଦିବସୀୟରେ ୱେଷ୍ଟଇଣ୍ଡିଜ ପରାସ୍ତ

# ଭାରତର ରେକର୍ଡ ବିଜୟ

**ଭଦୋଦରା, ୨୨।୧୨ (ଏଜେନ୍ସି):** ମହିଳା ଏକଦିବସୀୟ କ୍ରିକେଟ୍ ଇତିହାସରେ ଭାରତୀୟ ଦଳ ୨ୟ ସର୍ବବୃହତ୍ ବିଜୟ ହାସଲ କରିଛି। ରବିବାର ଏଠାରେ ଖେଳାଯାଇଥିବା ପ୍ରଥମ ଏକଦିବସୀୟ ମ୍ୟାଚରେ ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୨୧୧ ରନର ବୃହତ୍ ବ୍ୟବଧାନରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୩୧୫ ରନର ବିଶାଳ ସ୍କୋରକୁ ପିଛା କରି ୱେଷ୍ଟଇଣ୍ଡିଜ ମାତ୍ର ୧୦୩ ରନରେ ସୀମିତ ରହିଥିଲା। ୫ ୱିକେଟ୍ ଅକ୍ତିଆର କରିଥିବା ଭାରତର ଦ୍ରୁତ ବୋଲର ରେଣୁକା ସିଂ ଠାକୁର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ତିନି ମ୍ୟାଚ୍‌ବିଶିଷ୍ଟ ସିରିଜର ୨ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ।

ରବିବାର ସ୍ଥାନୀୟ କୋଟାମ୍ବି ଷ୍ଟାଡିୟମରେ ଅନୁଷ୍ଠିତ ଏହି ପ୍ରଥମ ଏକଦିବସୀୟ ମ୍ୟାଚରେ ଟସ୍ ଜିତି ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଅଧିନାୟିକା ହେଲି ମାଥ୍ୟୁସ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଭାରତ ଆଗଧାଡ଼ିର ବ୍ୟାଟର୍‌ଙ୍କ ସଫଳତା ବଳରେ ୫୦ ଓଭରରେ ୯ ୱିକେଟ୍ ହରାଇ ୩୧୪ ରନ କରିଥିଲା। ବିଶେଷ କରି ଓପନର୍ ସ୍ମୃତି ମନ୍ଧାନା ୧୩ ଚୌକା ବଳରେ ୯୨ ରନର ଉଲ୍ଲେଖନୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହର୍ଲିନ ଦେଓଲ ୪୪, ପ୍ରତିକା ରାୱଲ ୪୦, ହରମନପ୍ରୀତ୍ ୩୪, ଜେମିମା ରୋଡ୍ରିଗ୍ସେଜ ୩୧, ରିଚା ଘୋଷ ୨୬ ରନ କରିଥିଲେ। ଓପନିଂ ଭାଗୀଦାରିରେ ମନ୍ଧାନା ଓ ପ୍ରତିକା ୧୧୦ ରନ ଉଠାଇ ଦୃଢ଼ ମୂଳଦୁଆ ଦେଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ବାମହାତୀ ସ୍ପିନର ଜାଇଦା ଜେମ୍ସଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ଶୋଚନୀୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୬.୨ ଓଭରରେ ୧୦୩ ରନରେ ଅଲ୍‌ଆଉଟ୍ ହୋଇଥିଲା। ଆଫି ଫ୍ଲେଚର ୨୪, ଡେଣ୍ଡ୍ରା ଡଟ୍ଟିନ ୮, ସିମେନ କ୍ୟାମ୍ପବେଲ ୨୧ ରନ କରିଥିଲେ। ଭାରତ ପକ୍ଷରୁ ରେଣୁକା (୧୦-୧-୨୯-୫) ସୁନ୍ଦର ସ୍ପେଲ ପକାଇଥିଲେ।



**ମହିଳା ଏକଦିବସୀୟରେ ଭାରତର ବଡ଼ ବିଜୟ**

| ବ୍ୟବଧାନ(ରନ) | ପ୍ରତିପକ୍ଷ | ବର୍ଷ |
|---|---|---|
| ୨୪୯ | ଆୟର୍ଲାଣ୍ଡ | ୨୦୨୩ |
| ୨୧୧ | ୱେଷ୍ଟଇଣ୍ଡିଜ | ୨୦୨୪ |
| ୨୦୭ | ପାକିସ୍ତାନ | ୨୦୦୮ |
| ୧୯୩ | ପାକିସ୍ତାନ | ୨୦୦୫ |

### ୧୯ ବର୍ଷରୁ କମ୍ ମହିଳା ଟି-୨୦ ଏସିଆକପ୍

# ଭାରତ ପ୍ରଥମ ଚାମ୍ପିଅନ

**କ୍ୱାଲାଲମ୍ପୁର, ୨୨।୧୨(ଏଜେନ୍ସି):** ୧୯ ବର୍ଷରୁ କମ୍ ମହିଳା ଟି-୨୦ ଏସିଆକପ୍‌ର ପ୍ରଥମ ସଂସ୍କରଣରେ ଭାରତ ଟାଇଟଲ ଜିତିଛି। ରବିବାର ଖେଳାଯାଇଥିବା ଲୋ-ସ୍କୋରିଂ ଫାଇନାଲ ମୁକାବିଲାରେ ନିକି ପ୍ରସାଦଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୪୧ ରନରେ ବାଂଲାଦେଶକୁ ପରାସ୍ତ କରି ଟୁର୍ଣ୍ଣାମେଣ୍ଟର ସର୍ବପ୍ରଥମ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି। ୪୭ ବଲରୁ ୫ ଚୌକା ଓ ୨ ଛକା ସହ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଭାରତୀୟ ଓପନର ଗୋଙ୍ଗାଡି ତ୍ରିଶା ଉଭୟ ଟୁର୍ଣ୍ଣାମେଣ୍ଟର ଓ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେ ସର୍ବାଧିକ ୧୫୯ ରନ ସଂଗ୍ରହ କରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବ୍ୟାଟର ବିବେଚିତ ହୋଇଛନ୍ତି। ୧୭ ବର୍ଷୀୟା ସ୍ପିନର ଆୟୁଷି ଶୁକ୍ଲା ମୋଟ୍ ସର୍ବାଧିକ ୧୦ ୱିକେଟ ନେଇ ଟୁର୍ଣ୍ଣାମେଣ୍ଟର ସଫଳତମ ବୋଲର ବିବେଚିତ ହୋଇଛନ୍ତି। ଗତ ୧୫ ତାରିଖରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା।

ସ୍ଥାନୀୟ ବେୟୁମାସ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ୨୦ ଓଭରରେ ୭ ୱିକେଟ ହରାଇ ୧୧୭ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୮.୩ ଓଭରରେ ମାତ୍ର ୭୬ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଦଳ ତରଫରୁ ଓପନର ଫାହୋମିଦା ଚୋୟା ୧୮ ଓ ଜୁଆଇରିଆ ଫେର୍ଦୌଶ ୨୨ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନଥିଲେ। ଭାରତ ପାଇଁ ଆୟୁଷି ସର୍ବାଧିକ ୩, ପରୁଣିକା ସିସୋଦିଆ ଓ ସୋନମ ଯାଦବ ୨ଟି ଲେଖାଏ, ଭିଜେ ଜୋଶିଥା ଗୋଟିଏ ୱିକେଟ ନେଇଥିଲେ। ପୂର୍ବରୁ ଭାରତ ପାଇଁ ଗୋଙ୍ଗାଡି ସର୍ବାଧିକ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିକି ୧୨, ମିଥିଳା ବିନୋଦ ୧୭, ଆୟୁଷି ଶୁକ୍ଲା ୧୦ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଫଳରେ ଭାରତ ବଡ଼ ସ୍କୋର ହାସଲ କରିପାରି ନଥିଲା। ବାଂଲାଦେଶ ପାଇଁ ଫରଜାନା ଏସ୍‌ମାନ ୪, ନିଶିତା ନିଶି ୨ ୱିକେଟ ନେଇଥିଲେ।

**ବାଂଲାଦେଶ ୪୧ ରନରେ ପରାସ୍ତ**

**ଗୋଙ୍ଗାଡି ଟୁର୍ଣ୍ଣାମେଣ୍ଟ ଓ ଫାଇନାଲର ଶ୍ରେଷ୍ଠ ଖେଳାଳି**




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS